# ସକାଳ THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


◆VOLUME- 43 ◆ISSUE-241 ◆THURSDAY ◆26 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୪୧ ◆ଗୁରୁବାର ◆୨୬ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଭାରତକୁ ବଧିର ଏସିଆ କପ୍ ଟାଇଟଲ

▶ପୃଷ୍ଠା ୧୨ ଦେଖନ୍ତୁ...

## ନକଲି ଆଇନ ଡିଗ୍ରୀରେ ପାକ୍ ହାଇକୋର୍ଟ ବିଚାରପତି



■ ଇସ୍‌ଲାମାବାଦ୍,୨୫ ।୨(ଏଜେନ୍ସି): ପାକିସ୍ତାନରେ ଜଣେ ବିଚାରପତି ନକଲି ଆଇନ ଡିଗ୍ରୀ ସହ ହାଇକୋର୍ଟରେ ୪ ବର୍ଷ ଧରି ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରିଥିବା ଖବର ଏବେ ସାମ୍ନାକୁ ଆସିଛି। ନିଜ ଜାଲ୍ ଡିଗ୍ରୀ ବିଷୟରେ ସେ କାହକୁ ନ ଜଣାଇ ରାଜଧାନୀ ଇସ୍‌ଲାବାମାଦ ହାଇକୋର୍ଟରେ ୫ ବର୍ଷ ଧରି ବିଚାରପତି ଭାବେ ସଫଳତାର ସହ କାର୍ଯ୍ୟ କରିଆସିଛନ୍ତି। ପାକିସ୍ତାନର ଜଣାଶୁଣା ଖବର କାଗଜ 'ଡନ୍'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଇସଲାମାବାଦ ହାଇକୋର୍ଟ ସୋମବାର ଏକ ୧୧୬ ପୃଷ୍ଠାର ବିସ୍ତୃତ ରାୟ ପ୍ରକାଶ କରି ଜଷ୍ଟିସ୍ ତାରିଖ ମହମୁଦ ଜାହାନଗିରିଙ୍କୁ ତାଙ୍କ ପଦରୁ ବହିଷ୍କାର କରିଛନ୍ତି। ଜଷ୍ଟିସ ଜାହନଗିରି ୨୦୨୦ ଡିସେମ୍ବରରୁ ହାଇକୋର୍ଟରେ ନିଯୁକ୍ତି ପାଇଥିଲେ। କିନ୍ତୁ ତାଙ୍କ ଆଇନ ଡିଗ୍ରୀ ଆରମ୍ଭରୁ ହିଁ ଅବୈଧ ଥିଲା। କରାଚି ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମୂଳ ରେକର୍ଡ ଅନୁଯାୟୀ, ତାଙ୍କର ଶିକ୍ଷାଗତ ପ୍ରମାଣଗୁଡ଼ିକ ଜାଲ ଥିଲା। ହାଇକୋର୍ଟ କହିଛନ୍ତି ଯେ, ଜାହାନଗିରିଙ୍କୁ ତାଙ୍କ ମୂଳ ଦସ୍ତାବେଜ୍ ଦାଖଲ କରିବାକୁ ଓ ଲିଖିତ ଭାବେ ଜବାବ ଦେବାକୁ ଅନେକ ସୁଯୋଗ ଦିଆଯାଇଥିଲା। କିନ୍ତୁ ସେ ତାହା ନକରି ସମୟ ଗଡ଼ାଇବା ପାଇଁ ବିଭିନ୍ନ ଆବେଦନ କରିଚାଲିଥିଲେ। ସେ ନିଜର ଆଇନଗତ ଯୋଗ୍ୟତା ପ୍ରମାଣ ଦେବାରେ ବିଫଳ ହେବା ପରେ ତାଙ୍କୁ ପଦରୁ ହଟାଇବାକୁ କୋର୍ଟ ନିଷ୍ପତ୍ତି ନେଇଛନ୍ତି ବୋଲି କୁହାଯାଇଛି।

## ଭୟଙ୍କର ତୁଷାର ଝଡ଼ରେ ଆମେରିକା ଅଣନିଃଶ୍ୱାସୀ

■ ନ୍ୟୁୟର୍କ,୨୫ ।୨(ଏଜେନ୍ସି): ଆମେରିକାରେ ଦେଖାଦେଇଥିବା ଭୟଙ୍କର ବରଫ ଝଡ଼ କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ତୁଷାର ଝଡ଼ କାରଣରୁ ବିଭିନ୍ନ ବିମାନବନ୍ଦରର ରେନୱେ ବନ୍ଦ ରହିଛି। ବହୁ ଅଞ୍ଚଳରେ

- ୧୧,୦୦୦ ବିମାନ ବାତିଲ, ଅନ୍ଧାରରେ ୫ ଲକ୍ଷରୁ ଅଧିକ ପରିବାର
- ୧୫୩ ବର୍ଷ ପରେ ପ୍ରଥମଥର ପାଇଁ ଖବରକାଗଜ ଛପା ହେଲନି

ବିମାନ ଉଡ଼ାଣକୁ ସ୍ଥଗିତ ରଖାଯାଇଛି। ରବିବାରରୁ ମଙ୍ଗଳବାର ମଧ୍ୟରେ ପାଖାପାଖି ୧୧,୦୫୫ ବିମାନ ଉଡ଼ାଣକୁ ବାତିଲ କରାଯାଇଛି। କେବଳ ସୋମବାର ୫,୬୦୦ରୁ ୫,୭୦୦ ବିମାନକୁ ବାତିଲ କରାଯାଇଥିଲା। ଏହା ଦେଶର ବିମାନ ସଂଖ୍ୟାରେ ୨୦ ପ୍ରତିଶତ ଥିଲା। ଫ୍ଲାଇଟ୍ ଟ୍ରାକିଂ କମ୍ପାନୀ



'ଫ୍ଲାଇଟ୍‌ଆୱାର' ଏ ନେଇ ସୂଚନା ଦେଇଛି। ଜାତୀୟ ପାଣିପାଗ ସେବା ଦେଇଥିବା ସୂଚନା ଅନୁଯାୟୀ, ରୋଡ୍ ଆଇଲଣ୍ଡ ଓ ମାସୁଚୁସେଟ୍ସ ▶ପୃଷ୍ଠା-୭

### ଏଫ୍‌ସିଆଇ ଉଠାଉ ନାହିଁ, କେନ୍ଦ୍ର ଶୁଣୁନାହିଁ, ରାଜ୍ୟ ବାଣ୍ଟୁନାହିଁ

# ଚାଉଳ ପୀଡ଼ା ଅସମ୍ଭାଳ

### ଅକଳରେ ସରକାର

■ଭୁବନେଶ୍ୱର/ନୟାଗଡ଼,୨୫ ।୨(ସମିସ): ସରକାରଙ୍କୁ ଅସମ୍ଭାଳ ଚାଉଳ ପୀଡ଼ା। ଓଡ଼ିଶାରୁ ଚାଉଳ ଉଠାଇବା ପାଇଁ ମୁଖ୍ୟମନ୍ତ୍ରୀ, ଯୋଗାଣମନ୍ତ୍ରୀ, ରାଜ୍ୟ ସରକାର କେନ୍ଦ୍ର ନିକଟରେ ବାରମ୍ବାର ଦାବି କରିଥିଲେ ବି କିଛି ଫଳ ହୋଇନାହିଁ। କେନ୍ଦ୍ର ଖାଦ୍ୟ ଯୋଗାଣମନ୍ତ୍ରୀ ପ୍ରତିଶ୍ରୁତି ଦେଇ ମଧ୍ୟ ନିରବ ରହିଛନ୍ତି। ଗୋଦାମ ଓ ମିଲରଙ୍କ ପାଖରେ ଗଚ୍ଛିତ ଚାଉଳ ଉଠାଇବାକୁ ଏଫ୍‌ସିଆଇ ରାଜି ନୁହେଁ। ଏପଟେ ଡିସେମ୍ବର ୨୦୨୫ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ମୋଟ ୯ ୯ ଲକ୍ଷ ୨୫ ହଜାର ୯୨୧ ପରିବାରର ରାସନ ହିତାଧିକାରୀଙ୍କୁ ପ୍ରତି କାର୍ଡ ପିଛା ମାସକୁ ଅତିରିକ୍ତ ୫ କିଲୋ ଚାଉଳ ବଣ୍ଟନ ପାଇଁ ଗତ ଅଧିବେଶନରେ ମନ୍ତ୍ରୀ ବିଧାନସଭାରେ କରିଥିବା ଘୋଷଣା ବି କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଏହି ଚାଉଳ ବାହାନରେ ମିଲର ଧାନ କିଣିବାକୁ ନାରାଜ ହେଉଥିଲେ ବି ସରକାର ଏଥିପାଇଁ ବାଟ ପାଉ ନାହାନ୍ତି। ଏବେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏଫ୍‌ସିଆଇ ରାଜ୍ୟରୁ ଚାଉଳ ନ ଉଠାଇଲେ ତାକୁ ନିଲାମ କରାଯିବାକୁ ଯୋଜନା ହେଉଛି ବୋଲି ମନ୍ତବ୍ୟ ଦେଇ ଆଉ ଏକ ନୂଆ ଦ୍ୱନ୍ଦ୍ୱ ସୃଷ୍ଟି କରିଛନ୍ତି। ଅନ୍ୟପକ୍ଷରେ ଯୋଗାଣମନ୍ତ୍ରୀଙ୍କ ଅସହାୟତା ବଡ଼ ଇଞ୍ଜିନ୍ ଓଡ଼ିଶାର ଛୋଟ ଇଞ୍ଜିନ୍‌କୁ ଆଦୌ ଗୁରୁତ୍ୱ ଦେଉ ନ ଥିବା ସ୍ପଷ୍ଟ କରିଛି।

କେନ୍ଦ୍ର ସରକାର ରାଜ୍ୟରୁ ଚାଉଳ ଉଠାଉ ନ ଥିବାରୁ ଏହି ସମସ୍ୟାର ସମାଧାନ ସ୍ୱରୂପ ରାଜ୍ୟରେ ରାସନକାର୍ଡ ହିତାଧିକାରୀଙ୍କୁ ଅତିରିକ୍ତ ଚାଉଳ ବାଣ୍ଟିବାକୁ ସରକାର ଯୋଜନା କରିଥିଲେ। କେନ୍ଦ୍ର ସରକାର ଚାଉଳ ଉଠାଉ ନ ଥିବାରୁ ରାଜ୍ୟରେ ଗୋଦାମଗୁଡ଼ିକରେ ଦୀର୍ଘ ଦିନ ହେବ ଚାଉଳ ଗଚ୍ଛିତ ରହିଛି। ଏହାସହିତ ଚଳିତ ବର୍ଷର ମଧ୍ୟ ଖରିଫ ଧାନ ସଂଗ୍ରହ ଜାରି ରହିଛି ଓ ଏହା କିଛି ଦିନ ମଧ୍ୟରେ ଚାଉଳରେ ପରିଣତ ହେଲେ ଏହି ପରିମାଣ ଆହୁରି ବଢ଼ିବ। ତେଣୁ ଏହା ପୂର୍ବରୁ ଚାଉଳ ବାଣ୍ଟି ଗୋଦାମ ଖାଲି କରିବାକୁ ଯୋଜନା କରିଥିଲେ। ବିଧାନସଭାରେ ମଧ୍ୟ ମନ୍ତ୍ରୀ ସମ୍ପର୍କରେ ସୂଚନା ଦେଇଥିଲେ। ଗତ ଅଗଷ୍ଟ ମାସରେ ରାଜ୍ୟ ସରକାର ଏହି ଘୋଷଣା କରିବା ପରେ ଦୁଇଟି ପର୍ଯ୍ୟାୟରେ ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ଅତିରିକ୍ତ ଚାଉଳ ବଣ୍ଟନ ସମ୍ପର୍କରେ ସୂଚନା ଦିଆଯାଇଥିଲା; ମାତ୍ର ଫେବ୍ରୁଆରୀ ମାସ ସରିବାକୁ ବସିଥିବାବେଳେ ଆଜି ପର୍ଯ୍ୟନ୍ତ ଏହି ଚାଉଳ ବଣ୍ଟନ କରାଯାଉ ନାହିଁ।

- ଘୋଷଣା ସତ୍ତ୍ୱେ ବଣ୍ଟା ହେଲାନି ହିତାଧିକାରୀଙ୍କୁ ଅତିରିକ୍ତ ୫ କିଲୋ
- ଏବେ ଚାଉଳ ନିଲାମ କରିବାକୁ ଯୋଜନା କରୁଛନ୍ତି ରାଜ୍ୟ ସରକାର
- ଏକ ସମୟରେ ଅଧିକ ଚାଉଳ ଦେଲେ ଲୋକେ ବିକିଦେବେ: ମନ୍ତ୍ରୀ


ଅପରପକ୍ଷରେ ନୟାଗଡ଼ରେ ଧାନ କିଣା ସଂକ୍ରାନ୍ତ ସମୀକ୍ଷା ବୈଠକରେ ଯୋଗଦେବା ଅବସରରେ ଯୋଗାଣମନ୍ତ୍ରୀ ଗରିବ ହିତାଧିକାରୀଙ୍କ ପ୍ରତି ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ଆଉ ଏକ ବିବାଦ ସୃଷ୍ଟି କରିଛି। ଏକ ସମୟରେ ହିତାଧିକାରୀଙ୍କୁ ଅଧିକ ଚାଉଳ ଦେଲେ, ସେମାନେ ବିକି ଦେଉଛନ୍ତି ବୋଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ମନ୍ତବ୍ୟ ସାଧାରଣ ଖାଉଟି ଓ ଗରିବ ହିତାଧିକାରୀଙ୍କୁ ଆହତ କରିଛି। ପୂର୍ବ ସରକାର ଏକସମୟରେ ଦୁଇ ତିନିମାସର ଚାଉଳ ଦେଉଥିଲେ, ବର୍ତ୍ତମାନ ସରକାର କାହିଁକି ସେପରି ନୀତି ଅବଲମ୍ବନ କରି ଚାଉଳ ବାଣ୍ଟୁନାହିଁ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନ ଯୋଗାଣମନ୍ତ୍ରୀଙ୍କୁ ଅଡୁଆରେ ପକାଇ ଦେଇଛି।

ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ନ ହେବା ପୂର୍ବରୁ ▶ପୃଷ୍ଠା-୭

## ଖଣି ଅଧିକାରୀଙ୍କ ଘରେ ଟଙ୍କା ଖଣି

### ନଗଦ ୪.୨୭ କୋଟି ଜବତ କଲା ଭିଜିଲାନ୍ସ

■ କଟକ,୨୫।୨(ସମିସ): ଭିଜିଲାନ୍ସ ବିଭାଗକୁ ଏକ ବଡ଼ ଧରଣର ସଫଳତା ମିଳିଛି। ଲାଞ୍ଚ ନେବା ଅଭିଯୋଗରେ କଟକ ଖଣି ସର୍କଲର ଉପନିର୍ଦ୍ଦେଶକ (ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ) ଦେବବ୍ରତ ମହାନ୍ତିଙ୍କୁ ଗିରଫ କରାଯିବା ସହ ତାଙ୍କ ଘରୁ ବିପୁଳ ପରିମାଣର ନଗଦ ଅର୍ଥ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଜଣେ କୋଇଲା ବ୍ୟବସାୟୀଙ୍କ ଠାରୁ ଡିପୋ ପରିଚାଳନା ଏବଂ ପରିବହନ ଅନୁମତି ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗତକାଲି ମାଡିବସିଥିଲା। ଏହା ପରେ ଭୁବନେଶ୍ୱର ପଟିଆ ସ୍ଥିତ ତାଙ୍କ ଭଡ଼ା ଘର, ଭଦ୍ରକ ମଠସାହି ସ୍ଥିତ ପୈତୃକ ବାସଭବନ ଏବଂ କଟକ ଅଫିସ୍ ଚାମ୍ବରରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ପଟିଆ ସ୍ଥିତ ଆପାର୍ଟମେଣ୍ଟରୁ ଟ୍ରଲି ବ୍ୟାଗ୍ ଏବଂ ଆଲମିରାରେ ଲୁଚାଇ ରଖାଯାଇଥିବା ମୋଟ ୪,୨୭,୧୩,୬୦୦ ଟଙ୍କା ଜବତ କରାଯାଇଛି। ଓଡ଼ିଶା ଭିଜିଲାନ୍ସ ଇତିହାସରେ ଏହା ଏ ପର୍ଯ୍ୟନ୍ତର ସବୁଠାରୁ ବଡ଼ ନଗଦ ଅର୍ଥ ଜବତ ମାମଲା ବୋଲି ଜଣାପଡ଼ିଛି। ନଗଦ ଟଙ୍କା ବ୍ୟତୀତ ତାଙ୍କ ଘରୁ ୩୦୫ ଗ୍ରାମରୁ ଅଧିକ ସୁନା ଅଳଙ୍କାର, ୬୦୦ ଗ୍ରାମ ରୂପା ଏବଂ ଭୁବନେଶ୍ୱର ପାହାଳ ଅଞ୍ଚଳରେ ଏକ ଦୁଇ ମହଲା ବିଶିଷ୍ଟ ପ୍ରାସାଦ ସଦୃଶ କୋଠାର ସନ୍ଧାନ ମିଳିଛି। ୨୦୦୪ରେ ସରକାରୀ ସେବାରେ ଯୋଗଦେଇଥିବା





- ଗିରଫ ହେଲେ ଖଣି ଉପନିର୍ଦ୍ଦେଶକ
- ଟଙ୍କା ଗଣିଗଣି ଥକିଗଲେ ଅଧିକାରୀ

ଶ୍ରୀ ମହାନ୍ତି ନିକଟରେ ଜାନୁଆରୀ ୭ ତାରିଖରେ କଟକ ସର୍କଲର ଉପନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଭିଜିଲାନ୍ସ ପକ୍ଷରୁ ଏହି ମାମଲାରେ ଭ୍ରଷ୍ଟାଚାର ନିରୋଧୀ ଆଇନ ଅନୁସାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ଏବଂ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗରେ ଅଧିକ ଖୋଳତାଡ଼ କରାଯାଉଛି।

## ଏନ୍‌ସିଇଆର୍‌ଟି ବହିରେ 'ନ୍ୟାୟିକ ଦୁର୍ନୀତି'


### ସୁପ୍ରିମକୋର୍ଟ କ୍ଷୁବ୍ଧ, ବହି ପ୍ରତ୍ୟାହାର କଲା ଏନ୍‌ସିଇଆର୍‌ଟି

■ ନୂଆଦିଲ୍ଲୀ, ୨୫ ।୨(ଏଜେନ୍ସି): 'ନ୍ୟାୟପାଳିକାରେ ଦୁର୍ନୀତି'। ଏନ୍‌ସିଇଆର୍‌ଟିର ଅଷ୍ଟମ ଶ୍ରେଣୀ ବହିରେ ଏଭଳି ଏକ ଅଧ୍ୟାୟ ସ୍ଥାନ ପାଇଛି। ଏହାକୁ ନେଇ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଅଧ୍ୟାୟକୁ ନେଇ ସୁପ୍ରିମକୋର୍ଟ ଭୀଷଣ

**ନ୍ୟାୟପାଳିକାକୁ ବଦ୍‌ନାମ କରିବାକୁ ଦିଆଯିବ ନାହିଁ: ପ୍ରଧାନ ବିଚାରପତି**

ବିରକ୍ତି ପ୍ରକାଶ କରିବା ସହିତ ସ୍ପଷ୍ଟ କରିଛନ୍ତି ଯେ ବିଚାର ବିଭାଗକୁ ବଦନାମ କରିବାକୁ ଦିଆଯିବ ନାହିଁ। ସୁପ୍ରିମକୋର୍ଟଙ୍କ କ୍ଷୋଭ ପରେ ଏନ୍‌ସିଇଆର୍‌ଟି ଉକ୍ତ ପୁସ୍ତକକୁ ନିଜର ୱେବସାଇଟ୍‌ରୁ ହଟାଇ ନେଇଛି।

ଏନ୍‌ସିଇଆର୍‌ଟି ପୁସ୍ତକରେ ଥିବା ଏହି ବିଷୟ ସଂପର୍କରେ ବରିଷ୍ଠ ଆଇନ୍‌ଜୀବୀ କପିଳ ସିବଲ ଏବଂ ମନୁ ସିଙ୍ଗଭୀ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠରେ ଉତ୍‌ଥାପନ କରିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଗଭୀର କ୍ଷୋଭ ପ୍ରକାଶ କରି କହିଥିଲେ ଯେ ଏହା ସମଗ୍ର



ନ୍ୟାୟିକ ସଂସ୍ଥା ପାଇଁ ଚିନ୍ତାର ବିଷୟ। ଏହା ଏକ ଯୋଜନାବଦ୍ଧ ଚକ୍ରାନ୍ତ ପରି ମନେହେଉଛି। କେହି ଯେତେବଡ଼ ପଦବୀରେ ଥା'ନ୍ତୁ ନା କାହିଁକି, ତେବେ ନ୍ୟାୟପାଳିକାକୁ ବଦ୍‌ନାମ କରିବା ଲାଗି କାହାରିକୁ ଅନୁମତି ଦିଆଯିବ ନାହିଁ। ମୁଁ ନିଜେ ଏହି ମାମଲାରେ ନୋଟିସ ଦେଉଛି ▶ପୃଷ୍ଠା-୭

## ନବୀନ ସରକାରଙ୍କ ସମୟରେ ବିଜ୍ଞପ୍ତି; ନିଯୁକ୍ତିପତ୍ର ବାଣ୍ଟୁଛନ୍ତି ବିଜେପି ସରକାର

■ଭୁବନେଶ୍ୱର, ୨୫ ।୨(ସମିସ): ରାଜ୍ୟରେ ବିଜେପି ସରକାର ୧୨ ଜୁନ୍ ୨୦୨୪ରେ ଶପଥ ନେବା ଠାରୁ ଏଯାଏଁ ୩୯,୫୦୫ ଟି ପଦରେ ନିଯୁକ୍ତି ପ୍ରଦାନ କରାଯାଇଛି। ଗତ ୨୦ ମାସ ମଧ୍ୟରେ ଏତେ ସଂଖ୍ୟକ ନିଯୁକ୍ତି ଦେଇ ସରକାର ରେକର୍ଡ଼ କରିଥିବା ବିଜେପି ନେତା ଓ ସରକାରଙ୍କ ମନ୍ତ୍ରୀମାନେ ଦମ୍ଭ ଦେଖାଉଛନ୍ତି। ମାତ୍ର କୌତୂହଳର କଥା ହେଉଛି ରାଜ୍ୟରେ ଏଯାବତ୍ ନିଯୁକ୍ତ ପାଖାପାଖି ୪୦ ହଜାର ପଦ ମଧ୍ୟରୁ ୮୭ ପ୍ରତିଶତରୁ ଊର୍ଦ୍ଧ୍ୱ ଅର୍ଥାତ୍ ୩୪୪୯୪ ପଦ ପାଇଁ ବିଜ୍ଞପ୍ତି ତତ୍କାଳୀନ ନବୀନ ସରକାର ସମୟରେ ପ୍ରକାଶିତ ହୋଇଥିଲା। ସେତେବେଳେ ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ସହ ଅଧିକାଂଶ ପଦ ପାଇଁ ପରୀକ୍ଷା ବି ହୋଇଥିଲା। କ୍ଷମତା ପରିବର୍ତ୍ତନ ପରେ ନୂତନ ସରକାର କେବଳ ଏହି ପଦଗୁଡ଼ିକର ନିଯୁକ୍ତିପତ୍ର ବାଣ୍ଟି ଶ୍ରେୟ ନେବାକୁ ଉଦ୍ୟମ କରିଛନ୍ତି। ନୂତନ ସରକାର ସମୟରେ ପ୍ରକାଶିତ ନିଯୁକ୍ତି ବିଜ୍ଞପ୍ତିଗୁଡ଼ିକ ମଧ୍ୟରୁ ମାତ୍ର ୫୦୧୧ଟି ପଦରେ ନିଯୁକ୍ତି ମିଳିଥିବା ସୂଚନା ମିଳିଛି।

**୩୯,୫୦୫ ନିଯୁକ୍ତିରୁ ୩୪,୪୯୪ ପଦର ବିଜ୍ଞାପନ ବିଜେଡି ସରକାରରେ ହୋଇଥିଲା**

ଆହୁରି ଏକ ରୋଚକ ବିଷୟ ହେଉଛି ପୂର୍ବ ସରକାର ସମୟରେ ପ୍ରକାଶିତ ୪୮,୮୭୦ ପଦରେ ନିଯୁକ୍ତି ବିଜ୍ଞପ୍ତରୁ ୩୪,୪୯୪ ପଦରେ ନିଯୁକ୍ତି ଦିଆଯାଇଥଇଲେ ହେଁ ଆହୁରି ପ୍ରାୟ ୧୪ ହଜାର ପଦରେ ଆଶାୟୀମାନଙ୍କୁ ନିଯୁକ୍ତି ଦେବାରେ ନୂଆ ସରକାର ବିଳମ୍ବ କରିଛନ୍ତି।

ବିଧାନସଭାରେ ବିଭିନ୍ନ ପ୍ରଶ୍ନ ଓ ମନ୍ତ୍ରୀମାନଙ୍କ ଉତ୍ତର ଅନୁଧାନ କଲେ ଏବେ ବି ରାଜ୍ୟରେ ପ୍ରାୟ ୯୪,୪୮୫ ସରକାରୀ ପଦ ଖାଲି ପଡ଼ିଛି। ମୋଟ୍ ୪୧ଟି ବିଭାଗ ମଧ୍ୟରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ୨୦,୨୮୯ଟି ପଦ ଖାଲି। ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ଭାଳୁଥିବା ଗୃହ ବିଭାଗରେ ଦ୍ୱିତୀୟ ସର୍ବାଧିକ ୧୬ ହଜାର ୩୨ ଟି ପଦ ଫାଙ୍କା ରହିଛି। ସ୍ୱାସ୍ଥ୍ୟ ବିଭାଗରେ ୧୦,୪୫୭ ଡ଼ାକ୍ତର ପଦ ପୂରଣ ହୋଇନାହିଁ। ଅନୁରୂପ ଭାବରେ ପଞ୍ଚାୟତିରାଜ ବିଭାଗରେ ୫୧୫୪, ରାଜସ୍ୱ ବିଭାଗରେ ୫୩୫୬, ଉଚ୍ଚଶିକ୍ଷା ▶ପୃଷ୍ଠା-୭

### ଚାରି ମହଲା ଛାତରୁ ପଡ଼ି ଯୁବତୀଙ୍କ ମୃତ୍ୟୁ ଘଟଣା

## ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ!

ପାରାଦୀପ,୨୫।୨(ସମିସ): ପାରାଦୀପ ତାରିଣୀଗଡ଼ା ଅଞ୍ଚଳରେ ରହୁଥିବା ଶମ୍ଭୁ ଖୁଣ୍ଟିଆଙ୍କ ଚାରିମହଲା ଛାତରୁ ସୋମବାର ସକାଳେ ଖସିପଡ଼ି ମୃତ୍ୟୁ ହୋଇଥିବା ଯୁବତୀଙ୍କ ପରିଚୟ ମିଳିଛି। ଏହି ଘଟଣାରେ ପୁଲିସ୍ ଯୁବତୀଙ୍କ ପ୍ରେମିକ ଓ ଅନ୍ୟ ଜଣେ ଯୁବକଙ୍କୁ ଗିରଫ କରିଛି। ତେବେ ଘଟଣାରେ ନୂଆ ମୋଡ଼ ପୁଲିସ୍ ପାଇଛି। ଯୁବତୀଙ୍କୁ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଥିବା ପୁଲିସ୍ କହିଛି। ଜୟପୁର ଅଞ୍ଚଳର ଯୁବତୀଙ୍କ ଭାଇ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିଛି।

**ପ୍ରେମିକ ଓ ଲିଫ୍ଟ ଦେଇଥିବା ଯୁବକ ଗିରଫ**

ଘଟଣା ପରେ ପୁଲିସ ଚତୁର୍ଥ ମହଲା ଛାନଭିନ କରିବା ବେଳେ ଯୁବତୀଙ୍କ ଚୁଡ଼ିଦାର, ଅନ୍ତଃବସ୍ତ୍ର ଓ ମୋବାଇଲ ଫୋନ ଟାଙ୍କି ଉପରୁ ଜବତ କରିଥିଲା। ମୋବାଇଲ ଫୋନ ସୁଇଚଅପ ହୋଇ ପଡ଼ିଥିଲା। ମୋବାଇଲ ସୁଇଚ ଖୋଲିଲା ପରେ ଯୁବତୀଙ୍କ ଭାଇ ସହ ପୁଲିସ ଯୋଗାଯୋଗ କରି ତାଙ୍କ ପରିଚୟ ପାଇଥିଲେ। ଯୁବତୀଙ୍କ ଭାଇର ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଛି। ଯୁବତୀ ଜଣଙ୍କ ହେଲେ ତିର୍ତ୍ତୋଲ ଥାନା ଅଧୀନ ଜୟପୁର ଗ୍ରାମର ବୋଲି ଜଣାପଡ଼ିଥିଲା। ସେ ଗତ ରବିବାର ଦିନ ୧୦ ଟାରେ ଶାରଳା ମନ୍ଦିରକୁ ଯିବା ନେଇ କହି ଘରୁ ବାହାରି ଆସି ଆଉ ଫେରି ନଥିଲେ। ଘରେ ବହୁ ଖୋଜାଖୋଜି କରିବା ପରେ କୌଣସି ପତ୍ତା ନ ମିଳିବାରୁ ▶ପୃଷ୍ଠା-୭

### ମାଓ ସଂଗଠନରେ ଗୋଷ୍ଠୀ କନ୍ଦଳ

## ସାଥୀକୁ ହତ୍ୟା କରି ଜଙ୍ଗଲରେ ପୋତିଲା ଶୁକ୍ରୁ

■ଫୁଲବାଣୀ/ଦାରିଙ୍ଗବାଡି,୨୫।୨(ସମିସ): କନ୍ଧମାଳ ଜିଲ୍ଲାରେ ମାଓ ସଂଗଠନ ମଧ୍ୟରେ ଥିବା ବିବାଦ ଏବେ ରକ୍ତାକ୍ତ ରୂପ ନେଇଛି। ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଚାହୁଁଥିବା ଜଣେ ସାଥୀକୁ ଅତି ନିର୍ମମ ଭାବେ ହତ୍ୟା କରି ଜଙ୍ଗଲରେ ପୋତି ଦେଇଛି ଦୁର୍ଦ୍ଦାନ୍ତ ମାଓବାଦୀ

- ପକାରୀ ସଂରକ୍ଷିତ ଜଙ୍ଗଲରୁ ଅନ୍ୱେଷର ଗଳିତ ଶବ ଉଦ୍ଧାର
- ଆତ୍ମସମର୍ପଣ ଜିଦ୍ ପାଇଁ ରକ୍ତାକ୍ତ ହେଲା ସଂଗଠନ
- ଏବେ ପୁଲିସର ମୁଖ୍ୟ ଟାର୍ଗେଟରେ ମୋଷ୍ଟ ୱାଣ୍ଟେଡ୍ ଶୁକ୍ରୁ

ଶୁକ୍ରୁ। ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ କୁଟିମାହା ଗ୍ରାମ ନିକଟ ପକାରୀ ସଂରକ୍ଷିତ ଜଙ୍ଗଲରୁ ଦୁର୍ଦ୍ଦାନ୍ତ ମାଓବାଦୀ ଅନ୍ୱେଷର ଗଳିତ ଶବକୁ ପୁଲିସ ଉଦ୍ଧାର କରିଛି। ଏହି ଘଟଣା ପରେ ମାଓବାଦୀ ନେତା ତଥା ଷ୍ଟେଟ୍ କମିଟି ମେମ୍ବର ଶୁକ୍ରୁ ଏବେ ପୁଲିସର ମୁଖ୍ୟ ଟାର୍ଗେଟକୁ ଆସିଛି।

କନ୍ଧମାଳ ଏସ୍‌ପି ହରିଶ ବିସିଙ୍କ ସୂଚନା ମୁତାବକ, କେକେବିଏନ ଡିଭିଜନାଲ କମିଟିର ସଦସ୍ୟ ଅନ୍ୱେଷ ଏବଂ ତାଙ୍କର କିଛି ସହଯୋଗୀ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଯୋଜନା କରିଥିଲେ। ମାତ୍ର ସଂଗଠନର ନେତୃତ୍ୱ ନେଉଥିବା ଷ୍ଟେଟ୍ କମିଟି ମେମ୍ବର ଶୁକ୍ରୁ ଏହାକୁ ଘୋର ବିରୋଧ କରିଥିଲା। ଅନ୍ୟ ମାଓବାଦୀ ଯେପରି ଅନ୍ୱେଷଙ୍କୁ



ଶୁକ୍ରୁ



ଅନ୍ୱେଷ

ଦେଖି ସଂଗଠନ ଛାଡ଼ି ନଯାଆନ୍ତି, ସେମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିବାକୁ ଶୁକ୍ରୁ ଏହି ହତ୍ୟାକାଣ୍ଡ ଘଟାଇଥିବା ଚର୍ଚ୍ଚା ହେଉଛି। ଗତ ଜାନୁଆରୀ ୨୯ରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ପରେ ଶୁକ୍ରୁ ଅନ୍ୱେଷକୁ ହତ୍ୟା କରି ଜଙ୍ଗଲ ମଧ୍ୟରେ ପୋତି ଦେଇଥିଲେ। ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ପୁଲିସ ଜଙ୍ଗଲ ମଧ୍ୟରୁ ମାଟି ▶ପୃଷ୍ଠା-୭

### ରାଜ୍ୟସଭା କସରତ

# ୬ଟି ନାଁ ଦିଲ୍ଲୀ ପଠାଇଲା ବିଜେପି

### ସୂଚୀରେ ମନମୋହନ, ବସନ୍ତ, ସମୀର, ସୁଜିତ ଓ ଦୁଇ ପୂର୍ଣ୍ଣିମା

■ନୂଆଦିଲ୍ଲୀ/ଭୁବନେଶ୍ୱର, ୨୫ ।୨ (ସମିସ): ଗତ ରବିବାର ଅନୁଷ୍ଠିତ ହୋଇଛି ରାଜ୍ୟ ବିଜେପିର କୋର କମିଟି ବୈଠକ। ଏହି ବୈଠକରେ ସଂଗଠନ, ବିଭିନ୍ନ ନିଗମ ନିଯୁକ୍ତି ସଂକ୍ରାନ୍ତରେ ବିଶେଷ ଆଲୋଚନା ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ମାତ୍ର ଯେଉଁ ରାଜ୍ୟସଭା ପ୍ରସଙ୍ଗ ସମ୍ୟକ ଆଲୋଚନା ହୋଇଥିବା ଦଳ ପକ୍ଷରୁ କୁହାଯାଇଥିଲା, ଏବେ ସେହି ପ୍ରସଙ୍ଗ ହିଁ ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରୁ ଜାତୀୟ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ ଚର୍ଚ୍ଚାର ବିଷୟ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବ ସଭାପତି ବସନ୍ତ ପଣ୍ଡା ଓ ସମୀର ମହାନ୍ତି, ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ, ସୁନ୍ଦରଗଡ଼ ଜିଲ୍ଲା ବିଜେପି ସଭାପତି ପୂର୍ଣ୍ଣିମା କେର୍କେଟା ଓ ରାଜ୍ୟସଭା ସଦସ୍ୟ ସୁଜିତ୍ କୁମାରଙ୍କ ନାମକୁ ସଂସଦୀୟ କମିଟି ନିକଟକୁ ରାଜ୍ୟ କୋର କମିଟି ସୁପାରିସ କରିଛି। ତେବେ ରାଜ୍ୟରୁ ସୁପାରିସ ହୋଇଥିବା ୬ଟି ନାମ ବ୍ୟତୀତ ଦଳର ରାଷ୍ଟ୍ରୀୟ ସଭାପତି ନିତିନ ନବୀନଙ୍କ ନାମ ମଧ୍ୟ ଏହି ସୂଚୀରେ ସାମିଲ କରାଯାଇଥିବା ଦିଲ୍ଲୀ ରାଜନୈତିକ ମହଲରେ ଆଲୋଚନା ହେଉଛି।

**ଓଡ଼ିଶାରୁ ପ୍ରାର୍ଥୀ ହୋଇପାରନ୍ତି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ**

ନିତିନ ନବୀନ ବିହାର ସରକାରରେ ବିଭିନ୍ନ ବିଭାଗର ମନ୍ତ୍ରୀ ରହିଥିଲେ ଓ ସମ୍ପ୍ରତି ବିହାର ବିଧାନସଭା ସଦସ୍ୟ ଅଛନ୍ତି। ଗତ ଡ଼ିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ସେ ବିହାରରେ ମନ୍ତ୍ରୀ ରୂପେ କାର୍ଯ୍ୟ କରୁଥିଲେ ଓ ଜାତୀୟ ସଭାପତି ରୂପେ ନିର୍ବାଚିତ ହେବା ପରେ ସେ ବିହାରରେ ନୀତୀଶଙ୍କ ମନ୍ତ୍ରିମଣ୍ଡଳରେ ଆଉ ସାମିଲ ହୋଇ ନାହାନ୍ତି। ଦଳର ରାଷ୍ଟ୍ରୀୟ ସଭାପତି ଭାବରେ ଦିଲ୍ଲୀରେ ରହିବାର ଆବଶ୍ୟକତା ଦୃଷ୍ଟିରୁ ତାଙ୍କୁ ରାଜ୍ୟସଭା ସଦସ୍ୟ ଭାବରେ ନିର୍ବାଚିତ କରିବା ନିମନ୍ତେ ବିଜେପିର ଜାତୀୟ ନେତୃତ୍ୱ ଚାହୁଁଛନ୍ତି। ଏପରିକି ନିତିନ ନବୀନଙ୍କୁ ଓଡ଼ିଶାରୁ ରାଜ୍ୟସଭା ପଠାଯିବା ନିମନ୍ତେ ତାଙ୍କର କିଛି ସପକ୍ଷବାଦୀ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି। ଅତୀତରେ ବିଜେପି ଅନ୍ୟ ରାଜ୍ୟର ରାଜନୈତିକ ବ୍ୟକ୍ତିମାନଙ୍କୁ ଓଡ଼ିଶାରୁ ରାଜ୍ୟସଭାକୁ ପଠାଇଥିବା ଦୃଷ୍ଟିରୁ ନିତିନଙ୍କ ପ୍ରାର୍ଥୀତ୍ୱ ଓଡ଼ିଶାରେ ସେପରି କିଛି ବିତର୍କ ସୃଷ୍ଟି କରିବ ନାହିଁ ବୋଲି ଦଳ ମନେ କରୁଛି। ଏହି ପରିପ୍ରେକ୍ଷୀରେ ନିତିନ ଯଦି ଓଡ଼ିଶାରୁ ରାଜ୍ୟସଭା ପ୍ରାର୍ଥୀ ହୁଅନ୍ତି, ତେବେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ରାଜ୍ୟସଭା ପ୍ରାର୍ଥୀ ନିମନ୍ତେ ଯେଉଁ ୬ଟି ନାମ କୋର କମିଟି ସୁପାରିସ କରିଛି, ସେଥିମଧ୍ୟରୁ ୩ଟି ନାମକୁ ନେଇ ବିଭିନ୍ନ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। ରାଜ୍ୟ ସଭାପତି ମନମୋହନ ସାମଲ, ଦୁଇ ପୂର୍ବ ସଭାପତି ସମୀର ମହାନ୍ତି ଓ ବସନ୍ତ ପଣ୍ଡାଙ୍କ ନାମକୁ ନେଇ ପ୍ରାୟତଃ ଦଳରେ ପ୍ରାୟତଃ ଅସହମତି ନାହିଁ। ମାତ୍ର ରାଜ୍ୟ ବିଜେପି ସମ୍ପାଦିକା ତଥା କୋରାପୁଟ ଅଞ୍ଚଳର ବିଜେପି ନେତ୍ରୀ ପୂର୍ଣ୍ଣିମା ନାୟକ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ନିକଟତମ କୁହାଯାଉଥିବା ସୁନ୍ଦରଗଡ଼ ଜିଲ୍ଲା ବିଜେପି ▶ପୃଷ୍ଠା-୭

# ବିକଶିତ ଭାରତ ସମାରୋହ ପ୍ରସ୍ତୁତି ବୈଠକ



କୋରାପୁଟ,୨୫।୨ (ସମିସ): ଶୁକ୍ରବାର ଦିନ କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାରତର ଯୁବପିଢ଼ି ଗଣତନ୍ତ୍ରର ମୂଲ୍ୟବୋଧ, ସାମ୍ବିଧାନିକ ଦାୟିତ୍ୱ ଓ ଭବିଷ୍ୟତ ଭାରତ ଗଢ଼ିବାରେ ସଚେତନ ହେବା ସହିତ ନିଜ କର୍ତ୍ତବ୍ୟ ହୃଦ୍‌ବୋଧ କରିବାର ସୁଯୋଗ ପାଇବେ ବୋଲି ମହାବିଦ୍ୟାଳୟର ଏନ୍‌ଏସଏସ୍ କାର୍ଯ୍ୟାଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ସୂଚନା ଦେଇ କହିଛନ୍ତି ଯେ ୧୮ରୁ ୨୫ ବର୍ଷର ଯେକୌଣସି ଯୁବକ ଯୁବତୀ 'ମାଇ ଭାରତ ପୋର୍ଟାଲ' ମାଧ୍ୟମରେ ନିଜ ନାମ ପଞ୍ଜିକରଣ କରି ଏହି ପ୍ରତିଯୋଗିତାରେ ଭାଗ ନେଇ ପାରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ 'ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଏକ ଶିକ୍ଷା' ବିଷୟରେ ୩ ମିନିଟର ଏକ ଭାଷଣ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସ୍ତୁତ କରିବେ। ଏହି ପ୍ରତିଯୋଗିତାରେ ବିପୁଳ ସଂଖ୍ୟାରେ ଯୁବକ ଯୁବତୀ ଯୋଗ ଦେବା ପାଇଁ ସମ୍ମିଳନୀର ଆବାହକ ଡ. ଶ୍ରୀଚନ୍ଦନ ମିଶ୍ର ଅନୁରୋଧ କରିଥିଲେ। ଶେଷରେ ଡ. ସୁଶୀଳ କୁମାର ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡ. ପ୍ରୀତିଧାରା ସାମଲ,ଡ. ରଂଜନ କୁମାର ବାରିକ, ଅଜିତ କୁମାର ସେଠୀ, ଡ. ସୈରିନ୍ଧ୍ରୀ ମହାରଣା, ଡ. ଦୁର୍ଗାପ୍ରସାଦ ପାଣିଗ୍ରାହୀ, ସୁଶ୍ରୀ କାଞ୍ଚନ ତାଣ୍ଡି, ଶିବରାମ ବଡ଼ରାଇତା, ପ୍ରଶାନ୍ତ ସାନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।

### ୫ ଦିନ ହେଲା ନିଖୋଜ ଥିଲେ

# ଛତିଶଗଡ଼ରୁ ପ୍ରଧାନଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନବରଙ୍ଗପୁର/ଝରିଗାଁ,୨୫।୨(ସମିସ):



ନିଖୋଜ ହେବାର ୫ ଦିନ ପରେ ମିଳିଲା ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ମୃତଦେହ। ଛତିଶଗଡ଼ ରାଜ୍ୟରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ତେବେ ସିଏ ଆତ୍ମହତ୍ୟା କରିଛନ୍ତି ନା ଅନ୍ୟ କାରଣରୁ ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ଏହି ଖବର ପରିବାର ଏବଂ ବିଦ୍ୟାଳୟରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକ ଶିକ୍ଷକ ହେଉଛନ୍ତି ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟସ୍ଥ ବଡ଼ଭରଣ୍ଡି ଗ୍ରାମର ଅଲେଖ ଚରଣ ଭକ୍ତ (୩୬)। ଅଲେଖ ଝରିଗାଁ ବ୍ଲକ ଅନ୍ତର୍ଗତ ରତାଖଣ୍ଡିଗୁଡ଼ା ଗ୍ରାମସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କୁ ଚଳିତ ବର୍ଷ ଦଶମ ପରୀକ୍ଷା ପାଇଁ ଝରିଗାଁ ବ୍ଲକ ଅନ୍ତର୍ଗତ କଲେଗାଁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ ପ୍ରଧାନଶିକ୍ଷକ ନିଜ ଦାୟିତ୍ୱ ସମ୍ପନ୍ନ କରି ଗତ ଶନିବାର ଅପରାହ୍ନରେ କଲେଗାଁ ସ୍କୁଲରୁ ବାହାରିଥିଲେ। ତେବେ ପ୍ରାୟ ୪ଟା ପରେ ମଧ୍ୟ ସେ ନିଜ ଘର ବଡ଼ଭରଣ୍ଡି ଗ୍ରାମରେ ପହଞ୍ଚି ନ ଥିଲେ। ଏନେଇ ପରିବାର ଲୋକେ ଝରିଗାଁ ଥାନାରେ ଏତଲା ଦେଇଥିଲେ। ଝରିଗାଁ ଥାନାରେ କେସ୍ ନମ୍ବର ୭ରେ ଏକ ନିଖୋଜ ମାମଲା ରୁଜୁ କରାଯାଇଛି। ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ପ୍ରଧାନଶିକ୍ଷକଙ୍କୁ ଖୋଜିବା ଆରମ୍ଭ କରିଥିଲେ ସୁଦ୍ଧା କୌଣସି ଖବର ମିଳି ପାରି ନ ଥିଲା। ବୁଧବାର ସକାଳୁ ଛତିଶଗଡ଼ ମେଇନପୁର ପୋଲିସ ଉମରକୋଟ ଥାନାକୁ ସୂଚନା ଦେଇଥିଲେ ଯେ, ଜଣେ ଯୁବକଙ୍କ ଝୁଲନ୍ତା ମୃତ ଶରୀର ପୋଲିସ ଠାବ କରିଥିବାବେଳେ ତାଙ୍କ ନିକଟରୁ ଏକ ବାଇକ୍ (ଓଡି ୨୪ ଜେ ୮୪୨୪) ଏବଂ ଆଧାର କାର୍ଡ ଏବଂ ଭୋଟର କାର୍ଡ, ଦୁଇଟି ମୋବାଇଲ ଏବଂ କିଛି ଟଙ୍କା ମିଳିଛି। ଏହି ଖବର ପାଇବା ମାତ୍ରେ ଉମରକୋଟ ପୋଲିସ ଝରିଗାଁ ପୋଲିସଙ୍କୁ ସୂଚନା ଦେଇଥିଲେ। ଏହାପରେ ପରିବାର ଲୋକଙ୍କ ସହ ଝରିଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଛତିଶଗଡ଼ ପୋଲିସ, ସାଇଣ୍ଟିଫିକ୍ ଟିମ, ସନ୍ଧାନୀକୁକୁର ରହି ତଦନ୍ତ ଚଳାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପ୍ରଦାନ କରାଯାଇଛି। ମୃତ ଶିକ୍ଷକ ଜଣଙ୍କ ମାନସିକ ଚାପରେ ରହୁଥିଲେ। ହେଲେ ତାଙ୍କୁ କିଏ ମାନସିକ ଚାପ ଦେଇଥିଲେ, ଯାହା କି ଶେଷରେ ଅଲେଖ ଚରଣ ଭକ୍ତ ମୃତ୍ୟୁକୁ ଆପଣାଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ତେବେ ମୃତ୍ୟୁର ବିଭିନ୍ନ ଦିଗ ପ୍ରତି ପୁଲିସ ତଦନ୍ତ କରୁଥିବା ଜଣାପଡ଼ିଛି।

# ୱାଲଟିଅର ଡିଆରଏମ୍‌ଙ୍କ ବିଶାଖାପାଟଣା-ରାୟଗଡ଼ା-ଟିକିରି ରେଳ ସେକ୍ସନ ଯାଞ୍ଚ

ରାୟଗଡ଼ା/ଟିକିରି,୨୫।୨(ସମିସ): ପୂର୍ବତଟ ରେଳବାଇ ୱାଲଟିଏର ଡିଭିଜନାଲ୍ ରେଳ ପରିଚାଳକ (ଡିଆରଏମ) ଲଳିତ ବୋହରା ଆଜି ବିଶାଖାପାଟଣା-ରାୟଗଡ଼ା-ଟିକିରି ରେଳ ସେକ୍ସନରେ ବ୍ୟାପକ ଯାଞ୍ଚ କରିଥିଲେ । ସେ ଏହି ବିଭାଗରେ ବିଭିନ୍ନ ଭିତ୍ତିଭୂମି ବିକାଶ ଏବଂ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ସମୀକ୍ଷା କରିଥିଲେ। ନିରୀକ୍ଷଣ ସମୟରେ, ଡିଆରଏମ ଏକ ବିସ୍ତୃତ ୱିଣ୍ଡୋ ଟ୍ରେଲିଂ ଯାଞ୍ଚ କରିଥିଲେ। ଯେଉଁଥିରେ ସିଗନାଲିଂ ସିଷ୍ଟମ, ପଏଣ୍ଟ ଏବଂ କ୍ରସିଂ, ଟ୍ରାକ୍ ନବୀକରଣ, ୟାର୍ଡ ପୁନଃନିର୍ମାଣ କାର୍ଯ୍ୟ, ନୂତନ ଲାଇନ କାର୍ଯ୍ୟ, ସେତୁ, ସୁଡ଼ଙ୍ଗ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ସୁରକ୍ଷା ସ୍ଥାପନ ଉପରେ ଧ୍ୟାନ ଦିଆଯାଇଥିଲା। ସେ ଉଚ୍ଚ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ଏବଂ ଚାଲୁଥିବା ବିକାଶମୂଳକ ପ୍ରକଳ୍ପଗୁଡ଼ିକର ସମୟସୀମା ସମାପ୍ତି ନିଶ୍ଚିତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଟିକିରି ରେଳ ଷ୍ଟେସନରେ ଡିଆରଏମ ଶ୍ରୀ ବୋହରା ସେବା ଗୁଣବତ୍ତା ମୂଲ୍ୟାଙ୍କନ ଏବଂ ଆହୁରି ଉନ୍ନତି ପାଇଁ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ପାଇଁ ଯାତ୍ରୀ ସୁବିଧା ଏବଂ ସୁବିଧା ଯାଞ୍ଚ କରିଥିଲେ। ସେ ଟିକିରିରେ ରେଳ ସାଇଡିଂ ମଧ୍ୟ ପରିଦର୍ଶନ କରିଥିଲେ। ଯେଉଁଠାରେ ସେ ମାଲ ପରିବହନ ଗ୍ରାହକମାନଙ୍କ ସହିତ ଭାବ ବିନିମୟ କରିଥିଲେ ଏବଂ ମାଲ ପରିବହନ ବୃଦ୍ଧି ଏବଂ ବ୍ୟବସାୟିକ କାର୍ଯ୍ୟଦକ୍ଷତାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଟିକିରି ଅଞ୍ଚଳରେ ଦୁଇ ଦୁଇଟି ବଡ଼ କାରଖାନା ଥିବାରୁ ଦୈନିକ ଶତାଧିକ ଲୋକ ଏହି ଟିକିରି ଷ୍ଟେସନ ଉପରେ ନିର୍ଭର କରିଥାନ୍ତି। ଷ୍ଟେସନର ୩ ଓ ୪ ନଂ ପ୍ଲାଟଫର୍ମ ଯିବା ପାଇଁ ଫ୍ଲାଇ ଓଭର ବ୍ୟବସ୍ଥା ଥିବା ବେଳେ ବରିଷ୍ଠ ନାଗରିକ ଓ ରୋଗୀଙ୍କୁ ନେବା ଆଣିବା ପାଇଁ ଲୋକେ ବହୁତ ହଇରାଣ ହେଉ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଦାବିକୁ ପୂରଣ ପାଇଁ ଖୁବ୍‌ଶୀଘ୍ର ର୍‍ୟାମ୍ପ ତିଆରି କରାଯିବ ବୋଲି ଡିଆରଏମ କହିଛନ୍ତି। ସେହିପରି ୧ ଓ ୨ ନଂ ପ୍ଲାଟଫର୍ମ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ମାଲଗାଡି ଚାଲିଥିବା ବେଳେ ଏକ ଟିମ୍ ଆସି ତଦାରଖ କରିବା ପରେ ପାସେଞ୍ଜର ଟ୍ରେନ୍ ଚଳାଚଳ କରିବ ବୋଲି ଡିଆରଏମ ଶ୍ରୀ ବୋହୋରା କହିଛନ୍ତି। ଆସନ୍ତା ଏପ୍ରିଲ ମାସ ସୁଦ୍ଧା ଏହି ୧ ଓ ୨ ନମ୍ବର ପ୍ଲାଟ ଫର୍ମରେ ପାସେଞ୍ଜର ଟ୍ରେନ ଚଳାଚଳ କରିବ ବୋଲି ମଧ୍ୟ ଡିଆରଏମ କହିଛନ୍ତି। ପରେ ଯାଞ୍ଚ ଜାରି ରଖି, ଡିଆରଏମ ସିଙ୍ଗାରାମ ରେଳ ଷ୍ଟେସନ୍ ଯାଞ୍ଚ କଲେ ଏବଂ ସିଙ୍ଗାରାମ ରେଳ ସାଇଡିଂରେ କାର୍ଯ୍ୟ ସମୀକ୍ଷା କଲେ, ଭିତ୍ତିଭୂମି ଏବଂ ମାଲ ପରିବହନ ସୁବିଧାର ସମୀକ୍ଷା କରିଥିଲେ। ଡିଆରଏମ କେଉଟଗୁଡ଼ା ଷ୍ଟେସନରେ ଯାତ୍ରୀ ସୁବିଧା ଯାଞ୍ଚ କରିଥିଲେ। ଡିଆରଏମ ଶ୍ରୀ ବୋହୋରାଙ୍କ ସହିତ ସିଭିଲ୍ ଇଞ୍ଜିନିୟରିଂ, ସିଗନାଲ ଏବଂ ଟେଲିକମ୍, ବୈଦ୍ୟୁତିକ, ଟ୍ରାକ୍ସନ୍, ସୁରକ୍ଷା ଏବଂ ଅନ୍ୟାନ୍ୟ ଶାଖା ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବା ନେଇ ୱାଲଟିଏର ଡିଭିଜନର ବରିଷ୍ଠ ବାଣିଜ୍ୟ ପ୍ରବନ୍ଧକ କେ. ପବନ କୁମାର ସୂଚନା ଦେଇଛନ୍ତି।




# ଅବ୍ୟବସ୍ଥା ଘେରରେ ସରକାରୀ ଏକ୍ସ ବୋର୍ଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ବନ୍ଧୁଗାଁ,୨୫।୨(ସମିସ): ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ସରକାରୀ ଉଚ୍ଚ ଏକ୍ସ ବୋର୍ଡ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ଅବ୍ୟବସ୍ଥା ଦେଇ ଗତି କରୁଛି। ୧୯୫୪ ମସିହାରୁ ବିଦ୍ୟାଳୟ ସ୍ଥାପନ କରା ଯାଇଥିଲା। ବ୍ଲକରେ ସର୍ବ ପୁରାତନ ବିଦ୍ୟାଳୟ ହୋଇ ଥିବାରୁ ଏଠାରେ ପାଠପଢା ପରେ ଉଚ୍ଚତର ଶିକ୍ଷା ଲାଭ ପାଇଁ ଦଶମ ଶ୍ରେଣୀର ପାଠପଢା ଶୁଭାରମ୍ଭ ହୋଇଥିଲା। ବ୍ଲକର ଯୁବକ ଯୁବତୀ ମାନଙ୍କୁ ପାଠ ପଢିବା ଓ ଉତ୍ତମ ମଣିଷ ଗଠନ କରିବା କ୍ଷେତ୍ରରେ ଏହି ବିଦ୍ୟାଳୟର ଭୂମିକା ରହିଥିଲା। ଆଜି ଏହି ବିଦ୍ୟାଳୟ ଅବ୍ୟବସ୍ଥା ଘେରରେ ଚାଲିଛି। ବିଦ୍ୟାଳୟକୁ ଲାଗି ୧୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ରହିଛି। ଏଥି ସହିତ ୧୫୭ ଜଣ ଛାତ୍ରଛାତ୍ରୀ ଗାଁରୁ ବିଦ୍ୟାଳୟକୁ ଆସନ୍ତି। ଆଜି ୨୯୭ ପିଲା ବସି ପାଠପଢା ପାଇଁ ୫ଟି କୋଠରୀ ରହିଛି। ଛାତ୍ରଛାତ୍ରୀଙ୍କ ଅନୁପାତ ଅନୁଯାୟୀ ଶିକ୍ଷକ ଶିକ୍ଷୟତ୍ରୀ ୯ ଜଣ ରହିବା ପରିବର୍ତ୍ତେ ୬ ଜଣ ଶିକ୍ଷକ ଶିକ୍ଷୟତ୍ରୀ ରହିଛନ୍ତି। ଶିକ୍ଷା ବିଭାଗ ଅଧିକାରୀ ବିଦ୍ୟାଳୟରେ ଥିବା ୬ ଜଣ ଶିକ୍ଷକ ଶିକ୍ଷୟତ୍ରୀ ମଧ୍ୟରୁ ନାରାୟଣ ଡାକୁଆ ଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ଡେପୁଟେସନରେ ପଠାଇ ଥିବା ବେଳେ ଶିକ୍ଷକ ହେରମ୍ବ ରାଣାଙ୍କୁ ବିଏଲଓ ଦାୟିତ୍ୱରେ ରହିଛନ୍ତି। ଛାତ୍ରଛାତ୍ରୀଙ୍କ ପାଠପଢା ପାଇଁ ଶିଶୁ ବାଟିକା ୧୧, ପ୍ରଥମ ଶ୍ରେଣୀ ୧୬ ଜଣ ଓ ଦ୍ୱିତୀୟ ଶ୍ରେଣୀ ୨୭ ଜଣ କୁ ମିଶାଇ ମୋଟ ୫୭ ଗୋଟିଏ କୋଠରୀରେ, ତୃତୀୟ ଶ୍ରେଣୀର ୪୪ ଜଣ ପାଠାଗାର କୋଠରୀରେ, ଚତୁର୍ଥ ଶ୍ରେଣୀ ୨୨ ଜଣ ଓ ପଞ୍ଚମ ଶ୍ରେଣୀର ୩୧ ଜଣ ମୋଟ ୫୩ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଗୋଟିଏ କୋଠରୀ, ଷଷ୍ଠ ଶ୍ରେଣୀର ୪୭ ଓ ସପ୍ତମ ଶ୍ରେଣୀର ୩୩ ଜଣକୁ ମିଶାଇ ମୋଟ ୮୦ ଜଣ ଛାତ୍ରଛାତ୍ରୀ ଗୋଟିଏ କୋଠରୀରେ ଓ ଅଷ୍ଟମ ଶ୍ରେଣୀ ୬୬ ଜଣ ଛାତ୍ରଛାତ୍ରୀ ପାଇଁ ଗୋଟିଏ କୋଠରୀ ମଧ୍ୟରେ ବସାଇ ପାଠପଢା ଯାଉଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷୀ ମାଝୀ, ଶିକ୍ଷୟିତ୍ରୀ ଜୟପ୍ରଦା ଦାସ, ସୌଦାମିନୀ ପୁହାଣ ଓ କାବେରୀ ଜେନା ରହିଥିବା ବେଳେ ଆବଶ୍ୟକ ପାଠ ପଢ଼ାଇବା ପାଇଁ କୋଠରୀର ଅଭାବ, ମଧ୍ୟାହ୍ନଭୋଜନ ରୋଷେଇ ଘର ନାହିଁ। ଷ୍ଟୋର ରୁମ ନାହିଁ। ପାଇଖାନା ନାହିଁ ଓ ଛାତ୍ରାବାସ ଭିତରେ ଟାଇଲ ବାହାରି ନଷ୍ଟ ହୋଇ ଯାଇଛି। ଛାତ୍ରାବାସରେ ଅଳିଆ ଆବର୍ଜନା ରହୁଥିବାରୁ ଛାତ୍ର ମାନେ କାଛୁ କୁଣ୍ଡିଆରେ ଆକ୍ରାନ୍ତ ହୋଇଛନ୍ତି। ପିଲାଙ୍କ ଖାଇବା ଖାଦ୍ୟ ଭଲ ରହୁ ନାହିଁ। ଭିତ୍ତିଭୂମି ଅଭାବ, ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ପାଇଁ ଛାତ୍ରଛାତ୍ରୀ ଅକ୍ଷର ଚିହ୍ନିବା ଓ ଲେଖିବାକୁ ଜାଣୁ ନାହାନ୍ତି। ସ୍ଥାନୀୟ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ମଦନ ପାଣିଙ୍କୁ ଫୋନ ମାଧ୍ୟମରେ ଜଣାଇବା ପରେ ଅତି ଶୀଘ୍ର ଶିକ୍ଷକ ମାନଙ୍କୁ ଫେରାଇ ଆଣିବାକୁ ଜଣାଇ ଥିଲେ। ବର୍ତ୍ତମାନ ଏହି ବିଦ୍ୟାଳୟଟି ଅବ୍ୟବସ୍ଥା ଘେରରେ ରହି ଥିବାରୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ତରଫରୁ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଶିକ୍ଷାବିତ୍, ବୁଦ୍ଧିଜୀବି ଓ ଅଭିଭାବକ ଗୁହାରି କରିଛନ୍ତି।



# ଜଙ୍ଗଲ ନିଆଁକୁ ଆୟତ୍ତ କଲେ 'ସକାଳ' ପ୍ରତିନିଧି

ପୋଡ଼ାଗଡ଼, ୨୫।୨(ସମିସ): ବନାଗ୍ନି ରୋକିବା ପାଇଁ ସରକାର ଓ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ପଦକ୍ଷେପ ନେଇଥିବା ବେଳେ ତାହାର ବ୍ୟତିକ୍ରମ ଦେଖା ଦେଇଛି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବନାଞ୍ଚଳ ଅଧିନସ୍ଥ ଦଶମନ୍ତପୁର ବ୍ଲକ ଅଞ୍ଚଳରେ। ଦଶମନ୍ତପୁର ବ୍ଲକ ଅଧିନସ୍ଥ ପରଜା ବେଡ଼ାପଦର ପଞ୍ଚାୟତର ବଞ୍ଜୁଆ ଗୁଡା ଓ ସେମି ଗାଁ ଗ୍ରାମ ମଝିରେ ଥିବା ପାହାଡ଼ରେ ହୁତୁହୁତୁ ହୋଇ ନିଆଁ ଜଳୁଥିବା ଦେଖା ଦେଇଥିଲା। ସେହିରାସ୍ତା ଦେଇ ନିଜର କାମ ସାରି ଦୈନିକ ଖବର କାଗଜ 'ସକାଳ'ର ପ୍ରତିନିଧି ମଣ୍ଟୁ ଭତ୍ରା ଆସୁଥିବା ବେଳେ ଉକ୍ତ ନିଆଁକୁ ଦେଖି ଗାଡି ଅଟକାଇ ପାହାଡ଼ ଚଢ଼ି ନିଆଁକୁ ସମ୍ପୂର୍ଣ ଆୟତ୍ତ କରିଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ପୋଡୁ ଚାଷ ନିମନ୍ତେ ଅନେକ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଏଥି ପ୍ରତି ଦାୟିତ୍ୱ ରେ ଥିବା ବିଭାଗୀୟ ଅଧିକାରୀ ଧ୍ୟାନ ଦେବା ସହ ଜଙ୍ଗଲ ନିକଟରେ ଥିବା ଗ୍ରାମବାସୀ ମାନଙ୍କୁ ସଚେତନ କରିବା ଆବଶ୍ୟକ ରହିଛି ବୋଲି କୁହାଯାଉଛି।

# ଏଲ୍‌ଏଚ୍‌ବି କୋଚ ସହିତ ଗଡ଼ିବ ସମ୍ବଲପୁର-ରାୟଗଡ଼ା ଇଣ୍ଟରସିଟି ଏକ୍ସପ୍ରେସ୍

### ଭୁବନେଶ୍ୱର-ଜୁନାଗଡ଼ ରୋଡ-ଭୁବନେଶ୍ୱର ଏକ୍ସପ୍ରେସରେ ଦ୍ୱିତୀୟ ଏସି କୋଚ ବୃଦ୍ଧି

ରାୟଗଡ଼ା,୨୫।୨(ସମିସ):

ପୂର୍ବତଟ ରେଳବାଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ ଟ୍ରେନ୍‌କୁ ଆଧୁନିକ ଏଲଏଚବି (ଲିଙ୍କେ ହଫମନ୍ ବୁଶ୍) କୋଚ ସହ ଆଜି ଠାରୁ ଅପଗ୍ରେଡ୍ କରାଯାଇଛି। ଯାତ୍ରୀ ସୁରକ୍ଷା, ଆରାମ ଏବଂ ସାମଗ୍ରୀକ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ପୂର୍ବତଟ ରେଳବାଇର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଟ୍ରେନ ସଂଖ୍ୟା ୧୮୩୦୧/୧୮୩୦୨ ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ ଓ ୧୮୩୦୩/୧୮୩୦୩ ସମ୍ବଲପୁର-ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନର ପାରମ୍ପରିକ କୋଚକୁ ଆଧୁନିକ ଏଲଏଚବି କୋଚ ସହିତ ବଦଳା ଯାଇଛି। ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସରେ ଏଲଏଚବି କୋଚ ଯୋଡିହେବା ପରେ ଏଥିରେ ଗୋଟିଏ ସ୍ଲିପର କ୍ଲାସ (୩ ଟାୟାର, ନନ ଏସି), ଗୋଟିଏ ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ସିଟିଂ କୋଚ,୫ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ, ଗୋଟିଏ ଗାର୍ଡ କମ୍ ପାୱାର କାର, ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ଗୋଟିଏ ଗାର୍ଡ କମ୍ ସେକେଣ୍ଡ କ୍ଲାସ କୋଚ ରହିଛି। ଏଲଏଚବି କୋଚଗୁଡିକ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ, ଉନ୍ନତ ଚଳାଇବା ଆରାମ, ଉନ୍ନତ ସସ୍‌ପେନସନ ସିଷ୍ଟମ ଏବଂ ଉନ୍ନତ ସୌନ୍ଦର୍ଯ୍ୟ ସହିତ ଡିଜାଇନ କରାଯାଇଛି। ଏହି ରୁଟରେ ଯାତ୍ରା କରୁଥିବା ଯାତ୍ରୀମାନେ ବର୍ଦ୍ଧିତ ଆରାମ, ଉନ୍ନତ ସୁରକ୍ଷା ମାନଦଣ୍ଡ ଏବଂ ଏକ ଉତ୍ତମ ସାମଗ୍ରିକ ଯାତ୍ରା ଅଭିଜ୍ଞତାରୁ ଲାଭ ପାଇବେ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ପ୍ରେସ ରିଲିଜ ମାଧ୍ୟମରେ ସୂଚନା ଦିଆଯାଇଛି। ସେହିପରି ଚଳିତ ମାସ ଆସନ୍ତା ଫେବୃଆରୀ ୨୮ ତାରିଖରୁ ଟ୍ରେନ ନମ୍ବର ୨୦୮୩୭/୨୦୮୩୮,ଭୁବନେଶ୍ୱର-ଜୁନାଗଡ ରୋଡ-ଭୁବନେଶ୍ୱର ଏକ୍ସପ୍ରେସରେ ଗୋଟିଏ ଦ୍ୱିତୀୟ ଏସି କୋଚର ସ୍ଥାୟୀ ବୃଦ୍ଧି କରାଯାଇଛି। ଏହି ଏକ୍ସପ୍ରେସରେ ଯାତ୍ରା କରୁଥିବା ରେଳଯାତ୍ରୀମାନଙ୍କୁ ଆରାମଦାୟକ ଯାତ୍ରା ପ୍ରଦାନ ପାଇଁ ପୂର୍ବତଟ ରେଳବାଇ ଦ୍ୱାରା ସ୍ଥାୟୀ ଭାବରେ ଏହି କୋଚ ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନଙ୍କୁ ଏହି ସ୍ୱତନ୍ତ୍ର ଟ୍ରେନ ସେବାଗୁଡିକର ବ୍ୟବହାର କରିବାକୁ ରେଳବାଇ ପକ୍ଷରୁ ଅନୁରୋଧ କରାଯାଇଛି।




### ଦୟାନିଧିଗୁଡ଼ା-ଜେରଟି ଗାଁ ରାସ୍ତା ମରଣଯନ୍ତା, ଶୁଣୁନି ପ୍ରଶାସନ

# ରାସ୍ତା ମରାମତି ପାଇଁ ଗ୍ରାମବାସୀଙ୍କ ଦାବି

କୋରାପୁଟ,୨୫।୨(ସମିସ): କୋରାପୁଟ ବ୍ଲକ ଅନ୍ତର୍ଗତ ମାନବାର ପଞ୍ଚାୟତର ଜେରଟି ଗ୍ରାମର ରାସ୍ତା ମରଣ ଯନ୍ତା ପାଲଟିଛି। ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳିଲା। ଧୋବ ଫର ଫର ନେତାଏ ଆସିଲେ, ଆଉ ଗଲେ। ନିର୍ବାଚନ ପରେ ନିର୍ବାଚନ ବି ଶେଷ ହେଲା। ପ୍ରତିଶ୍ରୁତିର ପାହାଡରେ ପୋତି ପକାଇଲେ। ହେଲେ ସମସ୍ୟା ହେଲାନି ସମାଧାନ। ପ୍ରଶାସନକୁ ଗୁହାରୀ କରି କରି ଥକିଲେ, ହେଲେ ଗାଁକୁ ଯୋଡି ହେଲାନି ରାସ୍ତା ଖଣ୍ଡିଏ। ବର୍ଷା ଚାରିମାସ ଓ ଏହାର ଦୁଇମାସ ପୂର୍ବ ଓ ପର ମୋଟ ୬ ମାସ ନାହିଁ ନଥିବା ଦୁଃଖ ଭୋଗୁଛନ୍ତି ଜେରଟି ଗାଁ ବାସୀ। କୋରାପୁଟ ସଦର ମହକୁମା ଠାରୁ ୧୦ କିଲୋମିଟର ଦୂରରେ ରହିଛି ଜେରଟି ଗାଁ। କୋରାପୁଟ-ବୋରିଗୁମ୍ମା ରାସ୍ତାର ଦୟାନିଧିଗୁଡା ପରେ ଏହି ଗାଁ ଅବସ୍ଥିତ। ଗ୍ରାମରେ ୧୫୦ ଘର ରହିଥିବା ବେଳେ ପ୍ରାୟ ୬୦୦ରୁ ଅଧିକ ଲୋକେ ବସବାସ କରୁଛନ୍ତି। ଦୟାନିଧିଗୁଡା ଠାରୁ ଜେରଟି ଗାଁ ରାସ୍ତା ଅତ୍ୟନ୍ତ ଖରାପ । ଖରା ଦିନରେ ଯାହା ଯେମିତି ଯାତାୟାତ କରି ହେଉଛି ବର୍ଷା ଦିନ ଆସିଲେ ଗ୍ରାମ ବାସୀଙ୍କ ଦୁଃଖ ଦୁଇ ଗୁଣିତ ହୋଇଯାଏ। ରାସ୍ତା ସାରା ଖାଲି ଖାଲ ଖମା । ବର୍ଷା ଦିନରେ ପାଦେ ପାଦେ ବିପଦ ରହୁଛି । ରାସ୍ତା ମରାମତି ପାଇଁ ବାରମ୍ବାର ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି । କିନ୍ତୁ କିଛି ସୁଫଳ ମିଳୁନାହିଁ। ଗାଁରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ବିଦ୍ୟାଳୟ ଅଛି । ଷଷ୍ଠ ଠାରୁ ଦଶମ ପର୍ଯ୍ୟନ୍ତ ପାଠ ପଢିବା ପାଇଁ ଗାଁ ଠାରୁ ୫କିଲୋମିଟର ଦୂରକୁ ଛାତ୍ରଛାତ୍ରୀ ମାନେ ପାଠ ପଢିବା ପାଇଁ ଯାଉଛନ୍ତି । ବର୍ଷା ଦିନରେ ରାସ୍ତା ଖରାପ ଥିବାରୁ ପିଲା ମାନଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଯାଏ। ରାସ୍ତା ଖରାପ ଯୋଗୁ ବର୍ଷା ତମାମ ଛାତ୍ର ଛାତ୍ରୀ ମାନେ ପାଠ ପଢ଼ାରୁ ବଞ୍ଚିତ ରୁହନ୍ତି । ପିଲା ମାନଙ୍କୁ ପାଠ ପଢିବା ପାଇଁ ହଷ୍ଟେଲରେ ଛାଡିବା ପାଇଁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି । ବର୍ଷା ଦିନରେ ପନି ପରିବା ବାହାରେ ବିକ୍ରି କରିବା ପାଇଁ କଷ୍ଟ କର ହୋଇ ପଡେ। ବର୍ଷା ମାସ ତମାମ ଗାଁର ଦୁଃଖ ଦୁଇ ଗୁଣିତ ହୋଇଯାଏ। ଗାଁ କୁ ଗୋଟେ ପକ୍କା ରାସ୍ତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ପରେ ବି କୌଣସି ସୁଫଳ ମିଳୁନାହିଁ । ଶେଷରେ ଗ୍ରାମବାସୀ ବାଧ୍ୟ ହୋଇ ନିଜ ଭାଗ୍ୟକୁ ଆଦରି ଗାଁରେ ପଡି ରହିଛନ୍ତି। ଗାଁକୁ କୌଣସି ଅଧିକାରୀ କିମ୍ବା ନେତାଙ୍କ ପାଦ ଚିହ୍ନ ପଡୁନାହିଁ ବୋଲି ଗ୍ରାମବାସୀ ମାନେ କହିଛନ୍ତି। ଗ୍ରାମର ପ୍ରାୟ ଲୋକେ ଚାଷ ଉପରେ ନିର୍ଭର କରିଥାନ୍ତି । ଚାଷରୁ ଯାହା ଉପାର୍ଜିତ ହୁଏ , ସେ ସବୁ ଶସ୍ୟ ସ୍ଥାନୀୟ କୋରାପୁଟ ବଜାର କିମ୍ବା ହାଟରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି । ରାସ୍ତା ଖରାପ ଯୋଗୁଁ ଜିନିଷ ପତ୍ର ନେବା ଆଣିବା କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ମାନେ କହିଛନ୍ତି। ରାତିବିକାଳି କୌଣସି ଜରୁରୀ ପରିସ୍ଥିତି ହେଲେ ବି ଏହି ରାସ୍ତା ଦେଇ ହିଁ ରୋଗୀଙ୍କୁ ନେବାଆଣିବା କରିଥାନ୍ତି। ହେଲେ ରାସ୍ତା ଅବସ୍ଥା ଅତ୍ୟନ୍ତ ଖରାପ ହୋଇଥିବାବେଳେ ବହୁବାର ପ୍ରଶାସନକୁ ଏନେଇ ଅବଗତ କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ କୋରାପୁଟ ବିଡିଓ ଦେବାଶିଷ ଗୌଡ଼ କହିଛନ୍ତି ରାସ୍ତା ସମସ୍ୟା ସଂପର୍କରେ ମୁଁ ଅବଗତ ଅଛି। ରାସ୍ତାଟି ଆରଡି ବିଭାଗର ଅଧୀନରେ ଅଛି। ଏହି ରାସ୍ତାର ନିର୍ମାଣ ଓ ମରାମତି ପାଇଁ ଆରଡି ବିଭାଗକୁ ବହୁବାର କୁହାଯାଇଛି। ରାସ୍ତାର ମରାମତି ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



# ୧୧ ସଫେଇ କର୍ମଚାରୀଙ୍କୁ ମୋବାଇଲ୍ ଫୋନ୍ ପ୍ରଦାନ



ଜୟପୁର ୨୫ ।୨, (ସମିସ): ଜୟପୁର ପୌରସଂସ୍ଥା ପକ୍ଷରୁ ଗାରିମା ଯୋଜନାରେ ପରିମଳ ବ୍ୟବସ୍ଥା ପାଇଁ ନିୟୋଜିତ ପ୍ରମୁଖ ୧୧ ଜଣ କର୍ମଚାରୀଙ୍କୁ ମୋବାଇଲ ଫୋନ୍ ବଣ୍ଟନ କରାଯାଇଛି। ଆଜି ପୌରସଂସ୍ଥା ପକ୍ଷରୁ ପୌର ଅଧ୍ୟକ୍ଷଙ୍କ କକ୍ଷରେ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ସହରର ସେପ୍ଟି ଟାଙ୍କି ସଫେଇ କରୁଥିବା ଗାଡିର କର୍ମଚାରୀ ମାନଙ୍କୁ ଏହି ଜିଓ ମୋବାଇଲ ପ୍ରଦାନ କରିଛନ୍ତି। ଏହି ମୋବାଇଲ ଦ୍ୱାରା ସଫେଇ ଗାଡି ଗୁଡିକର ଜିପିଆରଏସ ଟ୍ରାକିଂ କରିବା ସହିତ କେଉଁ ଭଳି ସହରରେ ସଫେଇ କାର୍ଯ୍ୟ ଚାଲୁ ରହୁଛି, ତଦାରଖ ହେବ। ଏହି ଅବସରରେ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ, ଉପାଧ୍ୟକ୍ଷା ବି .ସୁନିତା, କାଉନସିଲର ଯଶପାଲ ସିଂ, ସୀମାଞ୍ଚଳ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶୀ ମଦ ସହ ବାଇକ୍ ଜବତ



ପୋଡ଼ାଗଡ଼,୨୫।୨(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଗାଦିଆଗୁଡ଼ା ଗ୍ରାମର ମଦନମାଣ୍ଡି ପ୍ରାୟ ୨୦ ଲିଟର ଦେଶୀ ରନ୍ଧା ମଦ ନିଜ ବାଇକ୍ ଯୋଗେ ଚୋରା ଚାଲାଣ କରୁଥଲେ। ଏହି ମଦ ଚୋରା ଚାଲାଣ କରୁଥିବା ବେଳେ ମାଡି ବସିଲା ଅବକାରୀ ବିଭାଗ। ଚୋରା ମଦ ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କୁ ଗିରଫ କରିବା ସହ ବ୍ୟବହୃତ ବାଇକ୍ ଜବତ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି ଲକ୍ଷ୍ମୀପୁର ଅବକାରୀ ଥାନା ଅଧିକାରୀ କୁଶ ଜାଲ।

# ମାର୍ଚ୍ଚରୁ ବଢ଼ିବ ତାତି

## ୪୦ ଡିଗ୍ରୀ ଛୁଇଁବ ପାରଦ

ଭୁବନେଶ୍ୱର,୨୬।୨(ସମିସ): ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଛି। ରାଜଧାନୀ ଭୁବନେଶ୍ୱର ସମେତ ଝାରସୁଗୁଡ଼ା, ଟିଟିଲାଗଡ଼ ଓ ବୌଦ୍ଧ ଆଦି ସ୍ଥାନରେ ତାପମାତ୍ରା ଉପର ମୁହାଁ ହେବ। ଗୋଟିଏ ପଶ୍ଚିମାଝଡ଼ର ପ୍ରଭାବ ଯୋଗୁଁ ଗଲା ଦୁଇ ଦିନ ହେବ ରାଜ୍ୟର କେତେକ ସ୍ଥାନରେ ବର୍ଷା ଲାଗି ରହିଥିଲା। ତେଣୁ ବର୍ଷା ଯୋଗୁଁ କିଛିକାଂଶରେ ତାପମାତ୍ରା ହ୍ରାସ ପାଇଛି; ହେଲେ ଆଗକୁ ବର୍ଷା ନେଇ ସେପରି କୌଣସି ସ୍ଥିତି ନ ଥିବାରୁ ତାପମାତ୍ରା ବୃଦ୍ଧି ପାଇଁ ପାଗ ଅନୁକୂଳ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୩ ଦିନ ମଧ୍ୟରେ ଦିନର ତାପମାତ୍ରା ୨-୩ ଡିଗ୍ରୀ ବୃଦ୍ଧି ପାଇବ। ପରବର୍ତ୍ତୀ ସମୟରେ ଏହାର ଧାରା ଜାରି ରହିବ। ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହେବା ପରେ ବାୟୁ ମଣ୍ଡଳରେ ଆର୍ଦ୍ରତା ରହୁନାହିଁ। କେବଳ ଶୁଷ୍କ ବାୟୁ ପ୍ରବାହ ଯୋଗୁଁ ତାପମାତ୍ରା ବଢୁଛି। ଆକାଶ ନିର୍ମଳ ରହୁଥିବାରୁ ପୃଥିବୀ ଉପରେ ଖରା ସିଧା ପଡୁଛି। ତେଣୁ ଖରାର ପ୍ରକୋପ ବୃଦ୍ଧି ହେଉଛି। ଏହି କ୍ରମରେ ବୁଧବାର ଝାରସୁଗୁଡ଼ାରେ ତାପମାତ୍ରା ୩୫.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବାକି କେତେକ ସ୍ଥାନରେ ତାପମାତ୍ରା ୩୩-୩୪ ଡିଗ୍ରୀ ରେକର୍ଡ ହୋଇଛି। ଗୁରୁବାରଠାରୁ ତାପମାତ୍ରାରେ କ୍ରମାଗତ ବୃଦ୍ଧି ନେଇ ସମ୍ଭାବନା ରହିଛି।



ଅନ୍ୟପଟେ ଆମେରିକାର କଲୋମ୍ବିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ଜାରିହୋଇଥିବା ମାର୍ଚ୍ଚରୁ ମେ' ମାସର ଆକଳନ ଅନୁଯାୟୀ ଚଳିତ ବର୍ଷ ଗରମର ପ୍ରଭାବ ବୃଦ୍ଧି ସହ ଗ୍ରୀଷ୍ମ ପ୍ରବାହ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି। ବିଶ୍ୱ ପାଣିପାଗ ସଂସ୍ଥାନ ମଧ୍ୟ ପ୍ରଶାନ୍ତ ମହାସାଗରରେ ଜଳବାୟୁ ପ୍ରକ୍ରିୟା ଲାନିନା ଦୁର୍ବଳ ହେବା ସହ ଏଲନିନୋ ସକ୍ରିୟ ହେବାର ଆକଳନ କରିଛି। ଏହା ପ୍ରଭାବରେ ଚଳିତ ବର୍ଷ ଅଧିକ ଗରମ ସମ୍ଭାବନା ରହିଛି। ୨୦୧୬ ଏବଂ ୨୦୨୪ ରେ ପ୍ରଶାନ୍ତ ମହାସାଗରରେ ଏଲ୍-ନିନୋ ସକ୍ରିୟ ରହିଥିଲା। ଫଳସ୍ୱରୂପ ଦେଶରେ ଗରମ ସହ ରାଜ୍ୟରେ ମଧ୍ୟ ରେକର୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା। ୨୦୨୪ ମସିହା ରାଜ୍ୟରେ ସ୍ୱାଭାବିକଠାରୁ ୩ ଗୁଣାରୁ ଅଧିକ ଅଧିକ ଗ୍ରୀଷ୍ମ ପ୍ରବାହ ଦିନ ସହ ପାଖାପାଖି ୩୭ ଦିନ ଗ୍ରୀଷ୍ମ ଲହରୀ ଜାରି ରହିଥିଲା।

# ଝାରପଡ଼ା ଜେଲ୍‌କୁ ଆସିଲା ମଧୁକାନ୍ତ ରଣା

ଭୁବନେଶ୍ୱର, ୨୬।୨ (ସମିସ): ଚୌଦ୍ୱାର ମଣ୍ଡଳ କାରାଗାରରୁ ଖସିଯାଇ ଉତ୍ତରପ୍ରଦେଶରୁ ଧରାପଡ଼ିଥିବା କୁଖ୍ୟାତ ଅପରାଧୀ ମଧୁକାନ୍ତ ରାଣାକୁ ଭୁବନେଶ୍ୱର ଝାରପଡ଼ା ଜେଲରୁ ସ୍ଥାନାନ୍ତରିତ କରାଯାଇଛି। ବୁଧବାର କଡ଼ା ସୁରକ୍ଷା ବଳୟରେ ତାକୁ ଚୌଦ୍ୱାରରୁ ଝାରପଡ଼ାକୁ ଅଣାଯାଇଥିଲା।

ସୂଚନା ଅନୁସାରେ, ଯାଜପୁର ଜିଲା ପାଣିକୋଇଲିରେ ଥିବା ପଣ୍ଡା ଅଳଙ୍କାର ଦୋକାନରେ ପଶି ଲୁଟ୍? ସହ ୨ ଯୁବକଙ୍କୁ ଗୁଳିମାଡ଼ କରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ମଧୁକାନ୍ତ ରଣା ଓ ରାଜା ସାହାଣୀକୁ ଗିରଫ କରାଯାଇଥିଲା। ପ୍ରଥମେ ଯାଜପୁର ଓ ପରେ ଉଭୟଙ୍କୁ କଟକ ଚୌଦ୍ୱାର ସ୍ଥିତ ମଣ୍ଡଳ କାରାଗାରକୁ ଅଣାଯାଇଥିଲା। ହେଲେ ଗତବର୍ଷ ଅକ୍ଟୋବର ୩ ତାରିଖ ରାତିରେ ମଧୁକାନ୍ତ ଓ ରାଜା ଚୌଦ୍ୱାର ଜେଲ୍ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଗତ ୧୪ ତାରିଖରେ କମିସନରେଟ ପୁଲିସ ମଧୁକାନ୍ତକୁ ଉତ୍ତରପ୍ରଦେଶର ବୃନ୍ଦାବନରୁ ଗିରଫ କରିଥିଲା। ସୁରକ୍ଷା ଦୃଷ୍ଟିକୋଣରୁ ଆଜି ତାକୁ ଝାରପଡ଼ା ଜେଲରକୁ ସ୍ଥାନାନ୍ତର କରାଯାଇଛି। ଝାରପଡ଼ା କାରାଗାରର ହାଇ ସିକ୍ୟୁରିଟି ସେଲ୍‌ରେ ମଧୁକାନ୍ତକୁ ରଖାଯାଇଛି। ଉକ୍ତ ସେଲ୍‌ରେ ଉଚ୍‌ଚକ୍ଷମତା ସମ୍ପନ୍ନ ଏଆଇ କ୍ୟାମେରା ଲଗାଯାଇଛି। ମଧୁକାନ୍ତର ଗତିବିଧି ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ୩ଜଣ ୱାର୍ଡରଙ୍କୁ ନିୟୋଜିତ କରାଯାଇଛି। ପ୍ରତ୍ୟେକ ୱାର୍ଡର ୮ ଘଣ୍ଟିଆ ସିଫ୍ଟରେ ଡ୍ୟୁଟି କରିବା ସହ କେବଳ ମଧୁକାନ୍ତ ଉପରେ ନଜର ରଖିବେ। ତେବେ ତାର ସହଯୋଗୀ ରାଜାକୁ ଏପର୍ଯ୍ୟନ୍ତ ଧରି ପାରିନାହିଁ। ସେ ନେପାଳରେ ଲୁଚିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## ଗୋଲକ ମହାପାତ୍ରଙ୍କୁ ବଡ଼ ଆଶ୍ୱସ୍ତି

# ୧୫ ବର୍ଷ ପୁରୁଣା ଭିଜିଲାନ୍ସ ମାମଲା ରଦ୍ଦକଲେ ହାଇକୋର୍ଟ

■ ତଦନ୍ତ ଓ ବିଚାର ପ୍ରକ୍ରିୟାରେ ଅହେତୁକ ବିଳମ୍ବକୁ ନେଇ କ୍ଷୋଭ
■ କୋଇଲା ବଣ୍ଟନ ଅନିୟମିତତା ମାମଲାରୁ ମିଳିଲା ମୁକ୍ତି

କଟକ,୨୬।୨(ସମିସ): ୨୦୧୦ ମସିହାରେ ଓଡ଼ିଶା କଞ୍ଜ୍ୟୁମର୍ସ କୋଅପରେଟିଭ ଫେଡେରେସନ ଲିମିଟେଡ୍ (ଓସିସିଏଫ) ପକ୍ଷରୁ କୋଇଲା ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗରେ ଭିଜିଲାନ୍ସ ଏକ ମାମଲା ରୁଜୁ କରିଥିଲା। ଏହି ସମୟରେ ଗୋଲକ ପ୍ରସାଦ ମହାପାତ୍ର ଓସିସିଏଫର ସଭାପତି ଭାବେ କାର୍ଯ୍ୟ କରୁଥିଲେ। ୨୦୦୮ ରୁ ୨୦୧୦ ମଧ୍ୟରେ ଏମଏସଏମଇ ମାନଙ୍କ ପାଇଁ ଉଦ୍ଦିଷ୍ଟ କୋଇଲା ବିକ୍ରିରେ ଆର୍ଥିକ ହେରଫେର ହୋଇଥିବା ଦର୍ଶାଇ ଭିଜିଲାନ୍ସ ତଦନ୍ତ ଆରମ୍ଭ କରିଥିଲା। ମାତ୍ର ଏହି ମାମଲାର ବିଚାର ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର ଗତିରେ ଚାଲିଥିଲା। ଏତଲା ପଞ୍ଜୀକରଣର ତିନି ବର୍ଷ ପରେ ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ, ଏହାର ଦୀର୍ଘ ୯ ବର୍ଷ ପରେ ଅର୍ଥାତ୍ ୨୦୨୨ରେ ଚାର୍ଜଫ୍ରେମ୍ ହୋଇଥିଲା। ତଦନ୍ତଠାରୁ ଆରମ୍ଭ କରି ଟ୍ରାଏଲ ପର୍ଯ୍ୟନ୍ତ ପ୍ରତିଟି ସ୍ତରରେ ହୋଇଥିବା ଏହି ଅହେତୁକ ବିଳମ୍ବକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଭୁବନେଶ୍ୱର ତୃତୀୟ ଦୌରା ଜଜ୍ ଅଦାଲତରେ ବିଚାରଧୀନ ଥିବା ସମସ୍ତ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିଛନ୍ତି। ଅଦାଲତ ଦର୍ଶାଇଛନ୍ତି ଯେ, ୨୦୨୫ ଅଗଷ୍ଟ ସୁଦ୍ଧା ୩୮ ଜଣ ସାକ୍ଷୀଙ୍କ ମଧ୍ୟରୁ ମାତ୍ର ୧୩ ଜଣଙ୍କ ସାକ୍ଷ୍ୟ ଗ୍ରହଣ ସରିଛି। ଦେଢ ଦଶନ୍ଧି ଧରି ଜଣେ ବ୍ୟକ୍ତିଙ୍କ ବିରୋଧରେ ମାମଲା ବିଚାରାଧୀନ ରଖିବା ତାଙ୍କର ମୌଳିକ ଅଧିକାରର କ୍ଷତି କରୁଛି। ରାଜନୈତିକ ଉଦ୍ଦେଶ୍ୟ ରଖି ବିନା ଠୋସ ପ୍ରମାଣରେ ଶ୍ରୀ ମହାପାତ୍ରଙ୍କୁ ଏଥିରେ ଅଭିଯୁକ୍ତ କରାଯାଇଥିବା ନେଇ ବରିଷ୍ଠ ଆଇନଜୀବୀ ସୁବିର ପାଲିତ ଯୁକ୍ତି ଦର୍ଶାଇଥିଲେ। ସମସ୍ତ ଦିଗକୁ ବିଚାରକୁ ନେଇ ହାଇକୋର୍ଟ ଏହି ପୁରୁଣା ଭିଜିଲାନ୍ସ ମାମଲାକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଦନ୍ତା ନେଲା ଦୁଇ ଜୀବନ

## ଅଞ୍ଚଳରେ ଭୟର ବାତାବରଣ

ରଣପୁର,୨୬।୨(ସମିସ): ରଣପୁର ରେଞ୍ଜ ଅଞ୍ଚଳରେ କିଛିଦିନ ହେଲା ୧୯ ଟିକିଆ ହାତୀପଲ ବିଭିନ୍ନ ସ୍ଥାନରେ ଘୂରି ବୁଲୁଛନ୍ତି। ଏମାନଙ୍କ ମଧ୍ୟରୁ ଏକ ଦନ୍ତାହାତୀ ଗୋଠରୁ ବାହାରି ଆସି ବିଭିନ୍ନ ଗାଁରେ ଉତ୍ପାତ କରୁଛି। କାହାର ଧାନ, ପରିବା ଫସଲ ଖାଇ ନଷ୍ଟ କରୁଛି ତ କାହାର ଜୀବନ ମଧ୍ୟ ନେଉଛି। ୧୫ ଦିନ ପୂର୍ବେ ମହତପଲ୍ଲା ପଞ୍ଚାୟତ ବିରୁଡ଼ା ଗାଁର ଭିକାରୀ ବେହେରାଙ୍କୁ ଦନ୍ତା ମାରିଦେଇଥିବା ବେଳେ ବୁଧବାର ଆଉଜଣଙ୍କୁ ଦଳି ମାରିଛି। ମୃତକ ହେଲେ ରଣପୁର ବ୍ଲକ ମୟୂରଝାଲିଆ ଗଡ଼ସାହିର କାଳିଆ ମହାରଣା (୫୨)। ବଧବାର ପୂର୍ବାହ୍ନ ସାଢ଼େ ୮ଟାରେ କାଳିଆ କାଜୁ ଜଙ୍ଗଲ ସଫା କରିବା ପାଇଁ ସାଇକଲ ଯୋଗେ ଜଙ୍ଗଲ ଭିତରକୁ ଯାଉଥିବା ବେଳେ ହାତୀ ତାଙ୍କୁ ଆକ୍ରମଣ କରିବା ସହ ସାଇକଲକୁ ଭାଙ୍ଗି ଖଣ୍ଡ ବିଖଣ୍ଡିତ କରିଦେଇଛି। ଏପଟେ ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା କାର୍ଯ୍ୟ ଠିକ ଭାବେ ସମ୍ପାଦନ କରାଯାଉ ନ ଥିବା ଅଞ୍ଚଳବାସୀ କହିଛନ୍ତି। ହାତୀ ଉପଦ୍ରବ ଯୋଗୁଁ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏହାର ସ୍ଥାୟୀ ପ୍ରତିକାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କାଜୁ ବଣରେ ଯୁବକଙ୍କୁ ଦଳିଦେଲା ହାତୀ

ଟାଙ୍ଗୀ,୨୬।୨(ସମିସ): ଟାଙ୍ଗୀ ରେଞ୍ଜ କୁଞ୍ଜୁରୀ ପଞ୍ଚାୟତ ନରମାନବୀ ଗ୍ରାମର ଜଣେ ଯୁବକ ଶୌଚ ହେବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ଘଟଣାସ୍ଥଳରେ ତାଙ୍କର ପ୍ରାଣହାନୀ ଘଟିଛି। ଆଜି ଭୋର ସମୟରେ ବାବୁଲି ପରିଡା(୪୫) ନିଜ ଘର ଠାରୁ କିଛି ଦୂରରେ ଥିବା କାଜୁ ଜଙ୍ଗଲକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ତାଙ୍କର ମୃତ ଶରୀରକୁ ଜବତ କରାଯାଇ ବ୍ୟବଚ୍ଛେଦ କରାଯାଇଛି। ରେଡ଼କ୍ରସ ତରଫରୁ ତାଙ୍କ ପରିବାରକୁ ୧୦ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ସରକାରଙ୍କ ତରଫରୁ ୧୦ ଲକ୍ଷ ଟଙ୍କା ଯୋଗାଇ ଦିଆଯିବାର ସୁବିଧା କରାଯାଉଥିବା ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇ ସୂଚନା ପ୍ରଦାନ କରିଛନ୍ତି।

## ପ୍ରେମ ପାଇଁ ମା' ଓ ଭାଇକୁ ହତ୍ୟା ଘଟଣା

# ନାବାଳିକା ଝିଅ ସହ ୫ ଗିରଫ

କୋରାପୁଟ,୨୬।୨(ସମିସ): ପ୍ରେମ ପାଇଁ ମା' ଓ ଭାଇକୁ ହତ୍ୟା ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ନାବାଳିକା ଝିଅ ସହ ତାର ପ୍ରେମିକ ଏବଂ ଅନ୍ୟ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ନାବାଳିକା ଝିଅ, ପ୍ରେମିକ ବୋରିଗୁମ୍ମା ଦଶରିସାହିର ପି ଆଦି ନାରାୟଣ ରାଓ(୨୧), ଆଦି ନାରାୟଣଙ୍କ ବନ୍ଧୁ ପ୍ରୀତ ନାୟକ(୧୯), ବିଜାପୁର ଗ୍ରାମର ଆଦି ନାରାୟଣ ପାଣିଗ୍ରାହି(୧୯) ଏବଂ କାମତା ଗ୍ରାମର ଜଗନ୍ନାଥ ଜାନି(୨୦) ରହିଛନ୍ତି।

ବୁଧବାର ଅପରାହ୍ନରେ ଏସପି ରୋହିତ ବର୍ମା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବୋରିଗୁମ୍ମା ମୁଖ୍ୟ ରାସ୍ତାରେ ଅନୁଷ୍କା ପରିଡା (୪୫) ପୁଅ ଏହେମ ପରିଡ଼ା (୧୪) ଏବଂ ନାବାଳିକା ଝିଅ (୧୬) ସହିତ ଭଡ଼ା ଘରେ ବସବାସ କରୁଥିଲେ। ନାବାଳିକା ଝିଅ ଏବଂ ପି ଆଦି ନାରାୟଣର ପ୍ରେମ ସମ୍ପର୍କକୁ ନେଇ ଅନୁଷ୍କା ବିରୋଧ କରି ଆସୁଥିଲା। ଗତବର୍ଷ ଡିସେମ୍ବର ମାସରେ ଝିଅ ପ୍ରେମିକ ଆଦି ନାରାୟଣ ସହ ଫେରାର ହୋଇ ଯାଇଥିଲା। ସେତେବେଳେ ଅନୁଷ୍କା ପୁଲିସ ସହାୟତାରେ ଝିଅକୁ ଉଦ୍ଧାର କରିବା ପରେ ମାଉଣ୍ଟ ଆବୁ ପଠାଇ ଦେଇଥିଲେ। କିନ୍ତୁ ନାବାଳିକା ଜଣକ ମା'ଙ୍କ ଅଜାଣତରେ ମାଉଣ୍ଟ ଆବୁରୁ ଫେରି ଆସି ୧୩ ତାରିଖରେ ଜୟପୁରରେ ପହଞ୍ଚି ପ୍ରେମିକ ଆଦି ନାରାୟଣ ସହ ଜଗନ୍ନାଥ ଘରେ ଲୁଚି ରହିଥିଲା। ୧୫ ତାରିଖରେ ଜଗନ୍ନାଥ ଘରେ ତାର ଜନ୍ମ ଦିନ ପାଳନ କରି କିଛି ଫୋଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲା। ଝିଅ ମାଉଣ୍ଟ ଆବୁରୁ ପଳେଇ ଆସି ପ୍ରେମିକ ସହ ଜଗନ୍ନାଥର ଘରେ ଥିବା ଜାଣି ଅନୁଷ୍କା ଝିଅକୁ ଘରକୁ ନେଇ ଆସି ସମସ୍ତେ ମାଉଣ୍ଟ ଆବୁ ଚାଲି ଯିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ନାବାଳିକା ପ୍ରେମିକ ସହ ମିଶି ମା'କୁ ସବୁ ଦିନ ପାଇଁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା। ଯୋଜନା ମୁତାବକ ୧୮ ତାରିଖ ବିଳମ୍ବିତ ରାତିରେ ନାବାଳିକାର ପ୍ରେମିକ ପି ଆଦି ନାରାୟଣ, ବନ୍ଧୁ ଆଦି ନାରାୟଣ ପାଣିଗ୍ରାହି ଏବଂ ଜଗନ୍ନାଥ ଜାନି ସହ ଘରର ପଛ ଦ୍ୱାର ଦେଇ ଭିତରକୁ ଆସିଥିଲେ। ପି ଆଦି ନାରାୟଣ ଅନୁଷ୍କାଙ୍କୁ ଛୁରି ଭୁସି ହତ୍ୟା କରିଥିଲା। ମା' ପାଖରେ ଶୋଇଥିବା ୧୪ ବର୍ଷର ପୁଅ ଏହାନ ଉଠି ପଡ଼ିବାରୁ ଆଦି ନାରାୟଣ ତାକୁ ଜୋରରେ ଧରିବା ପରେ ପ୍ରୀତ ଗଳା କାଟି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି।

■ ଦୋଳ ଉତ୍ସବରେ ପୁଲିସ ସୁରକ୍ଷା ପ୍ରସଙ୍ଗ

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

## ଆଜି ପରବର୍ତ୍ତୀ ଶୁଣାଣି

କଟକ,୨୬।୨(ସମିସ): ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ତହସିଲ ଅନ୍ତର୍ଗତ ପ୍ରସିଦ୍ଧ କମଳେଶ୍ୱର ଦେବ ମନ୍ଦିରରେ ଆୟୋଜିତ ହେବାକୁ ଥିବା ଭୋଗଖିଆ ଓ ଦୋଳ ଉତ୍ସବର ଶାନ୍ତିପୂର୍ଣ୍ଣ ସମାପନ ପାଇଁ ପୁଲିସ ସୁରକ୍ଷା ଯୋଗାଇଦେବା ଆବେଦନକୁ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମାମଲାର ଶୁଣାଣି କରି ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କଠାରୁ ସ୍ପଷ୍ଟୀକରଣ ମାଗିବା ସହ ଜବାବ ତଲବ କରିଛନ୍ତି। ସନ୍ତୋଷ ଚନ୍ଦ୍ର ଦେଓଙ୍କ ପକ୍ଷରୁ ଦାୟର ଏହି ଆବେଦନରେ ଦର୍ଶାଯାଇଛି ଯେ, ଆସନ୍ତା ଫେବୃଆରୀ ୨୬ରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ପୂଜାନୀତି ଓ ସାମାଜିକ ଉତ୍ସବ ସମୟରେ ଅସାମାଜିକ ବ୍ୟକ୍ତିଙ୍କଠାରୁ ବିପଦ ରହିଛି। ବିଶେଷ କରି ମାର୍ଚ୍ଚ ୨ ତାରିଖରେ ଠାକୁର ଦେଉଳପଡ଼ାରୁ କୃଷ୍ଣପ୍ରସାଦ ଦୋଳ ପଡ଼ିଆକୁ ଯିବା ସମୟରେ ଶୃଙ୍ଖଳା ରକ୍ଷା ପାଇଁ ଯଥେଷ୍ଟ ପୁଲିସ ବଳ ମୁତୟନ କରିବା ଜରୁରୀ। କେବଳ ଦୋଳ ଉତ୍ସବ ନୁହେଁ, ବରଂ ଆଗାମୀ ପଣା ସଂକ୍ରାନ୍ତି ସମୟରେ ମଧ୍ୟ ଗ୍ରାମବାସୀ ଓ ମନ୍ଦିର କର୍ମକର୍ତ୍ତାଙ୍କ ନିରାପତ୍ତା ଉପରେ ଆବେଦନକାରୀ ଗୁରୁତ୍ୱାରୋପ କରିଛନ୍ତି। ଉତ୍ସବ ସମୟରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀ ଏସପି ଏବଂ କୃଷ୍ଣପ୍ରସାଦ ଥାନା ଅଧିକାରୀଙ୍କୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେବାକୁ କୋର୍ଟଙ୍କୁ ନିବେଦନ କରାଯାଇଛି। କୋର୍ଟ ଏହି ଆବେଦନର ଗମ୍ଭୀରତାକୁ ଉପଲବ୍ଧି କରି ଫେବୃଆରୀ ୨୬କୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି।

# ସ୍କୁଲ ବସ୍‌ରେ ଦୁଇ ନାବାଳିକା ଭଉଣୀଙ୍କୁ ଯୌନ ନିର୍ଯାତନା

## ଅଭିଯୁକ୍ତ ଡ୍ରାଇଭର ଗିରଫ

କଟକ,୨୬।୨(ସମିସ): କଟକ ସହରର ଏକ ପ୍ରତିଷ୍ଠିତ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲର ଦୁଇ ଜଣ ନାବାଳିକା ଭଉଣୀଙ୍କୁ ସ୍କୁଲ ବସ୍ ମଧ୍ୟରେ ବାରମ୍ବାର ଯୌନ ଶୋଷଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ ବସ୍ ଡ୍ରାଇଭର ବିଶ୍ୱନାଥ ସାହୁ (୫୫)ଙ୍କୁ ବୁଧବାର ଭୋର ସମୟରେ ଗିରଫ କରିଛି। ଅଭିଯୁକ୍ତ ଜଣକ ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଅଞ୍ଚଳର ହୋଇଥିବା ବେଳେ ସେ ବର୍ତ୍ତମାନ କଟକ ମହାନଦୀ ବିହାର ଅଞ୍ଚଳରେ ରହୁଥିଲେ। ସୂଚନା ଅନୁସାରେ, ସ୍କୁଲ ଛୁଟି ପରେ ବସ୍‌ରେ ଘରକୁ ଫେରିବା ସମୟରେ ଡ୍ରାଇଭର ବିଭିନ୍ନ ସମୟରେ ଏହି ଦୁଇ ଭଉଣୀଙ୍କୁ ଅସଦାଚରଣ ଓ ଯୌନ ନିର୍ଯାତନା ଦେଇ ଆସୁଥିଲା। ପୀଡ଼ିତାମାନେ ଏ ବାବଦରେ ପରିବାର ଲୋକଙ୍କୁ ଜଣାଇବା ପରେ ମଙ୍ଗଳବାର ବାପା-ମା' ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି)ର ଦ୍ୱାରସ୍ଥ ହୋଇଥିଲେ। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଚାଇଲ୍ଡ ଲାଇନ୍ ପକ୍ଷରୁ ତଦନ୍ତ କରାଯାଇ କ୍ୟାଣ୍ଟନମେଣ୍ଟ ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ପକ୍ସୋ ଆଇନ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଶିଶୁମାନଙ୍କ ସୁରକ୍ଷାକୁ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ଭୂମିକା ଉପରେ ମଧ୍ୟ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜୁନ୍ ସୁଦ୍ଧା ୩ ଲକ୍ଷ କୋଟିରୁ ଅଧିକ ପ୍ରକଳ୍ପ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଲକ୍ଷ୍ୟ

ଭୁବନେଶ୍ୱର,୨୬।୨(ସମିସ): ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଅଣ୍ଟା ଭିଡ଼ିଛି ଶିଳ୍ପ ବିଭାଗ। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଭାଗୀୟ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରି ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ଏବଂ ରାଜ୍ୟ ସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଦ୍ୱାରା ଅନୁମୋଦିତ ଶିଳ୍ପ ପ୍ରକଳ୍ପଗୁଡ଼ିକର କିପରି ଶୀଘ୍ର ବାସ୍ତବ ରୂପାୟନ କରାଯାଇପାରିବ ସେନେଇ ଗୁରୁତ୍ୱ ଦେଇଛନ୍ତି। ସମସ୍ତ ବିଭାଗୀୟ ଅଧିକାରୀ ଏକ ଟିମ୍ ହୋଇ ଏବଂ ସମୟବଦ୍ଧ ଭାବେ କାର୍ଯ୍ୟ କରି ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବାକୁ ଏଥିରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ବିଜେପି ସରକାରକୁ ୨ ବର୍ଷ ପୂର୍ତ୍ତି ତଥା ଜୁନ୍ ୨୦୨୬ ସୁଦ୍ଧା ୩ ଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶର ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପାଇଁ ସେ ଶିଳ୍ପ ବିଭାଗକୁ ଟାର୍ଗେଟ୍ ଦେଇଛନ୍ତି। ଶିଳ୍ପ ମନ୍ତ୍ରୀ କହିଛନ୍ତି ଯେ, ଶିଳ୍ପାୟନ ହିଁ ରାଜ୍ୟର ଅର୍ଥନୈତିକ ପ୍ରଗତିର ମୂଳଦୁଆ। ବର୍ତ୍ତମାନ ସୁଦ୍ଧା ମୋଟ ୩୯୪ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିରେ ମୋଟ ୮.୧୫ ଲକ୍ଷ କୋଟି ଟଙ୍କା ନିବେଶ ହେଉଥିବା ବେଳେ ୫ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ସମ୍ଭାବନା ରହିଛି। ବର୍ତ୍ତମାନ ସୁଦ୍ଧା ୨.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶରେ ୧୦୮ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କିମ୍ବା ଉଦଘାଟନ ସରିଛି, ଯାହା ମାଧ୍ୟମରେ ପ୍ରାୟ ୧.୭୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାକୁ ଯାଉଛି। ବାକି ରହିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ତ୍ୱରାନ୍ୱିତ କରି ରାଜ୍ୟର ଯୁବପିଢ଼ିଙ୍କ ପାଇଁ ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି କରିବାକୁ ସରକାର ପ୍ରତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ଏହି ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇଡକୋ ଏବଂ ଇପିକଲର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ବର୍ଷେ ବଢ଼ିଲା ପିଏମ୍‌ଏଫ୍‌ଏମ୍‌ଇ ଯୋଜନା

ଭୁବନେଶ୍ୱର,୨୬।୨(ସମିସ): ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ପାଇଁ କେନ୍ଦ୍ର ସରକାରଙ୍କ ପିଏମଏଫଏମଇ ଯୋଜନାର କାର୍ଯ୍ୟକାରିତା ଅବଧିକୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଯୋଜନା ମୂଳତଃ ୨୦୨୦-୨୧ରୁ ୨୦୨୪-୨୫ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ବେଳେ ଏବେ ଏହାକୁ ଏକ ବର୍ଷ ପାଇଁ ସମ୍ପ୍ରସାରଣ କରାଯାଇଛି, ଯାହାଦ୍ୱାରା ରାଜ୍ୟର ଅଧିକ ସଂଖ୍ୟକ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ଉପକୃତ ହୋଇପାରିବେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଆନୁଷ୍ଠାନିକୀକରଣ ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ ରାଜ୍ୟସ୍ତରୀୟ ଅନୁମୋଦନ କମିଟି ବୈଠକ ପରେ ଏହି ସୂଚନା ଦିଆଯାଇଛି। ଏହି ଯୋଜନା ମାଧ୍ୟମରେ କ୍ଷୁଦ୍ର ଉଦ୍ୟୋଗୀଙ୍କ ବ୍ୟକ୍ତିଗତ ୟୁନିଟ୍ ସ୍ଥାପନ ସହ ସାମୁହିକ ଭିତ୍ତିଭୂମିର ବିକାଶ, ବ୍ରାଣ୍ଡିଂ ଏବଂ ମାର୍କେଟିଂ ଉପରେ ଗୁରୁତ୍ୱ ଦିଆଯାଉଛି। ଯୋଜନାର ଅବଧି ବୃଦ୍ଧି ହେବା ଫଳରେ ଗ୍ରାମାଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କ୍ଷୁଦ୍ର ଚାଷୀମାନଙ୍କୁ ନିଜର ଉତ୍ପାଦିତ ସାମଗ୍ରୀର ଗୁଣାତ୍ମକ ମାନ, ପ୍ୟାକେଜିଂ ଓ ବଜାର ସୁବିଧା ଉନ୍ନତ କରିବା ପାଇଁ ସୁଯୋଗ ପ୍ରଦାନ କରିବ। ଏହି ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ୩୧,୨୪୪ ଜଣ ସ୍ୱୟଂସହାୟକ ଗୋଷ୍ଠୀ ହିତାଧିକାରୀ ସହାୟତା ପାଇଥିବା ବେଳେ ୧୧,୫୧୭ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ଏବଂ ୩୪୩୭ ଜଣ ହିତାଧିକାରୀ କ୍ରେଡିଟ୍ ଆଧାରିତ ସବସିଡି ପାଇଛନ୍ତି।

■ ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା

# ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୬।୨(ସମିସ): ରାଜ୍ୟରେ ଚାଲୁଥିବା ୧୪ଟି ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଛି। ଏଥିରେ ୨୧ କିଲୋମିଟର ଦୀର୍ଘ କଟକ-କନ୍ଦରପୁର ରାସ୍ତା, ୧୧୧ କିଲୋମିଟର ଦୀର୍ଘ କ୍ୟାପିଟାଲ ରିଜିୟନ ରିଙ୍ଗ ରୋଡ୍, ମୋହନା- କୋରାପୁଟ ରାସ୍ତା ସମେତ ସମ୍ବଲପୁର, ବୋରିଗୁମ୍ମା, ଜୟପୁର, ଟିଟିଲାଗଡ଼, ଧର୍ମଗଡ଼, ରାଇରଙ୍ଗପୁର, ଫୁଲବାଣୀ, ନବରଙ୍ଗପୁର ଓ ଝାରସୁଗୁଡ଼ା ବାଇପାସ୍ ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଛି। ଏଥିସହିତ ଇନ୍ଦ୍ରାବତୀ, ନାଗାବଳୀ ଓ ତେଲ୍ ନଦୀ ଉପରେ ସେତୁ ନିର୍ମାଣ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ହୋଇଛି। ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନ, ଜଙ୍ଗଲ ଜମି ଅଧିଗ୍ରହଣ ନେଇ ଥିବା ଜଟିଳତା ଦୂରୀକରଣ ଓ ବିଦ୍ୟୁତ, ପାନୀୟଜଳ ଓ ଟେଲିକମ୍ ଆଦି ୟୁଟିଲିଟି ସ୍ଥାନାନ୍ତରଣ ନେଇ ଆଲୋଚନା ହୋଇଥିଲା। ବୈଠକରେ ସମୟସୀମା ମଧ୍ୟରେ ଅପେକ୍ଷିତ କାର୍ଯ୍ୟ ସମ୍ପାଦନ କରି ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ଜିଲ୍ଲାପାଳ ଓ ବିଭାଗୀୟ ଅଧୀକାରୀଙ୍କୁ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଓ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭିନ୍ନ ବିଭାଗର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


# ଭୁବନେଶ୍ୱର ବାଇପାସ୍, ୩ ପ୍ୟାକେଜ୍ ପାଇଁ ୩ ସଂସ୍ଥା

ଭୁବନେଶ୍ୱର,୨୬।୨(ସମିସ): କ୍ୟାପିଟାଲ ରିଜନ ରିଙ୍ଗରୋଡ (ଭୁବନେଶ୍ୱର ବାଇପାସ୍) ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଛି। ଖୁବ୍‌ଶୀଘ୍ର ପ୍ରକଳ୍ପ ଆରମ୍ଭ ହେବା ନେଇ ଚାଲିଥିବା କଳ୍ପନାଜଳ୍ପନା ଭିତରେ ୩ଟି ପ୍ୟାକେଜର ଟେଣ୍ଡର ଚୂଡ଼ାନ୍ତ ହୋଇଛି। ୩ଟି ଯାକ ପ୍ୟାକେଜ ପାଇଁ ୩ଟି ନିର୍ମାଣକାରୀ ସଂସ୍ଥା ଚୟନ ହୋଇଛନ୍ତି। ଖୋର୍ଦ୍ଧା ରାମେଶ୍ୱର-ବିଳିପଡ଼ା ଗୋବିନ୍ଦପୁର-କଟକ ଟାଙ୍ଗୀକୁ ସଂଯୋଗ କରି ଏହି ରିଙ୍ଗରୋଡ୍ ନିର୍ମାଣ ହେବ। ୬ଲେନ ବିଶିଷ୍ଟ ଏହି ସଡ଼କ ପଥ ୧୧୦ କିଲୋମିଟର ରହିବ। ଏହି ସଡ଼କ ନିର୍ମାଣ ହେଲେ କଟକ ଭୁବନେଶ୍ୱର ସହର ମଧ୍ୟରେ ଟ୍ରାଫିକ ଭିଡ଼ କମିବା ସହ ଜାତୀୟ ରାଜପଥ ୧୬ରେ ଭିଡ଼ ନିୟନ୍ତ୍ରିତ ହେବ। ତେବେ ଏହି ପ୍ରକଳ୍ପର ତିନୋଟି ଯାକ ପ୍ୟାକେଜର ଫାଇନାନ୍ସ ବିଡ୍ ଖୋଲିଯାଇଥିବା ବେଳେ ୩ ଟି ପ୍ୟାକେଜ୍ ନିର୍ମାଣ ପାଇଁ ୩ ଟି ସଂସ୍ଥା ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରଥମ ପ୍ୟାକେଜ୍ ପାଇଁ ପଟେଲ୍ ଇନ୍‌ଫ୍ରା ଲିମିଟେଡ୍ ଟେଣ୍ଡର ହାତେଇଥିବା ବେଳେ ଦ୍ୱିତୀୟ ପ୍ୟାକେଜ ନିର୍ମାଣ ପାଇଁ ଭିଆରସି କନଷ୍ଟ୍ରକ୍ସନ ଲିମିଟେଡ୍ ଓ ତୃତୀୟ ପ୍ୟାକେଜ୍ ପାଇଁ ଏଚ୍‌ଜି ଇନ୍‌ଫ୍ରା ଇଂଜିନିୟରିଂ ଯୋଗ୍ୟ ବିବେଚିତ ହୋଇଛନ୍ତି। ନିକଟରେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ଜଙ୍ଗଲ ମନ୍ତ୍ରଣାଳୟର କ୍ଲିୟରାନ୍ସ ମିଳିଥିଲା। ପ୍ୟାକେଜ ୧ରେ ୧୨୩୮ କୋଟି, ପ୍ୟାକେଜ-୨ରେ ୧୧୯୨ କୋଟି ଓ ପ୍ୟାକେଜ ୩ରେ ୧୫୮୨ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

## ୨୮ ରେ ସର୍ଭିକାଲ କ୍ୟାନ୍ସର ଟିକାକରଣର ଶୁଭାରମ୍ଭ

# ରାଜ୍ୟରେ ୯-୧୪ ବର୍ଷ କିଶୋରୀଙ୍କୁ ସିଙ୍ଗଲ ଡୋଜ୍

ଭୁବନେଶ୍ୱର, ୨୬।୨ (ସମିସ): ରାଜ୍ୟରେ କିଶୋରୀ ଓ ମହିଳାମାନଙ୍କ ପାଇଁ ସର୍ଭିକାଲ କ୍ୟାନ୍ସର ବା ଜରାୟୁ କର୍କଟ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ଆସନ୍ତା ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଜାତୀୟ କାର୍ଯ୍ୟକ୍ରମକୁ ଭର୍ଚୁଆଲ୍ ଭାବେ ଶୁଭାରମ୍ଭ କରିବେ। ଏନେଇ ବୁଧବାର ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏହି କ୍ରମରେ ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟରେ ୯ରୁ ୧୪ ବର୍ଷ କିଶୋରୀଙ୍କୁ ଟିକା ଦିଆଯିବ। ସ୍ୱାସ୍ଥ୍ୟ ବିଭାଗ ଜାରି କରିଥିବା ସ୍ୱତନ୍ତ୍ର ଗାଇଡଲାଇନ୍ ଅନୁଯାୟୀ, ୯ରୁ ୧୪ ବର୍ଷ ପର୍ଯ୍ୟନ୍ତ ଝିଅମାନଙ୍କୁ ସିଙ୍ଗଲ୍ ଡୋଜ୍ ଟିକା ଦିଆଯିବ। ସେହିପରି ୧୪ ବର୍ଷରୁ ବିବାହ ପର୍ଯ୍ୟନ୍ତ ଊର୍ଦ୍ଧ୍ୱ ମହିଳାମାନଙ୍କୁ ୩ ଟି ଡୋଜ୍ ଟିକା ଦିଆଯିବ। ଟିକାକରଣ ପ୍ରକ୍ରିୟା ସରକାରୀ ଓ ବେସରକାରୀ ସ୍କୁଲ୍, ଅଙ୍ଗନୱାଡି କେନ୍ଦ୍ର ଓ ସ୍ୱାସ୍ଥ୍ୟ କେନ୍ଦ୍ର ମାଧ୍ୟମରେ ପର୍ଯ୍ୟାୟକ୍ରମେ ଚାଲିବ ବୋଲି ନିଷ୍ପତ୍ତି ହୋଇଛି। ଏହା ମାଧ୍ୟମରେ ଭବିଷ୍ୟତରେ ଜରାୟୁ କର୍କଟର ଆଶଙ୍କାକୁ କମେଇବାର ଲକ୍ଷ୍ୟ ରଖାଯାଇଛି। ୧୪ ବର୍ଷ ପର୍ଯ୍ୟନ୍ତ କିଶୋରୀମାନଙ୍କ ପାଇଁ ଗୋଟିଏ ଡୋଜର ବ୍ୟବସ୍ଥା ଥିବା ବେଳେ ୧୪ରୁ ବିବାହ ପର୍ଯ୍ୟନ୍ତ ଜଣେ ମହିଳାଙ୍କୁ ତିନୋଟି ଡୋଜ୍ ନେବାକୁ ପଡିବ।




## ୧୪ ବର୍ଷରୁ ଊର୍ଦ୍ଧ୍ୱଙ୍କ ପାଇଁ ୩ ଟି ଡୋଜ୍ ଟିକାକରଣ

ମନ୍ତ୍ରୀ ଆହୁରି କହିଛନ୍ତି, ପ୍ରାଥମିକ ଅବସ୍ଥାରେ କର୍କଟ ଚିହ୍ନଟ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ସମଗ୍ର କାର୍ଯ୍ୟକ୍ରମ ପାଇଁ ପ୍ରାୟ ୩୧୧ କୋଟି ଟଙ୍କା ବ୍ୟୟବରାଦ ହୋଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା କମାଇବା ଓ ସଚେତନତା ବଢ଼ାଇବା ପାଇଁ ଏହାକୁ ଏକ ବୃହତ୍ ସ୍ୱାସ୍ଥ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି।

ରାଜ୍ୟରେ ପ୍ରତି ଏକ ଲକ୍ଷରେ ୯୭ ଜଣଙ୍କୁ କର୍କଟ ହେଉଛି। ଏହା ପାଖାପାଖି ଜାତୀୟ ସ୍ତର ସହିତ ସମାନ ରହିଛି। ମହିଳାମାନଙ୍କ ସର୍ଭିକାଲ କ୍ୟାନ୍ସର ୩୦-୬୦ ବର୍ଷ ମଧ୍ୟରେ ଦେଖାଯାଏ। ସରକାରୀ ସୂତ୍ର ଅନୁସାରେ ରାଜ୍ୟ ସରକାର ୧୧ଟି ସ୍ଥାନରେ ସାଟେଲାଇଟ୍ କର୍କଟ ରୋଗ ହସ୍ପିଟାଲ ପ୍ରତିଷ୍ଠା କରି ରେଡିଓଥେରାପି, କେମୋଥେରାପି, ଅଙ୍କୋ-ସର୍ଜରୀ, ଅଙ୍କୋ-ପାଥୋଲୋଜି, ପାଲିଏଟିଭ୍ କେୟାର ସହିତ ମଲିକ୍ୟୁଲାର ଡାଏଗ୍ନୋସିସ୍ ଏବଂ ପିଇଟି-ସିଟି ସ୍କାନ ଭଳି ଉନ୍ନତ ରୋଗ ନିର୍ଣ୍ଣୟ ପ୍ରକ୍ରିୟା, ସାଟେଲାଇଟ୍ କର୍କଟ ରୋଗ ଚିକିତ୍ସା ସୁବିଧା ଓ ସାଟେଲାଇଟ୍ କର୍କଟ ରୋଗ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ସ୍ଥିର କରିଛନ୍ତି।

## ପିଲା ଚୋର ସନ୍ଦେହ

# ଦୁଇ ବିଏଲ୍‌ଓଙ୍କୁ ନିସ୍ତୁକ ପିଟିଲେ ଗ୍ରାମବାସୀ

## ଏସ୍‌ଆଇଆର ସର୍ଭେ ପାଇଁ ଆସିଥିଲେ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୬।୨ (ସମିସ): ପିଲା ଚୋର ସନ୍ଦେହରେ ଏସଆଇଆର ସର୍ଭେ ପାଇଁ ଆସିଥିବା ଦୁଇ ବିଏଲଓ ଅଧିକାରୀଙ୍କୁ ନିସ୍ତୁକ ପିଟିଲେ ଗ୍ରାମବାସୀ। ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଅନ୍ତର୍ଗତ ରାଜନଗର ପାଟଣା ଗ୍ରାମରେ ଘଟିଛି ଏଭଳି ଅପ୍ରୀତିକର ଘଟଣା।

ପଶ୍ଚିମବଙ୍ଗ ରାଜ୍ୟର ଦୁଇଜଣ ବିଏଲଓ ଏସ୍.ଆଇ.ଆର ସର୍ଭେ ପାଇଁ ସୀମାନ୍ତ ଗ୍ରାମକୁ ଆସିଥିବା ବେଳେ ଓଡିଶା ସୀମା ଗ୍ରାମ ମଧ୍ୟକୁ ପଶି ଆସିଥିଲେ। ଗ୍ରାମରୁ ବାହାରିବା ପାଇଁ ରାସ୍ତା ପଚାରିବାକୁ ଯାଇ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ ପ୍ରଶ୍ନର ସମ୍ମୁଖୀନ ହୋଇ ଗ୍ରାମବାସୀ ସେମାନଙ୍କୁ ଅଟକ ରଖିଥିଲେ। ପିଲା ଚୋର ସନ୍ଦେହରେ ସେମାନଙ୍କୁ ମାରଧର ମଧ୍ୟ କରିଥିଲେ। ପଶ୍ଚିମବଙ୍ଗ ରାଜ୍ୟର ଅଧିକାରୀ ଏ ବିଷୟରେ ଖବର ପାଇ ଓଡିଶାର ସ୍ଥାନୀୟ ଥାନା ରାଇବଣିଆ ପୁଲିସକୁ ଉଦ୍ଧାର ପାଇଁ ଖବର ଦେଇଥିଲେ। ରାଇବଣିଆ ପୁଲିସ ଉକ୍ତ ଅଧିକାରୀମାନଙ୍କୁ ଉଦ୍ଧାର ପାଇଁ ଯାଇଥିବା ବେଳେ ଉତ୍ୟକ୍ତ ଗ୍ରାମବାସୀ ରାଇବଣିଆ ପୁଲିସର ଗାଡିକୁ ମଧ୍ୟ ଅଟକ ରଖିଥିଲେ। ଖବର ପାଇ ଜଳେଶ୍ୱର ଭାରପ୍ରାପ୍ତ ଏସ୍.ଡି.ପି.ଓ ଚାନ୍ଦମଣୀ ସିଂ, ତହସିଲଦାର ସତ୍ୟଜିତ ମହାନ୍ତି, ଜଳେଶ୍ୱର ଆଇ.ଆଇ.ସି ଅଶୋକ କୁମାର ବାରିକ, ରାଇବଣିଆ ଆଇ.ଆଇ.ସି ଚମ୍ପାବତୀ ସୋରେନ ଘଟଣା ସ୍ଥଳରେ ପହଂଚିବା ସହିତ ଉତ୍ୟକ୍ତ ଲୋକଙ୍କ କବଳରୁ ଦୁଇଜଣଙ୍କୁ ଉଦ୍ଧାର କରିଥିଲେ। ଘଟଣା ସ୍ଥଳରେ ଅତିରିକ୍ତ ଏସ.ପି ନିରଂଜନ ବେହେରା ପହଞ୍ଚିବା ସହିତ ଗ୍ରାମରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଉଦ୍ଧାର କରାଯାଇଥିବା ଦୁଇଜଣଙ୍କୁ ଜଳେଶ୍ୱର ଜି.କେ. ଭଟ୍ଟର ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଛି। ଉଦ୍ଧାର କରାଯାଇଥିବା ପଶ୍ଚିମବଙ୍ଗର ଦୁଇଜଣ ଅଧିକାରୀ ହେଲେ ସୁମିତ ହାଜରା(୪୧) ଓ କୌସିକ ହାଁସଦା(୫୩)। ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ପଶ୍ଚିମବଙ୍ଗ ରାଜ୍ୟ ବର୍ଦ୍ଧମାନ ସ୍ଥିତ ଏସ୍.ବି.ଆଇ ବ୍ୟାଙ୍କ କର୍ମଚାରୀ ହୋଇଥିବା ବେଳେ ଜଣେ ପଞ୍ଚାୟତ କାର୍ଯ୍ୟାଳୟର କର୍ମଚାରୀ ବୋଲି ଜଣାଯାଇଛି।



ଶିକ୍ଷକ ନିଯୁକ୍ତି ଦାବି; ସ୍କୁଲରେ ତାଲା ପକେଇଲେ ଅଭିଭାବକ

# ଗଛ ମୂଳେ ପାଠ ପଢ଼ିଲେ ଛାତ୍ରଛାତ୍ରୀ

ପାଲଲହଡ଼ା,୨୫ ।୨(ସମିସ)



ପାଲଲହଡ଼ା ବ୍ଲକ ସଇଡ଼ା ପଞ୍ଚାୟତ କନ୍ତଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୨ ବର୍ଷ ହେଲା ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଏହି ବିଦ୍ୟାଳୟରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏ ୬୩ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ଏମାନଙ୍କ ପାଇଁ ଅଛନ୍ତି ମାତ୍ର ୩ ଶିକ୍ଷକ। ପ୍ରଧାନଶିକ୍ଷକ ସରକାରୀ କାର୍ଯ୍ୟକ୍ରମରେ ଅଧିକାଂଶ ସମୟ ବାହାରକୁ ଯାଉଛନ୍ତି। ଜଣେ ଶିକ୍ଷକ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ ଓ ଟ୍ରେନିଂରେ ଯାଉଛନ୍ତି। ତେଣୁ ମାସରେ ପାଖାପାଖି ୨୫ ଦିନ ଜଣେ ଶିକ୍ଷକରେ ଚାଲିଛି ଏହି ସ୍କୁଲ। ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ୨ ମାସ ତଳେ ପରିଚାଳନା କମିଟି ଓ ଅଭିଭାବକମାନେ ପାଲଲହଡ଼ା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ବାରମ୍ବାର ଦେଖା କରି ମଧ୍ୟ ଶିକ୍ଷକ ଦେବାକୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଆଉ ଅଳ୍ପ ଦିନ ପରେ ବାର୍ଷିକ ପରୀକ୍ଷା। ବାରମ୍ବାର ଅନୁରୋଧ ପରେ ମଧ୍ୟ ଶିକ୍ଷକ ନିଯୁକ୍ତି ନ ହେବାରୁ ବୁଧବାର ପରିଚାଳନା କମିଟି ସଭାପତି ପବିତ୍ର ମୋହନ ସାହୁଙ୍କ ନେତୃତ୍ୱରେ ଅଭିଭାବକ ଓ ଗ୍ରାମବାସୀ ସ୍କୁଲରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯେପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ତାଲା ଖୁଲିବ ବୋଲି ରୋକଠୋକ୍ ଚେତାବନୀ ଦେଇଛନ୍ତି। ସକାଳେ ବିଦ୍ୟାଳୟ ଖୋଲିବା ସମୟରେ ୩ ଜଣ ଶିକ୍ଷକଙ୍କୁ ଗ୍ରାମବାସୀ ସ୍କୁଲ ଭିତରକୁ ଛାଡ଼ି ନ ଥିଲେ। ଫଳରେ ଛାତ୍ରଛାତ୍ରୀମାନେ ଗଛ ମୂଳେ ବସି ପାଠ ପଢ଼ିଥିବା ଦେଖିବାକୁ ମିଳିଥିଲା। ଏଥିସହ ରାସ୍ତା ଉପରେ ବସି ମଧ୍ୟାହ୍ନଭୋଜନ ଖାଇଥିଲେ। ପାଲଲହଡ଼ା ବ୍ଲକ ଶିକ୍ଷା ଅଧିକାରୀ ସତବାଦୀ ସାମଲ ଘଟଣା ସ୍ଥଳକୁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶୈଳେନ୍ଦ୍ର କୁମାର ସିଂହଙ୍କୁ ପଠାଇଥିଲେ। ସିଂ ଅଭିଭାବକ ଓ ପରିଚାଳନା କମିଟି ସହ ଆଲୋଚନା କରିଥିଲେ। ୧୫ ଦିନ ପରେ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଗ୍ରାମବାସୀ ନିଜ ଜିଦ୍‌ରେ ଅଡ଼ିବସିଥିଲେ। ଯେପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତି ନ ହୋଇଛନ୍ତି ସେପର୍ଯ୍ୟନ୍ତ ତାଲା ଖୋଲିବ ନାହିଁ ବୋଲି ପରିଚାଳନା କମିଟି ସଭାପତି ପବିତ୍ର ମୋହନ ସାହୁ ରୋକଠୋକ ଶୁଣାଇଥିଲେ।

**ରାସ୍ତାରେ ମଧ୍ୟାହ୍ନଭୋଜନ ଖାଇଲେ**

## ୨୮ରେ ବଣିକ ସଙ୍ଘର ସୁବର୍ଣ୍ଣ ଜୟନ୍ତୀ ସମାରୋହ

■ ଉଦଘାଟନ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଅନୁଗୋଳ,୨୫ ।୨(ସମିସ): ଆସନ୍ତା ୨୮ ତାରିଖ ବିଜୁ ମଇଦାନରେ ଅନୁଗୋଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ ହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସମାରୋହକୁ ଉଦଘାଟନ କରିବେ। ଏ ନେଇ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ସିଇଓ ଅଶୋକ କୁମାର ଜୈନ, ସଭାପତି ଦୀପକ ବର୍ମା, ସମ୍ପାଦକ ଅଶୋକ କୁମାର ମୋଦୀ, କୋଷାଧ୍ୟକ୍ଷ ବିକାଶ ପୋଦ୍ଦାର, ମୁଖ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ଉପସଭାପତି ବିକ୍ରମ ଅଗ୍ରୱାଲ, ସୁବାସ ପ୍ରଧାନ, ସହସମ୍ପାଦକ ସେଖ ରଫିକ ଏବଂ ମିଡିଆ ପ୍ରଭାରୀ ଦୀପ୍ତିରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ସଙ୍ଘ ୫୦ ବର୍ଷର ଇତିହାସ, ବ୍ୟବସାୟୀଙ୍କ ସ୍ୱାର୍ଥ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ, ରକ୍ତଦାନ ଓ ଚାରାରୋପଣ ଭଳି ସାମାଜିକ କାର୍ଯ୍ୟକ୍ରମ ଉପରେ ଅଧ୍ୟକ୍ଷ ଜୈନ ଆଲୋକପାତ କରିଥିଲେ। ଅନୁଗୋଳରେ ଏକ ଇଣ୍ଡଷ୍ଟ୍ରିଆଲ ହବ୍ ପ୍ରତିଷ୍ଠା ଏବଂ ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେବାସହ ଜିଲ୍ଲା ଅର୍ଥନୀତିରେ ବିକାଶ କରିବା ସ୍ୱପ୍ନ ନେଇ ଆଗଉଥିବା ବଣିକ ସଙ୍ଘ ଆଗାମୀ ଦିନରେ ମନ୍ତ୍ରୀଙ୍କ ସହ ଆଲୋଚନା କରି ଏହାକୁ କିଭଳି ସଫଳ କରାଯିବ ସେ ନେଇ ଆଲୋଚନା କରିଥିଲେ। ଯଦି ଏଠାରେ ସ୍ୱତନ୍ତ୍ର ଇକୋନୋମିକ ଜୋନ ପ୍ରତିଷ୍ଠା ସମ୍ଭବ ହୁଏ ତେବେ ହଜାର ହଜାର ଶିକ୍ଷିତ ଓ ମଧ୍ୟମ ଉଦ୍ୟୋଗୀ ବହୁଳ ଭାବେ ଉପକୃତ ହେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ ପାଇଛି।

## କେନାଲ ସ୍ଥିତି ଅନୁଧ୍ୟାନ କଲେ ସାଂସଦ



ଅନୁଗୋଳ,୨୫ ।୨(ସମିସ): ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଅନୁଗୋଳ ବିଧାନସଭା କ୍ଷେତ୍ର କୁମୁରସିଙ୍ଗା ପଞ୍ଚାୟତରେ ଥିବା ବଡ଼ବନ୍ଧ ଏବଂ ଟାକୁଆ କ୍ଷୁଦ୍ର ଜଳସେଚନ ଯୋଜନାର ଶାଖା କେନାଲଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାମବେରେନି, କୁମୁରସିଂହା, ପାତେଲି ପ୍ରଭୃତି ରାଜସ୍ୱ ଗ୍ରାମର ଚାଷୀ ଏବଂ ପ୍ରାଣୀସମ୍ପଦ ବଡ଼ବନ୍ଧ ପୁଷ୍କରିଣୀର ଜଳକୁ ପାନୀୟ, ଗାଧୋଇବା ଏବଂ ଚାଷ କାର୍ଯ୍ୟରେ ବିନିଯୋଗ କରନ୍ତି। ବହୁ ବର୍ଷ ହେବ ଏହି ପୋଖରୀ ରକ୍ଷଣାବେକ୍ଷଣ ଅଭାବରୁ ପ୍ରାୟ ପୋତି ହୋଇଯାଇଛି। ପୁଷ୍କରିଣୀର ହିଡ଼ ଭାଙ୍ଗି ଜଳଧାରଣ କ୍ଷମତା ହରେଇ ବସିଛି। ତେଣୁ ଗ୍ରୀଷ୍ମ ଋତୁରେ ପାଣି ପାଇଁ ଜନସାଧାରଣ ଏବଂ ପ୍ରାଣୀସମ୍ପଦ ଡହଳ ବିକଳ ହେଉଛନ୍ତି। ପୁଷ୍କରିଣୀର ନିମ୍ନଭାଗରେ ଯେଉଁ ଚାଷୀମାନେ ପୁଷ୍କରିଣୀ ଜଳକୁ ବିନିଯୋଗ କରି ଚାଷ କାର୍ଯ୍ୟ କରୁଥିଲେ ସେମାନେ ମଧ୍ୟ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଶାଖା କେନାଲଗୁଡ଼ିକର ଅବସ୍ଥା ମଧ୍ୟ ସେହିପରି। ଛୋଟ ଛୋଟ ବୁଦା ଆଦିରେ ପରିପୂର୍ଣ୍ଣ ଏବଂ ଶୁଷ୍କ ହୋଇ ପଡ଼ିରହିଛି। ଗ୍ରାମବାସୀଙ୍କ ଅନୁରୋଧ ରକ୍ଷାକରି ସାଂସଦ ନିଜେ ସ୍ଥିତି ଅନୁଧ୍ୟାନ କରିବାକୁ ସେଠାରେ ପହଞ୍ଚିଥିଲେ। ଏହାର ଉନ୍ନତୀକରଣ ଏବଂ ପାହାଚ ନିର୍ମାଣ ନିମନ୍ତେ ହେଉଥିବା ଦୀର୍ଘ ଦିନର ଦାବି ପୂରଣରେ ସହାୟତାର ହାତ ବଢ଼େଇବେ ବୋଲି ପ୍ରତିଶ୍ରୁତି ଦେବା ସହ ଶାଖା କେନାଲଗୁଡ଼ିକର ମରାମତି ଓ ପରିଷ୍କାର କରାଯାଇ ଜଳ ପ୍ରବାହ ଯୋଗ୍ୟ କରାଯିବା ସମ୍ପର୍କରେ ବିଧାୟକଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଥିଲେ। ସାଂସଦଙ୍କ ଗସ୍ତ ସମୟରେ ତାଙ୍କ ପ୍ରତିନିଧି ତଥା ବଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଅଧିକାରୀ ବେହେରା, ସଂଗ୍ରାମ ରାଉତ, ଭାଗୀରଥି ଦେହୁରୀ, ମାନସ ପ୍ରଧାନ, ଲିପୁ ବିଶ୍ୱାଳ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜୀବିକା ସହାୟତା ଆରମ୍ଭ

ଅନୁଗୋଳ,୨୫ ।୨(ସମିସ): ଜିନ୍ଦଲ ଷ୍ଟିଲର ସିଏସଆର ଶାଖା, ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିକଟବର୍ତ୍ତୀ ଜଙ୍ଗଲ ଅଞ୍ଚଳରୁ ସ୍ୱେଚ୍ଛାକୃତ ଭାବେ ପୁନର୍ବାସିତ ହୋଇଥିବା ପରିବାରଗୁଡ଼ିକୁ ସମର୍ଥନ ଦେବା ପାଇଁ ଧଉରାଗୋଠ ଗାଁରେ ଏକ ଛତୁଚାଷ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଣିଷ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ ସଂଘର୍ଷ କମାଇବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ସହଯୋଗରେ ଲୋକଙ୍କୁ ବିସ୍ଥାପନ କରାଯାଇଥିଲା। ଏହି ଯୋଜନା ଜଙ୍ଗଲଜାତ ବୃତ୍ତିରୁ ବାହାରିବା ପରେ ଜୀବିକା ପୁନରୁଦ୍ଧାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ପରିବାରଗୁଡ଼ିକୁ ସଶକ୍ତ କରିବ। କାର୍ଯ୍ୟକ୍ରମ ଜରିଆରେ ଅଂଶଗ୍ରହଣକାରୀମାନେ ଛତୁଚାଷର ପୂର୍ବ ପ୍ରସ୍ତୁତି, ଚାଷ ପଦ୍ଧତି, ରକ୍ଷଣାବେକ୍ଷଣ, ଅମଳ ଏବଂ ମୌଳିକ କିଣାବିକାର କୌଶଳ ଉପରେ ବ୍ୟବହାରିକ ତାଲିମ ଗ୍ରହଣ କରିଥିଲେ। ଛତୁର ପୁଷ୍ଟିକର ମୂଲ୍ୟ ଏବଂ ଦୃଢ଼ ଆୟର ସମ୍ଭାବନା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା, ଯାହା ପାରମ୍ପରିକ ଅଭ୍ୟାସ ତୁଳନାରେ ଯଥେଷ୍ଟ ଅଧିକ ଲାଭ ପ୍ରଦାନ କରିଥାଏ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ପୁନର୍ବାସିତ ସମୁଦାୟ ମଧ୍ୟରେ ଦୀର୍ଘକାଳୀନ ଆର୍ଥିକ ସ୍ଥିରତା ଓ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ ଦେବା। ପରିବାରଗୁଡ଼ିକୁ ଉପଯୋଗୀ ଜୀବିକା କୌଶଳ ପ୍ରଦାନ କରି, ନିରନ୍ତର ଆୟ ସୁନିଶ୍ଚିତ କରିବା ସହିତ ଅଞ୍ଚଳର ସଂରକ୍ଷଣ ପ୍ରୟାସକୁ ମଧ୍ୟ ସମର୍ଥନ କରିବାକୁ ଜିନ୍ଦଲ ଫାଉଣ୍ଡେସନ୍ ଚେଷ୍ଟା କରୁଛି। ବନଖଣ୍ଡ ଅଧିକାରୀ ଅଧିକାରୀ ଗଦାଧର ପାତ୍ରଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିନ୍ଦଲ ଷ୍ଟିଲର ଉପାଧ୍ୟକ୍ଷ (ସିଏସଆର) ଋଷି ପଠାନିଆ, ଜିନ୍ଦଲ ଷ୍ଟିଲର ମହାପ୍ରବନ୍ଧକ (ସିଏସଆର) ଜୟନ୍ତ କୁମାର ମହାନ୍ତି ଏବଂ ଗ୍ରାମ କମିଟି ସଭାପତିମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ ଜିନ୍ଦାଲ ଫାଉଣ୍ଡେସନ୍ ପକ୍ଷରୁ ଗତ ଏକ ବର୍ଷ ଧରି ପ୍ରାୟ ୧,୦୦୦ ଜଙ୍ଗଲବାସୀ ପରିବାରକୁ ଶୁଖିଲା ରାସନ୍ ପ୍ରଦାନ କରାଯାଉଛି।



## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ,୨୫ ।୨(ସମିସ): ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ତାଳଚେର ସମନ୍ୱିତ ଶିଶୁ ବିକାଶ ସଭାଗୃହରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନର ସଦସ୍ୟ ପ୍ରତିଭା ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉଦଘାଟନ ଉତ୍ସବରେ ଜିଲ୍ଲା ପରିଷଦ ସଭ୍ୟା ରୀତାରାଣୀ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ତାଳଚେର ଥାନା ଆଇଆଇସି ଶ୍ୟାମଲାଲ ଓରାମ, ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସୌଭାଗିନୀ ଦେବୀ, ୟୁନିସେଫ୍‌ର ଜିଲ୍ଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ଯୋଗଦେଇ ଲିଙ୍ଗଗତ ବୈଷମ୍ୟତା, ଘରୋଇ ହିଂସା, ମହିଳା ସୁରକ୍ଷା ଆଇନ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ନିଜ ମତ ପ୍ରଦାନ କରିଥିଲେ। ଏଥିରେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରଛାତ୍ରୀ, ପଞ୍ଚାୟତିରାଜ ପ୍ରତିନିଧି, ସଖୀ ୱାନ ଷ୍ଟପ୍ ସେଣ୍ଟର କର୍ମୀ, ଶକ୍ତି ସଦନ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ପ୍ରମୁଖ ୩୦୦ରୁ ଉର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବାଲ୍ୟବିବାହ ତଥା ଶିଶୁ ସୁରକ୍ଷା ପାଇଁ ସାମୂହିକ ଶପଥପାଠ କରାଯାଇଥିଲା। ବାଲ୍ୟ ବିବାହ ନିରାକରଣ ପ୍ଲାନ୍ ଇଣ୍ଡିଆ-ଇ ପ୍ରକଳ୍ପ ପରିଚାଳକ ସନ୍ତୋଷ କୁମାର ବେହେରା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା, ଡାହାଣୀ ପ୍ରଥା, ପୋକସୋ ଆଇନ, ମମତା ଯୋଜନା, ଜନନୀ ସୁରକ୍ଷା ଯୋଜନା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ।



## ବ୍ଲକ ସମୂହ କ୍ରୀଡ଼ା ପ୍ରତିଯୋଗିତା



ଅନୁଗୋଳ,୨୫ ।୨(ସମିସ): ସାମାଜିକ ଅନୁଷ୍ଠାନ ''ସ୍ପନ୍ଦନ', ମାଇଁ ଭାରତ କେନ୍ଦ୍ର, ଅନୁଗୋଳ ଆନୁକୂଲ୍ୟରେ ବଣ୍ଡଁରପାଳ ବ୍ଲକର ଯୁବକ ଯୁବତୀମାନଙ୍କୁ ସ୍ଥାନୀୟ ପିଏସଏସଜେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡ଼ିଆରେ ବ୍ଲକ ସମୂହ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବଣ୍ଡଁରପାଳ ତହସିଲଦାର ସୁଶାନ୍ତ କୁମାର ମିଶ୍ର ଏହାକୁ ଉଦଘାଟନ କରି ଆଜିର ଯୁବସମାଜ ପାଠ ପଢ଼ିବା ସହିତ କ୍ରୀଡ଼ାକୁ ମଧ୍ୟ ବୃତ୍ତି ଭାବେ ଚୟନ କଲେ ଭଲ କର୍ମନିଯୁକ୍ତି ପାଇବାରେ ସଫଳ ହେଉଛନ୍ତି ବୋଲି କହିଥିଲେ। ସରକାର ତୃଣମୂଳ ସ୍ତରରୁ କ୍ରୀଡ଼ା ଏବଂ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତି ବ୍ଲକରେ ଏପରି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରୁଥିବା ସେ ପ୍ରକାଶ କରିଥିଲେ। ବଣ୍ଡଁରପାଳ ସରପଞ୍ଚ ଅନୁସୂୟା ଗଡ଼ନାୟକ, ଇତିହାସ ଅଧ୍ୟାପକ ମାନସ ଗଡ଼ତିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୁଚି, ବ୍ୟାଡ୍‌ମିଣ୍ଟନ, ୧୦୦ ମିଟର ଦୌଡ଼, ଲମ୍ବଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା। ସେହିପରି ସିପିପି ହାଟିଙ୍ଗ କନିଷ୍ଠ ଫୁଟବଲ କ୍ଲବ ଓ ବଳାରାମପ୍ରସାଦ ମା' ହିଙ୍ଗୁଳା ଫୁଟବଲ କ୍ଲବ ମଧ୍ୟରେ ଫୁଟବଲ ମ୍ୟାଚ୍ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ଏବଂ ଟ୍ରଫି ପ୍ରଦାନ କରିଥିଲେ। ଫାଓ ଦ୍ୱାରା ମନୋନୀତ ରେଫରୀ ଧନେଶ୍ୱର ସର୍ଦ୍ଦାର ଫୁଟବଲ ମ୍ୟାଚ୍ ପରିଚାଳନା କରିଥିଲେ। ବୀଣାପାଣି ବିରୁଆ, ବାସୁଦେବ ସାହୁ ଅନ୍ୟାନ୍ୟ ପ୍ରତିଯୋଗିତା ପରିଚାଳନା କରିଥିଲେ। 'ସ୍ପନ୍ଦନ'ର ଦିଲୀପ ସାହୁ, ସୁଶାନ୍ତ ବେହେରା, ଦୀପକ ସାହୁ, ବୀରେନ ମଲ୍ଲିକ, ସତ୍ୟାନନ୍ଦ ସାହୁ, ବିଭୁ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଏବିଭିପି ପକ୍ଷରୁ ଜିଲ୍ଲାସ୍ତରୀୟ ଛାତ୍ରୀ ସଂସଦ

ଅନୁଗୋଳ,୨୫ ।୨(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଅନୁଗୋଳ ଜିଲ୍ଲା ତରଫରୁ ଅନୁଗୋଳ ମହିଳା ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଛାତ୍ରୀ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଷୀକେଶ ସାହୁ, ମୁଖ୍ୟବକ୍ତା ଭାବେ ଏବିଭିପିର ରାଜ୍ୟ ସଂଯୋଜିକା ମୁସ୍କାନ ରାୟ, ସମ୍ମାନିତ ଅତିଥି ଭାବେ ଭୌତିକ ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ରଞ୍ଜନ କୁମାର ଭୁୟାଁ, ଓଡ଼ିଆ ଅଧ୍ୟାପକ ଲକ୍ଷ୍ମୀନାରାୟଣ ସାହୁ, ଅଧ୍ୟାପିକା ନନ୍ଦିନୀ ନନ୍ଦ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ୧୨ ମହାବିଦ୍ୟାଳୟରୁ ୨୫ ଛାତ୍ରୀ ଯୋଗଦେଇ ବିକଶିତ ଓଡ଼ିଶାରେ ମହିଳାମାନଙ୍କ ସହଭାଗିତା, ସ୍ୱାସ୍ଥ୍ୟ, ସୁରକ୍ଷା, ରୋଜଗାର, ଶିକ୍ଷାୟନ, ପରିବେଶ, ସାମାଜିକ ସ୍ଥିତି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନାରେ ଭାଗନେଇ ନିଜ ପକ୍ଷ ରଖିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସ୍ମୃତିସ୍ମିତା ରାଉତ, ଜ୍ୟୋତି ଦୁବେ, ଆଲିସା ସାହୁ, ସୁଚିସ୍ମିତା ମିଶ୍ର, ରଶ୍ମିତା ବେହେରାଙ୍କୁ ଆଗାମୀ ମାର୍ଚ୍ଚ ୭ରୁ ୯ ତାରିଖ ଓଡ଼ିଶା ବିଧାନସଭାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଛାତ୍ରୀ ସଂସଦ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବା ପାଇଁ ଚୟନ କରାଯାଇଛି। ଜିଲ୍ଲା ସଂଯୋଜକ ଉମେଶ ବାଘ ମଞ୍ଚ ପରିଚାଳନା କରିଥିବା ବେଳେ ରାଜ୍ୟ ସହ ସମ୍ପାଦକ ଆଶିଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

● ଜରାସିଂହା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ପ୍ରଥମ ସେମିରେ ସମ୍ବଲପୁର ବିଜୟୀ



କୁଇଓ,୨୫ ।୨(ସମିସ): ବଣ୍ଡଁରପାଳ ବ୍ଲକ ଜରାସିଂହା ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନରେ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ସମ୍ବଲପୁର ଓ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଛି। ସମ୍ବଲପୁର ୩-୧ ଗୋଲ୍ ରେ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ କୁମଣ୍ଡ ପଞ୍ଚାୟତର ସମାଜସେବୀ ଦିଲୀପ ସାହୁ, ସମ୍ମାନିତ ଅତିଥି ଭାବେ ଜରାସିଂହା ଗ୍ରାମ୍ୟ କମିଟିର ପୂର୍ବତନ ସଭାପତି ବ୍ରଜ ସାହୁ, ସମାଜସେବୀ ଅଜୟ ପରିଡ଼ା, ମୁରଲୀ ପ୍ରଧାନ, ରାଧୁ ଦେହୁରୀ, ଦୋଳଗୋବିନ୍ଦ ପ୍ରଧାନ ଯୋଗଦେଇଥିଲେ। ରେଫରୀ ଧନେଶ୍ୱର ସର୍ଦ୍ଦାର, ଆଲୋକ ଦେହୁରୀ, ବୀଣାପାଣି ବରୁଆ ମ୍ୟାଚ୍ ପରିଚାଳନା କରିଥିବା ବେଳେ ମ୍ୟାଚ୍ କମିସନ୍ ଭାବେ ବାସୁଦେବ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ।

## ମା' ହିଙ୍ଗୁଳା ଓ ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ



କଣିହାଁ,୨୫ ।୨(ସମିସ): କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଓସିସି କଲୋନୀ ନିକଟ ବାବା ଆଖଣ୍ଡଳମଣି ମନ୍ଦିର ପରିସରରେ ମା' ହିଙ୍ଗୁଳା ଓ ମା' ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ପ୍ରତ୍ୟୁଷରୁ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସର୍ବସାଧାରଣ ଦର୍ଶନ ନୀତି ଅନୁଷ୍ଠିତ ହୋଇଥିଲା। ଫେବୃଆରୀ ୧୫ ତାରିଖ ଜାଗର ଉତ୍ସବ ଅବସରରେ ବାପଘର ଆଖଣ୍ଡଳମଣି ମନ୍ଦିରକୁ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଓ ପ୍ରକଳ୍ପସ୍ଥିତ ମା' ବାଟମଙ୍ଗଳାଙ୍କୁ ଆମନ୍ତ୍ରଣ କରି ଅଣାଯାଇଥିଲା। ଏହି ଅବସରରେ ମନ୍ଦିରର ମୁଖ୍ୟ ଉପଦେଷ୍ଟା ଆକୁଳ ପଣ୍ଡାଙ୍କ ପୌରୋହିତ୍ୟରେ ନାମସଂକୀର୍ତ୍ତନ ସହ ଦୁଇ ଦେବୀଙ୍କ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ମନ୍ଦିର ବାହାରକୁ ଅଣାଯାଇଥିଲା। ସେଠାରେ ବାପ ଘରୁ ଝିଅବିଦା ସମୟରେ ଯେପରି ପିଠାପଣା, ଶାଢ଼ି ଶଙ୍ଖା, ଭାର ଥୋର ସହ ପ୍ରସାଧନ ସାମଗ୍ରୀ ଦେଇ ଝିଅକୁ ବିଦା କରାଯାଇଥାଏ ସେହିପରି ସମସ୍ତ ସାମଗ୍ରୀ ସହ ଦୁଇ ଦେବୀଙ୍କ ମହିଳା ଭକ୍ତ ବନ୍ଦାପନା କରି ବିଦାୟ ଜଣାଇଥିଲେ। ମନ୍ଦିର ଠାରୁ ଘଣ୍ଟଘଣ୍ଟା, ବାଜା ବାଣ, ନାମସଂକୀର୍ତ୍ତନ ସହିତ ଏକ ଶୋଭାଯାତ୍ରାରେ ଭକ୍ତମାନେ ବାହାରି ପ୍ରଥମେ ରେଙ୍ଗାଲି ପ୍ରକଳ୍ପ ସ୍ଥିତ କପିଳେଶ୍ୱର ମନ୍ଦିର ସମ୍ମୁଖ ମା' ବାଟମଙ୍ଗଳାଙ୍କୁ ନିଜ ଆସ୍ଥାନରେ ଛାଡ଼ିବାପରେ ମା' ହିଙ୍ଗୁଳାଙ୍କୁ ନେଇ ତାଳଚେରସ୍ଥିତ ଗୋପାଳପ୍ରସାଦ ପୀଠକୁ ଗସ୍ତ କରିଥିଲେ। ସେଠାରେ ମା'ଙ୍କୁ ବିଦାୟ ଦେଇ ଭକ୍ତଦଳ ରାତିରେ ରେଙ୍ଗାଲି ଫେରି ଆସିଥିଲେ। ବାବା ଆଖଣ୍ଡଳମଣି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ୱାର୍ଡ ସଭ୍ୟଙ୍କୁ ଉଠାଇନେଲା ଛତିଶଗଡ଼ ପୁଲିସ

**ଗଞ୍ଜେଇ କାରବାର**

ଛେଣ୍ଡିପଦା,୨୫ ।୨(ସମିସ): ଗଞ୍ଜେଇ କାରବାର ମାମଲାରେ ଛେଣ୍ଡିପଦାରୁ ଜଣେ ୱାର୍ଡ ସଭ୍ୟଙ୍କୁ ଉଠାଇ ନେଇଛି ଛତିଶଗଡ଼ ପୁଲିସ। ଗିରଫ ଅଭିଯୁକ୍ତ ହେଲେ ସାପଇସାହି ଗ୍ରାମ ବାସିନ୍ଦା ତଥା ଛେଣ୍ଡିପଦା ପଞ୍ଚାୟତ ୪ନଂ ୱାର୍ଡ ସଭ୍ୟ ବୁଧୁ ଭୂତିଆ। ବୁଧୁ ସିଙ୍ଗରେନି କମ୍ପାନୀରେ ସୁରକ୍ଷା କର୍ମୀ ଭାବେ ମଧ୍ୟ କାମ କରନ୍ତି। ସୂଚନା ଅନୁଯାୟୀ, ଛତିଶଗଡ଼ ମହାସମୁଦ ଜିଲ୍ଲା ସିଂଘୋଡ଼ା ଥାନା ପୁଲିସ କିଛିଦିନ ପୂର୍ବେ ୧୩୭ କିଗ୍ରା ଗଞ୍ଜେଇ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ଯୁବକ ସମ୍ପୃକ୍ତ ଥିବା ସିଂଘୋଡ଼ା ପୁଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଛତିଶଗଡ଼ର ପୁଲିସର ଏକ ଟିମ ବୁଧବାର ସନ୍ଧ୍ୟାରେ ଛେଣ୍ଡିପଦାରେ ପହଞ୍ଚି ଛେଣ୍ଡିପଦା ପୁଲିସର ସହାୟତା ଲୋଡ଼ିଥିଲା। ସିଘୋଡ଼ା ଓ ଛେଣ୍ଡିପଦା ଥାନା ପୁଲିସ ମିଳିତ ଭାବେ ସିଙ୍ଗରେନି କମ୍ପାନୀରେ ଚଢ଼ଉ କରି ସେଠାରେ କାର୍ଯ୍ୟରତ ବୁଧୁଙ୍କୁ ଗିରଫ କରିଥିଲେ। ପରେ ତାଙ୍କୁ ଛତିଶଗଡ଼ ନିଆଯାଇଛି।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି

କିଶୋରନଗର,୨୫ ।୨(ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ଗ୍ରାମରେ ମହୋତ୍ସବର ଶହେ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୭ ତାରିଖ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏ ନେଇ ବୁଧବାର ସାଧୁପାଳସ୍ଥିତ କଲ୍ୟାଣ ମଣ୍ଡପରେ କିଶୋରନଗର ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶିକ୍ଷାମନ୍ତ୍ରୀଙ୍କୁ କିଶୋରନଗର ହାଇସ୍କୁଲ ଛକରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ କାର୍ଯ୍ୟକ୍ରମ ସ୍ଥଳକୁ ପାଛୋଟି ଆଣିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ବିଜେପି ନେତା ରତ୍ନାକର ପ୍ରଧାନ, ରମେଶ ଜେନାମଣି, ଉଦୟ ପ୍ରଧାନ, ରମେଶ ଜେନାମଣି, ଓମ୍‌ପ୍ରକାଶ ସାହୁ, ଇନ୍ଦ୍ରମଣି ପ୍ରଧାନ, ଦେବରାଜ ପ୍ରଧାନ, ମୋତିଲାଲ ପ୍ରଧାନ, ସୁଧାସାଗର ପ୍ରଧାନ, ରତନ ସାହୁ, ବଶିଷ୍ଠ ନାୟକ, ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ଆଲୋଚନା କରିଥିଲେ।



## ଘୋଡ଼ାଶାଳଠାରୁ ଫାଷ୍ଟଗେଟ ରାସ୍ତା ପ୍ରଶସ୍ତୀକରଣ କେବେ?

ତାଳଚେର,୨୫ ।୨(ସମିସ)

ତାଳଚେର ଟାଉନ୍ ଘୋଡ଼ାଶାଳ ଗେଟ୍‌ଠାରୁ ବଡ଼ବଜାର ଦେଇ ଫାଷ୍ଟଗେଟ୍ ପର୍ଯ୍ୟନ୍ତ ତାଳଚେରର ପେଣ୍ଠସ୍ଥଳୀ ବା ମୁଖ୍ୟ ବଜାର ବୋଲି କୁହାଯାଉଥିଲା। ତାଳଚେର ଅଞ୍ଚଳବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଲୋକେ ଏହି ବଜାର ଉପରେ ନିର୍ଭର କରୁଥିଲେ। ରାଜାରାଜୁଡ଼ା ଅମଳରୁ ଏହି ବଜାରକୁ ପ୍ରଥମେ ବସ୍ ଘୋଡ଼ାଶାଳ ନିକଟ ଯୁବରାଜ ହାଇସ୍କୁଲଠାରୁ ବାହାରି ବଡ଼ବଜାର, ନୂଆବଜାର ଓ ଫାଷ୍ଟଗେଟ୍ ଦେଇ ଗନ୍ତବ୍ୟ ସ୍ଥଳକୁ ଯାଉଥିଲା। ଫଳରେ ସହରର ଚାରିପାଖରେ ରହୁଥିବା ଗ୍ରାମଗୁଡ଼ିକର ଲୋକମାନେ ସେଠାରେ ବସକୁ ଅପେକ୍ଷା କରିବା ସହ ସୁବିଧାରେ ନିଜ ଗନ୍ତବ୍ୟ ସ୍ଥାନକୁ ଯାଉଥିଲେ। ଦୂରକୁ ଯାତାୟାତରେ ସୁବିଧା ମଧ୍ୟ ହେଉଥିଲା। ତେବେ କିଛି କୁଚକ୍ରୀ ଗୋଷ୍ଠୀ ରାସ୍ତାର ଉଭୟ ପାଶ୍ୱର୍ ଜବରଦଖଲ କରି ଦୋକାନ ନିର୍ମାଣ କରି ବେଶ୍ ଦିପଇସା ରୋଜଗାର କଲେ। ଫଳରେ ରାସ୍ତା ସଂକୀର୍ଣ୍ଣ ହେବା ସହ ବସ୍ ଚଳାଚଳ ବନ୍ଦ ହୋଇଗଲା। ଏହି ସହର ମଧ୍ୟରେ ଘୋଡ଼ାଶାଳଠାରେ ମୁଖ୍ୟ ଡାକଘର, ରାଜବାଟୀ ନିକଟରେ ପୁରୁଣା କଚେରୀ, ତାଳଚେର ମହାବିଦ୍ୟାଳୟ, ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ, ଖବରକାଗଜ କାର୍ଯ୍ୟାଳୟ, ଆରଟିଓ କାର୍ଯ୍ୟାଳୟ ଇତ୍ୟାଦି ରହିଥିଲା। ଫଳରେ ତାଳଚେର ସହର ଜନଗହଳି ରହିବା ସହ ବଜାରର ଗୁରୁତ୍ୱ ମଧ୍ୟ ରହିଥିଲା। ପରବର୍ତ୍ତୀ ସମୟରେ ଜମି ମାଫିଆମାନେ ରାସ୍ତାର ଉଭୟ ପାର୍ଶ୍ୱକୁ ଜବରଦଖଲ କରିଥିବାରୁ ବଜାରର ଗୁରୁତ୍ୱ କମିବାରେ ଲାଗିଲା। ମୁଖ୍ୟରାସ୍ତା ସଂକୀର୍ଣ୍ଣ ହେବାସହ ଜନସାଧାରଣ ରାସ୍ତା ଉପରେ ଗାଡ଼ିମଟର, ସାଇକଲ ଇତ୍ୟାଦି ରଖୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ଜବରଦଖଲ ହଟାଇ ରାସ୍ତା ପ୍ରଶସ୍ତୀକରଣ କରିବା ଦିଗରେ ତାଳଚେର ଉପଜିଲ୍ଲାପାଳ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



## ରାମଚନ୍ଦ୍ର ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲେଶ୍ୱର, ୨୫ ।୨(ସମିସ): ସ୍ଥାନୀୟରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ରେମୁଣା ବ୍ଲକର ଉପଶିକ୍ଷା ଅଧିକାରୀ ମଞ୍ଜୁଲତା ଦାଶ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ହୀରାମଣି ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ବିଶ୍ୱନାଥ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଯୁଧୀଷ୍ଠିର ସେକେଣ୍ଡାରୀ ସ୍କୁଲର ରାଜନୀତି ବିଜ୍ଞାନର ଅଧ୍ୟାପକ ରାଧାମୋହନ ଚୌଧୁରୀ, ହଳଦୀପଦାସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଧାନ ଗୁରୁଜୀ ରତିକାନ୍ତ ଚୌଧୁରୀ, ଚଷାଖଣ୍ଡ ସରପଞ୍ଚ କେଦାରନାଥ ସାହୁ, ସମିତି ସଭ୍ୟ ଆଲି ହୋସେନ, ସମାଜସେବୀ ଚୈତନ୍ୟ ସାହୁ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ । ଶିକ୍ଷକ ରାମଚନ୍ଦ୍ର ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରମିଳା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ ରଶ୍ମି ରଞ୍ଜିତା ଦାସ ଧନ୍ୟବାଦ ଦେଇଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଓଡ଼ିଆ ସାହିତ୍ୟର ସ୍ରଷ୍ଟା ଫକୀରମୋହନ ସେନାପତିଙ୍କ ରଚିତ 'ରେବତୀ' ନାଟକ ପରିବେଷଣ କରାଯାଇଥିଲା ।

## ମାଟ୍ରିକ ପରୀକ୍ଷା
# ବିଜ୍ଞାନ ପରୀକ୍ଷାରେ ୮୮୭ ଛାତ୍ରଛାତ୍ରୀ ଅନୁପସ୍ଥିତ

ବାଲେଶ୍ୱର, ୨୫ ।୨(ସମିସ)

ଚଳିତ ମାସ ୧୯ତାରିଖ ଠାରୁ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଛି । ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଇଂରାଜୀ ପରୀକ୍ଷା ଏବଂ ତୃତୀୟ ଦିନରେ ସଂସ୍କୃତ ପରୀକ୍ଷା ଅନୁଷ୍ଠିତ ହୋଇସାରିଛି । ବୁଧବାର ଚତୁର୍ଥ ଦିନରେ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଛି । ମୋଟ ୧୮୩ଟି ସେଣ୍ଟରରେ ୩୨ହଜାର ୨୭୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୧ହଜାର ୩୮୦ଜଣ ପରୀକ୍ଷା ଦେଇଥିବା ବେଳେ ମୋଟ ୮୮୭ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି । ଆଜି ରେଗୁଲାର ବିଜ୍ଞାନ ପରୀକ୍ଷାରେ ମୋଟ ୩୦ହଜାର୩୬୦ଜଣ ଛାତ୍ରଛାତ୍ର ପରୀକ୍ଷା ଦେଇଥିବା ବେଳେ ୭୦୯ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି । ସେହିପରି ମଧ୍ୟମା ପରୀକ୍ଷାରେ ୮୯୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୫୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୪୫ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ଏସଓଏସସିରେ ୨୯୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୩ଜଣ ଅନୁପସ୍ଥିତ ରହିଛନ୍ତି । ଆଜି କୌଣସି ଛାତ୍ରଛାତ୍ରୀ ଏମପିରେ ବୁକ ହୋଇନଥିବା ଜଣାଯାଇଛି । ଅନ୍ୟପଟେ ଚଳିତ ବର୍ଷ ରେଗୁଲାର ପରୀକ୍ଷାରେ ସିମୁଳିଆ ବ୍ଲକର ଆରଏନ ସରକାରୀ ବିଦ୍ୟାଳୟରେ ୧୫୫୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୫୩୨ଜଣ ପରୀକ୍ଷା ଦେଇଥିବା ବେଳେ୨୭ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ବସ୍ତା ବ୍ଲକର ଏସଏନ ହାଇସ୍କୁଲରେ ୨୨୫୪ଜଣ ରେଗୁଲାର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୮୨ଜଣ ପରୀକ୍ଷା ଦେଇଥିବା ବେଳେ ୬୨ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ଖଇରା ବ୍ଲକର ଖଇରା ସରକାରୀ ହାଇସ୍କୁଲରେ ୩୬୧୪ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୫୨୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୦ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ବହାନଗା ବ୍ଲକର ଖନ୍ତାପଡ଼ା ହାଇସ୍କୁଲରେ ୨୨୧୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୬୮ଜଣ ପରୀକ୍ଷା ଦେଇଥିବା ବେଳେ ୪୨ଜଣ ଅନୁପସ୍ଥିତ ରହିଛନ୍ତି । ରେମୁଣା ବ୍ଲକରେ ରେମୁଣା ହାଇସ୍କୁଲରେ୨୦୫୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୦୭ଜଣ ପରୀକ୍ଷା ଦେଇଥିବା ବେଳେ ୪୩ଜଣ ଅନୁପସ୍ଥିତ ରହିଛନ୍ତି । ନୀଳଗିରି ବ୍ଲକରେ କେସି ହାଇସ୍କୁଲରେ ୨୪୬୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୩୯୮ଜଣ ପରୀକ୍ଷା ଦେଇଥିବା ବେଳେ ୬୯ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ସୋର ବ୍ଲକରେ ଏସଏନ ହାଇସ୍କୁଲରେ ୨୬୨୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୫୫୩ଜଣ ପରୀକ୍ଷା ଦେଇଥିବା ବେଳେ ୭୫ଜଣ ଅନୁପସ୍ଥିତ ରହିଛନ୍ତି । ଜଳେଶ୍ୱର ବ୍ଲକରେ ଜଳେଶ୍ୱର ସରକାରୀ ହାଇସ୍କୁଲରେ ୩୦୨୧ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୯୫୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬୯ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ଭୋଗରାଇ ବ୍ଲକରେ କମର୍ଦ୍ଦା ଜେଏନ ହାଇସ୍କୁଲରେ ୧୪୫୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ୧୪୨୦ଜଣ ପରୀକ୍ଷା ଦେଇଥିବା ବେଳେ ୩୮ଜଣ ଅନୁପସ୍ଥିତ ଥିବା ବେଳେ ଏଚସି ଏକାଡେମୀରେ ୨୧୦୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୮୨ଜଣ ପରୀକ୍ଷା ଦେଇଥିବା ବେଳେ୨୭ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ବାଲିଆପାଳ ବ୍ଲକର ଏସଆର ସରକାରୀ ହାଇସ୍କୁଲରେ ୩୧୮୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୦୯୦ଜଣ ପରୀକ୍ଷା ଦେଇଥିବା ବେଳେ ସର୍ବାଧିକ ୯୭ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ବାଲେଶ୍ୱର ସଦର ବ୍ଲକର ଜିଲ୍ଲା ସ୍କୁଲରେ ୪୫୨୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୪୫୨ଜଣ ପରୀକ୍ଷା ଦେଇଥିବା ବେଳେ ୭୦ଜଣ ଅନୁପସ୍ଥିତ ରହିଛନ୍ତି । ମୋଟ ଉପରେ ରେଗୁଲାର ପରୀକ୍ଷାରେ ୭୦୯, ମଧ୍ୟମା ପରୀକ୍ଷାରେ ୧୪୫ ଏବଂ ଏସଓଏସସିରେ ୩୩ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି । ପ୍ରତ୍ୟେକ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏହା ଏବେ ଚିନ୍ତାର ବିଷୟ ପାଲଟିଛି ।

## କଦଳୀ ଗୋଦାମରେ ଅଗ୍ନିକାଣ୍ଡ



ବାଲେଶ୍ୱର, ୨୫ ।୨(ସମିସ): ବାଲେଶ୍ୱରର ନୂଆ ବଜାର ଅଞ୍ଚଳରେ ଥିବା ଏକ କଦଳୀ ଗୋଦାମରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଗତକାଲି ବିଳମ୍ବିତ ରାତିରେ କୌଣସି ଉପାୟରେ ଏହି ଗୋଦାମରେ ନିଆଁ ଲାଗିଯାଇଥିଲା । ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ଗୋଦାମରେ ଗଚ୍ଛିତ ଥିବା ସମସ୍ତ କଦଳୀ କାନ୍ଧୀ ଗୁଡିକ ପୋଡି ଅଙ୍ଗାର ହୋଇଯାଇଛି । ହେଲେ ନିଆଁ କିଭଳି ଭାବେ ଲାଗିଲା ତାହା ସ୍ପଷ୍ଟ ହୋଇନଥିବା ବେଳେ ବିଦ୍ୟୁତ ସଟ ସର୍କିଟ ଯୋଗୁଁ ହୋଇଥିବା ଅନୁମାନ କରାଯାଉଛି । ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିଥିଲା ।

## ଯକ୍ଷ୍ମାରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ

ବାଲେଶ୍ୱର, ୨୫ ।୨(ସମିସ): ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖାର ଆର୍ଥିକ ସହାୟତା ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାର ବିଭିନ୍ନ ବ୍ଲକରେ ଚିକିତ୍ସାଧିନ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଛି । ଏହି ଅବସରରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖାର ସଚିବ ଗଣେଶଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଚକ୍ରଧର ଜେନା ପରିଚାଳନା କରିଥିବା ବେଳେ ଜିଲ୍ଲା ଜରୁରୀ ଅଧିକାରୀ ସାଇକୃଷ୍ଣ ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେଶ ପ୍ରିୟଦର୍ଶୀ, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡ. ମନୋଜ କୁମାର ସାହୁ, ଜିଲ୍ଲା କୁଷ୍ଠ ଅଧିକାରୀ ଡ. ସଞ୍ଜୀବ କୁମାର ପ୍ରଧାନ, ରାଜ୍ୟ ଯକ୍ଷ୍ମା ଅଧିକାରୀ ଡ. ଅର୍ଘ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଭାରତୀୟ ରେଡକ୍ରସ ସୋସାଇଟି ଦ୍ୱାରା ଜିଲ୍ଲାରେ ୧୫୮୩ ଜଣ ଯକ୍ଷ୍ମା ରୋଗୀଙ୍କୁ ଏହି ଖାଦ୍ୟ ପ୍ୟାକେଟ ଆସନ୍ତା ୬ମାସ ପର୍ଯ୍ୟନ୍ତ ପ୍ରଦାନ କରାଯିବ । ଆଗାମୀ ଦିନରେ ସମସ୍ତ ଯକ୍ଷ୍ମା ରୋଗୀଙ୍କୁ ସୁଷମ ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯିବ ବୋଲି ରେଡକ୍ରସ ସୋସାଇଟିର ଯୁଗ୍ମ ସଚିବ ଅଶୋକ କୁମାର ମହାନ୍ତି କହିଥିଲେ । କାର୍ଯ୍ୟକ୍ରମକୁ ନିଲେଶ ପଟ୍ଟନାୟକ, ଶରତ ଦାସ ମହାପାତ୍ର, କବି ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଯକ୍ଷ୍ମା ସଂଯୋଜକ ବିଶ୍ୱରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ ।

## ଗାଡ଼ି ଧକ୍କାରେ ଏଲଆଇସି ଏଜେଣ୍ଟଙ୍କ ମୃତ୍ୟୁ

ବାଲେଶ୍ୱର, ୨୫ ।୨(ସମିସ): ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ଚନ୍ଦ୍ରଭାଗା ହୋଟେଲ ସମ୍ମୁଖରେ ଆଜି ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଜଣେ ଏଲଆଇସି ଏଜେଂଟଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ ବାଲିଆ ଅଞ୍ଚଳର ଗିରିଶ କୁମାର ପାଣିଗ୍ରାହୀ(୬୦) । ସେ ଆଜି ତାଙ୍କର କୌଣସି କାର୍ଯ୍ୟରେ ସହଦେବଖୁଣ୍ଟା ବସଷ୍ଟାଣ୍ଡ ରାସ୍ତା ବାଲିଆ ଆଡକୁ ଯାଉଥିବା ବେଳେ ଚନ୍ଦ୍ରଭାଗା ହୋଟେଲ ନିକଟରେ ଏକ ମିକ୍ସଚର ମେସିନ ଗାଡି ତାଙ୍କୁ ଧକ୍କା ଦେଇଥିଲା । ଏହି ଧକ୍କାରେ ସେ ମୁଣ୍ଡରେ ପିନ୍ଧିଥିବା ହେଲମେଟ ବାହାରି ଛିଟିକି ପଡ଼ିଥିଲା । ଫଳରେ ସେ ପଡ଼ିଯାଇଥିଲେ । ଧକ୍କାଟି ଏତେ ଜୋର ହୋଇଥିଲା ଯେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଦୁର୍ଘଟଣା ଘଟାଇ ଉକ୍ତ ଗାଡିଟି ଫେରାର ହୋଇଯାଇଥିଲା । ସ୍ଥାନୀୟ ଲୋକେ ତୁରନ୍ତ ସହଦେବଖୁଣ୍ଟା ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପୁଲିସ ସେଠାରେ ପହଁଚି ପ୍ରଥମେ ସେଠାରୁ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପଟେ ପୁଲିସ ତାଙ୍କ ବାଇକକୁ ଜବତ କରିବା ସହ ଶବ ବ୍ୟଚ୍ଛେଦ କରାଯାଇଛି । ଏହି ଦୁର୍ଘଟଣା ଘଟିବା ପରେ ଉକ୍ତ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଜାମ ହୋଇଯାଇଥିଲା ।

## ବ୍ୟାସକବିଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ନେଇ ରେଳବିଭାଗ ସହ ଆଲୋଚନା

ବାଲେଶ୍ୱର, ୨୫।୨ (ସମିସ) : ବାଲେଶ୍ୱର ରେଳ ଷ୍ଟେସନ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ଷ୍ଟେସନ ସମ୍ମୁଖରେ ଥିବା ବ୍ୟାସକବି ଫକୀରମୋହନଙ୍କ ପ୍ରତିମୂର୍ତ୍ତିକୁ ଉଠାଇ ଦେବାକୁ ରେଳବାଇ ବିଭାଗ ପକ୍ଷରୁ ଚାଲିଥିବା ଉଦ୍ୟମ ସମ୍ପର୍କରେ ଖବର ପାଇ ବୁଧବାର ମଧ୍ୟାହ୍ନରେ ବିଭିନ୍ନ ସଂଗଠନ ପକ୍ଷରୁ ଏବାବଦରେ ଷ୍ଟେସନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି । ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସିଭିଲ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଫକୀରମୋହନ ସାହିତ୍ୟ ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀ, ଗଣସଂଗଠନର ନେତା ଶ୍ୟାମସୁନ୍ଦର ଜେନାଙ୍କ ସମେତ ବିଜେଡ଼ିର ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ଉପନଗରପାଳ କୈଳାଶ ସେଠୀ, ବିଜେଡ଼ିର ଟାଉନ ସଭାପତି ମନୋଜ କୁମାର ରାଉତ, କାଉନସିଲର ସର୍ବଶ୍ରୀ କାର୍ତ୍ତିକ ଚନ୍ଦ୍ର ସାହୁ, ସେକ ଆୟୁବ, ସନ୍ଧ୍ୟାରାଣୀ ଜେନା, ଶଶୀରେଖା ମହାନ୍ତି, ସବିତା ଦାସ, କବିତା ମୁର୍ମୁ, ମୀରାଜ ବାନୁ, ପ୍ରାକ୍ତନ କାଉନ ସିଲର ଧନଞ୍ଜୟ ଜେନା, ସାକିର ଖା, ରମେଶ ମାଝୀ, ସୁବୋଧ ମହାନ୍ତି, ଭାରତ ଭୂଷଣ ଦାସ, ରିତିକ୍ ଜୀ, ଶ୍ରମିକ ନେତା ଅଭିଜିତ ଦାସ, ଅତୁଲ ଶତପଥୀ, ଦେବାଶିଷ ଦାଶ, ଛାତ୍ରନେତା ବିଭୁଦତ୍ତ ପରିଡ଼ା, ବିକାଶ ବେହେରା, ହର୍ଷ ଖଣ୍ଡେଲୱାଲ ପ୍ରମୁଖ ବାଲେଶ୍ୱର ଷ୍ଟେସନ ପରିସରରେ ପହଞ୍ଚି ଦକ୍ଷିଣ ପୂର୍ବ ରେଳବାଇର ଗତିଶକ୍ତି ବିଭାଗ ଏବଂ ବରିଷ୍ଠ କର୍ମକର୍ତ୍ତାଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ । ଷ୍ଟେସନର ନବୀକରଣ କାର୍ଯ୍ୟ ଚାଲିଥିବାରୁ ଏହାକୁ କେହି ବିରୋଧ କରନ୍ତି ନାହିଁ ତେବେ ଓଡ଼ିଆ ଭାଷା ସାହିତ୍ୟ




ତ୍ରାଣକର୍ତ୍ତା ବ୍ୟାସକବି ଫକୀରମୋହନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ସେଠାରୁ ଉଚ୍ଛେଦ କରାଯାଇ ଏକ ସୁରକ୍ଷିତ ଜାଗାରେ ଏବେ ସଂରକ୍ଷିତ ରଖିବା ପାଇଁ ସର୍ବସମ୍ମୁଖରେ ନିଷ୍ପତ୍ତି ହୋଇଥିଲା । ପରେ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିକୁ ଷ୍ଟେସନ ସମ୍ମୁଖରେ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯାଇ ପୁନର୍ବାର ସେଠାରେ ସ୍ଥାପନ କରାଯିବ ବୋଲି ରେଳବାଇ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ।

## ସହକାରୀ ଶିକ୍ଷୟିତ୍ରୀଙ୍କ ଆତ୍ମହତ୍ୟା

ନୀଳଗିରି, ୨୫।୨ (ସମିସ): ନୀଳଗିରି ଏନ୍‌ଏସିର ଘାଟଘରସାହି ଗ୍ରାମର ନବକିଶୋର ପରିଛାଙ୍କ ଝିଅ ଧାରା ପରିଛା (୩୦) ମଙ୍ଗଳବାର ବିଳମ୍ବିତ ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବାର ଜଣାପଡ଼ିଛି । ବୁଧବାର ସକାଳେ ପରିବାର ଲୋକେ ଝିଅ ଆତ୍ମହତ୍ୟା କରିଥିବାର ଦେଖିବାକୁ ପାଇଥିଲେ । ପରିବାର ଲୋକେ ସଙ୍ଗେ ସଙ୍ଗେ ନୀଳଗିରି ମେଡିକାଲକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ନୀଳଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ସୂଚନା ଥାଉକି ଧାରା ସହକାରୀ ଶିକ୍ଷୟିତ୍ରୀ ଭାବେ ଚତର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ । ଏହି ଦୁଃଖଦ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଜନଆରୋଗ୍ୟ ସମିତି ସାଧାରଣ ବୈଠକ

ବାଲେଶ୍ୱର(ଉତ୍ତର), ୨୫।୨ (ସମିସ): ଭୋଗରାଇ ବ୍ଲକ ନିମାତପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବୁଧବାର ଜନ ଆରୋଗ୍ୟ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତିର ଅଧ୍ୟକ୍ଷା ତଥା ଜିଲ୍ଲାପରିଷଦ ସଦସ୍ୟା ନିବେଦିତା ମହାନ୍ତି ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଉତ୍ତର କୁମାର ଦଣ୍ଡପାଟ, ନିମାତପୁର ସରପଞ୍ଚ ରାଜେନ୍ଦ୍ର କୁମାର ଦଳାଇ, ସମିତି ସଦସ୍ୟ ଭଗବାନ ଚନ୍ଦ୍ର ରଣା, ବାରବାଟିଆ ସରପଞ୍ଚ ବାସୁଦେବ ମହାନ୍ତି, ସାମ୍ବାଦିକ ଦିଲ୍ଲୀପ କୁମାର ଦାସ, ସମାଜସେବୀ ଦିଲ୍ଲୀପ ପ୍ରଧାନ, ଧୀରେନ୍ଦ୍ର ପ୍ରଧାନ, ରୀନାରାଣୀ ପରିଡ଼ା ନିମାତପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହିତ ସମିତିର ସମସ୍ତ ସଦସ୍ୟ ସଦସ୍ୟା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଚିନ୍ମୟ କୁମାର ପରିଡ଼ା ବିଗତ ବର୍ଷର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିବା ବେଳେ ଚଳିତ ବର୍ଷର ହେବାକୁ ଥିବା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଚଳିତ ବର୍ଷ ସ୍ୱାସ୍ଥ୍ୟ କେନ୍ଦ୍ରରେ ପାନୀୟଜଳ ବ୍ୟବସ୍ଥା କରିବା ସହିତ ଏକ ଯୋଗ ଗୃହ ନିର୍ମାଣ କରିବା, ହସ୍ପିଟାଲ ପରିସରରୁ ୩୩ କେଭିଏ ବିଜୁଳି ତାରକୁ ସ୍ଥାନାନ୍ତର ଏବଂ ପରିସରରୁ ବର୍ଷା ଜଳନିଷ୍କାସନ କରିବା ଆଦି କାର୍ଯ୍ୟ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହା ଛଡ଼ା ଆବଶ୍ୟକ ଔଷଧ ଏବଂ ଏବଂ ହସ୍ପିଟାଲର ରଙ୍ଗ କାମ କରାଯିବାବାର ନିଷ୍ପତ୍ତି ହୋଇଥିଲା । ଶେଷରେ ଆୟୁଷ ଡାକ୍ତର କମଳାକାନ୍ତ ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କେଶିପୁର କସିମିଳା ସେତୁ ଅଧପନ୍ତରିଆ ନେଇ ଅସନ୍ତୋଷ

ବାଲେଶ୍ୱର, ୨୫।୨(ସମିସ) : ବାଲେଶ୍ୱର ଜିଲ୍ଲା ବୁଢ଼ାବଳଙ୍ଗ ନଦୀ ଉପରେ ନିର୍ମାଣଧୀନ କେଶିପୁର କସିମିଳା ସେତୁକୁ ଅଧପନ୍ତରିଆ କରି ଛାଡ଼ି ଦେବା ପରେ ତେଜିଛି ଜନ ଅସନ୍ତୋଷ । ଏହି ସେତୁକୁ ପୂର୍ଣ୍ଣାଙ୍ଗ ଦାବିକରି ମୁଣ୍ଡ ଟେକିଛି ବୁଢ଼ାବଳଙ୍ଗ ଆଞ୍ଚଳିକ ଉନ୍ନୟନ ପରିଷଦ । ଉନ୍ନୟନ ପରିଷଦ ନେତୃତ୍ୱରେ ସିଭିଲ ସୋସାଇଟି ସହ ବହୁ ସଙ୍ଗଠନ ସହ ଗ୍ରାମବାସୀ ଆଜି ବାଲେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେତୁକୁ ପୂର୍ଣ୍ଣାଙ୍ଗ ଦାବିକରି ଧାରଣା ଦେଇଥିଲେ । "ଖବର ଅନୁସାରେ ବୁଢ଼ା ବଳଙ୍ଗ ନଦୀ ଯୋଗୁଁ ସ୍ଥାନୀୟ ନିକଟବର୍ତ୍ତୀ ପଞ୍ଚାୟତର ଲୋକେ ପ୍ରତିଦିନ ଯାତାୟତରେ ବିଶେଷ ସମସ୍ୟା ଅନୁଭବ କରୁଥିଲେ । ଏହାକୁ ଉପଲକ୍ଷି କରି ତତ୍କାଳୀନ ବିଜୁ ଜନତା ଦଳର ସରକାର ବୁ?। ବଳଙ୍ଗ ନଦୀ ଉପରେ ବିଜୁ ସେତୁ ନିର୍ମାଣ ପାଇଁ ୨୦୧୮ ମସିହାରେ ଅର୍ଥ ଅନୁମୋଦନ କରି ଟେଣ୍ଡରକରି କାର୍ଯ୍ୟ ଆରମ୍ଭ କରିଥିଲେ । ବର୍ତ୍ତମାନ ସୁଦ୍ଧା ପୋଲଟି ୮୦ ପ୍ରତିଶତ




**ପୋଲ ପୂର୍ଣ୍ଣାଙ୍ଗ ଦାବିରେ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା**

ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ହେଲେ, ଭାରତ ସରକାରଙ୍କ ୱାଟର ଉଏ ବିଭାଗର ଭୁଲ ନିଷ୍ପତି କାରଣରୁ ମଇ ମାସ ୨୦୨୪ ମସିହାରେ କାର୍ଯ୍ୟଟି ହଠାତ ବନ୍ଦ ହୋଇଯିବା କାରଣରୁ ଅଞ୍ଚଳବାସୀ ଅଭିଯୋଗ କରିବା ସହ ସେମାନଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି । ଏହି ପୋଲ ନିର୍ମାଣ ହୋଇଥିଲେ ନଗ୍ରମ, ବୁଆଁଳ, ଓଡ଼ଙ୍ଗୀ, ଓଳନ୍ଦାସାରଗାଁ ତଥା ହରିପୁର ପଞ୍ଚାୟତର ହଜାର ହଜାର ଲୋକଙ୍କ ଜୀବନ ରେଖା ପାଲଟିଥାନ୍ତା ଏହି କେଶିପୁର କସିମିଳା ସେତୁ । ହେଲେ ୨୦୨୪ ମସିହାରୁ ଏହି ପୋଲ ନିର୍ମାଣ କାର୍ଯ୍ୟ ବନ୍ଦ କରିଦେବା ଯୋଗୁଁ ଏହା ଅଧପନ୍ତରିଆ ହୋଇ ପଡ଼ି ରହିଛି । ସରକାରୀ ଟଙ୍କାରେ ନିର୍ମିତ ଅଧା ଖାଣ୍ଡିଆ ପୋଲ ଏବେ ଖତ ଖାଉଛି । କୋଟି କୋଟି ସରକାରୀ ଟଙ୍କା ପାଣିରେ ପଡ଼ିଛି । ହେଲେ ସାଧାରଣ ଜନତାଙ୍କ ଦୀର୍ଘଦିନର ଦାବି ପରେ ଲୋକେ ଏହି ପୋଲ ନିର୍ମାଣ ପରେ ସୁରୁଖୁରୁରେ ଯାତାୟତ କରିବା ନେଇ ଆଶା ବାନ୍ଧିଥିଲେ । ପୋଲ ନିର୍ମାଣ କାର୍ଯ୍ୟ ବନ୍ଦ ହେବା ଯୋଗୁଁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀଙ୍କ ନିକଟରେ ପୁନଃ ବିଚାର କରି ପୁନର୍ବାର ବନ୍ଦ ଥିବା ନିର୍ମାଣ କାର୍ଯ୍ୟକୁ ଆରମ୍ଭ କରିବାକୁ ନିବେଦନ କରିଥିଲେ । ପରେ ବିଭାଗ ସ୍ତରରୁ ପୁନଃ ବିଚାର କରାଯାଇ ଗତ ଜାନୁୟାରୀ ୫ ତାରିଖରେ ସମ୍ପୃକ୍ତ ପୋଲ ନିକଟରେ ଅନୁଷ୍ଠିତ ଜନ ସମାବେଶକୁ ବିଧାୟକ, ସରପଞ୍ଚଙ୍କ ଉପସ୍ଥିତିରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ମଧ୍ୟ ପହଁଚି ଅଧପନ୍ତରିଆ ହୋଇ ପଡ଼ି ରହିଥିବା ପୋଲ ନିର୍ମାଣ କାର୍ଯ୍ୟ ୨ ମାସ ଭିତରେ ଆରମ୍ଭ ହେବାର ପ୍ରତିଶ୍ରୁତି ଦେଇଥିଲେ । ହେଲେ କଥା ଦେଇ କଥା ରଖିଲେନି ଅଧିକ୍ଷଣ ଯନ୍ତ୍ରୀ, ଆରମ୍ଭ ହେଲାନି ନିର୍ମାଣ କାର୍ଯ୍ୟ । ଶେଷରେ ଗତ ଫେବୃଆରୀ ୧୭ ତାରିଖରେ ଆଞ୍ଚଳିକ ଉନ୍ନୟନ ପରିଷଦ, ବୁଢ଼ାବଳଙ୍ଗ ପକ୍ଷରୁ ଗତ ୨୪ ତାରିଖ ମଧ୍ୟରେ କାର୍ଯ୍ୟ ଆରମ୍ଭ କରାନଗଲେ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧାରଣାରେ ବସିବା ନେଇ ଅଧିକ୍ଷଣ ଯନ୍ତ୍ରୀଙ୍କ ସହ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ସ୍ଥାନୀୟ ବିଧାୟକଙ୍କୁ ଲିଖିତ ଭାବେ ଜଣାଇଥିଲେ । ହେଲେ ନିର୍ମାଣ ଦିଗରେ କୌଣସି ଅଗ୍ରଗତି ନହେବାରୁ ଆଜି ଆଞ୍ଚଳିକ ଉନ୍ନୟନ ପରିଷଦ, ବୁଢ଼ାବଳଙ୍ଗ, ସିଭିଲ ସୋସାଇଟିର କୃଷ୍ଣଚନ୍ଦ୍ର ନାୟକ, ଚତୁର୍ଭୁଜ ପ୍ରଧାନ, ବାଇଧର ନାୟକ, ମନୋଜ ନାୟକ, ରଘୁନାଥ ଲେଙ୍କା, ଅନ୍ତର୍ଯ୍ୟାମୀ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ, ପ୍ରତିମା ପଣ୍ଡା, ପ୍ରତାପ ନାୟକ, ରତ୍ନମଣୀ ସାହାଣି, ପ୍ରମୋଦ ମହାପାତ୍ର, କାଶିନାଥ ମିଶ୍ରି, ଭାଗବତ ଜେନାଙ୍କ ସହ ଶତାଧିକ ଗ୍ରାମବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଶେଷରେ ଅଧିକ୍ଷଣ ଯନ୍ତ୍ରୀ ଧାରଣାସ୍ଥଳରେ ପହଞ୍ଚି ଉଚ୍ଚ ସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରି ବନ୍ଦ ପଡ଼ିଥିବା ପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାର ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି ।

## ନୀଳଗିରି ଏନ୍‌ଏସିରେ ଅଳିଆ ଗାଡ଼ି ଲଗାଇବାକୁ ନେଇ ନିର୍ବାହୀ ଅଧିକାରୀ ଓ କାଉନସିଲର ମୁହାଁମୁହିଁ
# ଶୁଭାରମ୍ଭ ଫଂସର ଫାଟିଲା, ଧାରଣାରେ ବସିଲେ ଦୁଇ କାଉନସିଲର

ନୀଳଗିରି, ୨୫।୨ (ସମିସ)

ନୀଳଗିରି ଏନ୍.ଏ.ସି ରେ ବୁଧବାର ଦିନ ଏକପ୍ରକାର ଅଭାବନୀୟ ପରିସ୍ଥିତି ସହ, ଲୋକଙ୍କ ଗହଳି ମଧ୍ୟ ଦେଖିବାକୁ ମିଳିଛି । ପରେ ଦେଖିବାକୁ ମିଳିଛି ୧୦ନମ୍ବର କାଉନସିଲ୍ର ଗୌରାଙ୍ଗ ବିନ୍ଧାଣି ଓ ୧ୱାର୍ଡର କାଉନସିଲର ରତିପ୍ରଭା ସାହୁ ଅଫିସ ଆଗରେ ଧାରଣା ଦେଇଥିଲେ । ପରେ ଏନ୍.ଏ.ସି ର ଅଧ୍ୟକ୍ଷ ମହେନ୍ଦ୍ର ବେହେରା ନିଃସର୍ତ୍ତ କ୍ଷମା ପ୍ରାର୍ଥନା ମାଗିଲା ପରେ ଦୁଇ କାଉନସିଲର ଧାରଣରୁ ଉଠିଥିଲେ ।

ନୀଳଗିରି ଏନ୍.ଏ.ସିର ସଫେଇ ଗାଡ଼ି ଲିଜ୍ ସୂତ୍ରରେ ବ୍ୟାଟେରୀ ଅପରେଟିଂ ଭେଇକିଲ(ବି.ଓ.ଭି) ଗାଡ଼ି ଆଣିବା ପାଇଁ ଗତ ୯/୧/୨୬ରେ କାଉନସିଲିଂ ମିଟିଂ ରେ ଅଧ୍ୟକ୍ଷ ପ୍ରସ୍ତାବ ଆଗତ କରିଥିଲେ । ମାତ୍ର ବହୁ ସଭ୍ୟ/ସଭ୍ୟାଙ୍କ ଅଭିଯୋଗ ମୂଳେ ପୂର୍ବରୁ ବି.ଓ.ଭି ଗାଡ଼ି ଚାଲିଥିବା ବେଳେ ବାରମ୍ବାର ଖରାପ



ହେଉଥିବା ବେଳେ ଏବେ ସେ ଗାଡ଼ି ଗୁଡ଼ିକ ଖାତ ଖାଉଛି । ଏଣୁ ବି.ଓ.ଭି ଗାଡ଼ି ନ ଆଣିବା ପାଇଁ ମିଟିଂ ରେ ଆଲୋଚନା କରାଯିବ ସହ ଡିଜେଲ କିମ୍ବା ପେଟ୍ରୋଲ ଗାଡ଼ି ଆଣିବା ନେଇ ନେଇ ପରବର୍ତ୍ତୀ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର କରାଯାଇଥିଲା । ମାତ୍ର ବୁଧବାର ଦିନ ସକାଳ ପ୍ରାୟ ୯ସମୟରେ ପାଞ୍ଚ ଟି ବ୍ୟାଟେରୀ ଚାଳିତ ସଫେଇ ଗାଡ଼ି କାର୍ଯ୍ୟାଳୟ ପରିସରରେ ଖୋଦ୍ ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ବେହେରା ଓ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା କୌଣସି କାଉନସିଲରଙ୍କୁ ନ ଜଣାଇ ହାତରେ ନଡ଼ିଆ ଧରି ଶୁଭାରମ୍ଭ ପାଇଁ ନଡିଆ ଫଟାଇବାକୁ ଯାଉଥିବା ବେଳେ କାଉନସିଲର ଗୌରାଙ୍ଗ ବିନ୍ଧାଣି ଏହାକୁ ସମ୍ପୂର୍ଣ୍ଣ ରୂପେ ବିରୋଧ କରି ନଡ଼ିଆ ଫଟାଇବାକୁ ଦେଇ ନଥିଲେ । କାରଣ ଉକ୍ତ ଗାଡ଼ି ଲିଜ ସୂତ୍ରରେ ଆଣିବା ପାଇଁ କାଉନସିଲ ବୈଠକ ଅନୁମୋଦନ ହୋଇ ନ ଥିବା ବେଳେ ପୁଣି କୌଣସି କାଉନସିଲରଙ୍କୁ ନ ଜଣାଇ ଶୁଭାରମ୍ଭକୁ ବିରୋଧ କରି ଧାରଣାରେ ବସିଥିଲେ । ପରେ ଏହାକୁ ସମର୍ଥନ ଜଣାଇ ସଭ୍ୟା ରତିପ୍ରଭା ସାହୁ ମଧ୍ୟ ଧାରଣାରେ ବସିଥିଲେ । ସନ୍ଧ୍ୟା ପ୍ରାୟ ୬ଟା ପର୍ଯ୍ୟନ୍ତ ଧାରଣାରେ ବସିଥିବା ବେଳେ ନୀଳଗିରି ଏନ୍.ଏ.ସି ଟି ଶାସକ ଦଳ କବଜାରେ ଥିବା ବେଳେ କାଳେ ଲୋକହସା ହେବେ ଧାରଣାରୁ ଉଠାଇବା ପାଇଁ ଲାଗିପଡ଼ିଲେ ସ୍ଥାନୀୟ ବିଜେପି ନେତା । ମାତ୍ର ବିଜେପି କାଉନସିଲର ଗୌରାଙ୍ଗ ବିନ୍ଧାଣି ଓ ରତିପ୍ରଭା ସାହୁ ନିଜ ନ୍ୟାୟ ହକ୍‌ରୁ ଓହରି ନଯାଇ ଧାରଣାରେ ବସିଥିଲେ । ଗୋଟାଏ ଜିଦ୍ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇ ନ ଥିବା ବେଳେ ଅଫିସର ନିଜ ବାହୁବଳରେ ଯାହା ଇଚ୍ଛା ତାହା କରିଦେବେ, ତେବେ କାଉନସିଲର ରହିବା ଦରକାର ନାହିଁ ବୋଲି କହି ଜିଦ୍‌ରେ ଅଟଳ ରହିଥିଲେ । ଏହି ଘଟଣାକୁ ତୁରନ୍ତ ହଟାଇବା ପାଇଁ ତୁଙ୍ଗ ନେତାଙ୍କ ତାଗିଦ୍ ଆସିବା ପରେ ଧାରଣା ସ୍ଥଳରେ ନିର୍ବାହୀ ଅଧିକାରୀ ଓ ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ବେହେରା ଧାରାଣାକାରୀଙ୍କୁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ମାଗିବା ପରେ ଧାରଣାରୁ ଉଠି ଥିଲେ । ତେବେ ଆସନ୍ତା ବୈଠକରେ ସବିଶେଷ ଆଲୋଚନା ହେବାର ପ୍ରତିଶ୍ରୁତି ଦେଇଛନ୍ତି ଭାରପ୍ରାପ୍ତ ଅଧ୍ୟକ୍ଷ । ତେବେ ମାସିକ ୨୨ ହଜାର ଟଙ୍କାର ଭଡ଼ା ସୂତ୍ରରେ ତିନି ବର୍ଷ ପାଇଁ ଟେଣ୍ଡର ଧାରୀଙ୍କ ସହ ଚୁକ୍ତିନାମା ହୋଇଥିବା ବେଳେ ଚାଳକ ଓ ଗାଡ଼ି ମରାମତି ଟଙ୍କା ଅଫିସ ବହନ କରିବ ବୋଲି ଜଣା ପଡ଼ିଛି । ତେବେ ଏହି ଘଟଣାକୁ ସଭ୍ୟ/ସଭ୍ୟାଙ୍କ ଲୋଚନକୁ ନ ଆଣିବା ପଛରେ କାରଣ କ'ଣ, ତାହାକୁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ମତ୍ସ୍ୟ ଅବତରଣ କେନ୍ଦ୍ରରେ ସଚେତନତା କର୍ମଶାଳା




ବାଲେଶ୍ୱର, ୨୫।୨(ସମିସ): ବଳରାମଗଡ଼ି ମତ୍ସ୍ୟ ଅବତରଣ କେନ୍ଦ୍ର ଠାରେ ନେଟଫିସ -ଏମ ପି ଡି ଏ ଏବଂ ରାଜ୍ୟ ମତ୍ସ୍ୟ ବିଭାଗ ଆନକୂଲ୍ୟରେ ମାଛଧରା ଟ୍ରଲରରେ ଟର୍ଟଲ ଏକ୍ସକ୍ଲୁସିଭ ଡିଭାଇସ୍ ର ଲାଭ ସମ୍ପର୍କିତ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ସମୟରେ ଚୟନିତ ଟ୍ରଲର ମାଲିକ ମାନଙ୍କୁ ଟେଡ ବଣ୍ଟନ କରାଯାଇଥିଲା । ଟେଡ୍ ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ ସଚେତନତା ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସଂଯୋଜୋକ ଶୁଭକାନ୍ତ ମହାପାତ୍ର ପରିଚାଳନା କରିଥିଲେ । ରାଜ୍ୟ ମତ୍ସ୍ୟ ବିଭାଗ ପକ୍ଷରୁ ସହକାରୀ ନିର୍ଦ୍ଦେଶକ ସୁବ୍ରତ ପଟ୍ଟନାୟକ, ସହକାରୀ ମତ୍ସ୍ୟ ଅଧିକାରୀ ଲକ୍ଷ୍ମୀଧର ପ୍ରଧାନ ଓ ସୌମିତ୍ର ଦାସ ଟେଡ ର ଲାଭ ବିଷୟରେ ଟ୍ରଲର ମାଲିକ ମାନଙ୍କୁ ବୁଝାଇ ଥିଲେ ।

ବଳରାମଗଡ଼ି ମତ୍ସ୍ୟଜୀବୀ ସଂଘ ତରଫରୁ ସଭାପତି ନରେନ୍ଦ୍ର ବିହାରୀ ଦାସ, ସମ୍ପାଦକ ତ୍ରିଲୋଚନ ବସ୍ତିଆ, ବଳରାମଗଡ଼ି ଏଚ ଡି ସି ପ୍ରମୋଦ କୁମାର ସାହୁ, ପାରାଦୀପ ଏଚ୍ ଡି ସି ଜଗନ୍ନାଥ ସ୍ୱାଇଁ ଏବଂ ବଳରାମଗଡ଼ିର ସମସ୍ତ ସାଗରମିତ୍ର ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ।

# ଗହୀରମଥାରୁ ଟ୍ରଲର୍ ଜବତ, ୮ ମତ୍ସ୍ୟଜୀବୀ ଗିରଫ

● ସାଢ଼େ ୮ କ୍ୱିଣ୍ଟାଲ ମାଛ, ଜିପିଏସ୍, ଫିସ୍ ଫାଇଣ୍ଡର୍ ଓ ଭିଏଚ୍ଏଫ୍ ସେଟ୍ ଜବତ



ରାଜନଗର, ୨୫।୨(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଟିମ୍ ଅଭିୟନ୍ତୁ ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ବନ ବିଭାଗର କର୍ମଚାରୀ ଟ୍ରଲରଟିକୁ ଜବତ କରିଥିଲେ। ଜବତ ଟ୍ରଲରରୁ ଗୋଟିଏ ଜିପିଏସ୍, ୩ ଟି ଭିଏଚ୍ଏଫ୍, ଗୋଟିଏ ଫିସ୍ଫାଇଣ୍ଡର, ୯ଟି ଟ୍ରଲିଂ ନେଟ୍ ଓ ୮ କ୍ୱିଣ୍ଟାଲ ୫୦ କିଲୋଗ୍ରାମ ସାମୁଦ୍ରିକ ମାଛକୁ ଜବତ କରିଛନ୍ତି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ରନ୍ତୁ ସାମନ୍ତ, ରବୀନ୍ଦ୍ର ସେଠୀ, ଗଣେଶ ସିଂ, ଆନନ୍ଦ ଖିଲାର, ମୋହନ ସିଂ, ପ୍ରଦୀପ ମାଝୀ, ରାଜୁ ସିଂ ଓ ଅଜୟ ମାଝୀ। ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ବନ ବିଭାଗ ସୂଚନା ଦେଇଛି। ଗିରଫ ମତ୍ସ୍ୟଜୀବୀ ବାଲେଶ୍ୱର ଜିଲ୍ଲାର ବୋଲି ଜଣାପଡ଼ିଛି।

## ଧାନକିଣା ଅବ୍ୟବସ୍ଥା ନେଇ ଚାଷୀଙ୍କ ତୀବ୍ର ପ୍ରତିକ୍ରିୟା

# ମଣ୍ଡିରେ ପହଞ୍ଚି ରେକର୍ଡ ଯାଞ୍ଚକଲେ ତହସିଲଦାର

ରାଜନଗର, ୨୫।୨(ସମିସ)





ରାଜନଗର ବ୍ଲକର ବିଭିନ୍ନ ମଣ୍ଡିରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଚାଷୀଙ୍କ ପ୍ରତିକ୍ରିୟାକୁ ଦୃଷ୍ଟିରେ ଖି ସ୍ଥାନୀୟ ତହସିଲଦାରେ ମଣ୍ଡିରେ ପହଞ୍ଚି ଚାଷୀଙ୍କ ଅଭିଯୋଗ ଶୁଣିଥିଲେ। ଚାଷୀମାନେ ଅଭିଯୋଗ କରିଥିଲେ ଯେ ମଣ୍ଡିରେ ଧାନକିଣା ପ୍ରକ୍ରିୟାରେ ବ୍ୟାପକ ଅବ୍ୟବସ୍ଥା ହେଉଛି। ସରକାର କଟ୍‌ନୀ ଛଟ୍‌ନୀ ହେବ ନାହିଁ ବୋଲି ଡିଣ୍ଡିମ ପିଟୁଥିବାବେଳେ ରାଜନଗର ବ୍ଲକରେ ଖୋଲାଖୋଲି ଭାବେ କଟ୍‌ନୀ ଛଟ୍‌ନୀ କରାଯାଉଛି। ଚାଷୀ ପ୍ରତିବାଦ କଲେ ମଣ୍ଡିରେ ହଇରାଣ ହରକତ କରାଯାଉଛି। ଯିଏ ପ୍ରତିବାଦ କଲା, ତାଙ୍କ ଧାନ ସେମିତି ପଡ଼ିରହୁଛି। ବ୍ଲକ ଯୋଗାଣ ଅଧିକାରୀଙ୍କ ଠାରୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଯାଏଁ ସମସ୍ତେ ଚାଷୀ ଶୋଷଣକୁ ପ୍ରଶ୍ରୟ ଦେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀ ମାସରେ ଅଧିକ ସମୟ ଧରି ମଣ୍ଡିକୁ ଧାନ ଆଣିଥିଲେ ମଧ ମିଲର୍ ଧାନ ନେବାକୁ ଆସୁନାହାନ୍ତି। ମାତ୍ର ମିଛ ପରିବହନ ବା ମିଛ ଭିଟିଏସ୍ ବ୍ୟବସ୍ଥାରେ ମିଲର ମଣ୍ଡିରୁ ଧାନ ଉଠାଇଥିବା ସରକାରୀ ରେକର୍ଡରେ ଦର୍ଶାଯାଉଛି। ଆଜି ରାଜନଗର ତହସିଲଦାର ମଣ୍ଡିରେ ପହଞ୍ଚି ଚାଷୀଙ୍କ ଅଭିଯୋଗ ଶୁଣିବା ସହିତ ୭ଦିନ ଭିତରେ ସମସ୍ତଙ୍କ ଧାନ ଉଠିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରାଜନଗର ବ୍ଲକର ୧୩ ଟି ସେବା ସମବାୟ ସମିତିରେ ଧାନ ବିକିବାକୁ ୭୧୬୮ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ୧୩ ଟି ସେବା ସମବାୟ ସମିତି ଚାଷୀଙ୍କଠାରୁ ପ୍ରଥମ ଓ ଦ୍ୱିତୀୟ ଦଫାରେ ୧ ଲକ୍ଷ ୫୫ ହଜାର କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଆସିଥିଲା। ୧୮ ତାରିଖ ସୁଦ୍ଧା ୧ ଲକ୍ଷ ୨୩ ହାଜର ୭୪୫ କ୍ୱିଣ୍ଟାଲ ଧାନ କିଣା ସରିଥିବା କାଗଜପତ୍ରରେ ଦର୍ଶାଯାଇଛି। ସେଥିମଧ୍ୟରୁ ସତ୍ୟ ନାରାୟଣ ରାଇସ ମିଲ୍, ହରଗୌରୀ ରାଇସ ମିଲ୍, ରାମଚଣ୍ଡୀ ରାଇସ ମିଲ୍, ତୁଳସୀ ରାଇସ୍ ମିଲ୍, ପଦ୍ମାବତୀ ରାଇସ୍ ମିଲ୍ ଧାନ କିଣିଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜନଗର ବ୍ଲକ ସାନଓର ଗାଁର ମାଳତି ସ୍ୱାଇଁ ମାସେ ତଳୁ ୨୮ କୁଇଣ୍ଟାଲ ଧାନ ରାଜନଗର ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିକୁ ଆଣିଛନ୍ତି। ଆଜି ତାଙ୍କ ଠାରୁ ଧାନ ନେବାର ଟୋକାନର ଶେଷ ତାରିଖ ଥିଲା। ମାତ୍ର ଆଜି ଯାଏଁ ଧାନ ଉଠିନି ବୋଲି ସେ କହିଛନ୍ତି। ସେହି ଗାଁର ଭୋଳାନାଥ ଦାସଙ୍କ କହିବା କଥା ହେଲା ୨୦ ଜାନୁୟାରୀରେ ୩୧ କ୍ୱିଣ୍ଟାଲ ଧାନ ମଣ୍ଡିକୁ ଆଣିଛୁ। ଆଜି ଯାଏଁ ମିଲର୍ ଧାନ ଉଠାଇବାକୁ ଆସିଲେ ନାହିଁ। ୧୮ ତାରିଖରେ ଟୋକାନ୍‌ର ଶେଷ ତାରିଖ ଥିଲା। ସମ୍ପାଦକ ଆମ ଠାରୁ ଧାନ କିଣିଛନ୍ତି ବୋଲି ଦର୍ଶାଇ ଆଖି ଝାଳ କରିଛନ୍ତି। ମାତ୍ର ୩୭ ଦିନ ହୋଇଗଲା ମଣ୍ଡିରୁ ଧାନ ଉଠି ପାରିଲା ନାହିଁ। ରାଜନଗର ମଣ୍ଡିରେ ୩୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ପାଖାପାଖି ୨ ହଜାର କ୍ୱିଣ୍ଟାଲ ଧାନ ପଡ଼ିରହିଛି। ଏଭଳି ବାରମ୍ବାର ଅଭିଯୋଗ ଆସିବା ପରେ ଆଜି ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ ରାଜନଗର ମଣ୍ଡିରେ ପହଞ୍ଚି ରେକର୍ଡ ଯାଞ୍ଚ କରିବା ସହିତ ଚାଷୀଙ୍କ ଅଭିଯୋଗ ଶୁଣିଥିଲେ।

# ବିଷ ପିଇ ଜଣେ ଗୁରୁତର

ଆଳି, ୨୫।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ବରୁଣାଡିହା ପଞ୍ଚାୟତର ବରୁଣାଡ଼ିହା ଗ୍ରାମର ଜଣେ ବ୍ୟକ୍ତି ବିଷ ପିଇ ଗୁରୁତର ହୋଇଛନ୍ତି। ଆଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରାଯାଇଛି। ସେ ହେଲେ ରାଜକନିକା ଥାନା ବରୁଣାଡ଼ିହା ଗ୍ରାମର ଭରତ ମହାନ୍ତି (୫୭)। ସେ ବିଷ ପିଇ ଗୁରୁତର ହୋଇ ପଡ଼ିଥିଲେ। ପ୍ରଥମେ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି।

# ବ୍ଲକସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ଶିବିର



ରାଜନଗର, ୨୫।୨(ସମିସ): ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲକସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି, ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସଚ୍ଚିଦାନନ୍ଦ ନାୟକଙ୍କ ସହିତ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଗୋଟିଏ ଟିମ୍ ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ଚିକିତ୍ସା କରିଥିଲେ। ଏହି ଶିବିରରେ ୫୪ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏହି ଶିବିରକୁ ବିପିଏମ୍ ଶ୍ରୀକାନ୍ତ ଦାସ, ଚନ୍ଦ୍ରଶେଖର ମଲ୍ଲିକ, ନିର୍ମଳ କୁମାର ଦାଶ, ଯୀଶୁଖ୍ରୀଷ୍ଟ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ଠାକୁର ଅଭିରାମ ପରମହଂସଙ୍କ ଭକ୍ତମିଳନ ଉତ୍ସବ



ରାଜନଗର, ୨୫।୨(ସମିସ): ରାଜନଗର ବ୍ଲକ ମହୁଲିଆ ଯଜ୍ଞ ପଡ଼ିଆଠାରେ ଆୟୋଜିତ ଆଧ୍ୟାତ୍ମିକ ମହୋତ୍ସବ ସନାତନ ଧର୍ମର ଅନ୍ୟତମ ପରିବ୍ରାଜକ ଜଗତଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସଦେବଙ୍କ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତମିଳନ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୨୦ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ଶାନ୍ତି ଆନନ୍ଦ ଆଶ୍ରମର ବାବାଜୀ ଭୀମସେନ ଦାସ, ବାବାଜୀ ଅଦୈତ ଦାସ, ବାବାଜୀ ରାଧାରମଣ ଦାସ, ବାବାଜୀ ଜନ୍ମେଜୟ ଦାସ, ବାବାଜୀ ହରେକୃଷ୍ଣ ଦାସ, ବାବାଜୀ ବୁଦ୍ଧଦେବ ଦାସ, ସତ୍ୟଚୈତନ୍ୟ ବ୍ରହ୍ମଚାରୀ ବ୍ରହ୍ମାନନ୍ଦ ସରସ୍ୱତୀ, ବାବାଜୀ ସତ୍ୟପ୍ରଜ୍ଞାନନ୍ଦ ଦାସ, ପରମେଶ୍ୱର ଦାସ, ଧର୍ମାନନ୍ଦ ଦାସଙ୍କ ସହ ଶାନ୍ତିଧାମ କରମଳାର ସାଧୁସନ୍ଥ ସାମିଲ ହୋଇ ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଠାକୁରଙ୍କ ଶ୍ରୀବିଗ୍ରହକୁ ରାଜନଗରସ୍ଥ ଆଶ୍ରମରୁ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ବିଭିନ୍ନ ଗାଁ ପରିକ୍ରମା କରାଇ ସଂକୀର୍ତ୍ତନ ମାଧ୍ୟମରେ ମହୁଲିଆ ସମ୍ମିଳନୀସ୍ଥଳକୁ ଆଣିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀ ଓ ମହୁଲିଆ ପଞ୍ଚାୟତ ଭକ୍ତ ସମିତିର ସଭାପତି ବିଶ୍ୱନାଥ ରାଉତ, ସମ୍ପାଦକ ବୈକୁଣ୍ଠନାଥ ଦାସଙ୍କ ସହ ପଞ୍ଚାୟତବାସୀ ସହଯୋଗ କରିଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରରୁ ଦେଶୀ ମଦ ଜବତ

## ସହାୟିକାଙ୍କୁ ଗିରଫ ପାଇଁ ପଦକ୍ଷେପ

କେନ୍ଦ୍ରାପଡ଼ା, ୨୫।୨(ସମିସ): ପୂର୍ବରୁ ଜାତିଗତ ଭେଦଭାବ ଅଭିଯୋଗକୁ ନେଇ ଏକ ଅଙ୍ଗନବାଡ଼ି କେନ୍ଦ୍ର ବିବାଦୀୟ ହୋଇଥିବାବେଳେ ଏବେ ଆଉ ଏକ ଅଙ୍ଗନବାଡ଼ି କେନ୍ଦ୍ର ଭିତରୁ ଦେଶୀ ମଦ ବୋତଲ ଜବତ ହୋଇଛି। ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାର ନିକିରାଇ ଥାନା ଅନ୍ତର୍ଗତ ଧୂମାତ ଶାସନ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ଘଟିଛି। ସୂଚନାନୁସାରେ, ଅବକାରୀ ବିଭାଗ ଏହି କେନ୍ଦ୍ର ଭିତରୁ ୧୩ ଟି ଦେଶୀ 'ଆସ୍କା ୪୦' ମଦ ବୋତଲ ଜବତ କରିଛି। ଦୀର୍ଘଦିନ ଧରି ଏଠାରେ ଚୋରା ମଦ ବ୍ୟବସାୟ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରୁଥିବା ବେଳେ ବୁଧବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା।

ଅବକାରୀ ବିଭାଗର ଏକ ଚାରିଜଣିଆ ଟିମ୍ ପ୍ରଥମେ ଗାଁର ଦୁଇଟି ସ୍ଥାନରେ ଚଢ଼ଉ କରିଥିଲେ ମଧ୍ୟ କୌଣସି ନିଶା ଦ୍ରବ୍ୟ ମିଳି ନଥିଲା। ତେବେ ଗ୍ରାମବାସୀ ଅଙ୍ଗନବାଡ଼ି କେନ୍ଦ୍ରରେ ମଦ ବ୍ୟବସାୟ ହେଉଥିବା ସୂଚନା ଦେବା ପରେ ଟିମ୍ ସେଠାକୁ ପହଞ୍ଚିଥିଲା। ସେଠାରେ ଏକ ବ୍ୟାଗ ଭିତରୁ ୧୩ ଟି ଦେଶୀ ମଦ ବୋତଲ ଜବତ କରାଯାଇଥିବା ଜଣାପଡ଼ିଛି। ଅଙ୍ଗନବାଡ଼ି କେନ୍ଦ୍ରରୁ ମଦ ଜବତ ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ଏକତ୍ରିତ ହୋଇ ହୋହଲ୍ଲା କରିଥିଲେ। ଶିଶୁମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କେନ୍ଦ୍ରରୁ ମଦ ମିଳିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏ ନେଇ ଅବକାରୀ ବିଭାଗର ଏସ୍ଆଇ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଗଣମାଧ୍ୟମକୁ କହିଛନ୍ତି ଯେ, ଧୂମାତ ଶାସନ ଗାଁରେ ଚୋରା ମଦ ଓ ଗଞ୍ଜେଇ ବ୍ୟବସାୟ ହେଉଥିବା ନେଇ ପୂର୍ବରୁ ଅଭିଯୋଗ ମିଳିଥିଲା। ଚଢ଼ଉ ସମୟରେ ବ୍ୟବସାୟୀମାନେ ପୂର୍ବରୁ ସତର୍କ ହୋଇ ମଦ ହଟାଇ ଦେଇଥିବାରୁ କିଛି ମିଳିନଥିଲା। ପରେ ଗ୍ରାମବାସୀଙ୍କ ସୂଚନା ଆଧାରରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ତଦନ୍ତ କରାଯାଇଥିଲା। ତଦନ୍ତ ସମୟରେ ଅଙ୍ଗନବାଡ଼ି କର୍ମୀଙ୍କୁ ପଚରାଉଚରା କରାଯାଇଥିଲା। ସେ ଏହି ଘଟଣାରେ ସମ୍ପୃକ୍ତ ନଥିବା ଓ ସହାୟିକା ମଦ ବୋତଲ ରଖି ଚାଲିଯାଇଥିବା କଥା କହିଥିବାରୁ କର୍ମୀଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ଏହି ଘଟଣାରେ ସମ୍ପୃକ୍ତ ସହାୟିକାଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଉଲ୍ଲେଖନୀୟ, ପୂର୍ବରୁ ଏକ ଅଙ୍ଗନବାଡ଼ି କେନ୍ଦ୍ର ଜାତିଗତ ଭେଦଭାବ ଅଭିଯୋଗକୁ ନେଇ ମଧ୍ୟ ଚର୍ଚ୍ଚାରେ ରହିଥିଲା।

# ମାଟ୍ରିକ୍ ଇଂରାଜୀ ପ୍ରଶ୍ନପତ୍ର 'ବି' ସେଟ୍‌ରେ ତ୍ରୁଟି ଅଭିଯୋଗ

ପଟ୍ଟାମୁଣ୍ଡାଇ, ୨୫।୨(ସମିସ): ମାଟ୍ରିକ ପରୀକ୍ଷା ଇଂରାଜୀ ପ୍ରଶ୍ନପତ୍ର ବି ସେଟ୍‌ରେ ତ୍ରୁଟି ଥିବା ଅଭିଯୋଗ ହୋଇଛି। ପ୍ରଶ୍ନପତ୍ର ବି ସେଟ୍‌ର ଲେଖାଅଛି, ଟେକ୍ କେୟାର ଅର ଏଲ୍ସ ୟୁ ୱିଲ୍ ଫେଲ/ଟେକ୍ କେୟାର, ଅର ଏଲ୍ସ ୟୁ ୱିଲ୍ ଫେଲ। ଏଠାରେ ଉଭୟ ବାକ୍ୟ ଠିକ୍। ମାତ୍ର ଅର୍ଥ ଅଲଗା। ଦୁଇଟି ବାକ୍ୟ ଠିକ୍। ପୁନଶ୍ଚ ଅନ୍ୟ ପ୍ରଶ୍ନଟି ହେଲା- ଏ ଗ୍ରୁପ୍ ଅଫ୍ ସ୍ମଗଲସ୍ --- ଆରେଷ୍ଟେ ୟେଷ୍ଟର୍ଡେ। ଏଠାରେ ୱାଜ୍ ଏବଂ ଓୟାର ଉଭୟ ଠିକ୍। କଲେକ୍ଟିଭ ନାଉନ୍ ପାଇଁ 'ୱାଜ୍ ଏବଂ ନାଉନ ଅଫ୍ ମଲ୍ଟିଚ୍ୟୁଡ୍ ପାଇଁ 'ଓୟାର ବ୍ୟବହୃତ ହୋଇଥାଏ। ଏଣୁ ଦୁଇଟି ପ୍ରଶ୍ନର ଉତ୍ତର ଯଥା, ଅର ଏଲ୍ସ ଏବଂ (ବିନା କମା) ଏବଂ ଦ୍ୱିତୀୟ ପ୍ରଶ୍ନରେ 'ୱାଜ୍ ଏବଂ ଓୟାର ଉଭୟ ଠିକ୍। ପୁନଶ୍ଚ ପ୍ରଶ୍ନପତ୍ର ୪୬ରେ ଲେଖା ଅଛି 'ୱି ପ୍ରେ ଦି ଗଡ୍' ମାତ୍ର ଏହା ହେବା ଉଚିତ୍ ଯେ 'ୱି ପ୍ରେ ଟୁ ଗଡ୍' ଏବଂ ଗଡ୍ ପୂର୍ବରେ ଦି ବସେ ନାହିଁ। ଏହି ତ୍ରୁଟିକୁ ଦର୍ଶାଇଛନ୍ତି ବରିଷ୍ଠ ଶିକ୍ଷାବିତ୍ ତଥା ଓକିଲ ବିଜୟ କୁମାର ରାଉତ, ଓକିଲ ଧୀରେନ୍ଦ୍ର ନାଥ ସାହୁ ଏବଂ ଓକିଲ ସୁରେଶ କୁମାର ନରେନ୍ଦ୍ର। ଏହାର ସଠିକତା ଏବଂ ଔଚିତ୍ୟକୁ ବିଚାର କଲେ ପରୀକ୍ଷାର୍ଥୀମାନେ ଉପକୃତ ହୋଇପାରନ୍ତେ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

# ଗରଦପୁରରେ 'ଟିଭିଏସ୍ ଅରବିଟର୍'ର ଶୁଭାରମ୍ଭ



ଗରଦପୁର, ୨୫।୨(ସମିସ): ଶାରଳା ଟିଭିଏସ ପକ୍ଷରୁ ଟିଭିଏସ୍ ମୋଟର କମ୍ପାନୀ ନିର୍ମିତ ବହୁ ପ୍ରତୀକ୍ଷିତ ଅତ୍ୟାଧୁନିକ ଇଲେକ୍ଟ୍ରିକ୍ ସ୍କୁଟର 'ଟିଭିଏସ୍ ଅରବିଟର'ର ଶୁଭାରମ୍ଭ ଗରଦପୁର ବଜାର ସ୍ଥିତ ସୋ'ରୁମ୍ ପରିସରରେ ଆରମ୍ଭ ହୋଇଛି। ଏହି ନୂତନ ମଡେଲ୍ ସହରାଞ୍ଚଳ ଯାତାୟାତକୁ ସହଜ, ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବ। ଶୁଭାରମ୍ଭ ଅବସରରେ ବିଜେପିର ପ୍ରବକ୍ତା ତେଜେଶ୍ୱର ପରିଡ଼ା, ଗରଦପୁର ବିଡିଓ ଆଲୋକ କୁମାର ସେଠୀ, ତହସିଲଦାର ତୃପ୍ତି ଦାଶ, ଅଗ୍ନି ନିର୍ବାହୀ ଅଧିକାରୀ ଅମନ ଗୌରବ ଓ ପାଟକୁରା ଥାନା ଅଧିକାରୀ ମହମ୍ମଦ ଜାମସେଦ ଅତିଥି ଭାବେ ଯୋଗଦେଇଥିଲେ। ଶାରଳା ଟିଭିଏସର ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମୀର ଟିଭିଏସ୍ କମ୍ପାନୀ କର୍ତ୍ତୃପକ୍ଷ ସମୀର କୁମାର ଚାନ୍ଦ ଯୋଗଦେଇ ନୂତନ ସ୍କୁଟରର ବୈଶିଷ୍ଟ୍ୟ ସମ୍ପର୍କରେ ଅଲୋକପାତ କରିଥିଲେ। ସେ କହିଥିଲେ ଯେ, ଟିଭିଏସ୍ ଅରବିଟରରେ ଶକ୍ତିଶାଳୀ ୩.୧ କିଲୋୱାଟ ବ୍ୟାଟେରୀ ରହିଛି। ଯାହା ଥରେ ଚାର୍ଜ କଲେ ୧୫୮ କିଲୋମିଟର ପର୍ଯ୍ୟନ୍ତ ଚାଲିପାରିବ। ଏହି କାର୍ଯ୍ୟକ୍ରମରେ ସୋ'ରୁମ୍‌ର କର୍ମକର୍ତ୍ତା, କର୍ମଚାରୀ ଓ ବହୁ ସଂଖ୍ୟକ ଗ୍ରାହକ ଉପସ୍ଥିତ ରହି ନୂତନ ସ୍କୁଟର ପ୍ରତି ଆଗ୍ରହ ପ୍ରକାଶ କରିଥିଲେ।

# ବାରମ୍ବାର ବିଦ୍ୟୁତ୍ କାଟ୍‌କୁ ବିରୋଧ

ପଞ୍ଚୁପାଣ୍ଡବ, ୨୫।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ସମସ୍ତ ମୁସଲିମ ବସ୍ତିରେ ବସବାସ କରୁଥିବା ଜନସାଧାରଣ ରମଜାନ ମାସର ଓଷା(ରୋଜା)ପାଳନ ଜାରି ରହିଛି। ଏହି ରୋଜା ଏକମାସ ପର୍ଯ୍ୟନ୍ତ ଜାରି ରହିବ। ଏହି ପବିତ୍ର ରମଜାନ ମାସ ଗତ ୧୭ ତାରିଖରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ପାଳନ ହେବ। ଏହି ମାସ ମଧ୍ୟରେ ବିଶେଷ କରି ଭୋର୍ ୫ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମୁସଲମାନ ଧର୍ମାବଲମ୍ବୀମାନେ ସମ୍ପୂର୍ଣ୍ଣ ଉପବାସ ରହି ସନ୍ଧ୍ୟାରେ ରୋଜା ଫିଟାଇବେ। ଏଥି ମଧ୍ୟରେ ୫ ଥର ନମାଜ ପାଠ କରିବା ସହ କୋରାନ ପାଠ ଜାରି ରହିବ। ଏହି ରୋଜା ମାସରେ ନୀତି ନିୟମ ଅନୁଯାୟୀ ପାଳନ କଲେ ମହାପୁଣ୍ୟ ମିଳିଥାଏ ବୋଲି ମୁସଲମାନ ଭାଇ ଭଉଣୀମାନଙ୍କ ବିଶ୍ୱାସ ରହିଛି। ବିଦ୍ୟୁତ୍ ବାରମ୍ବାର କାଟିବାରୁ ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଡେରାବିଶ ବ୍ଲକ ଅନ୍ତର୍ଗତ ଛତା ବିଦ୍ୟୁତ୍ ସେକ୍ସନ ଓ ବାଲିଚନ୍ଦ୍ରପୁର ବିଦ୍ୟୁତ୍ ସେକ୍ସନରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ଓଷା ପାଳନ ପାଇଁ ଅତ୍ୟାବଶ୍ୟକ ସେବା ତଥା ଗାଁ ଗାଁ ରେ ପାନୀୟ ଜଳର ସୁବିଧା ଏବଂ ବିଦ୍ୟୁତ୍ ବ୍ୟବସ୍ଥା କରିବା ପାଇଁ ଡେରାବିଶ ବ୍ଲକ ର ପ୍ରଶାସନ ଅଧିକାରୀ ମାନଙ୍କୁ ମୁସଲିମ ଭାଇ ଭଉଣୀ ମାନେ ଦାବି କରିଛନ୍ତି।

# କେନ୍ଦ୍ରାପଡ଼ାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା



କେନ୍ଦ୍ରାପଡ଼ା, ୨୫।୨(ସମିସ): ଜିଲ୍ଲାରେ ଚାକିରି ପାଇଁ ଆଶାୟୀ ଯୁବକଯୁବତୀଙ୍କ ପାଇଁ ଆଶାର ନୂତନ ଆଲୋକ ନେଇ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆଜି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୋଟ ୧୧୬୮ ଜଣ ନିଯୁକ୍ତି ଆଶାୟୀ ପଞ୍ଜିକୃତ ହୋଇଥିବା ବେଳେ ବିଭିନ୍ନ ଘରୋଇ ସଂସ୍ଥା ଯୋଗଦେଇ ନିଯୁକ୍ତି ସୁଯୋଗ ପ୍ରଦାନ କରିଛନ୍ତି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନର ସମ୍ମିଳିତ ସହଯୋଗରେ ଏହି ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା। ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଏପରି ନିଯୁକ୍ତି ମେଳା ଯୁବକମାନଙ୍କୁ ଚାକିରି ସୁଯୋଗ ସହ ଦକ୍ଷତା ବୃଦ୍ଧିର ମାର୍ଗ ପ୍ରଦର୍ଶନ କରୁଛି। ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି ଓ ଜିଲ୍ଲାପାଳ ରଘୁରାମ ଆର. ଆୟର ପ୍ରମୁଖ ଉପସ୍ଥିତ ରହି ଯୁବମାନଙ୍କୁ ଏହି ସୁଯୋଗର ସଦୁପଯୋଗ କରିବାକୁ ପ୍ରେରିତ କରିଥିଲେ। ଏହି ନିଯୁକ୍ତି ମେଳାରେ ୫୩ଟି ଘରୋଇ ସଂସ୍ଥା ଓ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂସ୍ଥା ଅଂଶଗ୍ରହଣ କରିଥିଲେ।

# ଡାକ୍ତର ହିମାଂଶୁ ଷଡ଼ଙ୍ଗୀଙ୍କ ପିତୃ ବିୟୋଗ



ଗରଦପୁର, ୨୫।୨(ସମିସ): ପାଟକୁରା ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପ୍ରଖ୍ୟାତ ଡାକ୍ତର ହିମାଂଶୁ ଭୂଷଣ ଷଡ଼ଙ୍ଗୀଙ୍କ ପିତା ତଥା ଅବସରପ୍ରାପ୍ତ ଯନ୍ତ୍ରୀ ହୃଷିକେଶ ଷଡ଼ଙ୍ଗୀଙ୍କର (୮୩) ପରଲୋକ ଘଟିଛି। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ସମୟରେ ତାଙ୍କ ଶଯ୍ୟା ନିକଟରେ ତିନି ପୁଅ, ବୋହୂ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ତାଙ୍କର ମରଶରୀରକୁ ଜନ୍ମଭୂମି ଟାଙ୍ଗୀ ଗ୍ରାମକୁ ନେଇ ଗ୍ରାମ ସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁଅ ଡ଼ା. ହିମାଂଶୁ ଭୂଷଣ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ।

# ଆଜିଠୁ କନିକାର ପ୍ରସିଦ୍ଧ ରାଜମେଳଣ

ରାଜକନିକା, ୨୫।୨(ସମିସ)



ଆସନ୍ତା କାଲିଠାରୁ ଆରମ୍ଭ ହେବ କନିକାର ପ୍ରସିଦ୍ଧ ରାଜ ମେଳଣ। କନିକା ଜନଜୀବନର ଆଧ୍ୟାତ୍ମିକ ମାନସିକତାରେ କନିକା ରାଜମେଳଣ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଆସିଛି। ଦୀର୍ଘ ଛ'ଶହରୁ ଊର୍ଦ୍ଧ୍ୱ ବର୍ଷ ଧରି ଏହି ଉତ୍ସବ ଚାଲି ଆସିଥିବା ରାଜମେଳଣ କନିକା ସମେତ ପଡ଼ୋଶୀ ଜିଲ୍ଲା ଯାଜପୁର, ଭଦ୍ରକ ଅଞ୍ଚଳର ଶ୍ରଦ୍ଧାଳୁ ମାନଙ୍କୁ ଆକର୍ଷିତ କରିଆସିଛି। ପ୍ରକାଶ ଥାଉ କି ତତ୍କାଳୀନ କନିକା ରାଣୀ ପାଟମହାଦେଈ ରାଧାକୃଷ୍ଣଙ୍କର ପ୍ରତି ଭକ୍ତି ଭାବ ବାଢ଼ି ଆସୁଥିଲେ। ସେ ବିବାହ ପରେ ଏକ ଶଗଡ଼ଗାଡ଼ିରେ ବହୁ ଆଧ୍ୟାତ୍ମିକ ପୁସ୍ତକ ନେଇ କନିକା ରାଜପରିବାରକୁ ଆସିଥିଲେ। ତାଙ୍କର ଏହି ଭକ୍ତି ଭାବକୁ ସ୍ଥାନୀୟ ଅଞ୍ଚଳରେ ପ୍ରତିପାଦିତ କରିବା ପାଇଁ ଏକ ମଠ ନିର୍ମାଣ କରିବା ପୂର୍ବକ ଶ୍ରୀଜିଉଙ୍କୁ ପ୍ରତିଷ୍ଠା କରିଥିଲେ। ଏହି ପ୍ରତିଷ୍ଠା ଉତ୍ସବ ଠାରୁ ଆଜି ପର୍ଯ୍ୟନ୍ତ ପରମ୍ପରାଗତ ଭାବେ ଏହି ରାଜମେଳଣ ପାଳିତ ହୋଇଆସୁଛି। କନିକା ଇଷ୍ଟେଟର କାଳିକାପୁର, ଆୟତନ ଦେଉଳି ଗିରିୟା ଆଦି ସ୍ଥାନରେ ଦୋଳମେଳଣ ସମେତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦୋଳବିମାନକୁ କାନ୍ଧୁଆ ମାନେ କାନ୍ଧରେ ବୋହି ଗାଁ ଗାଁ ବୁଲିବା ବେଳେ ଜନମାନସରେ ଭକ୍ତି ଓ ଭାବର ପରିପ୍ରକାଶ ଘଟିଥାଏ। ବିମାନ ରଖିବା ପାଇଁ ଠାଏ ଠାଏ ଗୋବରଲିପା ଦାଣ୍ଡ ସାଙ୍ଗକୁ ଭୋଗ ନିବେଦନ ପରିବେଶକୁ ଚଳଚଞ୍ଚଳ କରିଥାଏ। ପାଞ୍ଚଦିନିଆ ରାଜମେଳଣର ଅନ୍ତିମ ପର୍ଯ୍ୟାୟରେ କନିକା ରାଜବାଟି ପରିସରରେ ଅନୁଷ୍ଠିତ ଏହି ମେଳଣ ଉତ୍ସବରେ ପୌରାଣିକ ହୋଲି ଗୀତ ସାଙ୍ଗକୁ ଘଣ୍ଟଘଣ୍ଟା ହୁଳହୁଳି, ଝାଞ୍ଜମୃଦଙ୍ଗରେ ମୁଖରିତ ହୋଇପଡ଼େ ମେଳଣ ପଡ଼ିଆ। ବର୍ଷକର ପ୍ରତୀକ୍ଷା ପରେ ପ୍ରବଳ ଆନନ୍ଦ ଉଲ୍ଲାସ ମଧ୍ୟରେ ଜନତାଙ୍କ ବିପୁଳ ସମାଗମ ଏହି ପରମ୍ପରାର ଭକ୍ତିଳ ପରିବେଶକୁ ଅଧିକ ମୁଖରିତ କରିଥାଏ। ଚଳିତବର୍ଷ ଉକ୍ତ କାର୍ଯ୍ୟକ୍ରମକୁ ଅଧିକ ସରସ ସୁନ୍ଦର କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତ ହୋଇଛି। ଫଗୁ ଦଶମୀ ପରର ଏକାଦଶୀ ଠାରୁ ପୂର୍ଣ୍ଣମୀ ଯାଏ ଅନୁଷ୍ଠିତ ହେବାକୁ ଥିବା ମିଳନୀ ପର୍ବ ପାଇଁ ଆୟୋଜକ ମେଳଣ କମିଟି ସମସ୍ତ ପ୍ରସ୍ତୁତି ଚଳାଇଛନ୍ତି। ଏଥିରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଇଛି।

# ବଳଦେବଜିଉଙ୍କ ନୂତନ ତାଳଧ୍ୱଜ ରଥ ପାଇଁ କୋଟିଏ ଟଙ୍କାର ଅନୁଦାନ

● ସୁରୁଖୁରୁରେ ରଥଯାତ୍ରା ସମ୍ପନ୍ନ ପାଇଁ ପଦକ୍ଷେପ, ସେବାୟତ ସଂଘର ସ୍ୱାଗତ

କେନ୍ଦ୍ରାପଡ଼ା, ୨୫।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ବଳଦେବଜିଉ ମନ୍ଦିରର ନୂତନ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଛି। ଏହି ଅନୁଦାନ ମାଧ୍ୟମରେ ଆଗାମୀ ଦିନରେ ରଥଯାତ୍ରା ଓ ସମସ୍ତ ନୀତିକାନ୍ତି ସୁଚାରୁ ଭାବେ ସମ୍ପନ୍ନ ହେବ ବୋଲି ଆଶା ପ୍ରକାଶ ପାଇଛି। ଏ ନେଇ ରାଜ୍ୟର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ବିଗତ କିଛି ବର୍ଷ ଧରି ବଳଦେବଜିଉଙ୍କ ରଥର ୧୪ଟି ଚକର ଅବସ୍ଥା ଅନୁକୂଳ ନ ଥିବାରୁ ରଥ ଚାଳନାରେ ବିଭିନ୍ନ ବାଧା ସୃଷ୍ଟି ହେଉଥିଲା। ଏହାର ପରିଣାମସ୍ୱରୂପ ରଥ ମାଉସୀମା ମନ୍ଦିରରେ ନିର୍ଦ୍ଧାରିତ ସମୟରେ ପହଞ୍ଚିପାରୁନଥିଲା ଏବଂ ପ୍ରାୟ ଦୁଇଦିନ ପର୍ଯ୍ୟନ୍ତ ବିଳମ୍ବ ହେଉଥିଲା। ବାହୁଡା ଯାତ୍ରା ସମୟରେ ମଧ୍ୟ ସମାନ ସମସ୍ୟା ଦେଖାଯାଉଥିଲା। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଭୁ ବଳଦେବଜୀଉଙ୍କ ପାଇଁ ଏକ ନୂତନ ତାଳଧ୍ୱଜ ରଥ ନିର୍ମାଣ କରାଯିବାକୁ ରାଜ୍ୟ ସରକାର ସ୍ଥିର କରିଥିବା ବେଳେ ଏହା ପାଇଁ ଏକ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି। ଏନେଇ ବିଧି ବିଭାଗ ପକ୍ଷରୁ ଆବଶ୍ୟକ ନିର୍ଦ୍ଦେଶନାମା ମଧ୍ୟ ପ୍ରକାଶ ପାଇଛି।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ବଳଦେବଜିଉଙ୍କ ମନ୍ଦିରର ସମସ୍ତ ପରମ୍ପରା, ରୀତିନୀତି ଓ ଐତିହ୍ୟର ସୁରକ୍ଷା ପ୍ରତି ରାଜ୍ୟ ସରକାର ସଦା ପ୍ରତିବଦ୍ଧ। ଏହି ନୂତନ ରଥ ନିର୍ମାଣ ମାଧ୍ୟମରେ ଲକ୍ଷାଧିକ ଭକ୍ତଙ୍କ ଆସ୍ଥା ସହିତ ଜଡିତ ରଥଯାତ୍ରା ଆହୁରି ସୁଚାରୁ ଭାବେ ସମ୍ପନ୍ନ ହେବ ବୋଲି ସେ କହିଛନ୍ତି। ଏହି ଅନୁଦାନକୁ ବଳଦେବଜିଉ ମନ୍ଦିର ସେବାୟତ ସଂଘ ପକ୍ଷରୁ ହୃଦୟଙ୍ଗମ ସ୍ୱାଗତ କରାଯାଇଛି। ସେବାୟତ ପ୍ରତିନିଧି ନୃସିଂହ ପ୍ରସାଦ ପତ୍ରୀ, ଜ୍ୟୋତି ରଞ୍ଜନ ପତ୍ରୀ, ପ୍ରମୋଦ କର, ବିଶ୍ୱଜିତ୍ ପତ୍ରୀ ଓ ଗଣେଶ ପତ୍ରୀ ପ୍ରମୁଖ ସରକାରଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ, ନୂତନ ରଥ ନିର୍ମାଣ ମାଧ୍ୟମରେ ଆଗାମୀ ବର୍ଷର ରଥଯାତ୍ରା ଓ ବାହୁଡା ଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହେବ। ସେବାୟତମାନେ ଆହୁରି କହିଛନ୍ତି ଯେ, ନୂତନ ରଥ ନିର୍ମାଣ ମାଧ୍ୟମରେ ପ୍ରଭୁଙ୍କ ନୀତିକାନ୍ତି ଓ ପରମ୍ପରା ଅକ୍ଷୁଣ୍ଣ ରହିବା ସହ ଭକ୍ତମାନେ ମଧ୍ୟ ସୁବିଧାରେ ରଥଯାତ୍ରାରେ ସାମିଲ ହୋଇପାରିବେ। ଏହାକୁ ନେଇ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଭକ୍ତମାନଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଯାଇଛି।

### ବ୍ରହ୍ମପୁର ମହାନଗର ନିଗମର ସାଧାରଣ ବୈଠକ

# ପ୍ରଶାସନ ପଚାରୁନି; ଲୋକଙ୍କ କାମ ହେଉନି

ବ୍ରହ୍ମପୁର,୨୫ ।୨(ସମିସ): ବ୍ରହ୍ମପୁର ମହାନଗର ନିଗମର ସାଧାରଣ (କର୍ପୋରେସନ) ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି




ବୈଠକରେ ଡ଼େପୁଟି ମେୟର ଇ ବିବେକ ରେଡ଼ୀ, କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଡ଼େପୁଟି କମିଶନର କଲ୍ୟାଣୀ ସଂଘମିତ୍ରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମଞ୍ଚାସିନ ଥିଲେ। ମେୟର ଶ୍ରୀମତୀ ଦଳେଇ ବୈଠକରେ ଅଧ୍ୟକ୍ଷତା କରି ବ୍ରହ୍ମପୁର ସହରର ବିକାଶ ହିଁ ଆମ ପ୍ରାଥମିକତା। ସମସ୍ତଙ୍କ ସହଯୋଗରେ ସହରକୁ ଆଗକୁ ନେବାକୁ କହିଥିଲେ। ଆଲୋଚନା ପର୍ଯ୍ୟାଲୋଚନା ମାଧ୍ୟମରେ ସହରକୁ ସରସ ସୁନ୍ଦର କରିବାକୁ ଡ଼େପୁଟି ମେୟର ଶ୍ରୀ ରେଡ଼ୀ ମତବ୍ୟକ୍ତ କରିଥିଲେ। ଏ ଅବସରରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ୱାଇଫାଇ ସଂସ୍ଥାପନ ସମ୍ପର୍କିତ ଆଲୋଚନା ବେଳେ କର୍ପୋରେଟରମାନେ ଏହାର କାର୍ଯ୍ୟକାରିତା ନେଇ ପ୍ରଶ୍ନ କରିଥିଲେ। ଏନେଇ କମିଶନର କହିଥିଲେ ଯେ, ସହରର ବିଭିନ୍ନ ସ୍ଥାନରେ ବିଏମସି ପକ୍ଷରୁ ମାଗଣାରେ ୱାଇ-ଫାଇ ବ୍ୟବସ୍ଥା କରାଯାଇଥିଲା। ହେଲେ ଯେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା, ତା ବିରୋଧରେ ଅନେକ ଅଭିଯୋଗ ଆସିଥିଲା। ଅନିୟମିତତା ସାମ୍ନାକୁ ଆସିବା ପରେ ଉକ୍ତ ସଂସ୍ଥାକୁ ନୋଟିସ୍ କରାଯାଇଥିଲା। ସନ୍ତୋଷଜନକ ଉତ୍ତର ନମିଳିବା ପରେ ତାକୁ ଦାୟିତ୍ୱରୁ ମୁକ୍ତ କରାଯାଇଛି। ତେବେ ଉକ୍ତ ସଂସ୍ଥାକୁ କ୍ଷତିପୂରଣ ଦେବାକୁ ଚିଠି କରିବା ଲାଗି କର୍ପୋରେଟମାନେ ଦାବି କରିଥିଲେ। ସେହିଭଳି ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ନିର୍ମାଣ ହୋଇଥିବା ଓ ଆଗରୁ ଥିବା ବିଭିନ୍ନ ଭେଣ୍ଡିଂ ଜୋନ୍ ଗୁଡ଼ିକ ଲାଗି ଟେଣ୍ଡର ହେବା ନେଇ ଆଲୋଚନା ହୋଇଥିଲା। ଭେଣ୍ଡିଂ ଜୋନ୍ ସକାଶେ ସହରର ବାସିନ୍ଦା ପ୍ରମାଣପତ୍ର ସହିତ ୧୦ହଜାର ଟଙ୍କାର ଅମାନତ ଯୋଗାଡ଼ କରି ଅଧିବାସୀମାନେ ଆବେଦନ କରିପାରିବେ। ଲଟି ମାଧ୍ୟମରେ ଏହା ମିଳିବ। ଏଥିପାଇଁ ୫ବର୍ଷ ପର୍ଯ୍ୟନ୍ତ ଚୁକ୍ତି କରାଯିବ ବୋଲି ବୈଠକରେ କୁହାଯାଇଥିଲା। ତେବେ ଏନଫୋର୍ସମେଣ୍ଟ ଅଭାବରୁ ଟିକସ ଆଦାୟ ହୋଇପାରୁନଥିବା ବେଳେ ଆଧୁନିକ ପ୍ରଣାଳୀ ଆପଣାଯିବା ଦିଗ ଉପରେ କମିଶନର ମତ ରଖିଥିଲେ। ଏହାକୁ ସ୍ୱାଗତ କରାଯାଇଥିଲା। କିନ୍ତୁ ଯେଉଁ ୱାଡର୍‌ରେ ଭେଣ୍ଡିଂ ଜୋନ୍ ରହିବ ଉକ୍ତ ଅଧିବାସୀମାନଙ୍କୁ ପ୍ରାଥମିକତା ଦେବା ଓ ମହିଳାଙ୍କ ପାଇଁ କିଛି ସଂରକ୍ଷିତ ରଖିବାକୁ ମତ ରଖିଥିଲେ କର୍ପୋରେଟର। ବ୍ରହ୍ମପୁର ମହାନଗର ନିଗମର ଏହି ବୈଠକରେ ବିଶେଷ କରି ବିକାଶମୂଳକ କାମ ହେଉନଥିବା ନେଇ



ପ୍ରବଳ ହୋହାଲ୍ଲା ଦେଖା ଦେଇଥିଲା। ୨ବର୍ଷ ହେବ କୌଣସି ଉନ୍ନତିମୂଳକ କାର୍ଯ୍ୟ ହେଉନଥିବା ନେଇ କର୍ପୋରେମାନେ କ୍ଷୋଭ ପ୍ରକାଶ କରିଥିଲେ। ବିଜେଡି ସରକାର ଅମଳରେ ବହୁ ବଡ଼ ପ୍ରକଳ୍ପ ହୋଇଥିବା ବେଳେ ଦୁଇବର୍ଷ ହେବ ମାଟି ମୁଠାଏ ପଡ଼ିନଥିବା ପରିତାପର ବିଷୟ ବୋଲି କହିଥିଲେ। ଏପରିକି ନୂଆ ଭଡ଼ା ଓ ରେସନ କାଡର୍, ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ମଧ୍ୟ ନମିଳିବାରୁ ଜନ ପ୍ରତିନିଧିମାନେ ଜନଗଣଙ୍କ ଅସନ୍ତୋଷର ଶିକାର ହେଉଛନ୍ତି। ବିଏମସି ପକ୍ଷରୁ ୱାଡର୍ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ଗୋଷ୍ଠୀ ସଂଯୋଜିକା ମାନେ କର୍ପୋରେଟଙ୍କ ସହିତ ଭଲ ବ୍ୟବହାର କରୁନଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରାଯିବ ବୋଲି କମିଶନର କହିଥିଲେ। ତେବେ ଗରୀବଙ୍କୁ ମିଳୁଥିବା ସରକାରୀ ଭତ୍ତା ଆଇସିଆଇସି ବ୍ୟାଙ୍କ ହଡ଼ପ କରୁଛି ବୋଲି ମେୟର ସଂଘମିତ୍ରା ଦଳେଇ ଅଭିଯୋଗ କରିବା ସହ ବ୍ୟାଙ୍କ ଅଚଳ କରିବାକୁ ଚେତାବନୀ ଦେଇଥିଲେ। ତିନି ଚାରିମାସ ପର୍ଯ୍ୟନ୍ତ ଭତ୍ତା ନମିଳିବା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ମନମାନି ସମ୍ପର୍କରେ ତାତିଥିଲେ ଜନ ପ୍ରତିନିଧି। ଅନ୍ୟପକ୍ଷରେ ସହରର ଗୌରବମୟ ଗିରିମାର୍କେଟ୍ କମ୍ପ୍ଲେକ୍ସ ଭଙ୍ଗା ଯାଇଥିବା ବେଳେ ତାହା ପୁନଃଉଦ୍ଧାର କାର୍ଯ୍ୟ ହୋଇପାରୁନି। ଗିରି ମାର୍କେଟ୍ ନୂଆ ରୂପ ପାଇବା ନେଇ ସମସ୍ତେ ଆଶା ବାନ୍ଧିଥିବା ବେଳେ ଏହି କଥା ଶୁଣି କାନ ଫାଟି ଯାଉଛି ବୋଲି କର୍ପୋରେଟରମାନେ ଅଭିଯୋଗ କରିଥିଲେ। ଏହାର ଉତ୍ତରରେ କମିଶନର କହିଥିଲେ ଯେ, ପ୍ରଶାସନିକ ଅନୁମୋଦନ ପରେ ଟେକ୍ନିକାଲ୍ ଆଦି ବିଷୟ ଉପରେ ଧ୍ୟାନ ଦିଆଯାଇଛି। ଆଉ ଦୁଇମାସ ମଧ୍ୟରେ ଏହାର ନିର୍ମାଣ ପ୍ରକ୍ରିୟା ଉପରେ ବିଏମସି ଧ୍ୟାନ ଦେବ। ପୂର୍ବ ସରକାର ଅମଳରେ ଭତ୍ତା ସହିତ ଜୋତା, ଛତା ସବୁ ମିଳୁଥିଲା। ଏବେ ନୂଆରେ ଭତ୍ତା ମଧ୍ୟ ମିଳୁନି ବୋଲି କର୍ପୋରେଟମାନେ ଅଭିଯୋଗ କରିଥିଲେ। ଏହି ସମୟରେ ମନ୍ତ୍ରୀଙ୍କ ପ୍ରତିନିଧି ନୂଆ ବଜେଟ୍‌ରେ ଭତ୍ତା ପାଇଁ ଗୁରୁତ୍ୱ ଦିଆଯାଇଥିବା କହିଥିଲେ। ଯାହାକୁ ନେଇ କର୍ପୋରେଟମାନେ ତାତି ଉଠିବା ସହ ନୂଆ ସରକାର ଅମଳରେ ଗରୀବ ଗୁରୁବା ହଇରାଣ ହେଉଥିବା ଅଭିଯୋଗ କରିଥିଲେ। ତେବେ କର୍ପୋରେଟରଙ୍କ ଅଜାଣତରେ ଅନେକଙ୍କୁ ଭତ୍ତା ମିଳିବା ପରିତାପର ବିଷୟ ବୋଲି କହିଥିଲେ। ଏହାର ଜବାବରେ କମିଶନର ନିତ୍ୟାନ୍ତ ଆବଶ୍ୟକ ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଭିତ୍ତିରେ ଭତ୍ତା ପ୍ରଦାନ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଅପରପକ୍ଷେ ବିଦ୍ୟୁତ ବିତରଣ ସଂସ୍ଥା ଟିପିଏସଓଡ଼ିଏଲ୍ ଉପରେ ମଧ୍ୟ କର୍ପୋରେଟମାନେ ବର୍ଷିଥିଲେ। କୌଣସି ଅଭିଯୋଗକୁ ବିଭାଗ ଗୁରୁତ୍ୱ ଦେଉନଥିବା କହିଥିଲେ। ଅନେକ ସ୍ଥାନରେ ମଝି ଦାଣ୍ଡରେ ପୋଲ୍ ଥିଲେ ବି ସ୍ଥାନାନ୍ତରକୁ ପ୍ରାଧାନ୍ୟ ଦିଆଯିବା ବଦଳରେ ଓଲଟା ବିଏମସି ଉପରେ ବୋଝ ଲଦି ଦିଆଯାଉଥିବା କିହଥିଲେ। ଏନେଇ ଆଗାମୀ ଦିନରେ ଅଭିଯୋଗ ଫର୍ଦ୍ଦ ଶୁଣି ସମାଧାନ କରିବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବହୁ ବିଭାଗର କର୍ମଚାରୀ ଓ ନିର୍ବାଚିତ କର୍ପୋରେଟମାନେ ଉପସ୍ଥିତ ଥିଲେ।

- ହିତାଧିକାରୀଙ୍କ ଭତ୍ତା ଲୁଟୁଛି ଆଇସିଆଇସି ବ୍ୟାଙ୍କ
- ଗିରି ମାର୍କେଟ୍ କଥା ଶୁଣି କାନ ଗିରି ଫାଟିଗଲାଣି
- ଅନିୟମିତତା ପରେ ତଡ଼ା ଖାଇଲା ୱାଇ-ଫାଇ ସଂସ୍ଥା
- ଦୁଇବର୍ଷ ହେବ ସହରରେ ଆଖିଦୃଶିଆ କାମ ହୋଇନି

## ୬ରୁ ନୂଆ ବସ୍‌ଷ୍ଟାଣ୍ଡରୁ ଗଡ଼ିବନି ବସ୍



ସର୍ବସାଧାରଣ ସୂଚନା

- ଆସନ୍ତା ମାର୍ଚ୍ଚ ମାସ ୬ ତାରିଖଠାରୁ ଆସିକା ଏବଂ ଦିଗପହଣ୍ଡି ରୁଟ୍ ଦେଇ ଆସୁଥିବା ସମସ୍ତ ଯାତ୍ରୀବାହୀ ବସ୍ ଗୁଡିକ ଡୁଡୁମା କଲୋନୀସ୍ଥିତ ବସ୍‌ଷ୍ଟାଣ୍ଡ ଠାରୁ ପରିଚାଳନା ପାଇଁ ସ୍ଥିର କରାଯାଇଛି।
- ସେହିପରି ଆନ୍ଧ୍ର ରୁଟ୍, ଛତ୍ରପୁର ଏବଂ ପୁରୁଷୋତ୍ତମପୁର ରୁଟ୍ ଦେଇ ଆସୁଥିବା ସମସ୍ତ ଯାତ୍ରୀବାହୀ ବସ୍ ଗୁଡିକ ମାର୍ଚ୍ଚ ମାସ ୬ ତାରିଖ ଠାରୁ ହଳଦିଆପଦର ବସ୍‌ଷ୍ଟାଣ୍ଡ ଠାରୁ ପରିଚାଳନା ପାଇଁ ସ୍ଥିର କରାଯାଇଛି।
- ମାର୍ଚ୍ଚ ମାସ ୬ ତାରିଖଠାରୁ ନୂଆ ବସ୍‌ଷ୍ଟାଣ୍ଡକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ରଖାଯିବ ଏବଂ ଯାତ୍ରୀବାହୀ ବସ୍‌ଗୁଡିକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ।
- ଉପରୋକ୍ତ ନିଷ୍ପତ୍ତିକୁ ସମସ୍ତ ଜନସାଧାରଣ ଓ ଘରୋଇ ବସ୍ ମାଲିକମାନେ ପାଳନ ଏବଂ ସହଯୋଗ ପାଇଁ ଅନୁରୋଧ କରାଯାଉଛି।

ଜିଲ୍ଲା ପ୍ରଶାସନ, ଗଂଜାମ

ବ୍ରହ୍ମପୁର,୨୫ ।୨(ସମିସ): ଆସନ୍ତା ମାର୍ଚ୍ଚ ୬ତାରିଖଠାରୁ ନୂଆବସଷ୍ଟାଣ୍ଡରୁ ଆଉ ବସ୍ ଗଡ଼ିବନି। ଏନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବସାଧାରଣ ସୂଚନା ଜାରି କରାଯାଇଛି। ୬ରୁ ଆସିକା, ଦିଗପହଣ୍ଡି ରୁଟ୍ ଦେଇ ଆସୁଥିବା ସମସ୍ତ ଯାତ୍ରୀବାହୀ ବସ୍‌ଗୁଡ଼ିକ ଡୁଡୁମା କଲୋନୀ ସ୍ଥିତ ଅସ୍ଥାୟୀ ବସଷ୍ଟାଣ୍ଡରୁ ବିଭିନ୍ନ ସ୍ଥାନରୁ ଯାତାୟତ କରିବ। ସେହିଭଳି ଆନ୍ଧ୍ରରୁଟ୍, ଛତ୍ରପୁର ଓ ପରୁଷୋତ୍ତପୁର ଦେଇ ଆସୁଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକ ହଳଦିଆପଦର ବସଷ୍ଟାଣ୍ଡରୁ ପରିଚାଳିତ ହେବ। ନୂଆବସଷ୍ଟାଣ୍ଡକୁ ସମ୍ପୂର୍ଣ୍ଣଭାବେ ବନ୍ଦ ରଖାଯିବ। ଯାତ୍ରୀବାହୀ ବସଗୁଡ଼ିକୁ

- ଡୁଡୁମା କଲୋନୀ ଓ ହଳଦିଆପଦର ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ
- ସର୍ବସାଧାରଣ ସୂଚନା ଜାରି କଲା ଜିଲ୍ଲା ପ୍ରଶାସନ

ପ୍ରବେଶ ପାଇଁ ଅନୁମତି ଦିଆଯିବନି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ନିଷ୍ପତିକୁ ଜନ ସାଧାରଣ ଓ ଘରୋଇ ବସ୍‌ମାଲିକମାନେ ପାଳନ କରିବା ସହିତ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ତେବେ ଏନେଇ ପ୍ରଶାସନିକ ପ୍ରତିକ୍ରିୟା ମିଳିପାରିନି। ସୂଚନାଯୋଗ୍ୟ ଯେ, ଗେଟବଜାର ଓଭରବ୍ରିଜ କାମ ଜାରି ରହିଛି। ଏଥିପାଇଁ ସହରରେ ପ୍ରବଳ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ପ୍ରତିହତ କରିବା ଲାଗି ସହର ବାହାରେ ବସ୍ ରହଣି ଓ ଯାତାୟତ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଛି। ଅନ୍ୟପକ୍ଷରେ ଗତ କିଛିଦିନ ତଳେ ଡୁଡୁମା କଲୋନୀଠାରେ ବ୍ରହ୍ମପୁରର ଅସ୍ଥାୟୀ ସିଟି ବସଷ୍ଟାଣ୍ଡ ଲୋକାର୍ପିତ ହୋଇଥିଲା। ଗେଟବଜାର ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ଓ ନିର୍ମାଣାଧିନ ଓଭରବ୍ରିଜ ପାଇଁ ସହର ମଧ୍ୟରେ ଥିବା ସିଟି ବସଷ୍ଟାଣ୍ଡର ବିକଳ୍ପ ପାଇଁ ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କରାଯାଉଛି। ଏଥିପାଇଁ ସହର ଉପକଣ୍ଠରେ ଥିବା ରାଜ୍ୟ ବିଦ୍ୟୁତ ବୋର୍ଡର ପ୍ରାୟ ସାଢେ ୪ଏକର ପରିମିତ ଜମିରେ ଏହା ନିର୍ମିତ ହେଉଛି। ବିଡିଏ ଲିଜ ସୂତ୍ରରେ ନେଇ ସେଠାରେ ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କରିଛି। ଏହା ନିର୍ମାଣ ସକାଶେ ପ୍ରଥମ ପର୍ଯ୍ୟାୟରେ ବିଡିଏ ପକ୍ଷରୁ ୧କୋଟି ୬୩ଲକ୍ଷରୁ ଉଦ୍ଧ୍ୱର୍ ଟଙ୍କା ବିନିଯୋଗ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆହୁରି ଅଧିକ ୨କୋଟି ଟଙ୍କା ବିନିଯୋଗ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଦିଗପହଣ୍ଡି ଓ ଆସିକା ପଟୁ ସହରକୁ ଆସୁଥିବା ସମସ୍ତ ବସ ଏଣିକି ଅସ୍ଥାୟୀ ବସଷ୍ଟାଣ୍ଡରେ ରହିବ। ସେଠାରୁ ଯାତ୍ରୀଙ୍କୁ ନେବାଆଣିବ କରିବ। ସେହିଭଳି ଭୁବନେଶ୍ୱରରୁ ସହରକୁ ଆସୁଥିବା ଓ ଆନ୍ଧ୍ରପଟୁ ବ୍ରହ୍ମପୁରକୁ ଆସୁଥିବା ସମସ୍ତ ବସ ହଳଦିଆପଦର ବସ ଟର୍ମିନାଲକୁ ଯିବ।

### ଦୋଳ ଉତ୍ସବରେ ପୁଲିସ ସୁରକ୍ଷା ପ୍ରସଙ୍ଗ

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୨୫।୨(ସମିସ): ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ତହସିଲ୍ ଅନ୍ତର୍ଗତ ପ୍ରସିଦ୍ଧ କମଳେଶ୍ୱର ଦେବ ମନ୍ଦିରରେ ଆୟୋଜିତ ହେବାକୁ ଥିବା ଭୋଗଖିଆ ଓ ଦୋଳ ଉତ୍ସବର ଶାନ୍ତିପୂର୍ଣ୍ଣ ସମାପନ ପାଇଁ ପୁଲିସ ସୁରକ୍ଷା ଯୋଗାଇଦେବା ଆବେଦନକୁ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମାମଲାର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କଠାରୁ ସ୍ପଷ୍ଟୀକରଣ ମାଗିବା ସହ ଜବାବ ତଲବ କରିଛନ୍ତି। ସନ୍ତୋଷ ଚନ୍ଦ୍ର ଦେଓଙ୍କ ପକ୍ଷରୁ ଦାୟର ଏହି ଆବେଦନରେ ଦର୍ଶାଯାଇଛି ଯେ, ଆସନ୍ତା ଫେବୃଆରୀ ୨୬ରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ପୂଜାନୀତି ଓ ସାମାଜିକ ଉତ୍ସବ ସମୟରେ ଅସାମାଜିକ ବ୍ୟକ୍ତିଙ୍କଠାରୁ ବିପଦ ରହିଛି। ବିଶେଷ କରି ମାର୍ଚ୍ଚ ୨ ତାରିଖରେ ଠାକୁର ଦେଉଳପଡ଼ାରୁ କୃଷ୍ଣପ୍ରସାଦ ଦୋଳ ପଡ଼ିଆକୁ ଯିବା ସମୟରେ ଶୃଙ୍ଖଳା ରକ୍ଷା ପାଇଁ ଯଥେଷ୍ଟ ପୁଲିସ ବଳ ମୁତୟନ କରିବା ଜରୁରୀ। କେବଳ ଦୋଳ ଉତ୍ସବ ନୁହେଁ, ବରଂ ଆଗାମୀ ପଣା ସଂକ୍ରାନ୍ତି ସମୟରେ ମଧ ଗ୍ରାମବାସୀ ଓ ମନ୍ଦିର କର୍ମକର୍ତ୍ତାଙ୍କ ନିରାପତ୍ତା ଉପରେ ଆବେଦନକାରୀ ଗୁରୁତ୍ୱାରୋପ କରିଛନ୍ତି। ଉତ୍ସବ ସମୟରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀ ଏସପି ଏବଂ କୃଷ୍ଣପ୍ରସାଦ ଥାନା ଅଧିକାରୀଙ୍କୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେବାକୁ କୋର୍ଟଙ୍କୁ ନିବେଦନ କରାଯାଇଛି। କୋର୍ଟ ଏହି ଆବେଦନର ଗମ୍ଭୀରତାକୁ ଉପଲବ୍ଧ କରି ଫେବୃଆରୀ ୨୬କୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି।

### ପୀତବାସ ପଣ୍ଡା ହତ୍ୟା ମାମଲା

## ହାଇକୋର୍ଟରେ ସରକାରୀ ଓକିଲ ମାଗିଲେ ସମୟ

ବ୍ରହ୍ମପୁର,୨୫ ।୨(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇଥିବା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଆଜି ହାଇକୋର୍ଟରେ ରହିଥିଲା। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କ କୋର୍ଟରେ ଏହି ଜାମିନ ଆବେଦନ ଶୁଣାଣି ଥିଲା। ପୁଲିସ ପକ୍ଷରୁ ବର୍ତ୍ତମାନ ବିକ୍ରମଙ୍କ ସିଡି ଦାଖଲ ହୋଇଛି। ଦାଖଲ ହୋଇଥିବା ସିଡିକୁ ହାଇକୋର୍ଟର ସରକାରୀ ଓକିଲ ଭଲ ଭାବେ ପଢ଼ି ନଥିବା ହେତୁ ସମୟ ମାଗିଥିଲେ। ସେହିକ୍ରମରେ ଜଷ୍ଟିସ ଆସନ୍ତା ୫ତାରିଖକୁ ବିକ୍ରମଙ୍କ ଜାମିନ ଆବେଦନର ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଥିବା ଜଣାପଡ଼ିଛି। ପ୍ରଥମେ ଗତ ୫ତାରିଖରେ ହାଇକୋର୍ଟରେ ବିକ୍ରମଙ୍କ ଜାମିନ ଆବେଦନ ଶୁଣାଣି ରହିଥିଲା। ସେତେବେଳେ ପୁଲିସ ପକ୍ଷରୁ ସିଡି ଦାଖଲ ହୋଇନଥିବାରୁ ଜଷ୍ଟିସ୍ ୨୫ତାରିଖ ସୁଦ୍ଧା ସିଡି ଦାଖଲ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ୨୫ତାରିଖକୁ ଘୁଞ୍ଚିଥିଲା ବିକ୍ରମଙ୍କ ଜାମିନ ଆବେଦନ ପିଟିସନର ଶୁଣାଣି। ଆଜି ଏହି ପିଟିସନ ଶୁଣାଣି ବେଳେ ପୁଲିସ ସିଡି ଦାଖଲ କରିଥିବା ଜଣାପଡ଼ିଛି। ସରକାରୀ ଓକିଲ ସମୟ ମାଗିବାରୁ କୋର୍ଟ ତାଙ୍କୁ ଆସନ୍ତା ୫ଯାଏଁ ସମୟ ଦେଇଥିବା ସୂଚନା ମିଳିଛି। ମଙ୍ଗଳବାର ସୁନିଲ ହୋତାଙ୍କ ସମେତ ୫ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣୀ ଏଡିଜେ-୩ କୋର୍ଟରେ ରହିଥିବା ବେଳେ ପୁଲିସ ପକ୍ଷରୁ ଦାଖଲ ହୋଇଥିବା ପ୍ରମାଣ କପିରେ ସମସ୍ୟା ଥିବା ଯୋଗୁଁ ଶୁଣାଣୀ ଆସନ୍ତା ୯ ତାରିଖକୁ ଘୁଞ୍ଚିଥିବା ଜଣାପଡିଛି। ଫଟୋ, ପେନଡ୍ରାଇଭ ସହ ସିସିଟିଭି କ୍ୟାମେରାର କପି ଫରେନସିକ୍ ଲ୍ୟାବକୁ ପରୀକ୍ଷା ପାଇଁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏପଟେ ଅଭିଯୁକ୍ତ ମଳୟ ଆଇସିୟୁରେ ଭର୍ତ୍ତି ହୋଇଥିବା ବେଳେ ବିକ୍ରମ ଓ ମଦନଙ୍କ ଚିକିତ୍ସା ଜାରି ରଖିଛନ୍ତି ଡାକ୍ତରୀ ଟିମ୍।

- ୫ରେ ହେବ ବିକ୍ରମଙ୍କ ଜାମିନ ଆବେଦନ ଶୁଣାଣି
- ହାଇକୋର୍ଟରେ ବିକ୍ରମଙ୍କ ସିଡି ଦାଖଲ ହୋଇଛି

## ହଳଦିଆପଦର ଓଭରବ୍ରିଜ୍ ସମସ୍ୟା ଅନୁଧ୍ୟାନ କରିବାକୁ ଆଜି ଆସିବେ ବୈଷୟିକ ଟିମ୍!

ବ୍ରହ୍ମପୁର,୨୫ ।୨(ସମିସ): ହଳଦିଆପଦର ଓଭବ୍ରିଜ ମରଣଯନ୍ତା ପାଲଟିଛି। ଆଖି ପିଛୁଳାକେ ଏଠାରେ ଜୀବନ ଯାଉଛି। ଗତ କିଛିଦିନ ପୂର୍ବେ ଏକାସାଙ୍ଗରେ ୫ଜଣ ଏଠାରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ତତ୍‌ପରଠାରୁ ଏହି ବ୍ରିଜ ବ୍ଲାକ୍ ସ୍ପଟ ଭାବେ ଚିହ୍ନଟ ହୋଇଛି। ନିର୍ମାଣରେ ତ୍ରୁଟି କାରଣରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଥିଲା। ଏପରିକି ବହୁ ପୂର୍ବରୁ ସରକାର ଓ ପ୍ରଶାସନକୁ ଜନ ପ୍ରତିନିଧିମାସେ ସଚେତନ କରାଇଥିଲେ। ଏ ଦିଗରେ କିଛି ପଦକ୍ଷେପ ନ ନିଆଯିବା ଯୋଗୁଁ ପରବର୍ତ୍ତି ସମୟରେ ଦୁର୍ଘଟଣା ଘଟି ୫ଜଣଙ୍କ ଜୀବନ ଯାଇଥିଲା। ଏନେଇ ବାରମ୍ବାର ସରକାରଙ୍କ ନିକଟରେ ଅଭିଯୋଗ ହେବା ପରେ ଏକ ବୈଷୟିକ ଦଳ ଏଠାକୁ ପରିଦର୍ଶନ ପାଇଁ ଆସିବା ନେଇ ସ୍ଥିରିକୃତ ହୋଇଥିଲା। ତେବେ ଗୁରୁବାର ସକାଳ ସାଢେ ୯ଟାରେ ହଳଦିଆପଦର ଓଭର ବ୍ରିଜ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବାକୁ ସ୍ୱତନ୍ତ୍ର ବୈଷୟିକ ଟିମ୍ ଆସିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏହି ଟିମ୍‌ରେ ରାସ୍ତା ଓ କୋଠାବାଡ଼ି, ବ୍ରିଜ, ପୂର୍ତ୍ତ, ଡିଜାଇନ୍ ଓ ମାନ ନିୟନ୍ତ୍ରଣ ଭଳି ୫ଟି ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ସମେତ ୪ଜଣ ଅଧୀକ୍ଷଣ ଯନ୍ତ୍ରୀ ଟିମରେ ସାମିଲ ଥିବା ସୂଚନା ମିଳିଛି। ଏହି ଟିମ୍ ପୂର୍ବରୁ ୧୬ରେ ଆସିବାର ଥିଲା। କିନ୍ତୁ ଆସିନଥିଲେ। ପରବର୍ତ୍ତି ସମୟରେ ଆସିବାକୁ ସ୍ଥିରିକୃତ ହୋଇଥିବା ଜଣାପଡ଼ିଛି।

## ମାଟ୍ରିକ ପରୀକ୍ଷା; ୩ୟ ଦିନରେ ୬୧୧ ଅନୁପସ୍ଥିତ

ବ୍ରହ୍ମପୁର,୨୫ ।୨(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା(ମାଟ୍ରିକ) ବୁଧବାର ଚତୁର୍ଥ ଦିନରେ ଜିଲ୍ଲାର ୨୧୭ଟି ପରୀକ୍ଷାକେନ୍ଦ୍ର ମୋଟ ୪୪ହଜାର ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଅନୁଷ୍ଠିତ ବିଜ୍ଞାନ ବିଷୟ ପରୀକ୍ଷାରେ ଜିଲ୍ଲା ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ମୋଟ ୬୧୧ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ସେଥିମଧ୍ୟରୁ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ନିମନ୍ତେ ମୋଟ ୪୪ହଜାର ୩୮୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୭୧ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ଜଣାପଡିଛି। ସେହିପରି ମୁକ୍ତ ବିଦ୍ୟାଳୟର ୭୪୨ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୦୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୫ଜଣ ଅନୁପସ୍ଥିତ ଥିଲେ। ମଧ୍ୟମାର ମୋଟ ୭୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫ଜଣ ଅନୁପସ୍ଥିତ ଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ସୂଚନା ଦେଇନ୍ତି। ଆସନ୍ତା ୨୭ ତରିଖରେ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ମାର୍ଚ୍ଚ ୨ତାରିଖରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଶେଷ ହେବ।

## ପିଲାଚୋର ସନ୍ଦେହରେ ମହିଳାଙ୍କୁ ନିସ୍ତୁକ ମାଡ଼

ବ୍ରହ୍ମପୁର,୨୫ ।୨(ସମିସ): ଟାଉନ୍ ଥାନା ଅନ୍ତର୍ଗତ ଗେଟ୍‌ବଜାର ବଡ଼ ହରିଜନ ସାହି ନିକଟରେ ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ଜଣେ ମହିଳା ବୁଲୁଥିଲେ। ପାଖରେ କିଛି ପିଲା ଖେଳୁଥିବା ବେଳେ ଇସାରାରେ ସେ ପିଲାଙ୍କୁ କିଛି କହିବାକୁ ଚାହୁଁଥିଲେ। ମହିଳା ଜଣଙ୍କ ହାତରେ କିଛି ବସ୍ତ୍ର ସାଙ୍ଗକୁ ଅଖା ଧରିଥିଲେ। ଏହାକୁ ଦେଖି ପିଲାଚୋର ସନ୍ଦେହ କରି ସାହିବାସିନ୍ଦା ଉକ୍ତ ମହିଳାଙ୍କୁ କାବୁ କରିଥିଲେ। ତେବେ ମହିଳା ଜଣଙ୍କ କିଛି କହିବା ପୂର୍ବରୁ ତାଙ୍କୁ ମାରପିଟ୍ କରିଥିଲେ। ଏପରିକି ନିକଟରେ ଥିବା ଏକ ଠେଲା ଶଗଡ଼ରେ ବାନ୍ଧି ରଖିଥିଲେ। ଏହାପରେ ଘଟଣା ବିଷୟରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲା। ସହରର ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ଏହି ସମସ୍ତ ଘଟଣା ଦେଖି ଉଭୟ ପାଶ୍ୱର୍ରେ ଲୋକଙ୍କ ଭିଡ଼ ଜମିଥିଲା। ପ୍ରାୟ ଘଣ୍ଟାଏ ପାଖାପାଖି ଏହିପରି ହାଇଡ୍ରାମା ମୁଖ୍ୟରାସ୍ତା ପାଶ୍ୱର୍ରେ ଦେଖିବାକୁ ମିଳିଥିଲା। ଟାଉନ୍ ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ କହିଛନ୍ତି, ମହିଳା ଜଣଙ୍କ ମାନସିକ ଭିନ୍ନକ୍ଷମଙ୍କ ଭଳି ଲାଗୁଛନ୍ତି। ନିଜର କୌଣସି ପରିଚୟ ବି ଦେଇ ପାରୁନାହାନ୍ତି। ତାଙ୍କୁ ପଚରାଉଚରା ସହ ଠିକଣା ଜାଣିବାକୁ ଚେଷ୍ଟା ଜାରି ରହିଛି।

### ● ବିଏନ୍‌ପୁରରେ ମାତିଛନ୍ତି ବାଇକ୍ ଚୋର

## ସାଇକଲ୍‌ରେ ଆସିଲା, ବାଇକ୍ ନେଇ ପଳାଇଲା

ବ୍ରହ୍ମପୁର,୨୫ ।୨(ସମିସ): ସାଇକେଲରେ ଆସିଲା। ସାଇକେଲ ରଖିଦେଇ ବାଇକ ଚୋରି କରି ନେଲେ ଯୁବକ। ଚୋରି କରିବାର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାମ ନଗର ଅଷ୍ଟମ ଲାଇନରେ। ଗତ ସୋମବାର ମଧ୍ୟରାତ୍ରିରେ ଜଣେ ଯୁବକ ରାମନଗର ଅଷ୍ଟମ ଲାଇନରେ ସାଇକଲ ଧରି ପହଞ୍ଚିଥିଲେ। ସେହି ସାହିରେ ଗୋଟିଏ ଘରକୁ ଲାଗି ଏକ ବାଇକ ରହିଥିଲା। ବାଇକକୁ ଦେଖିବା ପରେ ଯୁବକ



ଜଣକ ବାଇକ ନିକଟରେ ନିଜ ସାଇକେଲକୁ ରଖି ବାଇକର ଲକ୍‌କୁ ତାଡ଼ି ଅନଲକ୍ କରିଥିଲା। ଏହାପରେ କିଛି ଦୂରରେ ନିଜ ସାଇକଲକୁ ରଖି ବାଇକ୍‌କୁ ଚୋରି କରି ନେଇଥିଲା। ବାଇକ ଚୋରି କରିବାର ସମ୍ପୂର୍ଣ୍ଣ ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ସିସିଟିଭି ଭିଡ଼ିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଭାଇରାଲ୍ ଭିଡ଼ିଓକୁ ନେଇ ପୁଲିସ ତଦନ୍ତ ଚଳାଇଛି।

## ନୂଆ ବସ୍‌ଷ୍ଟାଣ୍ଡରେ ଛତିଶଗଡ଼ ଯୁବକଙ୍କୁ ଛୁରାମାଡ଼

ବ୍ରହ୍ମପୁର,୨୫ ।୨(ସମିସ): ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ଛତିଶଗଡ଼ର ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଫାଣ୍ଡି ପୁଲିସ ସମେତ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ନୂଆବସଷ୍ଟାଣ୍ଡ ଓ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଛତିଶଗଡ଼ର ଏହି ଯୁବକଙ୍କ ସମେତ ଅନ୍ୟ ୮ ଜଣ ଗୋଆରେ କାମ କରୁଥିବା ବେଳେ ଆଜି ଟ୍ରେନ ଯୋଗେ ବ୍ରହ୍ମପୁର ଫେରିଥିଲେ। ଏଠାରୁ ବସ୍ ଯୋଗେ ଛତିଶଗଡ଼ ଯିବାକୁ ଯୋଜନା କରିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ପରିସ୍ରା କରିବାକୁ ନୂଆ ବସ୍‌ଷ୍ଟାଣ୍ଡ ପରିସର ଏକ ସ୍ଥାନକୁ ଯାଇଥିବା ବେଳେ ସେଠାରେ କେହି ତାଙ୍କୁ ଛୁରାମାଡ଼ କରିଥିଲା। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଥିବାବେଳେ ଏବେ ଚିକିତ୍ସା ଚାଲିଛି ଓ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। କିଏ ଓ କାହିଁକି ଛୁରାମାଡ଼ କଲା ତଦନ୍ତ ଜାରି ରହିଥିବା ଏସ୍‌ପି କହିଛନ୍ତି।

# ଗୁଣିଗାରେଡ଼ି ସନ୍ଦେହରେ ମାଟ୍ରିକ ପରୀକ୍ଷାରୁ ଛାତ୍ରୀ ବଞ୍ଚିତ

ବ୍ରହ୍ମପୁର,୨୫ ।୨(ସମିସ): ଗୁଣିଗାରେଡ଼ିକୁ କେନ୍ଦ୍ରକରି ବିଭିନ୍ନ ସମୟରେ ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳରେ ଅନେକ ଅଘଟଣ ଘଟୁଥିବା ନଜିର ରହିଛି। ମାତ୍ର ଏବେ ଏଭଳି ଘଟଣା ଦେଖିବାକୁ ମିଳିଛି ସହର ମଧ୍ୟରେ। ଗୁଣିଗାରେଡ଼ି ସନ୍ଦେହରେ ଜଣେ ନାବାଳିକା ଝିଅ ଦୀର୍ଘ ୬ମାସ ହେବ ନିଜ ଘରୁ ବାହାରକୁ ବାହାରି ନଥିବା ପରିବାର ପକ୍ଷରୁ କୁହାଯାଇଛି। ଏପଟେ ମାଟ୍ରିକ ପରୀକ୍ଷା ହୋଇଥିବାବେଳେ ଉକ୍ତ ପରୀକ୍ଷା ଦେବାକୁ ମଧ ଛାତ୍ରୀଜଣଙ୍କ ଯାଇନଥିଲେ। ଏଭଳି ଅନ୍ଧବିଶ୍ୱାସରେ ମାଟ୍ରିକ ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରୁ ସେ ବଞ୍ଚିତ ରହିଛନ୍ତି।

ସୂଚନାଯୋଗ୍ୟ ଯେ, ଜଣେ ଛାତ୍ରୀ ସହରର ଏକ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି। ଗତ ୬ମାସ ପୂର୍ବେ ସେ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରୁ ଆସିବା ପରେ ସେ ଅସୁସ୍ଥ ଅନୁଭବ କରିଥିଲେ। କଥା କଥାରେ ପରିବାର ସଦସ୍ୟଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଛାତ୍ରୀ ଜଣଙ୍କ ମାନସିକ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇଥିଲା। ପରିବାର ପକ୍ଷରୁ ଝିଅଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ଆରମ୍ଭ ବହୁ ଡାକ୍ତରଙ୍କ ପରାମର୍ଶ ମଧ ନିଆଯାଇଥିଲା। ଏଭଳି ବିଭିନ୍ନ ସ୍ଥାନରେ ବାରମ୍ବାର ଚିକିତ୍ସା କରିବା ପରେ ମଧ ଝିଅଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇନଥିଲା। ପରେ ପରିବାର ପକ୍ଷରୁ ବିଭିନ୍ନ ତାନ୍ତ୍ରିକଙ୍କ ନିକଟକୁ ଯାଇ ଝଡ଼ାଫୁଙ୍କା କରାଯାଇଥିବା ଜଣାପଡ଼ିଛି। ଏହିଭଳି ଦୀର୍ଘ ୬ମାସ ସମୟ ବିତିଯାଇଥିବା ବେଳେ ଛାତ୍ରୀ ଜଣଙ୍କ ନିଜ ବିଦ୍ୟାଳୟକୁ ଅସୁନାହାନ୍ତି। ସେହିପରି ଗତ କିଛିଦିନ ହେବ ମାଟ୍ରିକ ପରୀକ୍ଷା ଚାଲିଥିବା ବେଳେ ୩ଟି ପରୀକ୍ଷା ସରିଛି। ଛାତ୍ରୀ ଜଣଙ୍କ ବିଦ୍ୟାଳୟରୁ ନିଜ ଆଡ଼ମିଟ୍ କାର୍ଡ ମଧ ନେଇନାନାହାନ୍ତି।

- ଅସୁସ୍ଥତା କାରଣରୁ ପରୀକ୍ଷା କେନ୍ଦ୍ରକୁ ଆସିପାରୁନାହାନ୍ତି
- ଡାକ୍ତର ନୁହେଁ; ତାନ୍ତ୍ରିକ ଭରସାରେ ପରିବାର

ପରୀକ୍ଷାରେ ଅନୁପସ୍ଥିତ ନେଇ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଙ୍କ ପରିବାଗରବର୍ଗଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଏହା ପରେ ମଧ ଛାତ୍ରୀଜଣକ ମାଟ୍ରିକ ପରୀକ୍ଷା ଦେଇନାହାନ୍ତି। ଏପରି ଅନ୍ଧବିଶ୍ୱାସ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧକାରମୟ କରୁଛି। ଅନ୍ୟପକ୍ଷରେ ବିଦ୍ୟାଳୟକୁ ବହୁ ମାସ ହେବ ଛାତ୍ରୀ ଜଣଙ୍କ ଶ୍ରେଣୀକୁ ଆସୁନାହାନ୍ତି। ଛାତ୍ରୀଙ୍କ ଅଭିଭାବକଙ୍କ ସହ ଯୋଗାଯୋଗ କରିବା ସହ କିଭଳି ଛାତ୍ରୀ ଜଣଙ୍କ ନିୟମିତ ବିଦ୍ୟାଳକୁ ଆସିବେ। ସେନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ରହିଥିବା ବେଳେ ଛାତ୍ରୀଙ୍କ ବିଦ୍ୟାଳୟ ମୁହାଁ କରିବା ଜିଲ୍ଲା ଶିକ୍ଷା ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବିଭିନ୍ନ ମହଲରେ ଅଭିଯୋଗ ହୋଇଛି।

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଜିଲ୍ଲା ଶିକ୍ଷା ପ୍ରଶାସନର ନାନାଦି ପ୍ରକାର ଅନିୟମିତତା ସହ ପରିଚାଳନାରେ ନିଷ୍କ୍ରିୟତା କାରଣରୁ ଗୋଟିଏ ପରେ ଗୋଟିଏ ଅଭାବନୀୟ ଚିତ୍ର ସାମ୍ନାକୁ ଆସୁଛି। ଏହି ସବୁ କାରଣରୁ ଜିଲ୍ଲାର ଛାତ୍ରଛାତ୍ରୀ ସରକାରୀ ବିଦ୍ୟାଳୟରୁ ମୁହଁ ଫେରାଇ ବେସରକାରୀ ଶିକ୍ଷାନୁଷ୍ଠାନରେ ନାମ ଲେଖାଉଥିବା ଅଭିଭାବକ ମହଲରେ ଆଲୋଚନା ହେଉଛି। ବିଭିନ୍ନ ସମୟରେ ଜିଲ୍ଲାର ଗ୍ରାମାଞ୍ଚଳ ଗୁଡ଼ିକରେ ଏଭଳି ଘଟଣା ଦେଖିବାକୁ ମିଳୁଥିବା ବେଳେ ବ୍ରହ୍ମପୁର ସହର ପରି ସ୍ଥାନରେ ଏପରି ଅନ୍ଧବିଶ୍ୱାସ ଲୋକଙ୍କ ନିକଟରେ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସହରର ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୋଇଛି। ଆଧୁନିକ ଯୁଗରେ ଅନ୍ଧବିଶ୍ୱାସ ମାୟାଜାଲରେ ଛନ୍ଦି ହୋଇପଡ଼ିଥିବା ଘଟଣା ଶିକ୍ଷା ପ୍ରଶାସନର ଉଦାସୀନତାକୁ ପଦାରେ ପକାଇଦେଇଛି। ଏହି ଖବର ସାମ୍ନାକୁ ଆସିବା ପରେ ପ୍ରଶାସନର ଦକ୍ଷତା ଓ କାର୍ଯ୍ୟ ପ୍ରଣାଳୀକୁ ନେଇ ଶିକ୍ଷାବିତ ପ୍ରଶ୍ନ ଉଠାଇଛନ୍ତି। ଏଭଳି କ୍ଷେତ୍ରରେ ଦିନକୁ ଦିନ ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିଛି। ଏଣୁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ପ୍ରଶାସନ ପକ୍ଷରୁ ଉକ୍ତ ଛାତ୍ରୀଙ୍କ ପରିବାରକୁ ଯୋଗଯୋଗ କରିବା ସହ ପାଠପଢ଼ା ସମେତ ଉପଯୁକ୍ତ ଚିକିତ୍ସା କରାଇବା ନେଇ ପଦକ୍ଷେପ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# କଟକ ସିଟି



**■ ନାବାଳିକାକୁ ଯୌନ ନିର୍ଯାତନା ମାମଲା**

## ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**ପୀଡ଼ିତାଙ୍କୁ ୪ ଲକ୍ଷର କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ**

କଟକ,୨୫।୨(ସମିସ): କଟକର କ୍ୟାଣ୍ଟନମେଣ୍ଟ ଥାନାଞ୍ଚଳରେ ଜଣେ ୮ ବର୍ଷର ନାବାଳିକାକୁ ଯୌନ ନିର୍ଯାତନା ଦେବା ଭଳି ଏକ ସଂଗୀନ ମାମଲାରେ କଟକ ପୋକ୍ସୋ କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଗତ ୨୦୨୫ ଜୁଲାଇ ୨୪ ତାରିଖ ଅଭିଯୁକ୍ତ ଜଣକ ପୀଡ଼ିତାଙ୍କ ଘରେ ପ୍ରବେଶ କରି ଶୋଇଥିବା ଅବସ୍ଥାରେ ନାବାଳିକାକୁ ଅସଦାଚରଣ କରିବାକୁ ଚେଷ୍ଟା କରିଥିଲା। ଏହି ସମୟରେ ପୀଡିତାଙ୍କ ମାଆଙ୍କ ପାଟି ଶୁଣି ସ୍ଥାନୀୟ ଲୋକମାନେ ଅଭିଯୁକ୍ତକୁ କାବୁ କରି ପୁଲିସକୁ ହସ୍ତାନ୍ତର କରିଥିଲେ। କଟକର ସ୍ୱତନ୍ତ୍ର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତକୁ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଏଥିସହିତ ଓଡ଼ିଶା ପୀଡ଼ିତା ସହାୟତା ଯୋଜନା ଅଧୀନରେ ନାବାଳିକାଙ୍କୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କ୍ୟାଣ୍ଟନମେଣ୍ଟ ଥାନା ଏସଆଇ ନିବେଦିତା ପ୍ରଧାନଙ୍କ ଦ୍ୱାରା ହୋଇଥିବା ତ୍ୱରିତ ତଦନ୍ତ ଏବଂ ସ୍ୱତନ୍ତ୍ର ପିପି ମିହିର ଶେଖର ସାହୁଙ୍କ ସଠିକ୍ ପରିଚାଳନା ଯୋଗୁଁ ମାତ୍ର ସାତ ମାସ ମଧ୍ୟରେ ପୀଡ଼ିତାଙ୍କୁ ନ୍ୟାୟ ମିଳିପାରିଛି।

## ଜନତା ରଙ୍ଗମଞ୍ଚରେ ନାଟକ 'ଆପଣା ସୁନା ତ ଭେଣ୍ଡି' ମଞ୍ଚସ୍ଥ

କଟକ,୨୫।୨(ସମିସ): କଟକର ପ୍ରସିଦ୍ଧ ଜନତା ରଙ୍ଗମଞ୍ଚଠାରେ ବୁଧବାର ସନ୍ଧ୍ୟାରେ ନାଟକ "ଆପଣା ସୁନା ତ ଭେଣ୍ଡି' ସଫଳତାର ସହ ମଞ୍ଚସ୍ଥ ହୋଇଯାଇଛି। ସାମାଜିକ ଜୀବନ ଓ ପ୍ରତ୍ୟେକ ପରିବାରର କାହାଣୀକୁ ଆଧାର କରି ରଚିତ ଏହି ନାଟକର ରଚନା ଏବଂ ନିର୍ଦ୍ଦେଶନା ଭାର ଅଭୟ ଦାସ ତୁଲାଇଥିଲେ। ସମାଜସେବୀ ଡ. ରବିରଞ୍ଜନ ସାହୁ ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ମହେଶ୍ୱର ସୋରେନ ଅତିଥିଭାବେ ଯୋଗ ଦେଇଥିଲେ। ନାଟକଟିର ସଂଯୋଜନା ବାପୁ ଲେଙ୍କା କରିଥିବା ବେଳେ ସଙ୍ଗୀତରେ ବିନୟ ଦାସ ସହଯୋଗ କରିଥିଲେ। ପୁରାତନ ସଂସ୍ଥା 'ରେଡିଓ ସିଗ୍ନାଲ୍'ର ପି. ନାଗେଶ୍ୱର ରାଓ ଧ୍ୱନି ଓ ଆଲୋକ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ଅଭୟ ଦାସ, ବିଶ୍ୱେଶ୍ୱର ମହାନ୍ତି, ରାଧାମୋହନ ଦଳବେହେରା, ବିଜୟଲକ୍ଷ୍ମୀ ମହାନ୍ତି ଏବଂ ସୋମ୍ୟାଶ୍ରୀ ଦାଶଙ୍କ ଭଳି କଳାକାରଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିଭୋର କରିଥିଲା। ଜନତା ରଙ୍ଗମଞ୍ଚର ସମ୍ପାଦକ ବିନୋଦ ବେହେରା ପ୍ରକାଶ କରିଥିଲେ ଯେ ଅନୁଷ୍ଠାନ ପକ୍ଷରୁ ଆଗାମୀ ଦିନରେ ଏହାକୁ ଏକ ଗବେଷଣା କେନ୍ଦ୍ର ତଥା ଆଦର୍ଶ ପ୍ରେକ୍ଷାଳୟ ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି। ସୁକାନ୍ତ ପଣ୍ଡା ଓ ଇନ୍ଦ୍ରଜିତ ଘୋଷଙ୍କ ସମେତ ଅନେକ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବ୍ଲିଙ୍କିଟ୍ ଡେଲିଭରି ବୟଙ୍କ ଆନ୍ଦୋଳନ ଜାରି




କଟକ,୨୫।୨(ସମିସ): ସିଡିଏ ସେକ୍ଟର-୬ସ୍ଥିତ ଶାନ୍ତି ହସ୍ପିଟାଲ ନିକଟରେ ଥିବା ବ୍ଲିଙ୍କିଟ୍ ଅନଲାଇନ୍ ସେବା ସଂସ୍ଥାର ଡେଲିଭରି ବୟମାନଙ୍କ ଧାରଣା ଆଜି ଚତୁର୍ଥ ଦିନରେ ପହଞ୍ଚିଛି। ପ୍ରାୟ ୧୦୦ ଡେଲିଭରି ପାର୍ଟନର ନିଜର ନ୍ୟାଯ୍ୟ ଦାବି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ସେମାନଙ୍କର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ୧୨ ଘଣ୍ଟାରୁ ଅଧିକ ସମୟ କାମ କରୁଥିବାରୁ ସର୍ବନିମ୍ନ ମଜୁରୀର ଦେଢ଼ଗୁଣା ପାରିଶ୍ରମିକ ପ୍ରଦାନ, ଦୁର୍ଘଟଣାଜନିତ କ୍ଷୟକ୍ଷତି ପାଇଁ ବୀମା ବ୍ୟବସ୍ଥା ଏବଂ କାର୍ଯ୍ୟାଳୟ ପରିସରରେ ବସିବା ପାଇଁ ବେଞ୍ଚ ଓ ଫ୍ୟାନ୍ ବ୍ୟବସ୍ଥା କରିବା ଅନ୍ତର୍ଭୁକ୍ତ। ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି ଯେ ବ୍ରାଞ୍ଚ ମ୍ୟାନେଜରଙ୍କ ଦୁର୍ବ୍ୟବହାର ଓ ଗାଳିଗୁଲଜ ସୀମା ବଳିଯାଉଛି, ଯାହାର ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ରହୁ। ଏହାଛଡ଼ା ଷ୍ଟକ୍‌ରେ ନ ଥିବା ଦ୍ରବ୍ୟର ଅର୍ଡର ନ ମାରିବା, ଗ୍ରାହକ ୧୫ ମିନିଟ୍ ଯାଏଁ ଫୋନ୍ ନ ଉଠାଇଲେ ଅର୍ଡର କ୍ୟାନସେଲ୍ କରିବାର କ୍ଷମତା ପ୍ରଦାନ ଏବଂ ନିର୍ଦ୍ଧାରିତ ଲୋକେସନଠାରୁ ଅଧିକ ବାଟ ଗଲେ ଅଧିକ ଖର୍ଚ୍ଚ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। କର୍ତ୍ତୃପକ୍ଷ ତୁରନ୍ତ ସମାଧାନ ନ କଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ତୀବ୍ର ହେବ ଏବଂ ଏନେଇ ସେମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ଅପରେସନ୍ ସାଇବର କବଚ: ୨୩୮ ଗିରଫ

କଟକ,୨୫।୨(ସମିସ): ଓଡ଼ିଶାରେ ସାଇବର ଅପରାଧ ଉପରେ ରୋକ୍ ଲଗାଇବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ "ଅପରେସନ ସାଇବର କବଚ' ଏବେ ସମଗ୍ର ରାଜ୍ୟରେ ଜୋରଦାର ଜାରି ରହିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଜିଲ୍ଲାର ସାଇବର କ୍ରାଇମ୍ ୟୁନିଟ୍ ମାନେ ସାଇବର ଠକେଇରେ ବ୍ୟବହୃତ ହେଉଥିବା "ମ୍ୟୁଲ୍' ବା ବେନାମୀ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ଉପରେ ଚଢ଼ଉ କରୁଛନ୍ତି। ଏହି ଅଭିଯାନ ଅଧୀନରେ ଏପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରୁ ୨୩୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ଏପର୍ଯ୍ୟନ୍ତ ମୋଟ ୧୧,୧୫୫ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ମ୍ୟୁଲ୍ ଆକାଉଣ୍ଟ ସମ୍ପର୍କିତ ୪୮୦ଟି ମାମଲା ରୁଜୁ ହୋଇଛି। ଏଥିସହ ଏଟିଏମ୍ ଓ ଚେକ୍ ମାଧ୍ୟମରେ ଟଙ୍କା ଉଠାଣ ଏବଂ ନକଲି ସିମ୍ କାର୍ଡ ସମ୍ପର୍କିତ ଅନେକ ମାମଲା ମଧ୍ୟ ସାମ୍ନାକୁ ଆସିଛି। ପୁଲିସ ପକ୍ଷରୁ ୩,୦୫୯ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ବାଲେଶ୍ୱର, ଜଗତସିଂହପୁର, ଝାରସୁଗୁଡ଼ା ଏବଂ କେନ୍ଦ୍ରାପଡ଼ା ଭଳି ଜିଲ୍ଲାରେ ବହୁ ସଂଖ୍ୟାରେ ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇ କଡ଼ା ପଦକ୍ଷେପ ନିଆଯାଇଛି। ସାଇବର ଅପରାଧ ମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରି ବ୍ୟାପକ ହେବ ବୋଲି ଡିଜି ସୂଚନା ଦେଇଛନ୍ତି।

**ଶୈଳବାଳା ବିବାଦ ତେଜିଲା**

# ଛାତ୍ରୀଙ୍କୁ କଲେଜ କର୍ତ୍ତୃପକ୍ଷଙ୍କ ଧମକ ଅଭିଯୋଗ



- ଜିଲ୍ଲାପାଳଙ୍କ ସହ ଆଲୋଚନା ବିଫଳ ପରେ ଅହୋରାତ୍ର ଧାରଣା
- ଆନ୍ଦୋଳନକୁ ଓହ୍ଲାଇଲେ ବରିଷ୍ଠ ନାଗରିକ ଓ ବିଭିନ୍ନ ସଂଗଠନ
- ଦାବି ପୂରଣ ନ ହେଲେ 'କଟକ ବନ୍ଦ' ଚେତାବନୀ

କଟକ,୨୫।୨(ସମିସ):

ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ପ୍ରସଙ୍ଗରେ ଗତ ମଙ୍ଗଳବାର କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକ କୌଣସି ସୁଫଳ ଦେଇନାହିଁ। କଲେଜ ନାମରେ ନିଜସ୍ୱ ଜମି ନ ଥିବାରୁ ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିପାରିବ ନାହିଁ ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସ୍ପଷ୍ଟ କରିବା ପରେ ଛାତ୍ରୀ ଓ ପୁରାତନ ଛାତ୍ରୀ ସଂଘ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜମିକୁ ଆଳ କରି ଏହି ଐତିହାସିକ ଶିକ୍ଷାନୁଷ୍ଠାନକୁ ତା'ର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରି ଛାତ୍ରୀମାନେ ଗତ ରାତିରୁ କଲେଜ ସମ୍ମୁଖରେ ଅହୋରାତ୍ର ଧାରଣା ଆରମ୍ଭ କରିଛନ୍ତି।

ବୁଧବାର ଏହି ଆନ୍ଦୋଳନରେ ଏକ ନୂଆ ମୋଡ଼ ଦେଖିବାକୁ ମିଳିଛି। କଟକର ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନ ଯଥା କଟକ ଜିଲ୍ଲା ବରିଷ୍ଠ ନାଗରିକ ସଂଘ, ମଧୁସ୍ମୃତି ସୁରକ୍ଷା ସମିତି ଏବଂ ନୀଳଚକ୍ର ପରି ସଂଗଠନ ମାନେ ଏହି ଦାବିକୁ ସମର୍ଥନ ଜଣାଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ବୁଦ୍ଧିଜୀବୀମାନେ ଚେତାଇ ଦେଇଛନ୍ତି ଯେ ସରକାର ତୁରନ୍ତ ଉଚ୍ଚସ୍ତରୀୟ ବୈଠକ ଡକାଇ ସମସ୍ତ ବୈଷୟିକ ପ୍ରତିବନ୍ଧକ ଦୂର କରନ୍ତୁ। ଯଦି ପ୍ରଶାସନ ଶୀଘ୍ର ବିଶ୍ୱବିଦ୍ୟାଳୟ ମାନ୍ୟତା ଘୋଷଣା ନ କରେ, ତେବେ ଆଗାମୀ ଦିନରେ ସମଗ୍ର 'କଟକ ବନ୍ଦ' କରାଯିବ। ଆନ୍ଦୋଳନରତ ଛାତ୍ରୀମାନେ କଲେଜ ଅଧ୍ୟକ୍ଷ ଏବଂ ବିଭିନ୍ନ ବିଭାଗୀୟ ମୁଖ୍ୟମାନଙ୍କ ବିରୋଧରେ ଚାପ ସୃଷ୍ଟି କରୁଥିବା ନେଇ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଅପରାହ୍ନ ୩ଟା ପରେ କଲେଜ ପରିସର ଭିତରେ ରହିବାକୁ ବାରଣ କରାଯିବା ସହ ଆନ୍ଦୋଳନରେ ସାମିଲ ଛାତ୍ରୀଙ୍କ ଅଭିଭାବକମାନଙ୍କୁ ଫୋନ୍ କରି ଭୟଭୀତ କରାଯାଉଛି। ଏପରିକି ଆନ୍ଦୋଳନରୁ ନ ଓହରିଲେ ଛାତ୍ରୀମାନଙ୍କର 'କ୍ୟାରିୟର ନଷ୍ଟ' କରିଦେବୁ ବୋଲି ଏଚ୍‌ଓଡିମାନେ ଧମକ ଦେଉଥିବା ଛାତ୍ରୀମାନେ ପ୍ରକାଶ କରିଛନ୍ତି। ଏଭଳି ଦମନମୂଳକ ଆଭିମୁଖ୍ୟ ସତ୍ତ୍ୱେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି ବିଦ୍ୟାର୍ଥୀ। ମହିଳା ଶିକ୍ଷାର ଅନ୍ତୁଡ଼ିଶାଳ କୁହାଯାଉଥିବା ଶୈଳବାଳା କଲେଜର ଏହି ଲଢ଼େଇ ଏବେ ସରକାର ଓ ଛାତ୍ରୀସମାଜ ମଧ୍ୟରେ ଏକ ସମ୍ମାନର ଲଢ଼େଇରେ ପରିଣତ ହୋଇଛି।

## ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ କଟକ ମେୟର

କଟକ,୨୫।୨(ସମିସ): ଓଡ଼ିଶାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ଏକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଦାବି ଜୋରଦାର ହୋଇଛି। କଟକ ମେୟର ସୁବାସ ସିଂହ ଆନ୍ଦୋଳନରତ ଛାତ୍ରୀମାନଙ୍କୁ ସମର୍ଥନ ଜଣାଇବା ସହ ଏହି ପ୍ରସଙ୍ଗରେ ରାଜ୍ୟପାଳଙ୍କୁ ପତ୍ର ଲେଖି ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିବା ପରେ ପ୍ରଶାସନିକସ୍ତରରେ ଆଲୋଚନା ହୋଇଥିଲେ ହେଁ କୌଣସି ସ୍ଥାୟୀ ସମାଧାନ ନ ବାହାରିବାରୁ ମେୟର ଏବେ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମହାବିଦ୍ୟାଳୟର ୧୧୩ ବର୍ଷର ଗୌରବମୟ ଇତିହାସ ଏବଂ ଶିକ୍ଷା କ୍ଷେତ୍ରରେ ଏହାର ଅବଦାନକୁ ଦୃଷ୍ଟିରେ ରଖି ଏହାକୁ 'ଏକକ ଐତିହାସିକ ବିଶ୍ୱବିଦ୍ୟାଳୟ' ଭାବେ ଘୋଷଣା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଲେ ଏଠାରେ ଅଧିକ ପାଠ୍ୟକ୍ରମ, ଗବେଷଣା କେନ୍ଦ୍ର ଏବଂ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ସୁଦୃଢ଼ ହେବ। ଏଥିସହ ଛାତ୍ରୀମାନଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ଏକ "ଦ୍ୱିତୀୟ କ୍ୟାମ୍ପସ' ନିର୍ମାଣ ନିମନ୍ତେ ଜମି ଯୋଗାଇ ଦେବାକୁ ମଧ୍ୟ ସେ ଦାବି କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଛାତ୍ରୀମାନେ ଅତ୍ୟାଧୁନିକ ଶିକ୍ଷା ସୁବିଧା ପାଇପାରିବେ ବୋଲି ମେୟର ଆଶା ବ୍ୟକ୍ତ କରିଛନ୍ତି।

## ଗିରିଜା ମିଶ୍ର ପାଇବେ କିଶୋରୀ ଚରଣ ପୁରସ୍କାର



କଟକ,୨୫।୨(ସମିସ): କିଶୋରୀ ଚରଣ ଚରଣ ସ୍ମୃତି ସଂସଦ ଦ୍ୱାରା ପ୍ରଖ୍ୟାତ ଲେଖକ କିଶୋରୀ ଚରଣ ଦାସଙ୍କ ସ୍ମୃତିରେ ପ୍ରଦତ୍ତ କିଶୋରୀ ଚରଣ ପୁରସ୍କାର-୨୦୨୬ ଗିରିଜା ଶଙ୍କର ମିଶ୍ର ପାଇବେ ବୋଲି ସ୍ଥିର ହୋଇଛି। ତାଙ୍କ ରଚିତ ଗଳ୍ପ ପୁସ୍ତକ 'ଲୁଚକାଳି' ପାଇଁ ଏହି ପୁରସ୍କାର ତାଙ୍କୁ ପ୍ରଦାନ କରାଯିବ। ଗିରିଜା ମିଶ୍ର ମିଶ୍ର ଜଣେ ଯୁବ କଥାକାର ଭାବରେ ସୁପରିଚିତ। ଛାତ୍ରବସ୍ଥାରୁ ୧୦ ବର୍ଷରୁ ଅଧିକ କାଳ ଧରି ସେ ଗଳ୍ପ ଲେଖିଆସୁଛନ୍ତି। ତାଙ୍କର ପ୍ରାୟତଃ ସବୁଗଳ୍ପ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଛି। ତାଙ୍କ ଗଳ୍ପଗୁଡ଼ିକ ସମକାଳୀନ ସମାଜ ଜୀବନର ନିଚ୍ଛକ ପ୍ରତିଛବି। ସମ୍ପ୍ରତି ସେ ବାଙ୍ଗାଲୋରରେ ସଫ୍ଟୱେର୍ ଇଞ୍ଜିନିୟର ଭାବେ କାର୍ଯ୍ୟରତ। ମାର୍ଚ୍ଚ ୧ ତାରିଖ ସନ୍ଧ୍ୟା ୬ଟାରେ କଟକର ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ କିଶୋରୀ ଚରଣଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଗିରିଜା ଶଙ୍କରଙ୍କୁ ଏହି ପୁରସ୍କାର ସ୍ୱରୂପ ମାନପତ୍ର, ଉପଢୌକନ ଓ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କିଶୋରୀ ଚରଣ ସ୍ମୃତି ସଂସଦର ସଂପାଦକ ବିଜୟାନନ୍ଦ ସିଂହ ପ୍ରକାଶ କରିଛନ୍ତି।

## ପ୍ରଧାନମନ୍ତ୍ରୀ ଓ ବିଜେପି ସାଂସଦଙ୍କ ଇସ୍ତଫା ଦାବି

**କଟକ ଜିଲ୍ଲା କଂଗ୍ରେସ ପକ୍ଷରୁ ଥାନାରେ ଏତଲା**

କଟକ,୨୫।୨(ସମିସ): ସଂସଦରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଶାସକ ବିଜେପି ଦଳର ମନ୍ତ୍ରୀ ଓ ସାଂସଦଙ୍କ ପକ୍ଷରୁ ବାରମ୍ବାର



ଅପଶବ୍ଦ ପ୍ରୟୋଗ କରାଯାଉଥିବା ପ୍ରତିବାଦରେ ଆଜି ପୂର୍ବାହ୍ନରେ କଟକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ତଫା ଓ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଗିରଫ ଦାବି କରିବା ସହିତ ସଂସଦୀୟ ବ୍ୟାପାର ମନ୍ତ୍ରୀ ରିଜିଜୁଙ୍କ ଇସ୍ତଫା ଏବଂ ସାଂସଦ ନିଶିକାନ୍ତ ଦୁବେଙ୍କ ଗିରଫ ଦାବି କରି ଏକ ଏତଲା କଟକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଦାୟର କରାଯାଇଛି। ଏପଷ୍ଟିନ୍ ଫାଇଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାମ ସହ ମନ୍ତ୍ରୀ ହରଦୀପ ପୁରୀଙ୍କ ନାମ ରହିଥିବାରୁ ନୈତିକତା ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ଇସ୍ତଫା ଦେବା ଉଚିତ୍ ବୋଲି କଂଗ୍ରେସ ନେତୃମଣ୍ଡଳୀ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ପୂର୍ବତନ ସେନା ମୁଖ୍ୟ ନର୍ଭଣେଙ୍କ ପୁସ୍ତକରେ ସରକାରଙ୍କ ଅସଲ ମୁଖା ଖୋଲିଯାଇଛି। ଏପରିସ୍ଥଳେ ସରକାର ଶାସନରେ ରହିବାର ନୈତିକ ଅଧିକାର ହରାଇଥିବା ବେଳେ ଔଷଧ ବିକଳରେ ତାଟିଆ କାମୁଡିବା ପରି ରାହୁଲ ଗାନ୍ଧୀଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରିବା ସ୍ପୃହଣୀୟ ନୁହେଁ ବୋଲି ନେତୃମଣ୍ଡଳୀ ତୀବ୍ର ନିନ୍ଦା କରି ବିଜେପି ଉପରେ ବର୍ଷିଥିଲେ। ଜିଲ୍ଲା କଂଗ୍ରେସର ସଭାପତି ପ୍ରଦୀପ ଦାସଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ରବିନ୍ଦ୍ର ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ବାଙ୍କନିଧି ବେହେରା, ମହମ୍ମଦ ଆରିଫଉଦ୍ଦିନ ଖାଁ, ତ୍ରିଲୋଚନ ମହାନ୍ତି, ନାରାୟଣ ଦ୍ୱିବେଦୀ, ପ୍ରତାପ ମଲ୍ଲିକ, ସୁଦର୍ଶନ ସାହୁ, ଶିଶିରକାନ୍ତ ମିଶ୍ର, ଜଗନ୍ନାଥ ସାହୁ, ନିରଞ୍ଜନ ଲେଙ୍କା, ପ୍ରଶାନ୍ତ ବେହେରା, ରାଜେନ୍ଦ୍ର ପଟ୍ଟନାୟକ, ଆଶୁତୋଷ ବରାଳ, ଅଜିତ ପଣ୍ଡା ପ୍ରମୁଖ ଆଜି କଟକ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏତଲା ଦାୟର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ବିଷୋୟୀ, ଅମୀୟ ନାୟକ, ସେଖ୍ ସଦ୍ଦାମ, ବସନ୍ତ ବେହେରା, ମନୋରଞ୍ଜନ ସାହୁ, ସୌଭାଗ୍ୟ ବେହେରା, ଦିଲ୍ଲୀପ ଚୌଧୁରୀ, ଜିତେନ୍ଦ୍ର ନାୟକ, ବିଶ୍ୱରଞ୍ଜନ ଜେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ରେଭେନ୍ସା 'ବାର୍କ'ର ବାର୍ଷିକ ସମ୍ମିଳନୀ




କଟକ,୨୫।୨(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନୀଙ୍କ ସଂଗଠନ 'ବାର୍କ'ର ୩୬ତମ ବାର୍ଷିକ ଅଧିବେଶନ ସମାହିତ ହୋଇଯାଇଛି। ସଂଗଠନର ସଭାପତି ଡ. ପଦନ କୁମାର ଜେନାଙ୍କ ସ୍ୱାଗତ ଭାଷଣ ଏବଂ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସାମନ୍ତରାୟଙ୍କ ସମ୍ପାଦକୀୟ ବିବରଣୀ ପାଠ ପରେ ମୁଖ୍ୟଅତିଥି ଭାବେ ଡ. ବେଣୁଧର ପ୍ରଧାନ ଓ ସୁଜିତାଭ ଶତପଥୀ ପରିବେଶ ସୁରକ୍ଷା ଓ ସମାଜ ପ୍ରତି ପ୍ରତ୍ୟେକ ବର୍ଗର ଲୋକଙ୍କ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଡ. ଅନିରୁଦ୍ଧ ଖିଲାରଙ୍କ ଦ୍ୱାରା ସମ୍ପାଦିତ ସଂଗଠନର ମୁଖପତ୍ର 'ଆରୋମା' ଏବଂ ଉପସଭାପତି ଡଃ ରଶ୍ମି ମହାପାତ୍ରଙ୍କ ଲିଖିତ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ସମ୍ମିଳନୀରେ ମୁଖ୍ୟତଃ ମୃତ୍ତିକା ପ୍ରଦୂଷଣ ଓ ଏହାର ପ୍ରତିକାର ବିଷୟରେ ଗଭୀର ଆଲୋଚନା କରାଯାଇଥିଲା। ୧୯୮୬ରେ ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ପୁରାତନ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସାମାଜିକ ଅବଦାନ ନିମନ୍ତେ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ଆମେରିକାରୁ ଆସିଥିବା ଡ. ଜ୍ୟୋତି ରାଉତ ଏବଂ ବିଭିନ୍ନ ବିଶିଷ୍ଟ ପ୍ରଫେସର ଓ ସମାଜସେବୀ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଡ. ଏ.କେ. ଖିଲାର ଧନ୍ୟବାଦ ଦେଇଥିଲେ।

## ଦୋଳଯାତ୍ରା ପାଇଁ ସିଏମ୍‌ସି ବୈଠକ

**● ସହରର ପରିମଳ ଓ ଆଲୋକୀକରଣ ଉପରେ ଗୁରୁତ୍ୱ**

କଟକ,୨୫।୨(ସମିସ): କଟକ ସହରରେ ଆଗାମୀ ଦୋଳଯାତ୍ରା ଓ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଦୋଳ ମେଳଣର ସଫଳ ଆୟୋଜନ ପାଇଁ କଟକ ମହାନଗର ନିଗମ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଫେବୃଆରୀ ୨୬ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ସହରର ବିଭିନ୍ନ ଅଞ୍ଚଳରେ ହେବାକୁ ଥିବା ୮ରୁ ୧୦ଟି ପ୍ରମୁଖ ମେଳଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ୭୨ ସଂକୀର୍ତ୍ତନ ମଣ୍ଡଳୀ, ୪ ଦିଗ ସର୍ବାଧିକାରୀ ଏବଂ ନଦିଆ ସଂକୀର୍ତ୍ତନ ମଣ୍ଡଳୀର କର୍ମକର୍ତ୍ତାମାନେ ଯୋଗଦେଇ ମେଳଣ ସ୍ଥାନଗୁଡ଼ିକରେ ରାସ୍ତାଘାଟ ମରାମତି, ନାଳ ନର୍ଦ୍ଦମା ସଫେଇ, ପର୍ଯ୍ୟାପ୍ତ ଆଲୋକୀକରଣ ଏବଂ ରାସ୍ତାର ଉଭୟ ପାଶ୍ୱର୍ରେ ଚୂନ ପକାଇବା ପାଇଁ ନିବେଦନ କରିଥିଲେ। ମେୟର ଏହିସବୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସିଏମସି କମିଶନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀଙ୍କ ସମେତ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, କର୍ପୋରେଟର ଏବଂ ବିଭିନ୍ନ ସାହି ଓ ମନ୍ଦିରର ସର୍ବାଧିକାରୀମାନେ ମତ ରଖିଥିଲେ।

**ମୃତ୍ୟୁ ପରେ ବି ଅମର**

## ଏସ୍‌ସିବି ମେଡିକାଲକୁ ବୃଦ୍ଧାଙ୍କ ଶରୀର ଦାନ

**ଡାକ୍ତରୀ ଗବେଷଣା ପାଇଁ ଦୁଲେଇ ବେଓ୍ୱାଙ୍କ ମହତ ଦାନ**



କଟକ,୨୫।୨(ସମିସ): ମରଣୋତ୍ତର 'ଶରୀର ଦାନ - ମହାପୁଣ୍ୟ'ର ଏକ ଶ୍ରେଷ୍ଠ ନିଦର୍ଶନ ହେଉଛନ୍ତି କଟକର ୮୭ ବର୍ଷୀୟା ବୃଦ୍ଧା ଦୁଲେଇ ବେଓ୍ୱା। ଗତ ସନ୍ଧ୍ୟାରେ ତାଙ୍କ ପରଲୋକ ଘଟିଥିବା ବେଳେ ନିଜ ଜୀବିତ ଅବସ୍ଥାରେ କରିଥିବା ଇଚ୍ଛାପତ୍ର ଅନୁଯାୟୀ ତାଙ୍କ ପରିବାର ପକ୍ଷରୁ ତାଙ୍କର ମରଶରୀରକୁ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ (ଏସସିବି)କୁ ଦାନ କରାଯାଇଛି। ସ୍ୱର୍ଗତା ଦୁଲେଇ ବେଓ୍ୱାଙ୍କ ଏହି ନିଷ୍ପତ୍ତି କେବଳ ମାନବିକତାର ପରିଚୟ ଦେଇନାହିଁ, ବରଂ ଆଗାମୀ ଦିନର ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ଏବଂ ଶରୀର ବିଜ୍ଞାନ ସମ୍ବନ୍ଧୀୟ ଗବେଷଣା ପାଇଁ ଏକ ମୂଲ୍ୟବାନ ସମ୍ପତ୍ତି ସାଜିଛି। ଭାରତ ଶରୀର ଓ ଅଙ୍ଗଦାନ ସମିତିର ସଭାପତି ଡକ୍ଟର ପ୍ରଭାସ ଆଚାର୍ଯ୍ୟ ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାର ସମନ୍ୱୟ ରକ୍ଷା କରିଥିଲେ। ସ୍ୱର୍ଗତା ବେଓ୍ୱାଙ୍କ ପାଳିତା କନ୍ୟା ଝରଣା ସିଂ ଏବଂ ଜ୍ୱାଇଁ କ୍ୟାପଟେନ ସଂସ୍କାର ସିଂ ନିଜ ମା'ଙ୍କ ଶେଷ ଇଚ୍ଛାକୁ ସମ୍ମାନ ଜଣାଇ ଶୋକାକୁଳ ପରିବେଶରେ ଏସସିବିର ଶରୀର ତତ୍ତ୍ୱ ବିଭାଗକୁ ମରଶରୀର ହସ୍ତାନ୍ତର କରିଥିଲେ। ପାରମ୍ପରିକ ଅନ୍ତ୍ୟେଷ୍ଟି କ୍ରିୟା ବଦଳରେ ଶରୀର ଦାନ କରି ସମାଜକୁ ଏକ ବଳିଷ୍ଠ ବାର୍ତ୍ତା ଦେଇଥିବା ଏହି ପରିବାରର କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଡ. ଆଚାର୍ଯ୍ୟଙ୍କ ମତରେ, ଏହି ମହତଦାନ ଆଗାମୀ ପିଢ଼ିର ଡାକ୍ତରମାନଙ୍କୁ ଦକ୍ଷ କରି ଗଢ଼ିବାରେ ମୂଳଦୁଆ ସାଜିବ ଏବଂ ଅନ୍ୟମାନଙ୍କୁ ଶରୀର ଦାନ ପାଇଁ ଉତ୍ସାହିତ କରିବ।

## ମେଘା ପଞ୍ଚାୟତରେ ଆଇନ ସେବା ଶିବିର




**୧୫ଟି ପାରିବାରିକ ବିବାଦର ସମାଧାନ**

ଆଠଗଡ଼,୨୫।୨(ସମିସ): ଆଠଗଡ଼ ଉପଖଣ୍ଡ ଅନ୍ତର୍ଗତ ମେଘା ପଞ୍ଚାୟତର ଦାସ ସାହିଠାରେ ରାଜ୍ୟ ଆଇନ ସେବା ସଂସ୍ଥା ପକ୍ଷରୁ ଏକ ଆଇନ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। 'ଜୀବନ ସଂଘର୍ଷ' ଅନୁଷ୍ଠାନର ସମ୍ପାଦକ ଅରୂପାନନ୍ଦ ମଲ୍ଲିକଙ୍କ ଆହ୍ୱାନକ୍ରମେ ଆୟୋଜିତ କାର୍ଯ୍ୟକ୍ରମକୁ ରାଜ୍ୟ ଆଇନସେବା ସଂସ୍ଥାର ସଚିବ ତଥା ଆଡଭୋକେଟ୍ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସଦସ୍ୟ ପ୍ରକାଶ ଜେଠୀ ଓ ଚାନ୍ଦିନୀ ବିଶ୍ୱାଳ ଯୋଗ ଦେଇଥିଲେ। ୧୫ଟି ଘରୋଇ କନ୍ଦଳ ବା ପାରିବାରିକ ବିବାଦକୁ କାଉନସେଲିଂ ଓ ପାରସ୍ପରିକ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଥିଲା। ଗ୍ରାମବାସୀଙ୍କ ଅନୁରୋଧ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଣିକି ପ୍ରତି ମାସରେ ଏଭଳି ଆଇନ ଶିବିର ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ରାଜେଶ ମଲ୍ଲିକ, ଶାନ୍ତିଲତା ସାହୁ, ବିଦ୍ୟୁଭୂଷଣ ସ୍ୱାଇଁଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ। ନିର୍ମଳ କୁମାର ଧନ୍ୟବାଦ ଦେଇଥିଲେ।

### ଚାଷୀଙ୍କ ରାସ୍ତାରୋକ ଘଟଣା

# ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ହଟିଲା ଅବରୋଧ

ଇବଥର୍ମାଲ, ୨୫।୨(ସମିସ)



## ରାସ୍ତାରେ ପଡ଼ିଥିବା ଧାନ ପ୍ରଥମେ ଉଠିଲା

ଗତ ସୋମବାର ସକାଳୁ ଲଖନପୁର ବ୍ଲକ ଜୋନ୍-୩ ଅଧୀନ ତିଲିଆ, ରମ୍ପେଲା, କୁମ୍ଭାରବନ୍ଧ ତଥା ପିପିଲିକାନି ପଞ୍ଚାୟତର ମାଁ ସମଲେଇ ଆଞ୍ଚଳିକ କୃଷକ ସଙ୍ଗଠନ ଦ୍ୱାରା ବନ୍ଧବାହାଲ-ରେଙ୍ଗାଲି ମୁଖ୍ୟରାସ୍ତା ଢୁନଢୁନ ଛକଠାରେ ଧାନ ବସ୍ତା ରଖି ରାସ୍ତାରୋକ ଆନ୍ଦୋଳନ କରାଯାଉଛି। ଆଜି ସନ୍ଧ୍ୟାରେ ଏହି ଅର୍ଥନୈତିକ ଅବରୋଧ ପ୍ରତ୍ୟାହୃତ ହୋଇଛି। ମଙ୍ଗଳବାର ରାତି ୧୦ ପର୍ଯ୍ୟନ୍ତ ଘଟଣା ସ୍ଥଳରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା ବିଫଳ ହୋଇଥିଲା। ଜିଲ୍ଲା ଯୋଗାଣ ଅଧିକାରୀଙ୍କ କଥା ଅନୁସାରେ ବୁଧବାର ଲିଙ୍ଗରାଜ ବଢ଼େଇ, ବିରଞ୍ଚି ସାହୁ, ଭୋଳାନାଥ ବଢ଼େଇ, ଗୌତମ ପ୍ରଧାନ, ଉମେଶ ବିଶ୍ୱାଳଙ୍କୁ ନେଇ ଏକ ପ୍ରତିନିଧି ଦଳ ଝାରସୁଗୁଡ଼ା ଜିଲ୍ଲାପାଳ କାର୍ଯ୍ୟାଳୟ ଯାଇ ଜିଲ୍ଲାପାଳ କୁନାଳ ମୋତିରାମ ଚୌହାନଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାପାଳ ଶ୍ରୀ ଚୌହାନ କହିଥିଲେ ଯେ ୧୩ ହଜାର କ୍ୱିଣ୍ଟାଲ ଧାନ ଟାର୍ଗେଟରୁ ସୋମବାର ୩ ହଜାର କ୍ୱିଣ୍ଟାଲ ଧାନ ଟାର୍ଗେଟ ତିଲିଆ ପାକ୍ସକୁ ଦିଆ ସରିଛି, ଆଜି ୪ହଜାର କ୍ୱିଣ୍ଟାଲର ଟାର୍ଗେଟ ଦିଆଗଲା, ପରେ ବଳକା ଥିବା ଧାନର ଟାର୍ଗେଟ ମଧ୍ୟ ଦିଆଯିବ। ଟୋକନ ସମସ୍ୟା କଥା ଆଲୋଚନା ବେଳେ ଜିଲ୍ଲାପାଳ ୧୦ଟି ଟୋକନ ସମ୍ପର୍କରେ ଅଭିଯୋଗ ମିଳିଥିଲା ବୋଲି କହିଥିଲେ। ୬ ଟି ଟୋକନ୍ ସୋ କରି ଗଲାଣି ବାକି ୪ଟି ଟୋକନ ସମ୍ପର୍କରେ ସରକାରଙ୍କୁ ଲେଖି ସମସ୍ୟା ସମାଧାନ କରିବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଭର ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟି ଯାଇଛି। ଆଜି ଟ୍ରକ ଆଣି ପ୍ରଥମେ ରାସ୍ତାରେ ଗଦା ହୋଇଥିବା ଶହଶହ ବସ୍ତା ଧାନକୁ ଉଠାଯାଇଥିବା କୁହାଯାଇଛି।

# ସଡ଼କ ଦୁର୍ଘଟଣାରେ ମୃତ ପୁଲିସଙ୍କ ପରିବାରକୁ କ୍ଷତିପୂରଣ

## ● ୪ ଜଣଙ୍କୁ ଏକ କୋଟି ୧୦ ଲକ୍ଷ ଏବଂ ଜଣଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା

**ଝାରସୁଗୁଡ଼ା, ୨୫।୨(ସମିସ):** ଜିଲ୍ଲା ସଦର ଥାନା ନିକଟରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୫ ଜଣ ପୁଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ମୃତକଙ୍କ ପରିବାରଙ୍କୁ ବୁଧବାର କ୍ଷତିପୂରଣ ବୀମା ରାଶି ପ୍ରଦାନ କରାଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ତତ୍ତ୍ୱାଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଆଇଜିପି ହିମାଂଶୁ ଲାଲ, ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଉପସ୍ଥିତ ଥିଲେ। ମୃତ ୫ ପୁଲିସ ଅଧିକାରୀଙ୍କ ପରିବାରକୁ ଇନସ୍ୟୁରାନ୍ସ ରାଶି ପ୍ରଦାନ କରାଯାଇଥିଲା। ମୃତ୍ୟୁ ବରଣ କରିଥିବା ହୋମଗାର୍ଡ ଭକ୍ତବନ୍ଧୁ ମିର୍ଧାଙ୍କ ମା'ଙ୍କୁ ୩୦ ଲକ୍ଷ ଏବଂ କନେଷ୍ଟବଳ ଦେବଦତ୍ତ ସା, କନେଷ୍ଟବଳ କାଶୀରାମ ଭୋଇ, ଡିଏସଆଇ ନିରଞ୍ଜନ କୁଜୁର, ହାବିଲଦାର ଲିଙ୍ଗରାଜ ଧରୁଆଙ୍କ ପତ୍ନୀ ପ୍ରତ୍ୟେକଙ୍କୁ ୧ କୋଟି ୧୦ ଲକ୍ଷ ଟଙ୍କାର ଚେକ ଆଇଜି, ଜିଲ୍ଲାପାଳ, ଏସପି ଓ ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି। ଦୁର୍ଘଟଣାର ଏତେ କମ ସମୟ ମଧ୍ୟରେ ପୋଷ୍ଟମର୍ଟମ ରିପୋର୍ଟ, ବ୍ୟାଙ୍କର କାଗଜାତ ପତ୍ର ସାରି ଏହି କ୍ଷତିପୂରଣ ବା ବୀମା ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ମୃତକଙ୍କ ପରିବାର ସହିତ ଆମେ ରହିଛୁ ବୋଲି ଆଇଜି ହିମାଂଶୁ ଲାଲ ମତବ୍ୟକ୍ତ କରିଥିଲେ। ଆଜି ଭଗ୍ନ ହୃଦୟ, କୋହଭରା ଛାତି ଆଉ ଲୁହଭିଜା ଆଖିରେ ମୃତକଙ୍କ ପରିବାର କ୍ଷତିପୂରଣ ରାଶି ଗ୍ରହଣ କରିବା ଦୃଶ୍ୟ ସମସ୍ତଙ୍କୁ ମର୍ମାହତ କରିଥିଲା। କ୍ଷତିପୂରଣ ରାଶି ମୃତକଙ୍କ ଘରେ ପହଞ୍ଚାଇ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା ପରିବର୍ତ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ କ୍ଷତିପୂରଣ ରାଶି ପ୍ରଦାନକୁ ଅନେକ ଜନତା ନାପସନ୍ଦ କରିଛନ୍ତି।



# ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ସଚେତନତା ଓ ମକ୍‌ଡ୍ରିଲ୍

**ଝାରସୁଗୁଡ଼ା, ୨୫।୨(ସମିସ):** ଆଗାମୀ ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁର ପ୍ରତିରୋଧ ଏବଂ ଏହାର ନିରାକରଣ ପାଇଁ ପ୍ରସ୍ତୁତି ସ୍ୱରୂପ ଝାରସୁଗୁଡ଼ା ବନାଞ୍ଚଳ, ଝାରସୁଗୁଡ଼ା ବନଖଣ୍ଡ ପକ୍ଷରୁ କାତିକେଲା ଗାଁଠାରେ ଜିଲ୍ଲାସ୍ତରୀୟ 'ଜଙ୍ଗଲ ନିଆଁ ସଚେତନତା ସଭା ଏବଂ ମକ୍‌ଡ୍ରିଲ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ସମ୍ପଦକୁ ଅଗ୍ନି ଦାଉରୁ ରକ୍ଷା କରିବା ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଜଙ୍ଗଲରେ ନିଆଁ ଲାଗିଲେ ତାହାକୁ କିପରି ତୁରନ୍ତ ଆୟତ୍ତ କରାଯିବ ଏବଂ ବିଭିନ୍ନ ପ୍ରକାରର ଉଦ୍ଧାର କୌଶଳ ସମ୍ପର୍କରେ ମକ୍‌ଡ୍ରିଲ୍ କରାଯାଇଥିଲା। ଏହାସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାତିକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ନୃତ୍ୟ, ସଙ୍ଗୀତ ଏବଂ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜଙ୍ଗଲ ନିଆଁର ଭୟାବହତା ଏବଂ ଏହାର ପ୍ରତିକାର ସମ୍ପର୍କରେ ସଚେତନତା ବାର୍ତ୍ତା ପରିବେଷଣ କରିଥିଲେ। ବିଜୟ ପ୍ରଦାନ, ବନାଞ୍ଚଳ ଅଧିକାରୀ କାର୍ଯ୍ୟକ୍ରମଟିକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଏଥିସହ କାର୍ଯ୍ୟକ୍ରମରେ କାତିକେଲା ନାଏବ ସରପଞ୍ଚ, କେନ୍ଦୁପତ୍ର ବିଭାଗର କର୍ମଚାରୀ, ଝାରସୁଗୁଡ଼ା ରେଞ୍ଜର ବନ କର୍ମଚାରୀ, ଅଗ୍ନିଶମ ବାହିନୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବନ ସଂରକ୍ଷଣ ସମିତିର ସଦସ୍ୟ ଏବଂ ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଝାରସୁଗୁଡ଼ା ବନାଞ୍ଚଳ, ଝାରସୁଗୁଡ଼ା ବନଖଣ୍ଡର ସ୍ୱତନ୍ତ୍ର ସ୍କ୍ୱାଡ୍ ଏହି ଅଭ୍ୟାସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



# ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ, ଜନ ଆରୋଗ୍ୟ ଓ ମହିଳା ଆରୋଗ୍ୟ ସମିତି ବାର୍ଷିକ ସମ୍ମିଳନୀ

**ଝାରସୁଗୁଡ଼ା, ୨୫।୨(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବେହେରାମାଲ ସ୍ଥିତ ଏମସିଏଲ ଅଡିଟୋରିୟମଠାରେ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଏବଂ ମହିଳା ଆରୋଗ୍ୟ ସମିତି ମାନଙ୍କର ଏକ ବିଶାଳ ଜିଲ୍ଲାସ୍ତରୀୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ସ୍ୱାସ୍ଥ୍ୟ ଏବଂ ଜନମଙ୍ଗଳ କାର୍ଯ୍ୟକ୍ରମକୁ ଏହି ସଦସ୍ୟା ମାନଙ୍କର ଅବଦାନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ଲକ୍ଷ୍ୟରେ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଦୀପକ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ), ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବୋର୍ଣ୍ଣ ଡିଜିଜ୍ କଣ୍ଟ୍ରୋଲ୍) ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାକୁ ଘରେ ଘରେ ପହଞ୍ଚାଇବା ପାଇଁ ଆଶା ଏବଂ ବିଭିନ୍ନ ସମିତିର ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ପ୍ରଦାନ କରିଥିବା ଶ୍ରେଷ୍ଠ ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଏବଂ ମହିଳା ଆରୋଗ୍ୟ ସମିତି ଗୁଡିକୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଆଶା କର୍ମୀ ଏବଂ ସମିତିର ସଦସ୍ୟାମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ବିଭିନ୍ନ ଶିକ୍ଷଣୀୟ ତଥା ମନୋରଞ୍ଜନ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସହାୟକ ପରିଚାଳକ (ଗୋଷ୍ଠୀ ପ୍ରକ୍ରିୟା) ଜିତେନ୍ଦ୍ର ପାଲ ଏବଂ ସହାୟକ ପରିଚାଳକ (ସହରୀ ସ୍ୱାସ୍ଥ୍ୟ) ଶୁଭକାନ୍ତ ପଣ୍ଡା, ସହାୟକ ପରିଚାଳକ ସୋମଦତ୍ତ ପୁରୋହିତ ଏବଂ ସ୍ୱେଜଲ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ହିସାବ ରକ୍ଷକ ପରିଚାଳକ ସମୀର ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




# ଜିଲ୍ଲାସ୍ତରୀୟ ଡିଏଲ୍‌ଏସ୍‌ଡବ୍ଲ୍ୟୁସିଏ କମିଟି ବୈଠକ

## ● ଜିଲ୍ଲାରେ ୮୩.୫୬ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆଲୋଚନା

## ● ୧୧୪୨ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ



**ଝାରସୁଗୁଡ଼ା, ୨୫।୨(ସମିସ):** ଜିଲ୍ଲାର ଶିଳ୍ପାୟନ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଏକକ ୱିଣ୍ଡୋ କମିଟି (ଡିଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ପ୍ଲାଷ୍ଟିକ ରିସାଇକ୍ଲିଂ, ମାଣ୍ଡିଆ ବେକରୀ, ରିଫ୍ରାକ୍ଟ୍ରି ବ୍ରିକ୍ସ ନିର୍ମାଣ ଏବଂ ରେଳୱେ ସାଇଡିଂ ଭଳି ବିଭିନ୍ନ କ୍ଷେତ୍ରର ୪ଟି ବୃହତ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା। ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେଲେ ପ୍ରାୟ ୮୩.୫୬ କୋଟି ଟଙ୍କାର ପୁଞ୍ଜିନିବେଶ ସହ ଜିଲ୍ଲାର ୧୧୪୨ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସମସ୍ତ ଦିଗକୁ ଅନୁଧ୍ୟାନ କରିବା ପରେ କମିଟି ପକ୍ଷରୁ ଏକ ପ୍ଲାଷ୍ଟିକ ରିସାଇକ୍ଲିଂ ୟୁନିଟକୁ ପ୍ରାଥମିକ ଭାବେ ଅନୁମୋଦନ ପ୍ରଦାନ କରାଯାଇଛି। ଉପଜିଲ୍ଲାପାଳ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ, ଇଡକୋ ପ୍ରତିନିଧି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ବାଣିଜ୍ୟିକ କର ବିଭାଗର ଉପକମିଶନର, ମୁଖ୍ୟ ଜିଲ୍ଲା ବ୍ୟାଙ୍କ ପ୍ରବନ୍ଧକ, ଝାରସୁଗୁଡ଼ା ଓ କୋଲାବିରା ତହସିଲଦାର ଏବଂ ଦୀପା ଟିମ୍ ଉପସ୍ଥିତ ରହି ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

**ଦେବଗଡ଼, ୨୫।୨(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ବୁଧବାର ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆବାହକତ୍ୱ କ୍ରମେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ ମଦ ବିକ୍ରୟ ଢାବା ଗୁଡିକ ଯାଞ୍ଚ୍ କରିବା, ଏନଏଚ ୪୯ରେ ରାସ୍ତାପାର୍ଶ୍ୱରେ ଜବରଦଖଲ ଦୋକାନ ଗୁଡିକୁ ଚିହ୍ନଟ ଓ ଉଚ୍ଛେଦ କରିବା, ଦେବଗଡ଼ ରଜାମୁଣ୍ଡା ଆମ୍ବେଦକର ଛକରେ ହାଇମାଷ୍ଟ ଲାଇଟ୍ ସ୍ଥାପନ ଓ ଗାଡି ଚଳାଇବା ବେଳେ ହେଲମେଟ, ସିଟବେଲ୍ଟ ପିନ୍ଧିବା, ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଠାରେ ଟ୍ରାଫିକ ନିୟନ୍ତ୍ରଣ ଉପରେ ବିଶେଷ ଆଲୋକପାତ କରିଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ବିଭାଜନ ଅଭିଷେକ ଓଝା, ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଧନଞ୍ଜୟ ମହନ୍ତ, କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ ରିତିକାନ୍ତ ଶୁକ୍ଳା, ଟିପିଡବ୍ଲ୍ୟୁ ନିର୍ବାହୀଯନ୍ତ୍ରୀ ରାଜୁ ସାହା, ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡ.ସୁବାସ ଚନ୍ଦ୍ର ପ୍ରଧାନଙ୍କୁ 'ନାଟ୍ୟକାର ରବୀନ୍ଦ୍ର ଦାଶ' ସମ୍ମାନ



**ଝାରସୁଗୁଡ଼ା, ୨୫।୨(ସମିସ):** ଭୁବନେଶ୍ୱର ସ୍ଥିତ ଶତାବ୍ଦୀର କଳାକାରଙ୍କ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଓ ୨୮ ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ ଅବସରରେ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡର ନାଟ୍ୟକାର ଓ ନିର୍ଦ୍ଦେଶକ ଡ.ସୁବାସ ଚନ୍ଦ୍ର ପ୍ରଧାନଙ୍କୁ 'ନାଟ୍ୟକାର ରବୀନ୍ଦ୍ର ଦାଶ ସମ୍ମାନ' ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଡ.ପ୍ରଧାନଙ୍କୁ ସମ୍ମାନ ପ୍ରଦାନ କରିଥିଲେ। ମଞ୍ଚରେ କୋରେଇର ବିଧାୟକ ଓ ପ୍ରସିଦ୍ଧ ଅଭିନେତା ଅକାଶ ଦାସ ନାୟକ, ପ୍ରସିଦ୍ଧ ସାହିତ୍ୟିକ ଶଙ୍କର ତ୍ରିପାଠୀ, ସମାଜସେବୀ ଜଗନ୍ନାଥ ପ୍ରଧାନ ମଞ୍ଚାସୀନ ଥିଲେ। ସେହିପରି ଡ.ଗୌରହରି ଦାସ ଓ ଧୀରା ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ.ସୁବାସ ଚନ୍ଦ୍ର ପ୍ରଧାନ ଦୀର୍ଘ ତିନି ଦଶକ ଧରି ଓଡ଼ିଆ ନାଟ୍ୟକ୍ଷେତ୍ରରେ ସକ୍ରିୟ ରହିଛନ୍ତି। ତାଙ୍କ ନାଟକ ସମାଜର ଯଥାର୍ଥ ଚିତ୍ର ଉପସ୍ଥାପନ କରିବା ସହ ମାନବୀୟ ମୂଲ୍ୟବୋଧକୁ ଉଜାଗର କରିଥାଏ। ମଞ୍ଚରେ ଉପସ୍ଥିତ ଅତିଥିମାନେ ଡ.ପ୍ରଧାନଙ୍କ ନାଟ୍ୟସେବା, ନୂତନ ପ୍ରୟୋଗ ଓ ଓଡ଼ିଆ ସଂସ୍କୃତି ପ୍ରତି ତାଙ୍କ ଅଟୁଟ ସମର୍ପଣକୁ ଉଚ୍ଚ ପ୍ରଶଂସା କରିଥିଲେ। ଶେଷରେ ଡ.ପ୍ରଧାନ ସମ୍ମାନ ପାଇଁ ଆୟୋଜକମାନଙ୍କୁ କୃତଜ୍ଞତା ଜଣାଇ ଆଗାମୀ ଦିନରେ ଓଡ଼ିଆ ନାଟ୍ୟକଳାର ଉନ୍ନତି ପାଇଁ ଅଧିକ ନିଷ୍ଠାର ସହିତ କାମ କରିବେ ବୋଲି ମତବ୍ୟକ୍ତ କରିଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



## ଭାଗନେଲେ ୧୯୦ ପ୍ରତିଯୋଗୀ

**ଝାରସୁଗୁଡ଼ା, ୨୫।୨(ସମିସ):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ସ୍ଥାନୀୟ ଓଏସଏପି ଦ୍ୱିତୀୟ ବାଟାଲିୟନ ପରେଡ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗରତିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମୋଟ ୧୯୦ ଜଣ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଅଂଶଗ୍ରହଣ କରିଥିଲେ। ଏହି ଦିନିକିଆ କ୍ରୀଡା ଉତ୍ସବରେ ଖୋ-ଖୋ, କବାଡି ଏବଂ ଟଗ୍ ଅଫ୍ ୱାର୍ ଭଳି ଖେଳ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପିଓ-କମ୍-ପିଓ ଯାଜ୍ଞସେନୀ ମହାନନ୍ଦ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ କୃଷ୍ଣପ୍ରିୟା ପ୍ରଧାନ, ଉପଖଣ୍ଡସ୍ତରୀୟ ଅଧିକାରୀ ମିନାକ୍ଷୀରାଜଙ୍କ ସମେତ ସମସ୍ତ ପ୍ରକଳ୍ପର ସିଡିପିଓ, ସୁପରଭାଇଜର ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




**ଝାରସୁଗୁଡ଼ା, ୨୫।୨(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ବୁଧବାର ସଡକ ସୁରକ୍ଷା, ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ, ମୋଟର ଯାନ ନିୟମ ଓ ସଂଶୋଧିତ ଦାବି ଟ୍ରିବ୍ୟୁନାଲ ରାଜିନାମା ପ୍ରକ୍ରିୟା ସମ୍ପର୍କିତ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ବ୍ରଜରାଜନଗର କଲେଜରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ କଲେଜର ଅଧ୍ୟକ୍ଷ ବିଜୟ ସାହୁ, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ତପନ ବିଶ୍ୱାଳ, କନିଷ୍ଠ ମୋଟର ଯାନ ନିରୀକ୍ଷକ ରଶ୍ମି ରଞ୍ଜନ ଲେଙ୍କା, ନେସନାଲ ଇନ୍ସୁରାନ୍ସ କମ୍ପାନୀର ମୁଖ୍ୟ ବ୍ୟବସାୟିକ ପ୍ରବନ୍ଧକ ଫିରନାଥ ଲାକ୍ରା ଏବଂ ମୁଖ୍ୟ ଆଇନ ସହାୟତା ପ୍ରତିପକ୍ଷ ଓକିଲ ସାଜଦା ବେଗମ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ୍, ମୋଟର ଯାନ ଦୁର୍ଘଟଣା ଦାବି ଜନିତ ଟ୍ରିବ୍ୟୁନାଲରେ କ୍ଷତିପୂରଣ ପ୍ରଦାନର ପ୍ରଣାଳୀ, ମୋଟର ଯାନ ସମ୍ପର୍କିତ ବିଭିନ୍ନ ଆଇନ୍ ଓ ସଂଶୋଧିତ ଦାବି ଟ୍ରିବ୍ୟୁନାଲ ରାଜିନାମା ପ୍ରକ୍ରିୟା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଏହାସହ ବର୍ତ୍ତମାନ ଚାଲୁଥିବା ମଧ୍ୟସ୍ଥତା ଅଭିଯାନ ଓ ଆସନ୍ତା ମାର୍ଚ୍ଚ ୧୪ରେ ହେବାକୁ ଥିବା ଜାତୀୟ ଲୋକ ଅଦାଲତରେ କେଉଁ ପ୍ରକାର ମାମଲା ଗୁଡିକର ସମାଧାନ ଅପୋଷ ବୁଝାମଣା ମାଧ୍ୟମରେ ହୋଇ ପାରିବ ସେବିଷୟରେ ପ୍ରାଧିକରଣ ସଚିବ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଓ କଲେଜର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ସବିଶେଷ ସୂଚନା ପାଇଁ ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ କିମ୍ବା ସମ୍ମୁଖ କାର୍ଯ୍ୟାଳୟର ନମ୍ବର ୦୬୬୪୫-୨୭୩୪୭୦ରେ ଯୋଗାଯୋଗ କରିପାରିବେ ବୋଲି ସଚିବ ପ୍ରାଧିକରଣ ସୂଚନା ପ୍ରଦାନ କରିଥିଲେ।

# ପ୍ରତିବନ୍ଧ ସତ୍ତ୍ୱେ ଚାଲିଛି ତମାଖୁର କଳା ବଜାର

**ବ୍ରଜରାଜନଗର, ୨୫।୨(ସମିସ):** ସୀମା ଆରପଟରୁ ଆମଦାନୀ ହୋଇ ଗୁଟଖା ଓ ବିଦେଶୀ ସିଗାରେଟ୍ ବ୍ରଜରାଜନଗରରେ ଖୁଲମଖୁଲା ବିକ୍ରି ଚାଲିଛି। ଓଡ଼ିଶାକୁ ନିଶା ମୁକ୍ତ କରିବା ପାଇଁ ରାଜ୍ୟ ସରକାର ଗୁଟଖା, ତମାଖୁ, ପାନମସଲା ଓ ସିଗାରେଟ୍‌ର ଉତ୍ପାଦନ, ବାଣିଜ୍ୟ ଓ ବିକ୍ରି ଉପରେ ପୂର୍ଣ୍ଣ ପ୍ରତିବନ୍ଧ ଲାଗୁ କରିଛନ୍ତି। କିନ୍ତୁ ଗ୍ରାଉଣ୍ଡ ଜିରୋର ଚିତ୍ର ଅଲଗା କଥା କହୁଛି। ପଡୋଶୀ ରାଜ୍ୟ ଛତିଶଗଡ଼ର ରାୟପୁରରୁ ଆସୁଥିବା ଗୁଟଖା ଓ ବିଭିନ୍ନ ବିଦେଶୀ ବ୍ରାଣ୍ଡର ସିଗାରେଟ୍ ଝାରସୁଗୁଡ଼ା ଜିଲ୍ଲା ସହ ବ୍ରଜରାଜନଗର ଅଞ୍ଚଳରେ ଖୋଲାରେ ବିକ୍ରି ହେଉଥିବା ଅଭିଯୋଗ ଉଠିଛି। ପୁରୁଣା ଖେଳାଳି, ନୂଆ ଉପାୟ ବୋଲି ସ୍ଥାନୀୟ ଲୋକ ଚର୍ଚ୍ଚା କରିଛନ୍ତି। ପ୍ରତିବନ୍ଧ ପୂର୍ବରୁ ଯେଉଁମାନଙ୍କ ପାଖରେ ଏହି ଦ୍ରବ୍ୟ ଗୁଡିକର ଏଜେନ୍ସି ଥିଲା, ସେମାନେ ଏବେ ପୁରୁଣା ନେଟୱର୍କକୁ ବ୍ୟବହାର କରି ବେଆଇନ ଯୋଗାଣ ଦ୍ୱାରା ବଜାରରେ ଚଢ଼ା ଦରରେ ତମାଖୁକୁ ବିକ୍ରି କରୁଛନ୍ତି। 'ବ୍ଲାକ୍ ମାର୍କେଟିଂ' ମାଧ୍ୟମରେ ଲକ୍ଷାଧିକ ଟଙ୍କାର ବ୍ୟବସାୟ ଚାଲୁଛି। ପ୍ରଶାସନ ପକ୍ଷରୁ କିଛି ଦିନ ପୂର୍ବରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବହୁ ପରିମାଣରେ ଗୁଟଖା ଜବତ ହୋଇଥିଲା। କିନ୍ତୁ ସ୍ଥାନୀୟ ଲୋକମାନେ ଏହାକୁ କେବଳ ଲୋକ ଦେଖାଣିଆ ବୋଲି କହିଛନ୍ତି। ଚଢ଼ଉର ଦୁଇ ଦିନ ପରେ ମଧ୍ୟ ଚଢ଼ା ଦରରେ ଗୁଟଖା ସିଗାରେଟ୍ ପୁଣି ବିକ୍ରି ଚାଲିଛି। ସୀମା ବାହାରୁ ମିନି ଟ୍ରକ ଓ ବ୍ୟକ୍ତିଗତ ଯାନରେ ବେଆଇନ ଭାବେ ନିଶାଦ୍ରବ୍ୟ ଓଡ଼ିଶା ସୀମାରେ ପ୍ରବେଶ କରୁଛି। ପ୍ରତିବନ୍ଧର ସୁଯୋଗ ନେଇ ଦୁଇରୁ ତିନି ଗୁଣା ଦାମରେ ପାନ ଦୋକାନ ଓ କିରାଣା ଦୋକାନରେ କୋଡ୍‌ୱାର୍ଡ ବ୍ୟବହାର କରି ବିକ୍ରି ଚାଲିଛି। ପ୍ରଶାସନର କଡା ତାଗିତ ଓ ପଦକ୍ଷେପ ସତ୍ତ୍ୱେ ସହରର ଗଳି ଗୁଡିକରେ ପଡୁଥିବା ଗୁଟଖା ପ୍ୟାକେଟ୍ ପ୍ରତିବନ୍ଧର ଯଥାର୍ଥ ଚିତ୍ର ପ୍ରକାଶ କରୁଛି। ସରକାରଙ୍କ କାର୍ଯ୍ୟନୁଷ୍ଠାନ ଓ ପ୍ରତିବନ୍ଧକ ବେଆଇନ ନିଶା କଳା ବେପାରୀଙ୍କ ପାଇଁ ଲାଭଜନକ ହୋଇଛି।

# ଅବକାରୀ ବିଭାଗ ପକ୍ଷରୁ ୨୫ କୋଟିରୁ ଉର୍ଦ୍ଧ୍ୱ ଅଫିମ ଚାଷ ନଷ୍ଟ

ଦେବଗଡ଼, ୨୫।୨(ସମିସ)

ରିଆମାଳ ଥାନା ଅଧୀନ କାଦୋପଡ଼ା ଗାଁ ସ୍ଥିତ ବାଉଁଶଯୋର ନାଳ କଡ ୨ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିରେ ଅମଳକ୍ଷମ ଥିବା ୫୦ ହଜାରରୁ ଉର୍ଦ୍ଧ୍ୱ ମୂଲ୍ୟର ବେଆଇନ ଅଫିମ ଗଛକୁ ବୁଧବାର ଜିଲ୍ଲା ଅବକାରୀ ବିଭାଗ ନଷ୍ଟ କରିଛି। ସୂଚନା ପାଇ ଆଜି ପୂର୍ବାହ୍ନରେ ଜିଲ୍ଲା ଅବକାରୀ ଅଧିକ୍ଷିକା ବାସନ୍ତୀପ୍ରଭା ନାୟକଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ମାନେ ଉକ୍ତ ଜମିରେ ଚଢ଼ଉ କରିଥିଲେ। ଏହି ସମୟରେ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ପ୍ରେମ ପ୍ରକାଶ ହରୋ ଉପସ୍ଥିତ ଥିଲେ। ଏଥିରେ ଅମଳକ୍ଷମ ଥିବା ପ୍ରାୟ ୫୦ ହଜାର ଅଫିମ ଗଛ ନଷ୍ଟ କରି ନିଆଁରେ ପୋଡି ଦିଆଯାଇଥିଲା। ନଷ୍ଟ କରାଯାଇଥିବା ଅଫିମ ଗଛ ସବୁର ଆନୁମାନିକ ମୂଲ୍ୟ ପ୍ରାୟ ୨୫ କୋଟି ଟଙ୍କା ଥିବା ଜିଲ୍ଲା ଅବକାରୀ ଅଧିକ୍ଷିକା ନାୟକ ସୂଚନା ଦେଇଛନ୍ତି। ଏହାସହ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଅଧୀକ୍ଷକ ନାୟକ ପ୍ରକାଶ କରିଛନ୍ତି। ଏହି ଚଢ଼ଉରେ ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କାଳିନ୍ଦୀ ଚରଣ ବେହେରା, ଅବକାରୀ ନିରୀକ୍ଷକ ସନ୍ତୋଷ ସାହୁ ଓ ତେଲେଶ୍ୱର ଲାକ୍ରା ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।



# ଭୁବନେଶ୍ୱର ସିଟି



## ହୋର୍ଡିଂ ତଳେ ଚାପିହୋଇ ୨ ଜଣଙ୍କ ମୃତ୍ୟୁ ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ରାଜପଥ ଅବରୋଧ



■ ମେଟ୍ରୋ ସାଇନ୍ କର୍ମଚାରୀ ଗିରଫ, କଲପେବଲ୍ ହୋମିସାଇଡ୍‌ରେ ମାମଲା
■ ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର, ୨୫।୨ (ସମିସ): ଆଇଗିଣିଆ ଛକରେ ହୋର୍ଡିଂ ପଡ଼ି ଦୁଇ ଜଣଙ୍କ ମୃତ୍ୟୁ ଘଟଣାରେ ତାତିଛନ୍ତି ସ୍ଥାନୀୟ ଲୋକ। କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଶବ ରଖି ଜାତୀୟ ରାଜପଥ ଅବରୋଧ କରିଛନ୍ତି। ରାଜପଥ ଅଚଳ ହୋଇଯିବାରୁ ଦୁଇ ପଟ ରାସ୍ତାରେ ଶହ ଶହ ଗାଡ଼ିମଟର ଅଟକି ରହିଥିଲା। ବିଏମସି ଅଧିକାରୀ ଓ ପୁଲିସ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ସେପଟେ ବିଏମସିର ଅଭିଯୋଗ ଆଧାରରେ ବିଜ୍ଞାପନ ସଂସ୍ଥା ମେଟ୍ରୋ ସାଇନ୍ କର୍ମଚାରୀକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶାସ୍ତ୍ରୀ ନଗରର ସମ୍ବିତ ମହାନ୍ତି (୫୦)।

ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ଣରେ ରାଜଧାନୀରେ କାଳବୈଶାଖୀ ବର୍ଷା ପବନ ବୋହିଥିଲା। ସେହି ସମୟରେ ଡୁମୁଡୁମା ଅଞ୍ଚଳର ଶ୍ରମିକ ଟୁନା ଗୌଡ଼, ଇଞ୍ଜିନିୟରିଂ ଛାତ୍ର ସଚ୍ଚିଦାନନ୍ଦ ପ୍ରଧାନ, ଅଧ୍ୟାପିକା ମୌସୁମୀ ପ୍ରିୟଦର୍ଶିନୀ ନାୟକ ଓ ଅନ୍ୟ କିଛି ଲୋକ ଆଇଗିଣିଆ ଦୁର୍ଗାମଣ୍ଡପ ନିକଟରେ ଆଶ୍ରୟ ନେଇଥିଲେ। ଅତ୍ୟଧିକ ପବନ ଯୋଗୁଁ ପାଖରେ ଥିବା ବିଜ୍ଞାପନ ହୋର୍ଡିଂ ଷ୍ଟାଣ୍ଡ ଭାଙ୍ଗି ଭୂଷୁଡ଼ି ପଡ଼ିଥିଲା। ଆଶ୍ରୟ ନେଇଥିବା ଲୋକମାନେ ଲୁହା ହୋର୍ଡିଂ ତଳେ ଚାପିହୋଇ ଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଟୁନା ମୃତ୍ୟୁବରଣ କରିଥିବା ବେଳେ ବିଳମ୍ବିତ ସମୟ ପରେ ହୋର୍ଡିଂ ତଳୁ ସଚ୍ଚିଦାନନ୍ଦଙ୍କ ମୃତଦେହ ମିଳିଥିଲା। ଅନ୍ୟ ୨ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଟୁନାଙ୍କ ମୃତଦେହ ଏମ୍ସରେ ଓ ସଚ୍ଚିଦାନନ୍ଦଙ୍କ ମୃତଦେହ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇଥିଲା। ହୋର୍ଡିଂଟି ବିପଦଜନକ ଅବସ୍ଥାରେ ଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ତାହା ସମ୍ପୂର୍ଣ୍ଣ ବେଆଇନ ବୋଲି ବିଏମସି ପକ୍ଷରୁ କୁହାଯାଇଥିଲା।

ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ବେଆଇନ ହୋର୍ଡିଂ ଲଗାଇଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଲୋକମାନେ ରାଜରାସ୍ତାକୁ ଓହ୍ଲାଇଥିଲେ। ୧୬ ନଂ ଜାତୀୟ ରାଜପଥର ଆଇଗିଣିଆ ଛକରେ ଶବ ରଖି ରାସ୍ତାରୋକ କରିଥିଲେ। ଖବରପାଇ ପୁଲିସ ଓ ବିଏମସି ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ଲୋକମାନେ ଜିଦରେ ଅଟଳ ରହିଥିଲେ। କ୍ଷତିପୂରଣ ଓ ହୋର୍ଡିଂ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆଲୋଚନା ଫଳପ୍ରଦ ହୋଇଥିଲା। ବିଏମସି ପକ୍ଷରୁ ମଧ୍ୟ ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମୃତକଙ୍କ ନିକଟତମ ଆତ୍ମୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଥିଲା।

ବିଏମସିର ବିନା ଅନୁମତିରେ ବେଆଇନ ହୋର୍ଡିଂ ଲଗାଯାଇଥିଲା ଓ ଅଘଟଣ ପାଇଁ ବିଜ୍ଞାପନ ସଂସ୍ଥା ମେଟ୍ରୋ ସାଇନ୍ ଦାୟୀ ବୋଲି ଡେପୁଟି କମିଶନର (ରାଜସ୍ୱ) ଅଜୟ କୁମାର ମହାନ୍ତି ଭରତପୁର ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ କେସ୍ ନଂ - ୧୪୨/୨୬ ରେ ଦଫା - ୧୦୫/୧୨୫(ଏ), ୧୨୫(ବି) ଓ ୩(୫) ବିଏନ୍‌ଏସରେ ମାମଲା ରୁଜୁ କରିଥିଲା। ସଂସ୍ଥାର କର୍ମଚାରୀ ସମ୍ବିତ ବେଆଇନ ଭାବେ ଜନଗହଳିପୂର୍ଣ୍ଣ ସ୍ଥାନରେ ଏହି ହୋର୍ଡିଂ ଲଗାଇଥିଲେ ବୋଲି ତଦନ୍ତ ବେଳେ ସାମ୍ନାକୁ ଆସିଥିଲା। ଫାୟାର ଷ୍ଟେସନ ଛକରେ ଚଢ଼ଉ କରି ପୁଲିସ ସମ୍ବିତକୁ ଗିରଫ କରିଥିଲା।

## ମୂଷା ଯନ୍ତାରେ ପଡ଼ିଲା ନାଗ



ଭୁବନେଶ୍ୱର, ୨୫।୨(ସମିସ): ମୂଷା ପାଇଁ ବସିଥିବା ଯନ୍ତାରେ ପଡ଼ିଲା ନାଗ ସାପ। ଶୈଳଶ୍ରୀ ବିହାର ଏଚ୍‌ଆଇଜି-୧୧୬ ଘରେ ରହୁଥିବା ସୋମ୍ ପଟେଲ ନାମକ ଜଣେ ବ୍ୟକ୍ତି ଘରେ ମୂଷା ଧରିବା ପାଇଁ ଯନ୍ତା ବସାଇଥିଲେ। ବୁଧବାର ସକାଳୁ ଯନ୍ତା ଭିତରେ ଖଡ଼ଖାଡ଼ ଶବ୍ଦ ଶୁଣି, ମୂଷା ପଡ଼ିଥିବା ଭାବି ଯନ୍ତା ପାଖକୁ ଯାଇଥିଲେ। ମାତ୍ର ଯନ୍ତା ଦେଖିବାକୁ ବେଳକୁ ଏକ ବିରାଟ ନାଗ ସାପ ସେଇ ଯନ୍ତା ଭିତରେ ପଶିଥିବା ଦେଖିବାକୁ ପାଇଥିଲେ। ଶ୍ରୀ ପଟେଲ ଭୟଭୀତ ହୋଇ ତୁରନ୍ତ ସାପକୁ ଉଦ୍ଧାର କରିବା ପାଇଁ ସ୍ନେକ୍ ହେଲ୍ପ ଲାଇନକୁ ଫୋନ୍ କରିଥଲେ। ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ ଆଶିଷ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଏକ ସାଢ଼େ ୪ ଫୁଟ ଲମ୍ବର ନାଗ ସାପକୁ ଯନ୍ତା ଭିତରୁ ଉଦ୍ଧାର କରିଥିଲେ। ପରେ ସାପଟିକୁ ସହର ବାହାରେ ଏକ ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

## ସ୍ତ୍ରୀ ମୃତ୍ୟୁର ୨୫ ଦିନରେ ସ୍ୱାମୀଙ୍କ ମୃତ୍ୟୁ



ବାଲିପାଟଣା, ୨୫।୨ (ସମିସ): ସ୍ୱାମୀ ସ୍ତ୍ରୀର ସମ୍ପର୍କ ଏକ ନୈସର୍ଗିକ ବନ୍ଧନ। ସମ୍ପର୍କକୁ ଅତୁଟ ରଖୁଥିବା ଦମ୍ପତି ଜୀବନର ସମସ୍ତ ସୁଖ ଲାଭ କରି ଅନ୍ୟ ମାନଙ୍କ ପାଇଁ ଆଦର୍ଶ ହୋଇଥାନ୍ତି। ଆଜି ବଳଭଦ୍ରପୁର ଗ୍ରାମରେ ଏହିଭଳି ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶରତ ବାଳା ଦେଇ (୬୯) ଓ ରାଜସ୍ୱ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ବଂଶୀଧର ପାଇଟିଆଲ (୭୦)ଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ଥିଲା। ଦୁଇ ପୁଅ ଓ ଗୋଟିଏ ଝିଅ ସମସ୍ତଙ୍କୁ ବାହାଘର କରିସାରି ପୁଅ ବୋହୂ ନାତି ନାତୁଣୀଙ୍କୁ ନେଇ ତାଙ୍କର ହସ ଖୁସିର ସଂସାର। କିନ୍ତୁ ଗତ ୩୧ ତାରିଖ ଅପରାହ୍ଣରେ ସ୍ତ୍ରୀ ଶରତ ବାଳାଙ୍କ ହଠାତ୍ ମୃତ୍ୟୁ ଘଟିଥିଲା। ତାଙ୍କର ସୁଧକ୍ରିୟା ନଗଦ ସମାପ୍ତ ହେଉ ହେଉ ଆଜି ସକାଳେ ସ୍ୱାମୀ ବଂଶୀଧର ଙ୍କର ପରଲୋକ ଘଟିଛି। ଉଭୟ ଅତ୍ୟନ୍ତ ଶାନ୍ତ ସ୍ୱଭାବର ଓ ପରୋପକାରୀ ଲୋକ ଥିଲେ। ଏହି ଘଟଣା ଗ୍ରାମରେ ଦୁଃଖର ଛାୟା ଖେଳାଇ ଦେଇଛି।

## ମ୍ୟୁଲ୍ ଆକାଉଣ୍ଟ କିଣି ଗିରଫ

● ଥାର୍ ଗାଡ଼ି, ଫୋନ୍ ଓ ଚେକ୍‌ବୁକ ଜବତ



ଭୁବନେଶ୍ୱର, ୨୫।୨(ସମିସ): ସାଇବର ଠକଙ୍କୁ ମ୍ୟୁଲ୍ ଆକାଉଣ୍ଟ ଯୋଗାଉଥିବା ଅଭିଯୋଗରେ ମାଷ୍ଟରମାଇଣ୍ଡକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗିରଫ ଅଭିଯୁକ୍ତ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀର ଗିରିଧାରୀ ବିଶ୍ୱାଳ ଓରଫ ପପୁ (୨୫)।

ପୁଲିସ ସୂଚନାନୁସାରେ, ପପୁ ଗତ ଦୁଇ ବର୍ଷ ଧରି ସତ୍ୟନଗର ଅଞ୍ଚଳରେ ସାଇବର ଠକେଇ ସିଣ୍ଡିକେଟ୍? ଚଳାଉଥିଲା। ଗ୍ୟାଙ୍ଗ୍?ରେ କିଛି ସହଯୋଗୀଙ୍କୁ ମିଶାଇ ସହଜ ମାସିକ ଆୟର ପ୍ରତିଶ୍ରୁତି ଦେଉଥିଲା। ନିରୀହ ଲୋକଙ୍କଠାରୁ ମ୍ୟୁଲ୍ ଆକାଉଣ୍ଟ ସଂଗ୍ରହ କରି ସାଇବର ଠକଙ୍କୁ ଯୋଗାଇବା ସହ ଆକାଉଣ୍ଟକୁ ବେଆଇନ କାରବାରରେ ବ୍ୟବହାର କରୁଥିଲା। ଆକାଉଣ୍ଟ ଖୋଲିବା ପରେ ମ୍ୟୁଲ ଆକାଉଣ୍ଟଧାରୀଙ୍କ ଏଟିଏମ୍ କାର୍ଡ, ଚେକ୍ ବୁକ୍, ସିମ୍ କାର୍ଡ ଓ ନେଟ୍ ବ୍ୟାଙ୍କିଙ୍ଗ ପ୍ରମାଣପତ୍ର ନିଜ ଦଖଲକୁ ନେଇ ଆସୁଥିଲା। ଅନଲାଇନ୍ ଗେମିଂ, ବେଟିଂ ଆପ୍ ଓ କ୍ରିପ୍ଟୋ ଟ୍ରେଡିଂ ମାଧ୍ୟମରେ ଅର୍ଜିତ ବେଆଇନ ଟଙ୍କାକୁ ବାଇନାନ୍ସରେ ଚାଲାଣ କରୁଥିଲେ। ସେ ବ୍ୟବହାର କରୁଥିବା ଆକାଉଣ୍ଟକୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଓ ବିଦେଶରୁ ଲକ୍ଷ ଲକ୍ଷ ଟଙ୍କା ଆସିଥିଲା। ଠକେଇର ଶିକାର ବିଭିନ୍ନ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ଯାଞ୍ଚ କରାଯିବାରୁ ପପୁ ସମ୍ପୃକ୍ତି ସାମ୍ନାକୁ ଆସିଥିଲା। ବୁଧବାର ଖାରବେଳ ନଗର ଥାନା ପୁଲିସ ସତ୍ୟନଗର ଅଞ୍ଚଳରୁ ପପୁକୁ ଗିରଫ କରିବା ସହ ତା' ଠାରୁ ଥାର୍ ଗାଡ଼ି, ମୋବାଇଲ, ଏକାଧିକ ଚେକବୁକ ଓ ସିମକାର୍ଡ ଜବତ କରିଥିଲା।

## ଉପମୁଖ୍ୟମନ୍ତ୍ରୀଙ୍କ ନାଁରେ ଟଙ୍କା ଆଦାୟ

ଭୁବନେଶ୍ୱର, ୨୫।୨ (ସମିସ): ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ନାମରେ ବେଆଇନ ଭାବେ ଟଙ୍କା ଆଦାୟ କରାଯାଉଛି। ଟଙ୍କା ଆଦାୟ ନିମନ୍ତେ ବ୍ୟବହୃତ ହୋଇଥିବା ମୋବାଇଲ୍ ନମ୍ବର ଓ ଅଭିଯୋଗକାରୀଙ୍କ ବୟାନକୁ ଆଧାର କରି ସାଇବର ଥାନାରେ ମାମଲା ମଧ୍ୟ ରୁଜୁ କରାଯାଇଛି। ଏଥିସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କୌଣସି ବ୍ୟକ୍ତି ଯଦି ସମାନ ଉପାୟରେ ଫୋନ୍ କରି ଟଙ୍କା ମାଗନ୍ତି କିମ୍ବା ଉପମୁଖ୍ୟମନ୍ତ୍ରୀଙ୍କ ପରିଚୟର ଅପବ୍ୟବହାର କରନ୍ତି, ତେବେ ତୁରନ୍ତ ଥାନାରେ ଅଭିଯୋଗ କରନ୍ତୁ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। କୌଣସି ବି ଅଜଣା ବ୍ୟକ୍ତିଙ୍କୁ ଟଙ୍କା ପଇଠ କରିବା ପୂର୍ବରୁ ସମ୍ପୂର୍ଣ୍ଣ ତଥ୍ୟକୁ ଯାଞ୍ଚ କରନ୍ତୁ ବୋଲି ସତର୍କ ମଧ୍ୟ କରାଯାଇଛି।

## କ୍ରାଇମ୍ ବ୍ରାଞ୍ଚ ଡିଜି ଭିନୟତୋଷ ମିଶ୍ରଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୨୫।୨(ସମିସ): ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା (ଏସିଆଇସି) ଓଡ଼ିଶା ଶାଖା ପକ୍ଷରୁ କ୍ରାଇମ୍ ବ୍ରାଞ୍ଚ ଡିଜି ଭିନୟତୋଷ ମିଶ୍ରଙ୍କ ସହ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜରେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ହଟାଇବା ପାଇଁ କାର୍ଯ୍ୟକରୁଥିବାରୁ ଶ୍ରୀ ମିଶ୍ରଙ୍କୁ ଏହି ସମ୍ବର୍ଦ୍ଧନା କରାଯାଇଥିଲା। ଏଥିସହ ଏସିଆଇସିର ଏକ ପତ୍ରିକା ପ୍ରଦାନ କରାଯାଇଥିଲା। ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା ପକ୍ଷରୁ ସଂସ୍ଥର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଡ. ବିପିନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଡ ଅଶୋକ କୁମାର ମହାପାତ୍ର, ବିଶ୍ୱଜିତ କାନୁନଗୋ ସମେତ ସଭ୍ୟମାନେ ଉପସ୍ଥିତ ଥିଲେ।

● ପୁଣି ମାତିଲେ ଜିଗଲୋ ଗ୍ୟାଙ୍ଗ୍

## ଡେଟିଂ ପାଇଁ ଡାକି ପିଟିଲେ, ଲୁଟିଲେ



ଭୁବନେଶ୍ୱର, ୨୫।୨ (ସମିସ): ଡେଟିଂ ଆପରେ ଫସାଇ ଚାକିରି ପାଇଁ ଡାକିଲେ। ନିର୍ଜନ ସ୍ଥାନକୁ ନେଇ ପିଟିବା ପରେ ଲୁଟିଲେ। ମହର୍ଷି କଲେଜ ନିକଟରେ ଏଭଳି ଘଟଣା ଘଟିଛି। ଲୁଟର ଶିକାର ହୋଇଥିବା ଆଲୋକ ବେହେରା ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ାର ପୀତବାସ ବେଉରା ଓରଫ ମେଞ୍ଚ (୨୦) ଓ କଟକର ଜଗଦୀଶ ଦାସ ଓରଫ ଯତିନ୍ (୨୨)।

ପୁଲିସ ସୂଚନାନୁଯାୟୀ, ଆଲୋକ ଗ୍ରିଣ୍ଡର୍ ଆପ୍ ମାଧ୍ୟମରେ ମେଞ୍ଚ ଓ ଯତିନ୍ ସହ ସଂସ୍ପର୍ଶରେ ଆସିଥିଲେ। ଗତମାସ ୨୮ ତାରିଖ ସକାଳେ ଚାକିରି ସମ୍ପର୍କିତ ଆଲୋଚନା କରିବା ଆଳରେ ଆଲୋକଙ୍କୁ ଡକାଇଥିଲେ। ଆଲୋକ ଆସି ପହଞ୍ଚିବା ପରେ ଦୁଇ ଜଣ ଯାକ ମିଶି ତାଙ୍କୁ ନିର୍ଜନ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ଆଲୋକଙ୍କ ଆପତ୍ତିଜନକ ଫଟୋ ଉଠାଇବା ସହ ତାଙ୍କୁ ଆକ୍ରମଣ କରି ଏକ ହଜାର ଟଙ୍କା ଓ ଗୋଟିଏ ମୋବାଇଲ୍ ଫୋନ୍ ଲୁଟି ନେଇଥିଲେ। ଆଲୋକଙ୍କ ଆପତ୍ତିଜନକ ଫଟୋକୁ ପ୍ରଘଟ କରିବାକୁ ଧମକ ଦେଇ ଥିଲ ପରିବାରଠାରୁ ଅଢ଼େଇ ଲକ୍ଷ ଟଙ୍କା ଆଣିବାକୁ ଧମକ ଦେଇଥିଲେ। ଆଲୋକ ବହୁତ କାକୁତି ମିନତି କରିବାରୁ ଦୁଇ ଅଭିଯୁକ୍ତ ଜୋରଜବରଦସ୍ତି ତାଙ୍କୁ ଆଇନକ୍ସ ବିଲ୍ଡିଂ ନିକଟରେ ଛାଡ଼ି ଫେରାର ହୋଇଯାଇଥିଲେ। ଆଲୋକ ଏନେଇ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ୍ ଓ ସିଡିଆର (କଲ୍ ଡିଟେଲ୍ ରେକର୍ଡ) ମେଞ୍ଚ ଓ ଯତିନ୍ ଚିହ୍ନଟ କରାଯାଇଥିଲା। ଲକ୍ଷ୍ମୀସାଗର ଥାନା ଅଞ୍ଚଳରୁ ମେଞ୍ଚ ଓ ଯତିନକୁ ଗିରଫ କରିବା ସ ବାଇକ ଓ ମୋବାଇଲ ଫୋନ୍ ଜବତ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ନୀଳୟ ରଞ୍ଜନ ପ୍ରଧାନ ଓରଫ ନିଲୁ ଓ ବାଦଲ ପ୍ରଧାନଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା।

## 'ଆମ ବସ୍' କ୍ୟାପଟେନ୍‌ଙ୍କୁ ମିଳିବ ନିୟମିତ ପ୍ରଶିକ୍ଷଣ ଓ ବିଶ୍ରାମ

ଭୁବନେଶ୍ୱର, ୨୫।୨(ସମିସ): ଆମ ବସ୍ ଚଳଚଳ ସମୟରେ ସଡ଼କ ସୁରକ୍ଷାକୁ ସୁନିଶ୍ଚିତ କରିବା ଓ ଦୁର୍ଘଟଣାକୁ ସମ୍ପୂର୍ଣ ରୋକିବା ପାଇଁ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍ ସମସ୍ତ ଅପରେଟର ଓ ପରିଚାଳନା ଟିମ୍ ସହିତ ବୁଧବାର ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଅପରେଟରମାନେ ଚୁକ୍ତି ଅନୁଯାୟୀ ନିର୍ଦ୍ଦିଷ୍ଟ ସଂଖ୍ୟାରେ କ୍ୟାପଟେନଙ୍କୁ ନିଯୋଜିତ କରିବା ସହ ନିୟମିତ ପ୍ରଶିକ୍ଷଣ ଓ ବିଶ୍ରାମ ଦେବାକୁ ଶ୍ରୀ ଆଲମ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ପ୍ରତ୍ୟେକ କ୍ୟାପଟେନଙ୍କୁ ଗୋଟିଏ ଲେଖାଏଁ ରୁଟରେ ଅଧିକ ରୁ ଅଧିକ ନିଯୋଜିତ କରି ସେହି ରୁଟ ସହିତ ପରିଚିତ କରିବାକୁ ପରାମର୍ଶ ଦେଇଛନ୍ତି।

## ଅଶୋକ ସିଟିରୁ ଲୁଟ୍ ଘଟଣା: ୪ ଗିରଫ



ଭୁବନେଶ୍ୱର, ୨୫।୨(ସମିସ): ଗତ ୧୮ ତାରିଖରେ ଧଉଳି ଥାନା ଗୋପୀନାଥପୁର କଳିଙ୍ଗ ଅଶୋକ ସିଟିରେ ରହୁଥିବା ତାପସ ରଞ୍ଜନ ସ୍ୱାଇଁଙ୍କ ଘରୁ ଲୁଟ ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସହିଦନଗର ଥାନା ଶାନ୍ତିପଲ୍ଲୀ ବସ୍ତିର ଲିପୁନ ଓରଫ ସୂର୍ଯ୍ୟ ପ୍ରକାଶ ସ୍ୱାଇଁ ଓ ରାକା ଓରଫ ରାକା ସେଠୀ, ଲକ୍ଷ୍ମୀସାଗର ଥାନା ଝାରପଡ଼ା କେନାଲ ରୋଡ଼ର ଆଦିତ୍ୟ ନାରାୟଣ ଓରଫ ସୁରଜ ଶର୍ମା ଏବଂ ଭୈରବ ଓରଫ ଗୁନାପଲି ବୈରାଗୀ। ଏଥିସହ ସେମାନଙ୍କ ଠାରୁ ୨ ଟି ମୋବାଇଲ, ଆଇରନ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି ପୁଲିସ। ଅଭିଯୁକ୍ତମାନଙ୍କ ମଧ୍ୟରୁ ଲିପୁନ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ବିରୁଦ୍ଧରେ ଧଉଳି, ସଦର କଟକ, କୁଆଖିଆ, ଏୟାରପୋର୍ଟ, ଏୟାରଫିଲ୍ଡ, ସହିଦନଗର, ଭରତପୁର ଏବଂ ଖାରବେଳନଗର ଥାନାରେ ପଞ୍ଜିକୃତ ସିନ୍ଧିଚୋରି, ଚୋରି, ଛିନତାଇ ଓ ଡକାୟତି ସମେତ ମୋଟ ୧୩ଟି ପୂର୍ବ ଅପରାଧିକ ମାମଲା ରହିଛି।

ଖବର ନେବାରେ ଜଣାପଡ଼ିଛି ଗତ ୧୮ ରାତି ପ୍ରାୟ ୩ଟା ସମୟରେ ଶ୍ରୀ ସ୍ୱାଇଁଙ୍କ ଘରର ମୁଖ୍ୟ କବାଟ ଭାଙ୍ଗି ନଗଦ ଟଙ୍କା, ସୁନା ଓ ରୁପା ଅଳଙ୍କାର, ମୋବାଇଲ୍ ଫୋନ୍, ଗୁରୁତ୍ୱପୂର୍ଣ୍ଣ ଦଲିଲପତ୍ର ଓ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଚୋରି କରି ନେଇଥିଲେ। ତଦନ୍ତ ସମୟରେ ରାତ୍ରି ପାଇଁତରା କାର୍ଯ୍ୟରେ ନିୟୋଜିତ ପୋଲିସ ଦଳ ବିଶ୍ୱସ୍ତ ସୂତ୍ରରୁ ଖବର ଆଧାରରେ ଉପରୋକ୍ତ ଚାରିଜଣ ସନ୍ଦିଗ୍ଧଙ୍କୁ ଅଟକାଇ ଥାନାକୁ ଆଣିଥିଲେ। ସେମାନଙ୍କୁ ପଚରାଉଚରା ପରେ, ସେମାନେ ଉକ୍ତ ଚୋରି ଘଟଣାରେ ସେମାନଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ। ଅଧିକ ତଦନ୍ତରୁ, ଅଭିଯୁକ୍ତମାନେ ପୋଲିସ ଦଳକୁ ସେମାନଙ୍କ ନିଜ ନିଜ ଚୋରା ସାମଗ୍ରୀ ଲୁଚାଇ ରଖିଥିବା ସ୍ଥାନକୁ ନେଇଯାଇ ଉଦ୍ଧାର କରିବାରେ ସହଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ଏକ ସଂଗଠିତ ଗ୍ୟାଙ୍ଗ ଗଠନ କରି ଭୁବନେଶ୍ୱର ସହରର ବିଭିନ୍ନ ଅଞ୍ଚଳରେ ବିଳମ୍ବିତ ରାତି ସମୟରେ ଘରଭାଙ୍ଗି ଚୋରି କରିଥାନ୍ତି।

## ପାରମ୍ପରିକ ନିଶାରୁ ମୁହଁ ଫେରାଉଛନ୍ତି ନିଶାଡ଼ି

# ଗଞ୍ଜେଇ କମୁଛି; ବ୍ରାଉନ୍‌ସୁଗର ବଢୁଛି

■ ରାଜ୍ୟ ବାହାର ଶିକ୍ଷିତ ଯୁବଗୋଷ୍ଠୀଙ୍କ ପସନ୍ଦ ବ୍ରାଉନ୍‌ସୁଗର
■ ମାଫିଆଙ୍କ ଟାର୍ଗେଟ୍‌ରେ ଘରୋଇ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୫।୨ (ସମିସ): ଏକଦା ରାଜଧାନୀରେ ପରାମ୍ପରିକ ନିଶା କହିଲେ ମଦ ଓ ଗଞ୍ଜେଇକୁ ଲୋକେ ବୁଝୁଥିଲେ। ସମୟକ୍ରମେ ରାଜ୍ୟ ବାହାର ଛାତ୍ରଛାତ୍ରୀ ଶିକ୍ଷିତ ଆଧୁନିକ ନିଶାଡ଼ିଙ୍କ ସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଭୁବନେଶ୍ୱରରେ କ୍ରମେ ବ୍ରାଉନ୍‌ସୁଗର କାରବାର ବୃଦ୍ଧି ପାଇବାରେ ଲାଗିଛି। କାରବାର କ୍ରମେ ପୁଲିସର ଚଢ଼ଉ ଯୋଗୁଁ ପାରମ୍ପରିକ ନିଶା ଗଞ୍ଜେଇ ଅପେକ୍ଷା ବ୍ରାଉନ୍‌ସୁଗର ଜବତ ମଧ୍ୟ ବୃଦ୍ଧି ପାଇଛି।

ପୁଲିସ ଠାରୁ ମିଳିଥିବା ତଥ୍ୟ ଅନୁସାରେ, ରାଜଧାନୀରୁ ୨୦୨୩ ମସିହାରେ ୨୨ କୁଇଣ୍ଟାଲ ଗଞ୍ଜେଇ ଓ ୩ କିଲୋ ୫୫୧ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଥିଲା। ମୋଟ ୧୪୨ଟି ମାମଲା ରୁଜୁ କରି ୩୧୯ ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଥିଲା। ଏହାର ପରବର୍ଷ ଅର୍ଥାତ୍ ୨୦୨୪ ମସିହାରେ ମୋଟ ୧୦୧ କୁଇଣ୍ଟାଲ ଗଞ୍ଜେଇ ଏବଂ ୩ କିଲୋ ୪୮୯ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା ପୁଲିସ। ଏ ସଂକ୍ରାନ୍ତରେ ୧୨୬ ମାମଲା ଦ୍ୱାରା ୨୮୦ ଜଣ ହୋଇଥିଲେ। ସେହିପରି ଗତବର୍ଷ ମାତ୍ର ୧୮ କୁଇଣ୍ଟାଲ ଗଞ୍ଜେଇ ଓ ୪ କିଲୋ ୮୩୧ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ପୁଲିସ ୧୧୦ଟି ମାମଲା ରୁଜୁ କରି ୨୩୩ ଜଣଙ୍କୁ ଗିରଫ କରିଛି।

ପୁଲିସର ତଥ୍ୟ କହୁଛି, ୨୦୨୩ ତୁଳନାରେ ୨୦୨୪ରେ କମ୍ ବ୍ରାଉନସୁଗର ଜବତ ହୋଇଥିବା ବେଳେ ଏହାର ପରବର୍ଷ ଅହେତୁକ ବୃଦ୍ଧି ପାଇଛି। ଅନ୍ୟ ଦୁଇ ବର୍ଷ ଅପେକ୍ଷା ଗତବର୍ଷ ୨୭ ପ୍ରତିଶତ ଅଧିକ ବ୍ରାଉନସୁଗର ଜବତ କରିଛି ପୁଲିସ। ରାଜଧାନୀରେ ବ୍ରାଉନସୁଗର ସେବନ ଠାରୁ ଆରମ୍ଭ କରି ବିକ୍ରି ମଧ୍ୟ ବଢ଼ିଥିବା ଏହି ତଥ୍ୟରୁ ପ୍ରମାଣିତ ହୋଇଛି। ସେପଟେ ୨୦୨୩ ମସିହାରେ ପ୍ରାୟ ୨୩ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବା ପୁଲିସ ଏହାର ପରବର୍ଷ ୧୦୧ କୁଇଣ୍ଟାଲ ଜବତ କରିଥିଲା। ହେଲେ ଗତବର୍ଷ ଅର୍ଥାତ୍ ୨୦୨୫ ମସିହାରେ ଗଞ୍ଜେଇ ଜବତ ହାର ଏକଦମ୍ ନଗଣ୍ୟ। ପୂର୍ବ ଦୁଇ ବର୍ଷରେ ୧୨୪ କୁଇଣ୍ଟାଲ୍ ଗଞ୍ଜେଇ ଜବତ କରିଥିବା ବେଳେ ୨୦୨୫ ମସିହାରେ ମାତ୍ର ୧୮ କୁଇଣ୍ଟାଲ ଗଞ୍ଜେଇ ଜବତ କରିବାରେ ସକ୍ଷମ ହୋଇଛି।

ଏ ନେଇ ଜଣେ ଅବକାରୀ ବିଭାଗର ଅଧିକାରୀଙ୍କ କହିବାନୁଯାୟୀ ଗଞ୍ଜେଇ ଚାଷଠାରୁ ଆରମ୍ଭ କରି ଚାଲାଣ ଉପରେ ଅବକାରୀ ବିଭାଗ ଓ ପୁଲିସର ବାରମ୍ବାର ଚଢ଼ଉ ଯୋଗୁଁ ଗଞ୍ଜେଇ କାରବାର ହ୍ରାସ ପାଇଛି। ଏମିତି ମାଓବାଦୀଙ୍କ ଦବ୍‌ଦାବା କମିବା ଯୋଗୁଁ ଗଞ୍ଜେଇ ଚାଷ ମଧ୍ୟ ଅହେତୁକ ଭାବେ ହ୍ରାସ ପାଇଛି। ଅପରପକ୍ଷେ ଗଞ୍ଜେଇ ଚାଲାଣ ହୋଇ ଭୁବନେଶ୍ୱରରେ ପହଞ୍ଚିବା କ୍ରମେ କାଠିକାର ପାଠ ହୋଇପଡ଼ିଛି। ଫଳରେ ଗଞ୍ଜେଇ କାରବାର ଏବଂ ବିକ୍ରି କମିଥିବା ବେଳେ ରାଜ୍ୟ ବାହାରୁ ଟ୍ରେନ୍, ବସ୍‌ରେ ରାଜ୍ୟ ବାହାରୁ ଆସୁଥିବା ବ୍ରାଉନ୍ ସୁଗର ଆମଦାନି ସହଜ ହେଉଛି। ଏଥିସହିତ ରାଜ୍ୟ ବାହାର ମାଫିଆମାନେ ଏହି କାରବାର ସମ୍ଭାଳୁ ଥିବାରୁ ପୁଲିସ ଏବଂ ଅବକାରୀ ଅଧିକାରୀ ସେମାନଙ୍କୁ ଧରିବା ସମ୍ଭବ ହେଉନାହିଁ। ଅପରପକ୍ଷେ ଭୁବନେଶ୍ୱରରେ ଶିକ୍ଷିତ ଏବଂ ରାଜ୍ୟ ବାହାର ଯୁବଗୋଷ୍ଠୀ ବ୍ରାଉନ୍‌ସୁଗର ନିଶାରେ ପଡ଼ିଥିବାରୁ ଏହାର କାରବାର ବୃଦ୍ଧି ପାଉଛି ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି। ତେବେ ଏହି ବ୍ରାଉନ୍‌ସୁଗରଗୁଡ଼ିକ ବିକ୍ରି ପାଇଁ ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଟାର୍ଗେଟ୍ କରାଯାଉଥିଲା ବୋଲି ପୁଲିସ ଜାଣିବାକୁ ପାଇଛି।





● ୨୦୨୬-୨୦୨୭ ପାଇଁ ବିଏମ୍‌ସି ବଜେଟ୍

# ଏଥର ୧୦୫୦ କୋଟିର ବ୍ୟୟବରାଦ

ଭୁବନେଶ୍ୱର, ୨୫।୨(ସମିସ):ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୧୦୫୦ କୋଟି ଟଙ୍କା ଟଙ୍କାର ବଜେଟକୁ ଆଜି ମଞ୍ଜୁରୀ ମିଳିଛି। ଆଜି ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ବଜେଟ ଅଧିବେସନରେ ବାର୍ଷିକ ବ୍ୟୟବରାଦକୁ ଅନୁମୋଦନ ମିଳିଛି।

ବଜେଟର ରୂପରେଖ ସହ କେଉଁ କେଉଁ କ୍ଷେତ୍ରରେ କେତେ ଅର୍ଥବ୍ୟୟ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ତାର ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ଫାଇନାନ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାଜକିଶୋର ଦାସ। ବିଏମସି ମୁଖ୍ୟତଃ କେନ୍ଦ୍ରୀୟ ଅନୁଦାନ ଓ ରାଜ୍ୟ ସରକାରଙ୍କ ଅନୁଦାନ ଉପରେ ନିର୍ଭର

**■ ଭିତ୍ତିଭୂମି ବିକାଶ ପାଇଁ ୧୯୧ କୋଟି**
**■ ସୌନ୍ଦର୍ଯ୍ୟକରଣ ଓ ବର୍ଜ୍ୟ ପରିଚାଳନାକୁ ଗୁରୁତ୍ୱ**

କରେ। ପୂର୍ବରୁ ଏଥିପାଇଁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କର କୌଣସି ସର୍ତ୍ତ ନଥିଲା। ମାତ୍ର ଏବେ ସରକାର ଅନୁଦାନ ପାଇଁ ବାର୍ଷିକ ଶତକଡା ୧୨.୬୫ ପ୍ରତିଶତ ଆୟ ବୃଦ୍ଧି ପାଇଁ ସର୍ତ୍ତ ରଖିଛନ୍ତି। ତେଣୁ ବିଏମସିକୁ ସରକାରୀ ଅନୁଦାନ ପାଇଁ ଚଳିତ ଆର୍ଥିକ ବର୍ଷ ଆମକୁ ନିଜସ୍ୱ ଆୟ ବୃଦ୍ଧି କରିବାକୁ ପଡ଼ିବ ବୋଲି ରାଜକିଶୋର ଦାସ କହିଥିଲେ।

ଭୁବନେଶ୍ୱରକୁ ସୁସ୍ଥ, ସମୃଦ୍ଧ, ସ୍ୱଚ୍ଛ, ସବୁଜ, ସୁନ୍ଦର ଏବଂ ପରିବେଶ ଅନୁକୂଳ ସହିତ ସୁଦୃଢ ଭିତ୍ତିଭୂମି ପ୍ରତିଷ୍ଠା କରିବାରେ ଏହି ବଜେଟ ବେଶ ସହାୟ ହେବ। ଏହା ଏକ ଲୋକାଭିମୁଖୀ, ସୁସ୍ଥ, ସମୃଦ୍ଧ ଏବଂ ସମସ୍ତଙ୍କୁ ସୁହାଇବା ଭଳି ବଜେଟ ବୋଲି କହିଛନ୍ତି ମେୟର। ଆସନ୍ତା ଆର୍ଥିକ ବର୍ଷରେ ବିଏମସିର ନିଜସ୍ୱ ଆୟ ୩୦୦ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ସରକାରୀ



ଅନୁଦାନରୁ ୭୫୦ କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଛି। ଏହା ଦ୍ୱାରା ରାସ୍ତାଘାଟ, ଡ୍ରେନ, ସୌନ୍ଦର୍ଯ୍ୟକରଣ, ବର୍ଜ୍ୟ ପରିଚାଳନା ଆଦି ସୁଗମ ହୋଇପାରିବ ବୋଲି ସେ କହିଛନ୍ତି। ସେମଧ୍ୟରୁ କେବଳ ପ୍ରଶାସନିକ, ଦରମା, ପେନସନ ବାବଦରେ ୮୦୪ କୋଟି ୮୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଏବଂ ପରିମଳ, ସଫେଇ ଓ ବାୟୋ ମାଇନିଂ ପାଇଁ ଖର୍ଚ୍ଚ ହେବ ୨୦୬ କୋଟି ୬୧ ଲକ୍ଷ ଟଙ୍କା। ସେହିପରି ଭିତ୍ତିଭୂମିର ବିକାଶ ପାଇଁ ଖର୍ଚ୍ଚ ହେବ ୧୯୧ କୋଟି।

ରକ୍ଷଣାବେକ୍ଷଣ, ସଫେଇ କାର୍ଯ୍ୟ ଓ ଅନ୍ୟାନ୍ୟ ନାଗରିକ ସେବାପାଇଁ ଏହି ବଜେଟରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସହରର ଭିତ୍ତିଭୂମି ବିକାଶ, ପାର୍କ ଓ ସବୁଜ ପରିବେଶ ସୃଷ୍ଟି ପାଇଁ ମଧ୍ୟ ବଜେଟରେ ଆର୍ଥିକ ବ୍ୟବସ୍ଥା ରହିଅଛି। କେବଳ ସେତିକି ନୁହେଁ ଡିଜିଟାଲ ସେବାର ସଂପ୍ରସାରଣ, ସଫେଇ ବ୍ୟବସ୍ଥାର ସୁଦୃଢ଼ିକରଣ, ପରିବେଶ ସୁରକ୍ଷା ଓ ସମସ୍ତ ବର୍ଗଙ୍କ ପାଇଁ ଉତ୍ତମ ଧରଣର ବାସୋପଯୋଗୀ ପରିବେଶ ପ୍ରଦାନ କରିବା ପାଇଁ ଏହି ବଜେଟରେ ଗୁରୁତ୍ୱାରୋପ କରାଯାଇଛି।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୫।୨ (ସମିସ): ସମୟ ବଦଳିଯାଏ, ହେଲେ ଫଟୋରେ ଥିବା ମୂହୁର୍ତ୍ତ କେବେ ବଦଳେନି। ଅତୀତର ସ୍ମୃତିକୁ ନେଇ ସଜାଯାଇଥିବା ଏକ ଅମୂଲ୍ୟ ଭଣ୍ଡାର ହେଉଛି ଏହି ପୁରୁଣା ଫଟୋଚିତ୍ର। ଯେଉଁଠି ପ୍ରତିଟି ଛବି କାହାଣୀ କୁହନ୍ତି। କାରଣ ବିତିଯାଇଥିବା ସେ ପୁରୁଣା ସମୟବି ସେଥିରେ ଅଟକି ରହିଯାଇଥାଏ। ଏହି କାଗଜର ପୁରୁଣା ଖଣ୍ଡରେ ହିଁ ଅତୀତର ସ୍ମୃତି, ଭାବନା ଏବଂ ସୁନିଶ୍ଚିତ ସମୟର ଏକ ସୁନ୍ଦର ଆଇନା ପାଲଟେ।

ଆଜିର ଏହି ଉପସ୍ଥାପନାରେ ସେହିଭଳି ଏକ ଫଟୋ ଚିତ୍ର ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା। ଯାହା ପୁରୁଣା ଦିନର କିଛି ସ୍ମୃତି ବଖାଣୁଛି। ଏହି ଫଟୋଟି ବ୍ରିଟେନ୍ ରାଜା କିଙ୍ଗ ଚାଲର୍ସଙ୍କ ସମ୍ପର୍କୀୟ ସ୍ୱର୍ଗତ ମାର୍କ ସାଂଡଙ୍କ ୧୯୮୮ରେ ଯେତେବେଳେ ଭୁବନେଶ୍ୱର ଓ କୋଣାର୍କ ଭ୍ରମଣ ସମୟର ବୋଲି ଜଣା ପଡ଼ିଛି। ସେ ସମୟରେ ରାସ୍ତା କଡରେ ଭିକ୍ଷା ବୃତି କରୁଥିବା ଏକ ମାହୁନ୍ତ ଓ ତାର ହାତୀକୁ ଦେଖିଥିଲେ। ସେଠାରେ ସେ ମାହୁନ୍ତଙ୍କୁ କିଛି ପଇସା ଦେଇ ତାକୁ କିଣିନେଇଥିଲେ। ସେହି ହାତୀର ନାମ 'ତାରା' ରଖିଥିଲେ। ସେ ତାରା ସହ ଓଡ଼ିଶାର ବହୁ ସ୍ଥାନ ଭ୍ରମଣ କରିଥିଲେ। କୋଣାର୍କ, ପୁରୀ, ମୟୁଭଞ୍ଜ ଏବଂ ସୋନପୁର ଭଳି ସ୍ଥାନ ଯାଇଥିବା ଇତିହାସରୁ ଜଣାଯାଏ।

## ଅରୁନ୍ଧତୀ ଦେବୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର




ଭୁବନେଶ୍ୱର, ୨୫।୨(ସମିସ): ଭୁବନେଶ୍ୱର ଅଶୋଭନୀୟ ନିରୋଧ ଆନ୍ଦୋଳନର ଅଧ୍ୟକ୍ଷା ଡ. ଅରୁନ୍ଧତୀ ଦେବୀଙ୍କ ଜନ୍ମ ଦିବସ ଅବସରରେ ରାଜଧାନୀ ଡାକ୍ତରଖାନା ରକ୍ତ କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏହି ଶିବିରକୁ କଟକ ବିଧାୟକ ସୌଭିକ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ରାଜ୍ୟ ରକ୍ତ ନିରାପତ୍ତା ନିର୍ଦ୍ଦେଶକ ଡ. ପ୍ରଦୀପ୍ତ ପାତ୍ର, ଅତିରିକ୍ତ ନିର୍ଦ୍ଦେଶକ ଡ. ଦେବାଶିଷ ମିଶ୍ର, ରକ୍ତ ଭଣ୍ଡାର ନିର୍ଦ୍ଦେଶିକା ଡ. ଇତିଶ୍ରୀ ଚୌଧୁରୀ, ଗାନ୍ଧିବାଦୀ ପ୍ରହଲ୍ଲାଦ ସିଂହ, ଜାତୀୟ ଯୁବ ପ୍ରକଳ୍ପ ରାଷ୍ଟ୍ରୀୟ ଟ୍ରଷ୍ଟି ମଧୁସୂଦନ ଦାସ, ରୋଟାରିଆନ ଡ. ସୁବୋଧ ରାଉତରାୟ, ଜାତୀୟ ରକ୍ତ ସଞ୍ଚାଳନ ସଦସ୍ୟ ପ୍ରଶାନ୍ତ ଦାସ, ମାନି ପଣ୍ଡା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ୩୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଭୂତି ଭୂଷଣ ସାହୁ, ପ୍ରଭାସ ମହାପାତ୍ର, ଚନ୍ଦ୍ରକାନ୍ତ ଭୋଇ, ପୂଜା ଡାକୁଆ, ମମତା ପ୍ରଧାନ, ସୁପ୍ରିୟା ମହାପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରାକୃତିକ କୃଷି କାର୍ଯ୍ୟବାହକଙ୍କର ଆଲୋଚନା

ଭୁବନେଶ୍ୱର, ୨୫ ।୨(ସମିସ): ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ଅଧୀନସ୍ଥ ଜୈବିକ ଓ ପ୍ରାକୃତିକ କୃଷି ନିମିତ୍ତ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ଦ୍ୱାରା ପ୍ରାକୃତିକ କୃଷି କାର୍ଯ୍ୟବାହକ ମାନଙ୍କର ଏକ ଦିନିକିଆ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଇସିଏଆର ଭୁବନେଶ୍ୱର ଠାରେ ଆୟୋଜିତ ଏହି କର୍ମଶାଳାରେ ପିଜିଏସ-ଇଣ୍ଡିଆ ଆଞ୍ଚଳିକ ପରିଷଦ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ଆଇସିଏଆର ଅନୁଷ୍ଠାନ ସମେତ ବିଭିନ୍ନ କୃଷକ ସଂଗଠନ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଆରସିଓଏନଏଫ୍ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଜଗତ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ଡ. ସାବରମତୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଅଙ୍କିତା ସାହୁ, ଡ. ଅରୁଣ କୁମାର ଶର୍ମା, ଡ. ମହମ୍ମଦ ଇମ୍ରାନ ଅଲ୍ଲୀ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଡ. ମନୋଜ କୁମାର ଶର୍ମା ପରିଚାଳନା କରିଥିଲେ।

## 'ସୁରକ୍ଷିତ ସଫର' ପ୍ରଶିକ୍ଷଣ

ଭୁବନେଶ୍ୱର, ୨୫ ।୨(ସମିସ): ସେଫ୍ ଇଣ୍ଡିଆ ପକ୍ଷରୁ ଜୁନିୟର ରେଡକ୍ରସ ସହଯୋଗରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ-୪ ଠାରେ 'ସୁରକ୍ଷିତ ସଫର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀ ଶିକ୍ଷକ ଓ ଶିକ୍ଷୟତ୍ରୀ ଓ ଅଭିଭାବକ ମାନଙ୍କୁ ସଡ଼କ ସୁରକ୍ଷା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସଡ଼କ ନିୟମ, ନିରାପଦ ଯାତାୟତ, ପଦଚାରି ସୁରକ୍ଷା, ହେଲମେଟ୍‌ର ସଠିକ ବ୍ୟବହାର, ଅପାଦକାଳୀନ ପ୍ରାଥମିକ ସହାୟତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ହାରକୁ କମେଇବା ପାଇଁ ହେଲମେଟ୍‌ର ବ୍ୟବହାରକୁ ଗୁରୁତ୍ୱ ଦିଆଯିବା ସହ ପିଲାମାନଙ୍କୁ ୧୨୦ଟି ହେଲମେଟ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଦିଲୀପ କୁମାର ପଣ୍ଡା, ଜ୍ୟୋତି ରଞ୍ଜନ ମହାପାତ୍ର, ଦେବୀଦତ୍ତ ମହାନ୍ତି, କାର୍ତ୍ତିକେଶ୍ୱର କାଣ୍ଡି, ଜୁନିୟର ରେଡ଼କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, କୁବେର ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତୃପ୍ତିମୟୀ ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପାନୀୟ ଜଳ ଯୋଗାଣରେ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି



ଭୁବନେଶ୍ୱର, ୨୫ ।୨(ସମିସ): ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଜଳ ଯୋଗାଣ ବିଭାଗରେ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନଙ୍କ ସ୍ଥାୟୀ ନିଯୁକ୍ତି ସମ୍ପର୍କରେ ମିଳିତ ମଞ୍ଚ ଆଜି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଅର୍ଥ ବିଭାଗ, ତଥା ପ୍ରମୁଖ ଶାସନ ସଚିବ ନଗର ଉନ୍ନୟନ ବିଭାଗଙ୍କୁ ଭେଟି ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ୨୦୦୫ ମସିହାରେ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପତ୍ର ସଂଖ୍ୟା-୧୦୭୮୯ ଅନୁସାରେ ସହରାଞ୍ଚଳରେ ୧୨୭୦ଜଣ ଓ ଗ୍ରାମାଞ୍ଚଳରେ ୪୯୪ ଜଣ ଜଳଯୋଗାଣ କର୍ମଚାରୀ ସରକାରୀ କର୍ମଚାରୀର ମାନ୍ୟତା ପାଇଥିବା ସ୍ଥଳେ ଏଯାବତ୍ ଦୀର୍ଘ ୩୦ ବର୍ଷ ଧରି ଚାକିରୀ ସ୍ଥାୟୀ ହେବାରୁ ବଞ୍ଚିତ ହୋଇ ରହିଛନ୍ତି। ପୂର୍ବରୁ ଚାକିରି ନିୟମିତ କରିବା ଉପରେ ଯେଉଁ କଟକଣା ଥିଲା, ତାହା ଗତ ବର୍ଷ ଉଠି ଯାଇଛି। ପୁନଃଶ୍ଚ ଗୃହ ଓ ନଗର ଉନ୍ନୟନ ବିଭାଗ ପତ୍ର ଗତ ବର୍ଷ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଅସ୍ଥାୟୀ କର୍ମଚାରୀଙ୍କ ସଂଖ୍ୟା ଏବଂ ସେମାନଙ୍କୁ ନିୟମିତ କରାଗଲେ କେତେ ଅତିରିକ୍ତ ଅର୍ଥରାଶିର ଆବଶ୍ୟକ ହେବ, ଏହି ବିଷୟରେ ଏକ ତଥ୍ୟ ମାଗିଥିଲେ। ତଦନୁଯାୟୀ ସର୍ବୋଚ୍ଚ ଯନ୍ତ୍ରୀ ନଗର ଉନ୍ନୟନ ବିଭାଗଙ୍କୁ ତାହାର ସମ୍ପୂର୍ଣ୍ଣ ତଥ୍ୟ ଦେଇଥିଲେ ଏବଂ ନଗର ଉନ୍ନୟନ ବିଭାଗ ଏହାକୁ ଅର୍ଥ ବିଭାଗକୁ ପ୍ରେରଣ କରିଛନ୍ତି, ଯାହାକି ବର୍ତ୍ତମାନ ସରକାରଙ୍କର ମଞ୍ଜୁରି ଅପେକ୍ଷାରେ ରହିଛି। ତେଣୁ ସରକାର ନିଶ୍ଚିତ ଭାବରେ ଅସ୍ଥାୟୀ କର୍ମଚାରୀମାନଙ୍କ ଦାବିକୁ ଯଥାର୍ଥ ଅନୁଭବ କରି ସେମାନଙ୍କୁ ତୁରନ୍ତ ସ୍ଥାୟୀ କରିବା ପାଇଁ ମିଳିତ ମଞ୍ଚ ଦାବି ଉପସ୍ଥାପନ କରିଛନ୍ତି। ଏହି ଆଲୋଚନାରେ ପୂର୍ବତନ ବିଧାୟକ ଡ଼ା. ପ୍ରଭାତ ରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, କ୍ଷୀରୋଦ କୁମାର ବେହେରା, ମିଳିତ ମଞ୍ଚର ସଂଯୋଜକ ଅଶୋକ କୁମାର ମୁଦୁଲି, ଡମ୍ବରୁଧର ସାହୁ ଓ ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମାତୃଭାଷା ଦିବସରେ ଆଲୋଚନାଚକ୍ର ଓ କବି ସମ୍ମିଳନୀ

ଭୁବନେଶ୍ୱର, ୨୫ ।୨(ସମିସ): ମାତୃଭାଷା ଦିବସ ଅବସରରେ ଚଳାପଥ ପକ୍ଷରୁ ସଭାପତି ବିଜୟଲକ୍ଷ୍ମୀ ମହାରି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜୟଦେବ ବିହାର ଠାରେ ଆଲୋଚନାଚକ୍ର ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ଓ ସାହିତ୍ୟକ ଅଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପାର୍ଥ ସାରଥୀ ଜେନା, ସ୍ମୃତିଲିପିର ସମ୍ପାଦକ ଭୂବନ ମୋହନ ମହାନ୍ତି, କବି ତରୁଣବାଳା ମହାପାତ୍ର ଓ ପ୍ରେମ ପ୍ରକାଶ ସିଂହ ଯୋଗ ଦେଇଥିଲେ। ଚଳାପଥର ପ୍ରତିଷ୍ଠାତା ସମ୍ପାଦକ ତଥା ସାମ୍ବାଦିକ ହଳଧର ଧୀର ଚଳାପଥର ଆଭିମୁଖ୍ୟ ବର୍ଣ୍ଣନା କରିବା ସହିତ ଆସନ୍ତା ମାସ ୨୨ ତାରିଖରେ ଭୁବନେଶ୍ୱର ଠାରେ ଚଳାପଥର ୫୪ ତମ ମହୋତ୍ସବ ପାଳନ ସଫଳ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। କବି ଶୁଭଶ୍ରୀ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବରେ ଅତିଥି କବି ଭାବେ ମଧୁସ୍ମିତା ଶା, ଗୀତାଞ୍ଜଳୀ ଦଳାଇ ଯୋଗ ଦେଇଥିଲେ। ଉପସ୍ଥିତ କବିମାନେ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ।

## ଜାତୀୟ ମାନବାଧିକାର ଆୟୋଗ ମନିଟରଙ୍କ ଓଡ଼ିଶା ଗସ୍ତ



ଭୁବନେଶ୍ୱର, ୨୫।୨(ସମିସ): ଜାତୀୟ ମାନବାଧିକାର ଆୟୋଗର ସ୍ୱତନ୍ତ୍ର ମନିଟର ବାଲକ୍ରୀଷ୍ଣ ଗୋଏଲ ୬ ଦିନିଆ ଓଡିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ସେ ଓଡିଶା ଗସ୍ତରେ ରହିବେ। ସେ ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନ ବନ୍ଦର ଠାରେ ପହଞ୍ଚିବା ପରେ ଭୁବନେଶ୍ୱର ଉପଜିଲ୍ଲାପାଳ, ଖୋର୍ଦ୍ଧା ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। ସିଆରପିସ୍ଥିତ ଏକ ସରକାରୀ ସୁଲଭ ମୂଲ୍ୟ କେନ୍ଦ୍ରକୁ ଯାଇ ସାଧାରଣ ବଣ୍ଟନ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ସୁଭଦ୍ରା ମହତାବ ସେବା ସଦନ ସ୍ପେଶାଲ ଆଡପସନ ବୁଲି ସେ ଶିଶୁମାନଙ୍କର ସ୍ୱାସ୍ଥ୍ୟ, ପୋଷଣ, ଆବାସ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଭିନ୍ନ ତଥ୍ୟ ମଧ୍ୟ ନେଇଥିଲେ। କର୍ମଚାରୀମାନଙ୍କ ପାଇଁ ବାୟୋମେଟ୍ରିକ୍ ଉପସ୍ଥିତି ପ୍ରଣାଳୀ ଚାଲୁ କରିବା ସହ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ଖୋର୍ଦ୍ଧା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଯତ୍ନ କେନ୍ଦ୍ରର ଅଧ୍ୟକ୍ଷ ଓ ସଚିବ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ମାରାଥନ୍ ପାଇଁ ଅଫିସିଆଲ୍ ଟି-ସାର୍ଟ ଉନ୍ମୋଚିତ

ଭୁବନେଶ୍ୱର, ୨୫।୨(ସମିସ): ନିସମ ଭୁବନେଶ୍ୱର ମାରାଥନ୍ ୨୦୨୬ର ୭ମ ସଂସ୍କରଣ ପାଇଁ ଅଫିସିଆଲ୍ ଫିନିସର୍ସ ଟି-ସାର୍ଟ ଏବଂ ପଦକ ଉନ୍ମୋଚିତ ହୋଇଛି। କଳିଙ୍ଗ ରନର୍ସ ଟ୍ରଷ୍ଟ, ନିସମ କନସଲ୍ଟିଂ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଏହି ଉନ୍ମୋଚନ ସମାରୋହରେ ନିଖତ ମହମ୍ମଦୀ ଏବଂ କଳିଙ୍ଗ ରନର୍ସ ଟ୍ରଷ୍ଟର ସଭାପତି ସ୍ୱାତୀ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ମାରାଥନ ଭୁବନେଶ୍ୱରର ମୁଖ୍ୟ ଆରଟିଓ ଗ୍ରାଉଣ୍ଡରେ ହେବ। ଯେଉଁଥିରେ ୧୮୦୦ରୁ ଅଧିକ ଅଂଶଗ୍ରହଣକାରୀ ସାମିଲ ହେବେ। ଏଥିସହିତ ୩ଟି ବର୍ଗର ଧାବକ ଏବଂ ଧାବିକା ଭାଗନେବେ, ୫ କିଲୋମିଟର, ୧୦ କିଲୋମିଟର ଏବଂ ୨୧ କିଲୋମିଟର। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମର ମୁଖ୍ୟ ଫୋକସ 'ମହିଳା ସଶକ୍ତୀକରଣ' ଏବଂ ନିଶନ ସି.ଏସ.ଆର ପାଣ୍ଠିରେ ଏହି କାର୍ଯ୍ୟକ୍ରମର ରୁପରେଖ।

## ୨୭ରେ ବଡ଼ ପରଦାରେ ପ୍ରଦର୍ଶିତ ହେବ 'ଚାରିକାନ୍ଧ'

ଭୁବନେଶ୍ୱର, ୨୫ ।୨(ସମିସ): ରିତୁପ୍ରିୟା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଓଡ଼ିଆ ସିନେମା ଚାରିକାନ୍ଧ ଚଳିତ ମାସ ୨୭ ତାରିଖରେ ବଡ଼ ପରଦାରେ ପ୍ରଦର୍ଶିତ ହେବ ବୋଲି ବୁଧବାର ପ୍ରେସ କ୍ଲବ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଯୋଜକ ଅତିଶ କୁମାର ରାଉତ ସୂଚନା ଦେଇଛନ୍ତି। ୩୬ ମିନିଟ୍ ଅବଧି ବିଶିଷ୍ଟ ଏହି ଫିଲ୍ମଟି ୪୭ରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ଫେଷ୍ଟିଭାଲରେ ଯୋଗଦେଇ ୨୨ରୁ ଉର୍ଦ୍ଧ୍ୱ ପୁରସ୍କାର ଲାଭ କରିଛି। ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱନାଥ ରଥ। ଏହି ସାମ୍ବାଦିକ ସମ୍ମିଳନୀରେ ନିର୍ଦ୍ଦେଶକ ବିଶ୍ୱନାଥ ରଥ, କ୍ରିଏଟିଭ ପବ୍ଲିସିଟି ଡିଜାଇନର ଶ୍ୟାମା ପ୍ରସାଦ ମିଶ୍ର, ଅଭିନେତା ଶକ୍ତି ବରାଳ, ଶତାବ୍ଦୀ ସୂର୍ଯ୍ୟସ୍ନାତା, ସୁଶିଲ ମିଶ୍ର, ଗୌରବ ମହାନ୍ତି, କଣ୍ଠଶିଳ୍ପୀ ଅମିତ ଯୁବରାଜ ଯୋଗଦେଇଥିଲେ।

## 'ସମର୍ପଣ' ପ୍ରଥମ ସନ୍ଧ୍ୟାରେ ସୁଫି ଓ ଭକ୍ତି ସଙ୍ଗୀତ



ଭୁବନେଶ୍ୱର, ୨୫।୨(ସମିସ): ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଆୟୋଜିତ 'ସମର୍ପଣ'ର ପ୍ରଥମ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସୁଫି ଏବଂ ଭକ୍ତିମୟ ସଙ୍ଗୀତ ପରିବେଷଣ ହୋଇଥିଲା। ଏହି ତିନିଦିନିଆ ଉତ୍ସବ ପ୍ରଥମ ଦିନରେ କୋଲକାତାର ବିଦୂଷୀ ଲୋଏଲ ଭଟ୍ଟାଚାର୍ଯ୍ୟ ଏବଂ କୁନ୍ତଳ ଦାସ ହିନ୍ଦୀ ଓ ବଙ୍ଗଳାରେ ସୁଫି ଓ ଭକ୍ତିମୟ ସଙ୍ଗୀତର ସୁନ୍ଦର ପରିବେଷଣ କରିଥିଲେ। ସେ ଭାରତ ସହ ବିଦେଶରେ ଅନେକ ମଞ୍ଚରେ ଗାୟନ ପ୍ରଦର୍ଶନ କରିଛନ୍ତି। ତାଙ୍କୁ ଆକାଶ ରଞ୍ଜୀବ ବିଶ୍ୱାଳ ହାରମୋନିୟମ୍‌ରେ ସହାଯାଗ କରିଥିଲେ। ଏହି ଅବସରରେ କଳାକାର ଘନଶ୍ୟାମ ପଣ୍ଡାଙ୍କୁ 'ଇନ୍ଦିରା ଟେକ୍ସଟାଇଲ୍ସ ଲାଇଫ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ' ପ୍ରଦାନ କରାଯାଇଥିଲା। ଘନଶ୍ୟାମ ପଣ୍ଡା ଗତ ଚାରି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଓଡ଼ିଶୀ ସଙ୍ଗୀତ ସହ ଅବିଚ୍ଛିନ୍ନ ଭାବେ ଜଡିତ। ଅନ୍ୟ ଏକ ଉପସ୍ଥାପନାରେ ଜନାବ ଅତୀକ ହୁସେନ୍ ଖାନ୍ ବନ୍ଦାନୱାଲୀ ଏବଂ ତାଙ୍କ ଦଳଙ୍କ ଦ୍ୱାରା ସୁଫି କୱାଲୀ ପରିବେଷଣ ହୋଇଥିଲା। ତାଙ୍କୁ ଜନାବ ସାହବାକ୍ ହୁସେନ ଖାନ୍ ହାରମୋନିୟମ୍‌ରେ, କଲାବ ହାସିଫ୍ ହୁସେନ୍ ଖାନ୍ ଏବଂ ଜନାଦ ଆସିଫ୍ ହୁସେନ ଖାନ କୋରସ୍‌ରେ ଏବଂ ଜନାବ ମହମ୍ମଦ ଇତିକାର ତାବଲାରେ ସହଯୋଗ କରିଥିଲେ।

# ତୋଷାଳୀ ମେଳାରେ କାଠ ସାମଗ୍ରୀର ଆକର୍ଷଣ

ଭୁବନେଶ୍ୱର, ୨୫।୨(ସମିସ): ଜନତା ମଇଦାନରେ ଆୟୋଜିତ ହେଉଥିବା ୨୦ତମ ତୋଷାଳୀ ମେଳା ଦ୍ୱାଦଶ ସନ୍ଧ୍ୟାରେ ପହଁଚିଛି। ଗୁରୁବାର ମେଳା ସରିବାକୁ ଥିବାବେଳେ ସନ୍ଧ୍ୟାରେ ଭିଡ ମଧ୍ୟ ବଢ଼ି ବଢ଼ି ଚାଲିଛି। ମେଳା ପରିରିସରରେ ୯୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ରହିଥିବା ବେଳେ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ପଡ଼ିଥିବା ଷ୍ଟଲରେ ମହିଳାମାନେ ଅଧିକ ଗହଳି କରୁଛନ୍ତି।

ଏହି ଷ୍ଟଲଗୁଡ଼ିକ ମଧ୍ୟରେ ବିଶେଷକରି କାଠରୁ ତିଆରି ପରିବେଶ ଅନୁକୂଳ ବିଭିନ୍ନ ସାମଗ୍ରୀ ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଏପରି ଏକ ଷ୍ଟଲ ଯେଉଁଠି ସବୁକିଛି କାଠରେ ନିର୍ମିତ। କାଠର ପେନ୍, ଡାଏରୀ, ଖେଳନା, ଚିତ୍ର, କଣ୍ଢେଇ ଠାରୁ ଆରମ୍ଭକରି ବିଭିନ୍ନ ଘରୋଇ ଉପକରଣ ରହିଛି। ତେଣୁ



ଅନ୍ୟ ଷ୍ଟଲ ଅପେକ୍ଷା ଟିକିଏ ଭିନ୍ନ ଅନୁଭବ ଦେଉଛି ଏହି ଅଭିକଳ୍ପର ଷ୍ଟଲ। ସତୀଶ ସୁମନ ବେହେରାଙ୍କର ଏହି ଷ୍ଟଲରେ ଜରି କିମ୍ବା ପ୍ଲାଷ୍ଟିକର କୌଣସି ଉପକରଣ ନୁହଁ ବରଂ କେବଳ କାଠରୁ ହିଁ ତିଆରି ଜିନିଷ ବିକ୍ରି ହେଉଛି। ଯାହାର ନାମ ସେ ଅଭିକଳ୍ପ ରଖିଛନ୍ତି। ଏହା ପଛର କାରଣରେ ସେ କୁହନ୍ତି, ପ୍ଲାଷ୍ଟିକର ବ୍ୟବହାର କମାଇବା ଏବଂ ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର ପାଇଁ ଲୋକଙ୍କୁ ସଚେତନ କରିବା ପାଇଁ ଏହି ପ୍ରୟାସ ସେ କୋଭିଡ ସମୟରେ ଆରମ୍ଭ କରିଥିଲେ। ପ୍ରଥମେ କିଛି ଜିନିଷ ତିଆରି କରି ଏହି ଯାତ୍ରା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଲୋକଙ୍କ ଚାହିଦା ବଢ଼ିବାରୁ ଅନୁଷ୍ଠାନଟି ଧୀରେ ଧୀରେ ବଡ ହେଲା ଏବଂ ଆହୁରି ଉପକରଣ ତିଆରି ହେଲା। ଏହି ସବୁ ସାମଗ୍ରୀକୁ ସେ ଜାଳେଣି କାଠରୁ ତିଆରି କରିଥାନ୍ତି। ଯାହା ସହଜରେ ଆଖପାଖରେ କମ୍ ମୁଲ୍ୟରେ ସଂଗ୍ରହ କରି ହୋଇଥାଏ। ସଂଗ୍ରହ ପରେ ତାକୁ ବିଭିନ୍ନ ଉପକରଣର ରୂପ ଦେବା ପରେ ସେଥିରେ ଫିନିସିଂ ଟଚ ସହ ବିଭିନ୍ନ ପ୍ରକାରର ରଙ୍ଗ ଆଉ ଚିତ୍ର କରାଯାଏ। ଯେଉଁଥିପାଇଁ ଉପକରଣଟି ଆହୁରି ଆକର୍ଷଣୀୟ ଦେଖାଯାଏ। କାଠର ଚାବି ରିଂ, ପେନ୍, ଡାଏରୀ, ବାକ୍ସ, ଘର ସଜ୍ଜା ଉପକରଣ ଆଦି କେତେ କଣ ଲୋକଙ୍କୁ ସୁହାଇଲା ଭଳି ମୁଲ୍ୟରେ ବିକ୍ରି ହେଉଛି। ଏସବୁ ଜିନିଷର ମୂଲ୍ୟ ୪୦ ଟଙ୍କାରୁ ଆରମ୍ଭ ହୋଇ ଲୋକଙ୍କ ଚାହିଦା ମୁତାବକ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଜିନିଷ ସେ ତିଆରି କରୁଛନ୍ତି। ଏହିଭଳି ବିଭିନ୍ନ ମେଳା ମହୋତ୍ସବରେ ତାଙ୍କର ଷ୍ଟଲ ପଡ଼ିଥିବା ବେଳେ ପଟିଆଠାରେ ତାଙ୍କର ଅଫିସ ରହିଛି। ତାଙ୍କ ପାଖରେ ଏପରି ୧୫ ଜଣ କାରିଗର ଏହିସବୁ କଳାକୃତି ତିଆରି କରୁଛନ୍ତି।

### କୃତି ପ୍ରତିଯୋଗୀ ପୁରସ୍କୃତ

ଜନତା ମୈଦାନରେ ଅନୁଷ୍ଠିତ ହେଉଥିବା '୨୦ତମ ଭବ୍ୟ ତୋଷାଳୀ ମେଳା' ର ୧୧ତମ ସନ୍ଧ୍ୟାରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ ଦେଇଥିଲେ। ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଯୋଗ ଦେଇଥିଲେ। ଏହି ଅବସରରେ ହସ୍ତତନ୍ତ ହସ୍ତଶିଳ୍ପର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ପଦ୍ମ ପୁରସ୍କାର ବିଜେତା ଶରତ କୁମାର ପାତ୍ର, ପଦ୍ମଶ୍ରୀ ବିନୋଦ ମହାରଣା ଓ ଗୁଲାଚି ହ୍ୟାଣ୍ଡଲୁମର ପ୍ରତିଷ୍ଠାତା ପିଙ୍କି ମାଝୀ ମଧ୍ୟ ଯୋଗ ଦେଇଥିଲେ। ବିଭାଗର ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଶେଷରେ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀଙ୍କ ସମେତ ଘୁମରା ଓ ସମ୍ବଲପୁରୀ ନୃତ୍ୟ ଶିଳ୍ପୀ ମାନେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

### ପଲିଷ୍ଟର କାରଖାନା ଜମିହରା ପ୍ରଜାଙ୍କ ନିଯୁକ୍ତି ନେଇ ଦାବିପତ୍ର

# ମାର୍ଚ୍ଚ ୯ ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା

ଢେଙ୍କାନାଳ,୨୫ ।୨(ସମିସ):

ସଦର ଥାନା ଅର୍ନ୍ତଗତ ବଉଳପୁର ଠାରେ ଥିବା ପଲିଷ୍ଟର କାରଖାନା ଜମିହରା ପ୍ରଜାସଂଘ ନିଯୁକ୍ତି ଦାବି ନେଇ ୨୦୧୫ ମସିହା ଠାରୁ ପ୍ରଶାସନଙ୍କ ନିକଟରେ ନିବେଦନ କରିଆସୁଥିବାବେଳେ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନ ଥିବା ଯୋଗୁ ଏଠାରେ ତୀବ୍ର ଅସନ୍ତୋଷ ଲାଗି ରହିଛି । କାରଖାନା କର୍ତ୍ତୃପକ୍ଷ ନିଜ ଜିଦ୍‌ରେ ଅଟଳ ରହିଥିବା ଯୋଗୁ ଆସନ୍ତା ମାର୍ଚ୍ଚ ୯ ତାରିଖ ଠାରୁ ପଲିଷ୍ଟର କାରଖାନା ଜମିହରା ପ୍ରଜାସଂଘ ବଉଳପୁର ଠାରେ ଅବସ୍ଥିତ ଆରଆଇଏଲ କମ୍ପାନୀ ସମ୍ମୁଖରେ ଅନିଶ୍ଚିତ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ୧୯୮୪ ଓ ୧୯୮୬ ମସିହାରେ ବଡବଉଳପୁର, ସୁଧାଡିହାକାଟେଣୀ, ସଦାଶିବପୁର, ସାନବଉଳପୁର, ଟୁଙ୍ଗିନାଳୀ ଓ ଝାରଗାଡିଆ ମୌଜାର ସରକାର ଜମି ଅଧିଗ୍ରହଣ କରି ଡିସିମିଲି ପିଛା ୪୦ଟଙ୍କା



ଦେବାକୁ ଏବଂ ସମସ୍ତ ଜମିହରା ପ୍ରଜାଙ୍କୁ ଚାକିରୀରେ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କାଳକ୍ରମେ ଆରଆଇଏଲ କମ୍ପାନୀ ୨୦୦୩ ଓ ୨୦୦୮ ମସିହାରେ କିଛି ନିଯୁକ୍ତି ପାଇଥିବା ଜମିହରା ପ୍ରଜାଙ୍କୁ ଚାକିରୀରୁ ବାହାର କରିଥିଲେ ଓ ୨୦୧୫ ମସିହାରେ ପୂର୍ବତନ କର୍ମଚାରୀମାନେ ଉଚ୍ଚ ନ୍ୟାୟାଳୟରେ ମୋକଦ୍ଦମା ଦାୟର କରିଥିଲେ । ଉଚ୍ଚ ନ୍ୟାୟାଳୟ ୨୦୨୫ ମସିହାରେ କେଶର ଫଇସଲା ନିମନ୍ତେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ କୌଣସି ବିଚାର କରାଗଲା ନାହିଁ କି ନିଯୁକ୍ତି ଦିଆଗଲା ନାହିଁ । ବାରମ୍ବାର ପ୍ରଶାସନକୁ ଲିଖିତ ଅଭିଯୋଗ କରିବା ପରେ କୌଣସି ସୁଫଳ ନମିଳିବାରୁ ବାଧ ହୋଇ ୨୦୨୫ ଜାନୁଆରୀ ୨୫ରେ ଆମରଣ ଅନଶନକୁ ଓହ୍ଲାଇଥିଲେ । ସଦର ଆଇଆଇସିଙ୍କ ମଧ୍ୟସ୍ଥତାରେ କମ୍ପାନୀ ଓ ପ୍ରଜାସଂଘ ମଧ୍ୟରେ ଏକ ଆପୋସ ଆଲୋଚନା ମୁତାବକ ୪ ସର୍ତ୍ତ ଥାଇ ଏକ ଚୁକ୍ତିନାମା ହୋଇଥିଲା । ମାତ୍ର ପରବର୍ତ୍ତୀ ସମୟରେ କମ୍ପାନୀ କର୍ତ୍ତୃପକ୍ଷ ଏହି ଚୁକ୍ତିନାମାକୁ ବେଖାତିର କରିବା ସହିତ ଉଲ୍ଲଂଘନ କଲେ । ବାରମ୍ବାର ପ୍ରଜାସଂଘ ତରଫରୁ ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଥିଲେ ମଧ୍ୟ ଜାଣିଶୁଣି ନିର୍ଯାତିତ କରୁଛନ୍ତି ଓ ଭିଟାମାଟି ହରାଇଥିବା ଜମିହରାମାନେ ଅନ୍ୟ କୌଣସି ବାଟ ନ ପାଇ ହତାଶ ହେଉଛନ୍ତି । ତେଣୁ ଏହାର ସମାଧାନ ନ କଲେ ଆସନ୍ତା ମାର୍ଚ୍ଚ ୯ ରୁ କାରଖାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ପ୍ରଜାସଂଘ ସଭାପତି ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି ।

### ● ଟାଟା ପାୱାର ବିରୋଧରେ ପୁଣି ଆନ୍ଦୋଳନ

## ୨୭ ସନ୍ଧ୍ୟାରେ ଟାଉନହଲ ସମ୍ମୁଖରେ ପ୍ରତିବାଦ

ଢେଙ୍କାନାଳ,୨୫ ।୨(ସମିସ): ଢେଙ୍କାନାଳ ଜିଲ୍ଲାରେ ଟାଟା ପାୱାର ମନମୁଖି କାର୍ଯ୍ୟ ତଥା ସ୍ମାର୍ଟ ମିଟର ଆଳରେ ଉପଭୋକ୍ତାଙ୍କୁ ଶୋଷଣକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଗୋପବନ୍ଧୁ ଟାଉନହଲ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ସଭା ହେବ ବୋଲି ଜଣାପଡ଼ିଛି ।




ଢେଙ୍କାନାଳରେ ଟାଟା ପାୱାର ବିଦ୍ୟୁତ ଯୋଗାଣ ନାମରେ ଉପଭୋକ୍ତାଙ୍କୁ ବିଭିନ୍ନ ଆଳରେ ଶୋଷଣ କରୁଛି । ଏହାକୁ ନେଇ ଜିଲ୍ଲାରେ ଅସନ୍ତୋଷ ଦେଖାଦେବା ସହ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ଏବଂ ଓକିଲ ସଙ୍ଘ ତରଫରୁ ବାରମ୍ବାର ଆନ୍ଦୋଳନ କରାଯାଉଛି । ଶୁକ୍ରବାର ସନ୍ଧ୍ୟା ୫ଟାରେ ଗୋପବନ୍ଧୁ ଟାଉନ ହଲ ସମ୍ମୁଖରେ ପୁଣି ପ୍ରତିବାଦ ସଭା ଅନୁଷ୍ଠିତ ହେବ । ଏଥିରେ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ସଙ୍ଘ ସଭାପତି ପଞ୍ଚାନନ କାନୁନଗୋ ଓ ବରିଷ୍ଠ ସାମ୍ବାଦିକ ରବି ଦାସ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ସଭାରେ ବହୁ ସଂଖ୍ୟାରେ ଉପଭୋକ୍ତା ଯୋଗଦେବା ସହ ଟାଟା ପାୱାରର ମନମୁଖି କାର୍ଯ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ କମିଟି ସଭାପତି ଗୋପାଳ ପାତ୍ର ଆହ୍ୱାନ କରିଛନ୍ତି । ସଭାରେ ଦଳମତ ନିର୍ବିଶେଷରେ ସମସ୍ତେ ଯୋଗଦେଇ ସ୍ୱର ଉତ୍ତୋଳନ ସହ ଉପଭୋକ୍ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି ।

## ବିଏମ୍ଏସ୍ ପକ୍ଷରୁ ପ୍ରତିବାଦ ଦିବସ ପାଳନ




ଢେଙ୍କାନାଳ,୨୫ ।୨(ସମିସ): ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଦିବସ ପାଳନ କରାଯିବା ସହ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ବିଏମ୍ଏସ୍ ସହବନ୍ଧିତ ୮ଟି ଶ୍ରମିକ ସଂଗଠନର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ସମସ୍ତ କ୍ଷେତ୍ରରେ ଶ୍ରମ ଆଇନର କଠୋର ଓ ସାର୍ବଭୌମ ପ୍ରୟୋଗ ସୁନିଶ୍ଚିତ, ଇଣ୍ଡଷ୍ଟ୍ରିଆଲ୍ ରିଲେସନ କୋଡ୍ ୨୦୨୦ ଓ ଅକୁପେସନ ସେଫ୍‌ଟି, ହେଲଥ ଏବଂ ୱାର୍କିଂ କଣ୍ଡିସନ ୨୦୨୦ ଶ୍ରମିକ ଚିନ୍ତାବୋଧକ ସମାଧାନ, ଭାରତୀୟ ଶ୍ରମ ସମ୍ମେଳନକୁ ଆହ୍ୱାନ କରି ତ୍ରିପାକ୍ଷିୟ କମିଟି ଗଠନ କରି ବୈଠକ ନିର୍ଦ୍ଧାରଣ, ସମସ୍ତ ସ୍କିମ ୱାର୍କରଙ୍କ ମାସିକ ମାନଦଣ୍ଡ ବୃଦ୍ଧି, ଇପିଏସ୍-୯୫ ଅନୁସାରେ ନ୍ୟୁନତମ ୧୦୦୦ ଟଙ୍କାରୁ ୭୫୦୦ ଟଙ୍କା ବୃଦ୍ଧି, ଏନଟିସି, ଏଚଇସି, ଆଇଟିଆଇ, ଏଚଏମଟି ପରି ସରକାରୀ ଉଦ୍ୟୋଗର ବକେୟା ବେତନ ପ୍ରଦାନ, ବ୍ୟାଙ୍କିଙ୍ଗ୍ କ୍ଷେତ୍ର ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ ଆରମ୍ଭ, ଇଏସଆଇ ଓ ଇପିଏଫ ଅଧୀନ ଲାଭ ପାଇବା ସୀମା ବୃଦ୍ଧି, ବୋନସ୍ ଦେୟ ପାଇଁ ଯୋଗ୍ୟତା ବୃଦ୍ଧି, ସାଧାରଣ ନିଯୁକ୍ତି ଉପରେ ନିଷେଧ ହଟାଇ ଚାକିରି ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସଂଘ ଜିଲ୍ଲା ପ୍ରଭାରୀ ଶ୍ରୀନିବାସ ଖୁଣ୍ଟିଆ, ଜିଲ୍ଲା ସଭାପତି ଅନିଲ୍ କୁମାର ଭୂତିଆ, ସମ୍ପାଦକ ଶିବାଶକ୍ତି ମହାନ୍ତି, ଆଶା ସଂଘ ସଭାନେତ୍ରୀ ସୁପ୍ରଭା ପ୍ରଧାନ, ସମ୍ପାଦିକା ସୁମିତ୍ରା ବେହେରା, ରଣଜିତ ପଣ୍ଡା, ନାରାୟଣ ବେହେରା, ଅନ୍ତର୍ଯ୍ୟାମୀ ଭୂତିଆ, ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ ।

## ବେଆଇନ ଟେଣ୍ଡର ବାତିଲ୍ କରିବାକୁ ଦାବି

ଢେଙ୍କାନାଳ,୨୫ ।୨(ସମିସ): ସ୍ଥାନୀୟ ପୌରପାଳିକା ଉପନଗରପାଳ ଓ ପାରିଷଦମାନେ ବେଆଇନ୍ ଟେଣ୍ଡର ବାତିଲ୍ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ଭେଟି ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ପୌରପାଳିକା ଟେଣ୍ଡର ବିଜ୍ଞାପନ କ୍ରମିକ ସଂଖ୍ୟା ୪୮୩/୧୭.୦୨.୨୦୨୬ ଅନୁଯାୟୀ ଡକାଯାଇଥିବା ୨୩ଗୋଟି ୱାର୍ଡର ଅନ୍ୟୂନ ୧୨୦ଟି ହସ୍ତବୃତ ଠିକା ପ୍ରସ୍ତାବ ଯେଉଁପରି ଭାବରେ କାର୍ଯ୍ୟକ୍ଷମ କରାଇବା ପାଇଁ ବର୍ଣ୍ଣିତ ଅଛି । ସେଗୁଡ଼ିକ କୌଣସିମତେ ବି ନିଜ ନିଜର ମାନ ନିରୂପଣ କରିପାରିବ ନାହିଁ । ବିଭିନ୍ନ ଓ୍ୱାର୍ଡରେ ବିଭିନ୍ନ କାର୍ଯ୍ୟ ପାଇଁ ମାତ୍ରାଧିକ ଠିକାଦାର ନିଯୁକ୍ତି ହେଲେ କାର୍ଯ୍ୟଗୁଡ଼ିକର ମାନ ହ୍ରାସ ପାଇବ । ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ୧ରୁ ଅଧିକ ୱାର୍ଡ



ସଂଲଗ୍ନ ଥାଇ ଏକ ନିର୍ଦ୍ଦିଷ୍ଟ ପ୍ରକାରର କାର୍ଯ୍ୟ ପାଇଁ ଠିକା ପ୍ରସ୍ତାବ ନକରି ସେଗୁଡ଼ିକ ଛୋଟ ଛୋଟ ଭାବରେ ବିଭକ୍ତି କରିଦେବା ସମ୍ପୂର୍ଣ୍ଣ ନ୍ୟସ୍ତ ସ୍ୱାର୍ଥ ପ୍ରଣୋଦିତ ଅଟେ । ଏହି ଠିକା ପ୍ରସ୍ତାବ ଗୁଡ଼ିକ ଇ ଟେଣ୍ଡର ନ କରାଯାଇ ହସ୍ତବୃତ ଠିକା ପ୍ରସ୍ତାବ ପେପର ଟେଣ୍ଡର କରାଯିବା ଏହି କାର୍ଯ୍ୟକ୍ରମର ସ୍ୱଚ୍ଛତା ବିହୀନ ପଦକ୍ଷେପ ବୁଝାପଡେ । ଜିଲ୍ଲାରେ ଅନେକ ସକ୍ଷମ ଉପଯୁକ୍ତ ଠିକା ସଂସ୍ଥା ଓ ଠିକାଦାର ଥିବାବେଳେ ପୌରପାଳିକା ସଲଗ୍ନ କୌଣସି କାର୍ଯ୍ୟ ପାଇଁ କେବଳ ତାଲିକାଭୁକ୍ତ ଠିକାଦାରଙ୍କୁ ପ୍ରାଧାନ୍ୟ ଦେବା ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ମୂଳକ ଓ ପାକ୍ଷିକ ନିର୍ଦ୍ଦେଶନାମା ଅଟେ ଏବଂ ଏହା ଆଇନ ବିରୁଦ୍ଧ । ଢେଙ୍କାନାଳ ପୌରପାଳିକାକୁ ଆସୁଥିବା ଅର୍ଥରାଶି ପ୍ରକୃତ ବ୍ୟୟ ପରିଚାଳନା ପରିବର୍ତ୍ତେ ଏହା କିପରି ଅପଚୟ ହେବ, ଉକ୍ତ ଠିକା ପ୍ରସ୍ତାବ ନିର୍ଦ୍ଦେଶନାମା ଏକ ଜ୍ୱଳନ୍ତ ଉଦାହରଣ ଅଟେ । ପୌରପାଳିକାରେ ପାରିତ ଉନ୍ନତିମୂଳକ କାର୍ଯ୍ୟଧାରାକୁ କୌଣସି ବାହ୍ୟ ପ୍ରତିପତିଶାଳୀ ବ୍ୟକ୍ତିତ୍ୱଙ୍କ ଠାରୁ ଦୂରେଇ ନରଖିବା ହେତୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବାଧାସୃଷ୍ଟି ହେଉଅଛି । ତେଣୁ ଭିନ୍ନ ଭିନ୍ନ ୱାର୍ଡର ନିର୍ବାଚିତ ପ୍ରତିନିଧିମାନେ ଉପରୋକ୍ତ ଘଟଣାବଳୀକୁ ଦୃଷ୍ଟିରେ ରଖି ୨୭ ତାରିଖ ପୂର୍ବରୁ ଉକ୍ତ ଠିକା ପ୍ରସ୍ତାବକୁ ତୁରନ୍ତ ପ୍ରତ୍ୟାହାର କରି କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପୂର୍ବକ ଏହାକୁ ଇ-ଟେଣ୍ଡର ମାଧ୍ୟମରେ ପୁନଃ ପ୍ରକାଶିତ କରିବା ପାଇଁ ବିଜେଡି ସମର୍ଥିତ ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ସନ୍ଦୀପ ଷଡଙ୍ଗୀ, ପାରିଷଦ ଲିପିକା ଦାସ, ଶୁଭଲକ୍ଷ୍ମୀ ସାହୁ, ସସ୍ମିତା ଭଞ୍ଜ, ବଂଶୀଧର ଦଳେଇ, ସାଗିର ମହମ୍ମଦ, ଗୀତା ଦେହୁରୀ, ମଧୁସ୍ମିତା ସ୍ୱାଇଁ, ରୋଜାଲିନ ସାହୁ ପ୍ରମୁଖ ନିର୍ବାହୀ ଅଧିକାରୀଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିବା ସହିତ ଏହାର ଏକକିତା ନକଲ ଜିଲ୍ଲାପାଳ, ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ଅବଗତ କରାଇଛନ୍ତି ।

## ଆକାଂକ୍ଷା ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ସମୀକ୍ଷା




ଢେଙ୍କାନାଳ,୨୫ ।୨(ସମିସ): ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଆକାଂକ୍ଷା ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି. ଆଓ ଜିଲ୍ଲାର ସମସ୍ତ ବ୍ଲକରେ ହେଉଥିବା ଯୋଜନାଗୁଡ଼ିକର ରୂପାୟନ ସମ୍ପର୍କରେ ଅବଗତ ହୋଇଥିଲେ । ଗର୍ଭବତୀ ମହିଳା ଓ ଶିଶୁମାନଙ୍କର ପୌଷ୍ଟିକତା, ଯକ୍ଷ୍ମା ନିରାକରଣ ଓ ଟୀକାକରଣ କାର୍ଯ୍ୟକ୍ରମ, ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟକାରିତା, ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଋଣ ପ୍ରଦାନ ଓ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ମୃତ୍ତିକା ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଗାଣ, ଶ୍ରୀ ଅନ୍ନ ଅଭିଯାନ, ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନିର୍ମାଣ, ଯାନବାହାନ ଚଳାଚଳ ଓ ନିୟମ ଉଲଙ୍ଘନ ଯୋଗୁଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଚାଷୀମାନଙ୍କ ପାଇଁ ଫସଲ ବୀମା ଯୋଜନାର କାର୍ଯ୍ୟକାରିତା, ଚାଷକାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ସାର ଓ ବିଭିନ୍ନ କିସମର ବିହନ ଯୋଗଣରେ ଉପୁଜୁଥିବା ସମସ୍ୟା, ଚାଷୀଙ୍କ ଠାରୁ ଧାନ ସଂଗ୍ରହ, ମତ୍ସ୍ୟଚାଷ ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର ଭାଗିଦାରୀ ଓ ମତ୍ସ୍ୟ ପୋଖରୀ ଯୋଜନାର ସଫଳ କାର୍ଯ୍ୟକାରିତା, ଗୋପାଳନ, ଛେଳି ଓ କୁକୁଡ଼ା ଚାଷ ଓ ବୀମା ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ସମସ୍ତ ସହରାଞ୍ଚଳ ଓ କଙ୍କଡାହାଡ ବ୍ଲକରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ, ଶିଳ୍ପୀ ଉନ୍ନତି ଯୋଜନାରେ ଯୁବପିଢୀଙ୍କୁ ଟ୍ରେନିଙ୍ଗ ପ୍ରଦାନ କାର୍ଯ୍ୟ, ହସ୍ତଶିଳ୍ପାଦି ଓ ଅନ୍ୟାନ୍ୟ ସାମଗ୍ରୀର ଅନ ଲାଇନ ବିକ୍ରି ସୁବିଧା, ଅଣସଙ୍ଗଠିତ ଓ ନିର୍ମାଣ ଶ୍ରମିକମାନଙ୍କ ପାଇଁ କଲ୍ୟାଣମୂଳକ ଯୋଜନା କାର୍ଯ୍ୟ, ବସୁନ୍ଧରା ଯୋଜନା ଜରିଆରେ ବାସଜମି ଯୋଗାଣ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କୁ ଛାତ୍ରବୃତ୍ତି ପ୍ରଦାନ । ମିଶନ ଶକ୍ତି ମାଧ୍ୟମରେ ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟକ୍ରମ । ରାଜସ୍ୱ ଆଦାୟ ଆଦି କାର୍ଯ୍ୟକ୍ରମର ସେ ସମୀକ୍ଷା କରିଥିଲେ । କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପର ଫଟୋଚିତ୍ର ଓ ଭିଡିଓ ସହିତ ଡକ୍ୟୁମେଣ୍ଟ ପ୍ରସ୍ତୁତ ରଖିବାକୁ ସେ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀରଞ୍ଜନ ସେଠୀ ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲା ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ଅର୍ଥନୀତିଜ୍ଞ ଦେବାଶିଷ ପଟ୍ଟନାୟକ ପାୱାରପଏଣ୍ଟ ମାଧ୍ୟମରେ ସମସ୍ତ ବିଭାଗର ତଥ୍ୟ ପ୍ରଦାନ କରିଥିଲେ ।

## ୩ନଂ ଜୋନରେ ଆପ୍‌ର ସାଙ୍ଗଠନିକ ବୈଠକ




ପରଜଙ୍ଗ,୨୫ ।୨(ସମିସ): ପରଜଙ୍ଗ ବ୍ଲକ ୩ନଂ ଜିଲ୍ଲାପରିଷଦ ଜୋନରେ ଆପ୍‌ର ସାଙ୍ଗଠନିକ ବୈଠକ କୁମୁଶି ପଞ୍ଚାୟତ ଅଁଳାକଟା ଗ୍ରାମରେ ବ୍ଲକ ସଭାପତି ବିଭୁରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ବ୍ଲକର ସଙ୍ଗଠନ ଉପରେ ଗୁରୁତ୍ୱ ଦେଇଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା ଆପ୍‌ର ନୀତି ଆଦର୍ଶ ଓ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଭାବେ ଲୋକସଭା ସଭାପତି ପଙ୍କଜ ନାୟକ ଯୋଗଦେଇ ମାତୃଭାଷା ଦିବସ ଅବସରରେ ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କରେ ଆଲୋଚନା କରି ଆମ ଓଡ଼ିଆ ଭାଷାକୁ ବହୁଳ ଭାବେ ପ୍ରଚାର ପ୍ରସାର କରିବା, ଓଡ଼ିଆରେ ବିଭିନ୍ନ ଦରଖାସ୍ତ ଓ କାଗଜପତ୍ର କରିବା, ଓଡ଼ିଆ ଗଳ୍ପ କବିତା ପଢ଼ିବା ଓ ଶୁଣିବା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ମଣ୍ଡିରୁ ଚାଷୀଙ୍କ ଧାନ ତୁରନ୍ତ ନ କିଣିବା ଓ ୧୦ କେଜି ପର୍ଯ୍ୟନ୍ତ କଟନୀ ଛଟନୀ ପାଇଁ ରାଜ୍ୟ ସରକାରଙ୍କୁ ନିନ୍ଦା କରିଥିଲେ । ଟ୍ରେଡ ଡିଲକୁ ନେଇ ଆମେରିକା ପାଖରେ କେନ୍ଦ୍ର ବିଜେପି ସରକାରଙ୍କ ନତମସ୍ତକ ହେବା ସମ୍ପର୍କରେ କର୍ମୀମାନଙ୍କୁ ସୂଚନା ଦେଇଥିଲେ । ସେହିପରି ଯୌନ ରାକ୍ଷସ ଜେଫ୍ରି ଏପଷ୍ଟିନ ଫାଇଲରେ ସଂଶ୍ଲିଷ୍ଟ ଥିବା ପ୍ରାୟ ୧୮ ଦେଶର ରାଜନେତା ଓ ପ୍ରଭାବଶାଳୀ ବ୍ୟକ୍ତିମାନେ ଇସ୍ତଫା ଦେଲେଣି କିମ୍ବା ଗିରଫ ହେଲେଣି । ସେହି ଫାଇଲରେ ଭାରତର ମଧ୍ୟ କିଛି ରାଜନେତା ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ ଆସୁଛି । ଏପରିକି କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ହରଦୀପ ପୁରୀ ନିଜେ ମାନୁଛନ୍ତି ଯେ ସେ ଏପ୍‌ଷ୍ଟିନଙ୍କ ସହିତ ତାରିଖ ଅନୁସାରେ କଥା ହୋଇଛନ୍ତି ଏବଂ ଭେଟିଛନ୍ତି । କାହିଁକି ଓ କ'ଣ ପାଇଁ ଭେଟିଥିଲେ ତା'ର ସ୍ପଷ୍ଟୀକରଣ ଦେବା ଉଚିତ । ତୁରନ୍ତ ସେ ନିଜ ପଦରୁ ଇସ୍ତଫା ଦେବା ପରେ ତଦନ୍ତ ହେବା ଉଚିତ । ଲୋକଙ୍କ ଟ୍ୟାକ୍ସ ପଇସାରେ ଯେଉଁ ରାଜନେତା ଓ ପ୍ରଭାବଶାଳୀ ବ୍ୟକ୍ତିମାନେ ଏପରି କାର୍ଯ୍ୟରେ ଲିପ୍ତ ସେମାନଙ୍କୁ କେନ୍ଦ୍ର ବିଜେପି ସରକାର ସୁରକ୍ଷା ଦେଉଛି ବୋଲି ନିନ୍ଦା ପ୍ରସ୍ତାବ ଅଣାଯାଇଥିଲା । ବୈଠକରେ ରୋହିତ ସାହୁଙ୍କୁ ଜୋନ ୨ ଓ ଦିଲେଶ୍ୱର ବେହେରାଙ୍କୁ ଜୋନ୍ ୩ର ଦାୟିତ୍ୱ ଦିଆଯାଇଛି । ସୁଜିତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

### ■ ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିଅନସିପ

## ଟିଏସ୍ଏଫ୍‌ର ୬ ଖେଳାଳି ସାମିଲ

ଢେଙ୍କାନାଳ,୨୫ ।୨(ସମିସ): ଗ୍ରାମାଞ୍ଚଳରେ କ୍ରୀଡ଼ାବିତ ସୃଷ୍ଟି କରିବା ଓ ଉତ୍ତମ ପ୍ରଶିକ୍ଷଣ ମାଧ୍ୟମରେ ଜାତୀୟ ସ୍ତରରେ ସେମାନଙ୍କ ପରିଚୟ ସୃଷ୍ଟି କରିବାରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ଟାଟା ଷ୍ଟିଲ ଫାଉଣ୍ଡେସନ । ପଶ୍ଚିମବଙ୍ଗରେ ଆୟୋଜିତ ଜାତୀୟ ସବ୍ ଜୁନିୟର ଭଲିବଲ୍ ଚାମ୍ପିଅନସିପରେ ଖେଳିବା ପାଇଁ ଓଡ଼ିଶା ଦଳରେ ଟାଟା ଷ୍ଟିଲ ମେରାମଣ୍ଡଳୀ ପ୍ଲାଣ୍ଟ ଆଖପାଖ ଗ୍ରାମର ୬ଜଣ ଯୁବ ଭଲିବଲ୍ ଖେଳାଳି ସାମିଲ ହୋଇଛନ୍ତି । ଫେବୃଆରୀ ୨୪ରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବ । ଓଡ଼ିଶା ଦଳ ପାଇଁ ମନୋନୀତ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ପାଇକ ପୁରୁଣାକୋଟ ଗ୍ରାମର ସୌମ୍ୟା ସନ୍ଦୀପା ଗଡ଼ନାୟକ, ସ୍ୱାତୀ ଭୋଇ, ବାଦଲ ନାଏକ, ଗଛିଗାଡ଼ିଆର ଅରୁଷ ନାଏକ ଏବଂ ତାଳବାହାଳ ଗ୍ରାମର ରୋଜାଲିନ ନାଏକ ଓ ମିକି ନାଏକ । ଏହି ଖେଳାଳିମାନେ ପୂର୍ବରୁ ୧୪ ବର୍ଷରୁ କମ୍ ବର୍ଗର ଦଳରେ ସାମିଲ ହୋଇ ଓଡ଼ିଶାକୁ



ପ୍ରତିନିଧିତ୍ୱ କରିଥିଲେ । ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ପାଇଁ ୨୦୧୯ରେ ମାତ୍ର ୧୧ ଖେଳାଳିଙ୍କୁ ନେଇ ଟିଏସଏଫ୍ ପକ୍ଷରୁ ଏହି ପ୍ରୟାସ ଆରମ୍ଭ ହୋଇଥିଲା । ବର୍ତ୍ତମାନ ପ୍ଲାଣ୍ଟ ପରିସରରୁ ୧୫ କିଲୋମିଟର ମଧ୍ୟରେ ଥିବା ବିଭିନ୍ନ ଗ୍ରାମର ୫୭୫ ପୁରୁଷ ଓ ୧୨୦ ମହିଳା ଖେଳାଳି ଏଠାରେ ପ୍ରଶିକ୍ଷଣ ନେଉଛନ୍ତି । ତିନିଟି କୋଚିଂ ସେଣ୍ଟର ଓ ଗୋଟିଏ ୟୁଥ୍ ଡେଭଲପମେଣ୍ଟ ସେଣ୍ଟର ମାଧ୍ୟମରେ ଅନ୍ତର୍ଜାତୀୟ ଭଲିବଲ ଫେଡେରେସନର ଲେଭଲ-୨ ପ୍ରଶିକ୍ଷକ ଆଶୁତୋଷ ପାତ୍ରଙ୍କ ନେତୃତ୍ୱରେ ୪ ପ୍ରଶିକ୍ଷକ ନିୟମିତ ପ୍ରଶିକ୍ଷଣ ଦେଉଛନ୍ତି । ଗତ ଦୁଇ ବର୍ଷରେ ୧୩୫ ଜଣ ଜିଲ୍ଲା ଓ ୮୪ ଜଣ ରାଜ୍ୟସ୍ତରୀୟ ଚମ୍ପିୟନସିପରେ ଅଂଶଗ୍ରହଣ କରିଥିବାବେଳେ ୨୩ ଜଣ ଜାତୀୟ ସ୍ତରରେ କ୍ରୀଡ଼ା ପ୍ରଦର୍ଶନ କରିଛନ୍ତି । ଟିଏସଏମର ୟୁନିଟ ଲିଡ୍ କୁମାର ସୌରଭ କହିଛନ୍ତି, ଜାତୀୟ ସବ୍ ଜୁନିୟର ଭଲିବଲ୍ ଚାମ୍ପିଅନସିପରେ ମେରାମଣ୍ଡଳୀରୁ ୬ଜଣ ସାମିଲ ହେବା, ତୃଣମୂଳ ସ୍ତରରେ କ୍ରୀଡ଼ାବିତ୍ ସୃଷ୍ଟି କରିବା ଦିଗରେ ଆମ ପ୍ରୟାସର ପ୍ରତିଫଳନ । ଆଗାମୀ ଦିନରେ ଆମେ ଏହି କ୍ରୀଡ଼ା ପରିବେଶକୁ ଆହୁରି ସୁଦୃଢ଼ କରିବାକୁ ପ୍ରତିବଦ୍ଧ, ଯାହା ମାଧ୍ୟମରେ ଆଖପାଖ ଗ୍ରାମଗୁଡ଼ିକର ଅଧିକ ଯୁବ ଖେଳାଳି କ୍ରୀଡ଼ା କ୍ଷେତ୍ରରେ ସଫଳତା ଅର୍ଜନ କରିପାରିବେ ।

### ● ବିବାହ ଶୋଭାଯାତ୍ରାରେ ଗଣ୍ଡଗୋଳ

## ପୁଲିସ ଉପସ୍ଥିତିରେ ମାରପିଟ୍, ୬ ଆହତ

ହିନ୍ଦୋଳ,୨୫ ।୨(ସମିସ): ଗାଡ଼ି ସାଇଡ୍ ଦେବାକୁ ନେଇ ହିନ୍ଦୋଳ ଉପଖଣ୍ଡ ଗଣ୍ଡାନାଳୀ ପଞ୍ଚାୟତ ଈଶ୍ୱରାପାଳଠାରେ ଏକ ବିବାହ ଶୋଭାଯାତ୍ରାରେ ଗଣ୍ଡଗୋଳ ହୋଇଛି । ପୁଲିସ ଉପସ୍ଥିତିରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇ ଉଭୟ ଗୋଷ୍ଠୀର ୬ ଜଣ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ସଦର ଥାନା ନଡ଼ବ ଗ୍ରାମର ଅମୂଲ୍ୟ ନାୟକଙ୍କ ପୁଅ ଅଜୟ ନାୟକଙ୍କ ବାହାଘର ବରଯାତ୍ରୀ ଦଳ ରାସୋଳ ଥାନା ଈଶ୍ୱରାପାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ଘରକୁ ଆସିଥିଲେ । କନ୍ୟା ଘର ଆଗରେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରି ଉଦଣ୍ଡ ନୃତ୍ୟ କରିବା ସହ ଅପର ପାର୍ଶ୍ୱରୁ ଆସୁଥିବା ଗାଡ଼ିକୁ ରାସ୍ତା ଦେଇ ନ ଥିଲେ । ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ଓ ଧସ୍ତାଧସ୍ତି ହୋଇ ମାରପିଟ ହୋଇଥିଲା । ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରୁଥିବାବେଳେ ପୁଲିସ ଉପସ୍ଥିତରେ କିଛି ଯୁବକଙ୍କୁ ମାଡ଼ ମରାଯାଇଥିବା ଦେଖିବାକୁ ମିଳିଥିଲା । ପରେ ଉଭୟ ଗୋଷ୍ଠୀର ଲୋକମାନେ ଥାନାରେ ପହଞ୍ଚିଛନ୍ତି ।



# ୧୩ନଂ ୱାର୍ଡ ରାସ୍ତା ଅବସ୍ଥା ଶୋଚନୀୟ

## ଜିଲ୍ଲାପାଳଙ୍କୁ ଦାବିପତ୍ର

ଢେଙ୍କାନାଳ,୨୫ ।୨(ସମିସ):

ସ୍ଥାନୀୟ ପୌରାଞ୍ଚଳ ୧୩ନଂ ୱାର୍ଡର ରାସ୍ତା ଶୋଚନୀୟ ହୋଇପଡ଼ିଛି । ଏ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦଣ୍ଡା ରୋଡ୍‌ରେ ଦୀର୍ଘ ଦୁଇ ମାସ ହେଲା ମୁଖ୍ୟ କଂକ୍ରିଟ ରାସ୍ତା ଖୋଳି ଦିଆଯାଇଛି । ଫଳରେ ଦୁଇଚକିଆ, ଚାରିଚକିଆ, ଭାରୀଯାନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି । ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ସେହି ଜାଗାରେ ୩୦ ଫୁଟ ଚଉଡ଼ା ବିଶିଷ୍ଟ ରାସ୍ତା ମାତ୍ର ୮ ଫୁଟ ରହିଛି । ସେହିପରି ଗୋଟିଏ ପାଖ ଡ୍ରେନ ଉପରେ ସ୍ଲାବ ପକାଯାଇ ପ୍ରାୟ ଏକ ଫୁଟରୁ ଅଧିକ ଉଚ୍ଚ ହୋଇଛି । କେଉଁଠି ପୌର ଯନ୍ତ୍ରୀମାନଙ୍କ ଅବହେଳା ଯୋଗୁଁ ଅନାବଶ୍ୟକ ଗୋଡ଼ି, ମାଟି, ପଥର ପଡ଼ି ରହିଛି ତ କେଉଁଠି ବିଦ୍ୟୁତ ବିଭାଗର ଅବହେଳା



ଯୋଗୁଁ କଂକ୍ରିଟ ଖୁଣ୍ଟ ପଡ଼ିରହିଛି । ପୁଣି କେଉଁଠି ସାଧାରଣ ଲୋକେ ଘର ତିଆରି କରିବା ପରେ ଅଳିଆ ମାଟି ଗଦା କରିଛନ୍ତି । ଆଉ କେଉଁଠି ସହରାଞ୍ଚଳ ପାନୀୟ ଯୋଗାଣ ବିଭାଗ ମାଟି ଖୋଳି ପାଇପ ପକାଇଥିଲେ ମଧ୍ୟ ସେଠାରେ ମାଟି ଖୋଳା ଗାତ ଆଉ କଂକ୍ରିଟ କରାଯାଇନାହିଁ । କେଉଁଠି ମୂଷା ଗାତ କରି ଡ୍ରେନ ପୋତା ପକାଉଛି । ବିଶେଷକରି ୱାର୍ଡର ମୁଖ୍ୟ ରାସ୍ତା ଦଣ୍ଡା ରୋଡ୍ ଅତି ଦୟନୀୟ ଅବସ୍ଥାରେ ରହିଛି । ଦୁଇ ମାସ ପୂର୍ବରୁ ଜଣେ ବ୍ୟକ୍ତି ଠିକାଦାରୀରେ ଗୋଟିଏ ଛୋଟ ପୋଲ ନିର୍ମାଣ କରିବା ପାଇଁ କଂକ୍ରିଟ ରାସ୍ତାର ଦୁଇପାଶ୍ୱର୍ ଖୋଳି ଦେଇଛନ୍ତି । ଗୋଟିଏ ବିଦ୍ୟୁତ ଟ୍ରାନ୍ସଫର୍ମର ଯୋଗୁଁ ସେହି ଜାଗାରେ ୩୦ଫୁଟ ରାସ୍ତା ମାତ୍ର ଆଠ ଫୁଟ ରହିଛି । ଫଳରେ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହେଉଛି ଓ ଦୁର୍ଘଟଣା ଘଟୁଛି । ପାଞ୍ଚ ବର୍ଷ ହେବ ପାଣି ପାଇପ ସଂଯୋଗ ଗାତଗୁଡ଼ିକ ପୋତାଯାଉନାହିଁ । ଏସବୁ ସମସ୍ୟାଗୁଡ଼ିକ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଓ ପୌରଯନ୍ତ୍ରୀଙ୍କୁ ଅନେକ ଥର ଜଣାଇଥିଲେ ମଧ୍ୟ ତାହାର ସମାଧାନ କରାଯାଉନାହିଁ । ଏହି ୱାର୍ଡରେ ବାସ କରୁଥିବା ଲୋକେ ଆମ୍ ଆଦମୀ ପାର୍ଟି ସହାୟତାରେ ଅଞ୍ଚଳ ପରିଦର୍ଶନ କରି ୬ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ସ୍ଥାନୀୟ ବାସିନ୍ଦା ବିଦ୍ୟାଧର ପଣ୍ଡା, ପଙ୍କଜ ନାୟକ, ଆଇନଜୀବୀ ରବୀନ୍ଦ୍ର ତ୍ରିପାଠୀ, ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଅବସରପ୍ରାପ୍ତ ଶିକ୍ଷକ କବିଜ୍ୟୋତି ନିରଞ୍ଜନ ପତି, ବରିଷ୍ଠ ସଦସ୍ୟ ପୀତାମ୍ବର ସାମନ୍ତରାୟ, ଜୟଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

### ● ମାଟ୍ରିକ ପରୀକ୍ଷାର ଚତୁର୍ଥ ଦିନ

## ବିଜ୍ଞାନରେ ୩୭୭ ପରୀକ୍ଷାର୍ଥୀ ଅନୁପସ୍ଥିତ

ଢେଙ୍କାନାଳ,୨୫ ।୨(ସମିସ): ମାଟ୍ରିକ ପରୀକ୍ଷାର ଚତୁର୍ଥ ଦିନରେ ସାଧାରଣ ବିଜ୍ଞାନ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି । ଜିଲ୍ଲାର ମୋଟ ୯୫ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେଉଥିବା ବେଳେ ଆଜି ୩୭୭ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି । ଜିଲ୍ଲାର ମୋଟ ୨୬୯ ବିଦ୍ୟାଳୟର ୧୬ ହଜାର ୩୪୫ ଛାତ୍ରଛାତ୍ରୀ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି । ତେବେ ଆଜି ମଧ୍ୟମାରେ ୬ଜଣ ଓ ଏସଓଏସସିରେ ୫୪ ଜଣଙ୍କୁ ମିଶାଇ ମୋଟ ୩୭୭ଜଣ ଅନୁପସ୍ଥିତ ଥିଲେ । ଆଜି କୌଣସି ଛାତ୍ରଛାତ୍ରୀ ଅସାଧୁ ଉପାୟ ଅବଲମ୍ବନ କରି ଧରାପଡ଼ି ନ ଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ୧୪ଟି କେନ୍ଦ୍ର ପରିଦର୍ଶନ କରାଯାଇଥିଲା ।

# ଆର୍‌ଏସ୍‌ପି ପକ୍ଷରୁ ହସ୍ତଶିଳ୍ପ ଉତ୍ପାଦ ପ୍ରଦର୍ଶନୀ

**ରାଉରକେଲା, ୨୫ା୨(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି)ର ସିଏସଆର ବିଭାଗ ପକ୍ଷରୁ ରାଉରକେଲା କ୍ଲବରେ ଏକ ହସ୍ତଶିଳ୍ପ ଉତ୍ପାଦ ପ୍ରଦର୍ଶନୀର ଆୟୋଜିତ ହୋଇଥିଲା। ଏହି ପ୍ରଦର୍ଶନୀ ଲାଠିକଟା ବ୍ଲକର ସୁଇଡିହ ଗ୍ରାମ ପଞ୍ଚାୟତ ଏବଂ ନୂଆଗାଁ ବ୍ଲକର ନୂଆଗାଁ ଗ୍ରାମ ପଞ୍ଚାୟତରେ ଆରଏସପିର କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରୟାସ ଅଧୀନରେ ପ୍ରତିଷ୍ଠିତ ତାଲିମ-ସମ-ଉତ୍ପାଦନ କେନ୍ଦ୍ର (ଟିସିପିସି) ରେ ପ୍ରସ୍ତୁତ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ଏକ ସମୁଚିତ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା। ରାଞ୍ଚିର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଲିଡ' ଦ୍ୱାରା ସହାୟତା ପ୍ରାପ୍ତ ନୂଆଗାଁର ଟିସିପିସି ଜଟିଳ କନ୍ଥା ସିଲେଇ ଏବଂ ପାରମ୍ପରିକ ସୋହରାଇ ଚିତ୍ରକଳା ସହିତ ହସ୍ତଶିଳ୍ପ ଉତ୍ପାଦଗୁଡ଼ିକର ଏକ ପ୍ରଭାବଶାଳୀ ପରିସର ପ୍ରଦର୍ଶିତ କରିଥିଲା। ଷ୍ଟଲଗୁଡ଼ିକ ସେମାନଙ୍କର ସୁନ୍ଦର କନ୍ଥା ଚିତ୍ର, ଫଟୋ ଫ୍ରେମ୍, ଶାଢ଼ି, ବିଛଣା ଚାଦର, ରୁମାଲ, ଟେବୁଲ କ୍ଲଥ୍, ମହିଳା ଏବଂ ପୁରୁଷଙ୍କ କୁର୍ତ୍ତା ସେଟ୍, ତକିଆ କଭର ଏବଂ କୁଶନ କଭର ଦୃଷ୍ଟି ଆକର୍ଷଣ କରିଥିଲା, ଯାହା ଏହି ଅଞ୍ଚଳର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ କାରିଗରୀଙ୍କୁ ପ୍ରତିଫଳିତ କରିଥିଲା। ଟିସିପିସି ସୁଇଡିହର ପଟ୍ଟଚିତ୍ର ବିଭାଗ ଅନୁରୂପ ଭାବରେ ମନମୁଗ୍ଧକର ଥିଲା। ବିଭିନ୍ନ ଆକାର ଏବଂ ମୋଟିଫରେ କଳାଟକ ଫଟୋ ଫ୍ରେମ୍ ପ୍ରଦର୍ଶନ କରିବା ସହିତ କାନଭାସ୍ ଏବଂ ନଡ଼ିଆ କୋଷରେ ନିର୍ମିତ ଉତ୍କୃଷ୍ଟ ପଟ୍ଟଚିତ୍ର କଳାକୃତି ପ୍ରଦର୍ଶନ କରିଥିଲା। ପ୍ରଦର୍ଶନୀଟି ପାରମ୍ପରିକ କଳା ଫର୍ମଗୁଡ଼ିକୁ ପୁନରୁଦ୍ଧାର କରିବାରେ ଆରଏସପିର କେନ୍ଦ୍ରିତ ପ୍ରୟାସକୁ ପ୍ରତିଫଳିତ କରିଥିଲା ଏବଂ କାରିଗରମାନଙ୍କୁ, ବିଶେଷକରି ମହିଳାମାନଙ୍କୁ, ସ୍ଥାୟୀ ଆୟ ଅର୍ଜନ କରିବାରେ ସକ୍ଷମ କରିଥିଲା। ପ୍ରଦର୍ଶନୀରେ ମୋଟ ବିକ୍ରୟ ପ୍ରାୟ ୩୦ ହଜାର ଟଙ୍କା ରହିଥିଲା। ଏହି କାର୍ଯ୍ୟକ୍ରମକୁ ସିଏସଆର ବିଭାଗର ଜିଏମ ଇନ ଚାର୍ଜ ମୁନମୁନ ମିତ୍ରା ଓ ଜିଏମ ବିଭାବସୁ ମଲିକଙ୍କ ତତ୍ତ୍ୱାବଧାନରେ ବିଭାଗର ଡିଜିଏମ ଆର ଏସ ବାରା ସଂଯୋଜନା କରିଥିଲେ।



## ମାଟି ତଳୁ ମହିଳାଙ୍କ ଗଳିତ ଶବ ମିଳିବା ଘଟଣା

# ଦୁଷ୍କର୍ମ ପରେ କରାଯାଇଥିଲା ହତ୍ୟା; ୨ ଗିରଫ

**ରାଉରକେଲା, ୨୫ା୨(ସମିସ)**

ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ସ୍ୱଙ୍ଗମ୍ବା ଗ୍ରାମର ଜଣେ ବିବାହିତା ମହିଳାଙ୍କ ନିଖୋଜ ହେବା ଏବଂ ୧୮ ଦିନ ପରେ ମାଟି ତଳୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କର କ୍ଷତାକ୍ତ ଗଳିତ ଶବ ଉଦ୍ଧାର ହେବା ଘଟଣାର ପର୍ଦ୍ଦାଫାସ କରିଛି କେ. ବଲାଙ୍ଗ ଥାନା ପୁଲିସ। ମହିଳାଙ୍କୁ ଦୁଷ୍କର୍ମ ପରେ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିଲା ବୋଲି ପୁଲିସ ତଦନ୍ତରୁ ଖୁଲାସା ହୋଇଛି। ହତ୍ୟା ପଛରେ ମୃତ ମହିଳାଙ୍କ ସ୍ୱାମୀଙ୍କ ପରକୀୟ ପ୍ରୀତି ମୁଖ୍ୟ କାରଣ ଥିବା ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ରୁଷ୍ଟୁ ମୁଣ୍ଡା ଓ ନିମିଆ ମୁଣ୍ଡା। ସୂଚନାନୁଯାୟୀ, ଗତ ଫେବୃଆରୀ ୭ ତାରିଖ ଦିନ ସ୍ୱୟମ୍ବା ଗ୍ରାମର ଚରଣ ମୁଣ୍ଡାଙ୍କ ପତ୍ନୀ ଖଇରୀ ମୁଣ୍ଡା (୩୫) ରେଞ୍ଜଡା ସାପ୍ତାହିକ ବଜାରକୁ ଯାଇ ନିଖୋଜ ହୋଇଥିଲେ। ଶେଷରେ ତାଙ୍କ ପତ୍ନୀ ଖଇରୀଙ୍କୁ ଗ୍ରାମର ଦୁଇଜଣ ଯୁବକ ହତ୍ୟା କରି ଜଙ୍ଗଲରେ ପୋତି ଦେଇଥିବା ନେଇ ଗତକାଲି ଗ୍ରାମର ଜଣେ ଯୁବକଙ୍କ ଠାରୁ ସୂଚନା ପାଇବା ପରେ ଚରଣ କେ. ବଲାଙ୍ଗ ଥାନାରେ ଏତଲା ଦେଇଥିଲେ। ପୁଲିସ ଚରଣ ମୁଣ୍ଡାଙ୍କ ଠାରୁ ଏତଲା ଗ୍ରହଣ କରି ସ୍ୱଙ୍ଗବା ଗ୍ରାମ ନିକଟ ବଡ ବାଲିଯୋର ଗାଁର ରୁଷ୍ଟୁ ମୁଣ୍ଡା (୩୫) ଓ ନିମିଆ ଓରଫ ନିହିମିଆ ମୁଣ୍ଡା (୩୦) ନାମକ ଦୁଇ ସନ୍ଦିଗ୍ଧ ଅଭିଯୁକ୍ତଙ୍କୁ ତୁରନ୍ତ ଉଠାଇ ପଚରାଉଚରା କରିବା ପରେ ଖଇରୀ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଥିଲା। ଅଭିଯୁକ୍ତ ଦ୍ୱୟ ଖଇରୀଙ୍କୁ ଗଣଦୁଷ୍କର୍ମ କରିବା ପରେ ମାମଲା ପ୍ରଘଟ ହେବା ଭୟରେ ହତ୍ୟା କରି ବଡ ବାଲିଜୋର ଜଙ୍ଗଲ ଭିତରେ ମାଟି ତଳେ ପୋତି ଦେଇଥିଲେ ବୋଲି ପୁଲିସ ନିକଟରେ ସ୍ୱୀକାର କରିଥିଲେ। ଅଭିଯୋଗକାରୀ ଚରଣ ମୁଣ୍ଡା ଜଣେ ମହିଳାଙ୍କ ସହ ଅବୈଧ ସମ୍ପର୍କ ରଖିଥିବାରୁ ତାର ପ୍ରତିଶୋଧ ନେବାକୁ ଯାଇ ଅଭିଯୁକ୍ତ ରୁଷ୍ଟୁ ମୁଣ୍ଡା ଏଭଳି ଘଟଣା ଘଟାଇଥିବା ପୁଲିସ ନିକଟରେ ସ୍ୱୀକାର କରିଥିଲା। ଏହି ଜଘନ୍ୟ ହତ୍ୟାକାଣ୍ଡରେ ତାର ସହଯୋଗୀ ନିମିଆ ମୁଣ୍ଡା ପୂର୍ଣ୍ଣ ସହଯୋଗ କରିଥିଲା ବୋଲି ସେ ପୁଲିସ ଆଗରେ କହିଥିଲା। ଏହାପରେ ପୁଲିସ ବଡ଼ ବାଲିଜୋର ଜଙ୍ଗଲ ମଧ୍ୟରେ ପୋତାଯାଇଥିବା ମହିଳାଙ୍କ ଗଳିତ ଶବକୁ କୋଇଡ଼ା ତହସିଲଦାର ନିର୍ମଳ ବିଶ୍ୱାଳଙ୍କ ଉପସ୍ଥିତିରେ ଉଦ୍ଧାର କରିଥିଲା। ପୁଲିସ ଶବ ଉଦ୍ଧାର କରି ବଣାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଆଜି ଦୁଇ ଅଭିଯୁକ୍ତ ରୁଷ୍ଟୁ ମୁଣ୍ଡା ଓ ନିମିଆ ମୁଣ୍ଡାଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।



**ହତ୍ୟା ପଛରେ ପରକୀୟା ପ୍ରୀତି**

# ଷ୍ଟିଲ୍ ମେଲ୍ଟିଂ ସପ୍-୧ କର୍ମଚାରୀଙ୍କୁ ସେଲ୍ ସାବାସ୍ ପୁରସ୍କାର

**ରାଉରକେଲା, ୨୫ା୨ (ସମିସ):** ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଲ୍ଟିଂ ସପ-୧ ବିଭାଗୀୟ ସମ୍ମିଳନୀ ହଲରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ସମାରୋହରେ ଏସ୍‌ଏମ୍‌ଏସ୍-୧ ବିଭାଗର ଅଧିକାରୀଙ୍କ ସମେତ ୨୧ ଜଣ କର୍ମଚାରୀଙ୍କୁ ସେଲ୍‌ଫ ସାବାସ୍ ଯୋଜନା ଅଧୀନରେ ଉତ୍ପାଦନ, ଗୁଣବତ୍ତା ଏବଂ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା। ଏସଏମଏସ-୧ ବିଭାଗର ସିଜିଏମ୍ ବି. ସୁନୀଲ କାର୍ଥା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ୭ ଜଣ କର୍ମଚାରୀଙ୍କୁ ସେଲ୍‌ଫ ସାବାସ୍ ଯୋଜନା ବର୍ଗ-୧ ଅଧୀନରେ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଅନ୍ୟ ୧୪ ଜଣଙ୍କୁ ସେଲ୍‌ଫ ସାବାସ୍ ଯୋଜନାର ବର୍ଗ-୨ ଅଧୀନରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ଏସଏମଏସ-୧ ବିଭାଗର ଜିଏମ ମେକାନିକାଲ୍ ସି ତିର୍କୀ, ଜିଏମ ଇଲେକ୍ଟ୍ରିକଲ ପି ନାଥ, ଜିଏମ ଅପରେସନ ସମ୍ବିତ ପଟ୍ଟନାୟକ, ଆରଏସ୍ ଫ୍ଲୋରା ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ କାର୍ଥା ପୁରସ୍କାର ବିଜେତାମାନଙ୍କ ଦ୍ୱାରା ଉତ୍ପାଦନ, ଗୁଣବତ୍ତା ଏବଂ ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବାରେ ପ୍ରଦର୍ଶିତ ସମର୍ପଣ ଏବଂ ପ୍ରତିବଦ୍ଧତାର ପ୍ରଶଂସା କରିଥିଲେ। ସେ କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଉତ୍କର୍ଷତା ଏବଂ ନବସୃଜନ ପାଇଁ ପ୍ରୟାସ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏସଏମଏସ-୧ ବିଭାଗର ଏଜିଏମ ଅନତ ଅନିକେତ ସଂଯୋଜନା କରିଥିଲେ।




# ଭାରତୀୟ ମଜଦୁର ସଂଘର ବିରୋଧ ଦିବସ



**ରାଉରକେଲା, ୨୫ା୨ (ସମିସ) :** ଭାରତୀୟ ମଜଦୁର ସଂଘ ପକ୍ଷରୁ ଆଜି ରାଉରକେଲାରେ ବିରୋଧ ଦିବସ ପାଳିତ ହୋଇଛି। ଆଜି ଭାରତୀୟ ମଜଦୁର ସଙ୍ଘ ସହବନ୍ଧିତ ସମସ୍ତ ୟୁନିୟନଙ୍କ ତରଫରୁ ଜିଲ୍ଲା ମୁଖ୍ୟାଳୟଠାରେ ଧାରଣା ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଜି ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ବିଏମଏସର ସୁନ୍ଦରଗଡ଼ ଜିଲ୍ଲା ସମ୍ପାଦକ ଅମର ଭୂୟାଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବିଏମଏସର ଅଖିଳ ଭାରତୀୟ ପଦାଧିକାରୀ ତଥା ସହ ଉଦ୍ୟୋଗ ପ୍ରଭାରୀ (ଇସ୍ପାତ) ହିମାଂଶୁ ବଳ, କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ସମିତା ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର କଂସାରୀ, ରଞ୍ଜିତା ଜେନା, ରାଜେନ୍ଦ୍ର ନାଥ ମହାନ୍ତ, ଅମର ଭୂୟାଁ, ଉମାକାନ୍ତ ସାମଲ, ପ୍ରଦୋଷ ପଣ୍ଡା, ସଞ୍ଜୀବ ପତି, ନିରଞ୍ଜନ ପଟେଲ, ମାନସ ଦାସ, ଅମର ଜୈସ୍ୱାଲ, ପ୍ରଦୀପ ସାହୁ, ସତ୍ୟାନନ୍ଦ ଦାଶ, ଲଳିତ ସୁନ୍ଦର ଜେନା, ଗିରିଶ ଶତପଥି, ପ୍ରବୀର୍ ସ୍ୱାଇଁ, ଭାସ୍କର ସିଂହଙ୍କ ସହିତ ସୁନ୍ଦରଗଡ଼ ଜିଲ୍ଲାର ବିଏମଏସ ସହବନ୍ଧିତ ସମସ୍ତ ୟୁନିଅନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ମାଟ୍ରିକ ପରୀକ୍ଷା; ସାଧାରଣ ବିଜ୍ଞାନରେ ୩୧୬ ଅନୁପସ୍ଥିତ

**ରାଉରକେଲା, ୨୫ା୨ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ ପରୀକ୍ଷାର ଆଜି ଅନୁଷ୍ଠିତ ସାଧାରଣ ବିଜ୍ଞାନରେ ସୁନ୍ଦରଗଡ଼ ଜିଲ୍ଲାରେ ୩୧୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲ୍ଲାରେ ଥିବା ମୋଟ ୨୪୦୦୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୬୯୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଫଳରେ ଆଜି ୩୧୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ସେହିପରି ମଧ୍ୟମା ପରୀକ୍ଷାରେ ମୋଟ ୨୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଶତ ପ୍ରତିଶତ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏସଓଏସସି ପରୀକ୍ଷାରେ ମୋଟ ୬୯୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୮୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୧୧ ଜଣ ଅନସ୍ଥିତ ଥିଲେ। ଆଜି ଜିଲ୍ଲା ଫ୍ଲାଇଙ୍ଗ ସ୍କ୍ୱାଡ୍ ଟିମ୍ ୧୪ଟି ପରୀକ୍ଷା କେନ୍ଦ୍ରରେ ପହଞ୍ଚି ଅଚାନକ କପି ଯାଞ୍ଚ କରିଥିବା ବେଳେ ଡିଇଓ ସ୍କ୍ୱାଡ୍ ୨ଟି ପରୀକ୍ଷା କେନ୍ଦ୍ର ଏବଂ ଏଡିଇଓ ୬ଟି ପରୀକ୍ଷା କେନ୍ଦ୍ର ବୁଲି ଅଚାନକ ପରିଦର୍ଶନ କରିଥିଲେ।

## ସିପିଆଇଏମ୍‌ର ରାଜ୍ୟ କମିଟି ବୈଠକ

# କୋଇଡା ମାଟିରୁ କେନ୍ଦ୍ର ସରକାରଙ୍କ ଉପରେ ଗର୍ଜିଲେ



**କୋଇଡା, ୨୫ା୨(ସମିସ):** କୋଇଡା ଠାରେ ସିପିଆଇଏମ୍ ପକ୍ଷରୁ ଦୁଇଦିନିଆ ରାଜ୍ୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି କୋଇଡା ସ୍ଥିତ ଆର୍‌ୟନ ପଡ଼ିଆ ଠାରୁ ସିପିଆଇଏମ୍ କେନ୍ଦ୍ରିୟ ନେତୃ ମଣ୍ଡଳିଙ୍କ ସହ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ୧୫ ହଜାରରୁ ଊର୍ଦ୍ଧ୍ୱ ସିପିଆଇଏମ୍ କର୍ମୀ ଦଳୀୟ ପତାକା, ପୋଷ୍ଟର ଧରି ବାଦ୍ୟ ନୃତ୍ୟ ଗାନ ସହ ସ୍ଲୋଗାନ ଦେଇ ସଭାସ୍ଥଳକୁ ପହଞ୍ଚିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ସଭାର ଉଦ୍‌ଘାଟନୀ ଉତ୍ସବରେ ସିପିଆଇଏମ୍ କେନ୍ଦ୍ରିୟ ପଲିଟି ବ୍ୟୁରୋ ସଭ୍ୟ ଦିପ୍ ଭଟ୍ଟାଚାର୍ଯ୍ୟ, କେନ୍ଦ୍ରିୟ ସମ୍ପାଦକ ମଣ୍ଡଳ ସଭ୍ୟା କେ. ହେମଲତା, ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ମଣ୍ଡଳ ଅଳିକେଶ୍ୱର ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଜନାର୍ଦ୍ଦନ ପତି, ରାଜ୍ୟ ସମ୍ପାଦକ ମଣ୍ଡଳ ସଭ୍ୟ ସନ୍ତୋଷ ଦାଶ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିଆଇଟିୟୁ ରାଷ୍ଟ୍ରୀୟ ଉପସଭାପତି ବିଷ୍ଣୁ ମହାନ୍ତି, ରାଜ୍ୟ କମିଟି ସମ୍ପାଦକ ପ୍ରଭାତ ପଣ୍ଡା, କୋଇଡା ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ଜିଲ୍ଲା ପରିଷଦ ସଦସ୍ୟ ସୁଶିଳା ମୁଣ୍ଡା, ଅଶୋକ ସାମଲ, ତମାମ୍ ସରପଞ୍ଚ ସମିତି ସଭ୍ୟଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣା ନିତି, କର୍ପୋରେଟ କମ୍ପାନୀମାନଙ୍କୁ ମାଟି ପବନ, ଜଙ୍ଗଲ ପାହାଡ ହସ୍ତାନ୍ତର କରିଥିବା, ବିଦ୍ୟୁତ୍ ବିଲ୍, ସ୍ମାର୍ଟ ମିଟର, ମନରେଗା ବଦଳରେ ଭିବି ଜି ରାମଜି, ଦାଦନ ସମସ୍ୟା, ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ନେଇ କଡା ଭାଷାରେ ସମାଲୋଚନା କରିଥିଲେ। ଏଥିସହ କୋଇଡା ମାଟିରୁ କେନ୍ଦ୍ର ସରକାରଙ୍କ ଉପରେ ଗର୍ଜିବା ସହ ବିଶାଳ ଆନ୍ଦୋଳନର ଚେତାବନୀ ଦେଇଥିଲେ। ସନ୍ଧ୍ୟା ସମୟରେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ପ୍ରତିଭା ପ୍ରଦର୍ଶନ କରାଯାଇ ସମ୍ମାନିତ କରାଯାଇଥିଲା।


# 'ସଙ୍କଟକାଳୀନ ରଣନୀତିକ ପରିଚାଳନା' ଆଲୋଚନାଚକ୍ର

**ରାଉରକେଲା, ୨୫ା୨(ସମିସ):** ପବ୍ଲିକ ରିଲେସନ କାଉନ୍ସିଲ ଅଫ ଇଣ୍ଡିଆ (ପିଆରସିଆଇ), ରାଉରକେଲା ଅଧ୍ୟାୟ ଦ୍ୱାରା ମ୍ୟାନେଜମେଣ୍ଟ ଆସୋସିଏସନ୍ ରାଉରକେଲା (ଏମଏଆର) ସହଯୋଗରେ 'ସଙ୍କଟ କାଳୀନ ରଣନୀତିକ ପରିଚାଳନା' ଉପରେ ରାଉରକେଲା କ୍ଲବରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏହାର ଉଦଘାଟନୀ ସମାରୋହରେ ଆରଏସପି ଖଣି ଉନ୍ନୟନ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ପିଆରସିଆଇ ଜାତୀୟ ଅଧ୍ୟକ୍ଷା ଗୀତା ଶଙ୍କର ଏବଂ ଲେଖକ ତଥା ଆରଏସପିର ପୂର୍ବତନ ସଞ୍ଚାର ମୁଖ୍ୟ ରମେନ୍ଦ୍ର କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପିଆରସିଆଇ ଓଡ଼ିଶା ମୁଖ୍ୟ ଡ. ଅଶୋକ କୁମାର ପଣ୍ଡା, ରିଫ୍ରାକ୍ଟୋରିଜ ବିଭାଗର ସିଜିଏମ ତଥା ଏମଏଆରର ସଚିବ ଏସଏସ ପଣ୍ଡା ଏବଂ ଆରଏସପି ଲୋକସମ୍ପର୍କ ବିଭାଗର ଜିଏମ ତଥା ସଞ୍ଚାରମୁଖ୍ୟ ଏବଂ ପିଆରସିଆଇ ରାଉରକେଲା ଅଧ୍ୟାୟର ଅଧ୍ୟକ୍ଷା ଅର୍ଚ୍ଚନା ଶତପଥୀ ମଞ୍ଚାସୀନ ଥିଲେ। ଏହି ଅବସରରେ ପିଆରସିଆଇ ରାଉରକେଲା ଅଧ୍ୟାୟ ଏବଂ ଏମଏଆରର ବହୁ ସଂଖ୍ୟକ ସଦସ୍ୟ, ଅଞ୍ଚଳର ବିଭିନ୍ନ ଶିଳ୍ପର ପ୍ରତିନିଧି ଏବଂ ଗଣଯୋଗାଯୋଗର ଅଧ୍ୟାପକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଗିରି ଆଜିର ଗତିଶୀଳ ଏବଂ ଡିଜିଟାଲ୍ ଯୁଗର ସଂଯୁକ୍ତ ପରିବେଶରେ ପ୍ରଭାବଶାଳୀ ସଙ୍କଟ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ପାଇଁ ଆବଶ୍ୟକ ରଣନୀତି ଉପରେ ଆଲୋକପାତ କରିଥିଲେ। ସଙ୍କଟ ସମୟରେ କର୍ତ୍ତବ୍ୟବୋଧତା, ସ୍ଥିରତା ଏବଂ ଚିନ୍ତାଧାରାରେ ସ୍ୱଚ୍ଛତା ନୀତିର ଆବଶ୍ୟକତା ବ୍ୟାଖ୍ୟା କରିବା ସହ ଆଦି ଜ୍ଞାନ ଏବଂ ସମସାମୟିକ ନେତୃତ୍ୱ ଏବଂ ଆହ୍ୱାନ ମଧ୍ୟରେ ସମାନ୍ତରାଳ ଛବି ଉପରେ ସେ ଆଲୋକପାତ କରିଥିଲେ। ରାମେନ୍ଦ୍ର କୁମାର ସଙ୍କଟ ଯୋଗାଯୋଗରେ ସହାନୁଭୂତିର ଗୁରୁତ୍ୱ ଉପରେ ଆଲୋଚନା କରିବା ସହିତ ରଣନୀତି ଏବଂ ବିବୃତ୍ତି ବ୍ୟତୀତ, ଏହା ମାନବୀୟ ସମ୍ବେଦନଶୀଳତା ଏବଂ ବୁଝାମଣା ଆବଶ୍ୟକ କରିଥାଏ ବୋଲି କହିଥିଲେ। ଏହି ଅବସରରେ ରମେନ୍ଦ୍ର କୁମାରଙ୍କ ନୂତନ ପୁସ୍ତକ 'କୋପିଙ୍ଗ ୱିଥ କ୍ୟାନ୍ସର' ଉନ୍ମୋଚିତ ହୋଇଥିଲା। ବୈଷୟିକ ଅଧିବେଶନରେ ଅର୍ଚ୍ଚନା ଶତପଥୀ 'ସଙ୍କଟ ସମୟରେ ଆସ୍ଥା ଏବଂ ବିଶ୍ୱସନୀୟତା ଗଠନ' ଉପରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ। ଏଥିପୂର୍ବରୁ ଲୋକସମ୍ପର୍କ ବିଭାଗର ଉପପ୍ରବନ୍ଧକ ତଥା ପିଆରସିଆଇ, ରାଉରକେଲା ଅଧ୍ୟାୟର ସମ୍ପାଦକ ଶଶାଙ୍କ ଶେଖର ପଟ୍ଟନାୟକ 'ଡିଜିଟାଲ୍ ଫାୟାର ଫାଇଟିଂ: ସଙ୍କଟ ପୂର୍ବରୁ, କାଳୀନ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ସାମାଜିକ ଗଣମାଧ୍ୟମର ପରିଚାଳନା' ଉପରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। କୁଇଜ୍ ୱିଜାର୍? କୋକ ଓଭେନ୍ସ ବିଭାଗର ଡିଜିଏମ ସମ୍ପଦ ମିଶ୍ର ଏବଂ ଏସଇଡି ବିଭାଗର ସିନିୟର ମ୍ୟାନେଜର ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ଦ୍ୱାରା ଏକ କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ପିଆରସିଆଇ ନ୍ୟାସନାଲ୍ ଚାପ୍ଟରର ନିର୍ଦ୍ଦେଶକ ଜେ ଜେ ଦାସ ଏବଂ ଉଦ୍ୟାନ କୃଷି ବିଭାଗର ଡିଜିଏମ୍ ଡକ୍ଟର ସତ୍ୟ ନାରାୟଣ ମିଶ୍ର ଦୁଇଟି ଅଧିବେଶନରେ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶ୍ରୀ ଶାହିନ୍ ଶେଖ ପୂର୍ବାହ୍ନ ଅଧିବେଶନର ସଂଯୋଜନା କରିଥିବା ବେଳେ ପ୍ରତିମା ସାହୁ କାର୍ଯ୍ୟକ୍ରମର ବୈଷୟିକ ଅଧିବେଶନର ପରିଚାଳନା କରିଥିଲେ।




## ୭୫ତମ ରାଜ୍ୟ ପୁଲିସ ହକି ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ

# କମିଶନରେଟ୍ ଏ ଚାମ୍ପିଅନ୍; ତୃତୀୟରେ ରାଉରକେଲା






**ରାଉରକେଲା, ୨୫ା୨(ସମିସ)**

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ଠାରେ ଚାଲିଥିବା ୭୫ତମ ରାଜ୍ୟ ପୁଲିସ ହକି ଚାମ୍ପିଅନ୍‌ସିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ହକି ପ୍ରତିଯୋଗିତାରେ ଭୁବନେଶ୍ୱର କମିଶନରେଟ ଏ ଚାମ୍ପିଅନ୍ ହୋଇଥିବା ବେଳେ ୬ଷ୍ଠ ଓଏସଏପି ବାଟାଲିୟନ କଟକ ରନର୍ସ ଅପ୍ ହୋଇଥିଲା। ରାଉରକେଲା ପୁଲିସ ଜିଲ୍ଲା ତୃତୀୟ ସ୍ଥାନରେ ରହିଥିବା ଜଣାପଡ଼ିଛି। ଉଦ୍‌ଯାପନୀ ଉତ୍ସବରେ ଉତ୍ତରାଞ୍ଚଳ ପୁଲିସ ଡିଆଇଜି ହିମାଂଶୁ ଲାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପଶ୍ଚିମାଞ୍ଚଳ ପୁଲିସ ଡ଼ିଆଇଜି ବ୍ରିଜେଶ କୁମାର ରାଏ, ରାଉରକେଲା ଏସପି ନିତେଶ ୱାଧୱାନୀ, ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର, ଝାରସୁଗୁଡ଼ା ଏସ୍‌ପି ରାଘବେନ୍ଦ୍ର ଗୁଣ୍ଡଲା, କେନ୍ଦୁଝର ଏସ୍‌ପି କୁଲକ୍କର ନିତିନ୍ ଓ ବଣାଇଁ ଡିଏଫ୍‌ଓ ଲଳିତ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ମ୍ୟାଚରେ ଭୁବନେଶ୍ୱର କମିଶନରେଟ 'ଏ' ଦଳ ୬ଷ୍ଠ ଓଏସଏପି ବାଟାଲିୟନ କଟକ ଦଳକୁ ୪-୩ ଗୋଲରେ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା। ଏହି ଅବସରରେ ଚାମ୍ପିଅନ୍ ଦଳ ଭୁବନେଶ୍ୱର କମିଶନରେଟ 'ଏ' ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା ବେଳେ ରନର୍ସ ଅପ୍ ଦଳ ୬ଷ୍ଠ ଓଏସଏପି ବାଟାଲିୟନ କଟକ ଦଳକୁ ସାଢ଼େ ଟ୍ରଫି ସହ ୭ ହଜାର ଟଙ୍କା ଏବଂ ତୃତୀୟ ସ୍ଥାନରେ ରହିଥିବା ରାଉରକେଲା ପୁଲିସ ଜିଲ୍ଲାକୁ ଟ୍ରଫି ସହ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

**କଟକ ୬ଷ୍ଠ ଓଏସଏପି ବାଟାଲିୟନ ରନର୍ସଅପ୍**

# ମ୍ୟୁନିସିପାଲ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ରାଉରକେଲା, ୨୫ା୨ (ସମିସ):** ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ୪୫ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ମହାବିଦ୍ୟାଳୟର ଖେଳ ପଡ଼ିଆର ନବୀକରଣ ନିମିତ୍ତ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଘୋଷଣା କରିଥିଲେ। ସମ୍ମାନିତ ଅତିଥି ରୂପେ ହାଇଟେକ ମେଡିକାଲ କଲେଜର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଫେସର ଡ. ରାକେଶ ପାଣିଗ୍ରାହୀ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୂପେ ଆନ୍ତର୍ଜାତୀୟ କୋଚ ଡ. ଶିବ ପ୍ରସାଦ ମିଶ୍ର ଯୋଗଦେଇ ମ୍ୟୁନିସିପାଲ କଲେଜ ଏକ କ୍ରୀଡ଼ା ହବ ବୋଲି କହିବା ସହ ବିଭିନ୍ନ ଅନ୍ତର୍ଜାତୀୟ ଅଥଲେଟ ଏହି କଲେଜକୁ ଆଡିମିଶନ ପାଇଁ ପଠାଇବା ସହିତ ଖେଳ ପଡ଼ିଆର ଉନ୍ନତିକରଣରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଯୁକ୍ତ ଦୁଇ ବାଳକ ବିଭାଗରେ ଆୟୁଷ୍ମାନ ମହାପାତ୍ର, ବାଳିକା ବିଭାଗରେ ଆଞ୍ଜେଲିନା ତିଗା ଏବଂ ଯୁକ୍ତ ତିନି ବାଳକ ବିଭାଗରେ ମହାବୀର ଖଡିଆ ଏବଂ ବାଳିକା ବିଭାଗରେ ବିଶାଖା ସା ଚାମ୍ପିଅନ୍ ହୋଇ ମୁଖ୍ୟ ଅତିଥିଙ୍କଠାରୁ ଟ୍ରଫି ଏବଂ ମାନପତ୍ର ଗ୍ରହଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ ସୁବାସ ଚନ୍ଦ୍ର ବଳ, ସତ୍ୟ ରଞ୍ଜନ ପଣ୍ଡା, ଅଜୟ କୁମାର ରାଉତ, ସନ୍ଧ୍ୟାରାଣୀ ପରିଜା, କିରଣ ଏରିକା ଖାଲଖୋ, ବିନୋଦ ବେକ, ଅମିୟା ଟପ୍ପୋ, ଶିଳ୍ପୀ ଲାକ୍ରା ଏବଂ ଏନସିସି କ୍ୟାଡେଟମାନେ ସହଯୋଗ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ହରିହର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ସକାଳ THE SAKALA



**ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଦାବି ରଖିଲେନି ସରକାର**

# ଶୁକ୍ରବାର କୋଡ଼ିଏ ଜିଲ୍ଲାରେ ରାସ୍ତାରୋକ

**ସମ୍ବଲପୁର, ୨୫।୨(ସମିସ)**

ରାଜ୍ୟ ସରକାରଙ୍କୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ବାରମ୍ବାର ହକ୍ ପାଇଁ ଲଢେଇ କରିଛି। ଅନେକ ସମୟରେ ବିଭିନ୍ନ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନା କରିଛି।

## ପରୀକ୍ଷା ବ୍ୟାଘାତ ନ ହେବା ପାଇଁ ୧୦ଟାରୁ ବନ୍ଦ ଡାକରା

## କେଏଲଡିବିର ସଂଶୋଧନ ଆବଶ୍ୟକ

ବାରମ୍ବାର ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କୌଣସି ଦୃଷ୍ଟି ଆକର୍ଷଣ କଲାଭଳି ପଦକ୍ଷେପ ଗ୍ରହଣ କଲେ ନାହିଁ। ଯାହାଫଳରେ ୧୭ ଦଫା ଦାବି ପୂରଣ ନେଇ ଆଗାମୀ ୨୭ ତାରିଖ ଶୁକ୍ରବାର ଦିନ ସଂଘ ବନ୍ଦ ଡାକରା ଦେଇଥିବା ସଂଘ ସଭାପତି ବିଜୟ ମହାନ୍ତି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ଫେବୃଆରୀ ୨୦ ଓ ୨୧ ତାରିଖ ଦୁଇ ଦିନ ଧରି ରାଜ୍ୟର କେନ୍ଦୁପତ୍ର ଉତ୍ପାଦନ ଅଞ୍ଚଳର ଶତାଧିକ ରେଞ୍ଜ କାର୍ଯ୍ୟାଳୟ ଏବଂ ଡିଏଫ୍ଓଙ୍କ କାର୍ଯ୍ୟାଳୟରେ ହଜାର ହଜାର ସଂଖ୍ୟାରେ କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ତଥା ଆନୁସଙ୍ଗିକ ଶ୍ରମିକମାନେ ଗଣଧାରଣାରେ ଯୋଗ ଦେଇଥିଲେ। ଦୁଇଦିନ ଧରି ଉକ୍ତ ରେଞ୍ଜ ଓ ଡିଏଫ୍ଓଙ୍କ କାର୍ଯ୍ୟାଳୟରେ ଶହଶହ ଦସ୍ତଖସ୍ତ ସମ୍ବଳିତ ଦାବିପତ୍ର ରେଞ୍ଜ କମିଟି ମାନେ ଅଫିସରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ଦେଇଛନ୍ତି। ପୂର୍ବରୁ ମଧ୍ୟ ଗତ ବର୍ଷ ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ଡିଭିଜନସ୍ତରରେ ବିକ୍ଷୋଭ ପ୍ରଦର୍ଶନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା।




ସଂଘର ସାଂଗଠାନିକ ସମ୍ପାଦକ ସଞ୍ଜିତ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ସମ୍ବଲପୁରରେ ଏପ୍ରିଲ ୨୧ ତାରିଖରେ ଜନଶୁଣାଣିରେ ମଧ୍ୟ ପ୍ରତ୍ୟକ୍ଷ ଭାବରେ ଦାବିପତ୍ର ଦେଇ ଆଲୋଚନା କରାଯାଇଥିଲା। ମନ୍ତ୍ରୀ, ସଚିବ ଓ ବିଭାଗୀୟ ମୁଖ୍ୟଙ୍କ ସହିତ ମଧ୍ୟ ବହୁ ପୂର୍ବରୁ ଆଲୋଚନା ହୋଇଛି। ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ସରକାର ଏଥିପ୍ରତି ପଦକ୍ଷେପ ଗ୍ରହଣ କରୁନାହାନ୍ତି। କେନ୍ଦୁପତ୍ର ତୋଳାଳି ଓ ଶ୍ରମିକମାନେ ବର୍ତ୍ତମାନର ବିଜେପି ସରକାର ତାଙ୍କ ନିର୍ବାଚନ ଇସ୍ତାହାରକୁ ମଧ୍ୟ କାର୍ଯ୍ୟକାରୀ ନ କରିବା ଯୋଗୁଁ ଶ୍ରମିକମାନେ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ପରୀକ୍ଷା ଥିବାରୁ ୨୭ରେ ଦାବିପୂରଣ ପାଇଁ ପୂର୍ବାହ୍ନ ୧୦ଟାରୁ ରାଜ୍ୟର ବିଭିନ୍ନ ସ୍ଥାନରେ 'ରାସ୍ତାରୋକ' ଆନ୍ଦୋଳନ କରାଯିବ ବୋଲି ସମ୍ପାଦକ କହିଛନ୍ତି। ଏଥିରେ ହାରାହାରି ୨୦ ଟି ଜିଲ୍ଲାର ହଜାର ହଜାର ତୋଳାଳି - କର୍ମଚାରୀ - ଶ୍ରମିକ ଯୋଗ ଦେଇ ନିଜର ନାର୍ଯ୍ୟ ଦାବି ଜଣାଇବେ। ସଂଘର ଦାବିଗୁଡ଼ିକ ହେଉଛି ତୋଳାଳିମାନଙ୍କର କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି କରାଯାଉ, ସିଜିନାଲ କର୍ମଚାରୀ ମାନଙ୍କର ସର୍ବନିମ୍ନ ମଜୁରୀ ବୃଦ୍ଧି ଅନୁପାତରେ ୨୦୨୪ ମସିହା ଜୁଲାଇ ୧୮ ତାରିଖରୁ ମାସିକ ମଜୁରୀ ବୃଦ୍ଧି କରାଯାଉ, ବନ୍ଧେଇ ଶ୍ରମିକମାନଙ୍କ ପାଇଁ ବଣ୍ଡଲ ପ୍ରତି ଦରବୃଦ୍ଧି କରାଯାଉ, କେନ୍ଦୁପତ୍ର ଫଡି ଉଚ୍ଛେଦ ବନ୍ଦ କରାଯାଉ, ପ୍ରସ୍ତାବିତ ୫/୬ଟି ଡିଭିଜନରେ ପରୋକ୍ଷ ଘରୋଇକରଣ ବନ୍ଦ କରାଯାଉ, କେନ୍ଦୁପତ୍ରରେ ଜି.ଏସ୍.ଟି. ହ୍ରାସ ପରେ ବିକ୍ରି ମୂଲ୍ୟ ବୃଦ୍ଧି ପାଇଁ ସମୀକ୍ଷା କରାଯାଉ, ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କେ.ଏଲ.ଡି.ବି.ର ଆବଶ୍ୟକୀୟ ସଂଶୋଧନ ସହ ସଂଘର ମତାମତ ନେଇ ସଂଘର ସଦସ୍ୟ ମନୋନୀତ କରାଯାଉ, ପି.ସି.ସି.ଏଫ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ତୋଳାଳୀ, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ମାନଙ୍କ କଲ୍ୟାଣ ଟ୍ରଷ୍ଟ ବୋର୍ଡର ବୈଠକ ଶୀଘ୍ର ଆହ୍ୱାନ କରାଯାଉ, ବୋନସ ପ୍ରଦାନ ଶତକଡା ହିସାବରେ ଗତ ବର୍ଷ ଠାରୁ ଅଧିକ ବୃଦ୍ଧି କରାଯାଉ, ମୃତକ ପରିବାରଙ୍କ ମୃତ୍ୟୁକାଳୀନ ସହାୟତା ୨ ଲକ୍ଷରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ, ସିଜିନାଲ କର୍ମଚାରୀମାନଙ୍କ ପାଇଁ ରୋଗରେ ପୀଡ଼ିତ ହେଲେ ଛୁଟିର ବ୍ୟବସ୍ଥା କରାଯାଉ, ଆଦିବାସୀ ଅନୁସୂଚିତ ଜୟପୁର, ନବରଙ୍ଗପୁର ଓ ଖଡ଼ିଆଳ ଡିଭିଜନର ଫାଲ ଏରିଆକୁ ପ୍ରୋସେସିଂ ଏରିଆରେ ପରିଣତ କରାଯାଉ, ବିଭିନ୍ନ ଡିଭିଜନରେ ଖାଲି ପଡ଼ି ଥିବା ସିଜିନାଲ କର୍ମଚାରୀଙ୍କ ସ୍ଥାନ ପଦୋନ୍ନିତ ଭିତ୍ତିରେ ପୂରଣ କରାଯାଉ, ସ୍ଥାୟୀ ୱାଚକମାନଙ୍କ ଏରିୟର ପେମେଣ୍ଟ ଦିଆଯାଉ, ମୁନସୀ ଓ ଫଡିସାଥୀମାନଙ୍କ ଧାର୍ଯ୍ୟ ସମୟଠାରୁ କାର୍ଯ୍ୟକାଳ ହ୍ରାସ କରା ନ ଯାଉ ଏବଂ ଧାର୍ଯ୍ୟ ସମୟ ଅନୁଯାୟୀ ମାସିକ ମଜୁରୀ ଦିଆଯାଉ, ଓଏଫ୍‌ଡିସିକୁ କେନ୍ଦୁପତ୍ର ସଂସ୍ଥାର କାର୍ଯ୍ୟକାରିତା ପାଇଁ ରିଭଲଭିଂ ପାଣ୍ଠି ଯୋଗାଇ ଦିଆଯାଉ ଓ ବଜେଟରେ କେନ୍ଦୁପତ୍ର ସଂସ୍ଥାର କାର୍ଯ୍ୟରତ ଶ୍ରମିକମାନଙ୍କର ସାମାଜିକ ନିରାପତ୍ତା ସହାୟତା ପାଇଁ ୨୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଉ। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ମିଡିଆ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଇଇ ମେନ୍ (ବି.ପ୍ଲାନିଂ)ରେ ଶ୍ଳୋକ ନନ୍ଦନ ନାଏକ ଓଡ଼ିଶା ଟପ୍ପର



**ସମ୍ବଲପୁର, ୨୫।୨ (ସମିସ):** ସମ୍ବଲପୁରର ଶ୍ଳୋକ ନନ୍ଦନ ନାଏକ ୨୦୨୬ରେ ଜେଇଇ ମେନ୍ (ବି.ପ୍ଲାନିଂ) ରେ ୯୯.୨୬ ପରସେଣ୍ଟାଇଲ୍ ରଖି ଓଡ଼ିଶା ରାଜ୍ୟ ଟପ୍ପର୍ ହୋଇଛନ୍ତି। ଓଡ଼ିଶା ପାଇଁ ଏହା ଏକ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ। ଏହା ଏନ୍‌ଟିଏ (ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି) ଦ୍ୱାରା ଗତକାଲି ପ୍ରକାଶିତ ତାଲିକାରେ ପ୍ରକାଶ ପାଇଛି। ଶ୍ଳୋକଙ୍କ ଉଲ୍ଲେଖନୀୟ ସଫଳତା କେବଳ ରାଜ୍ୟ ପାଇଁ ନୁହେଁ ବରଂ ତାଙ୍କ ଅନୁଷ୍ଠାନ, ବିଦ୍ୟା ବିକାଶ ଶାସନ ସମ୍ବଲପୁର କ୍ୟାମ୍ପସ ପାଇଁ ମଧ୍ୟ ଗୌରବ ଆଣିଛି, ଯେଉଁଠାରେ ସେ ପ୍ରବେଶିକା ଏବଂ ବୋର୍ଡ ପରୀକ୍ଷା ପାଇଁ ସମନ୍ୱିତ ବ୍ୟାଚ୍‌ରେ ଆଇଆଇଟି-ଜେଇଇ ପ୍ରସ୍ତୁତି କରୁଛନ୍ତି। ତାଙ୍କର ସଫଳତା ତାଙ୍କର କଠିନ ପରିଶ୍ରମ, ଶୃଙ୍ଖଳିତ ପ୍ରସ୍ତୁତି ଏବଂ ପ୍ରତିଷ୍ଠାନର ଉତ୍ସର୍ଗୀକୃତ ଅଧ୍ୟାପକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରଣନୈତିକ ଶୈକ୍ଷିକ ମାର୍ଗଦର୍ଶନର ପ୍ରମାଣ ସ୍ୱରୂପ ରହିଛି। ବିଦ୍ୟା ବିକାଶ କ୍ୟାମ୍ପସ ଦ୍ୱାରା ଗ୍ରହଣ କରାଯାଇଥିବା ସମନ୍ୱିତ କୋଚିଂ ମଡେଲ୍, ପ୍ରତିଯୋଗିତା ମୂଳକ ପରୀକ୍ଷା ପ୍ରସ୍ତୁତି ସହିତ ବୋର୍ଡ ପାଠ୍ୟକ୍ରମକୁ ମିଶ୍ରଣ କରି ପୁଣିଥରେ ଜାତୀୟସ୍ତରରେ ଏହାର ପ୍ରଭାବଶାଳୀତା ପ୍ରଦର୍ଶନ କରିଛି। ବିଦ୍ୟା ବିକାଶ ଅନୁଷ୍ଠାନ ଶ୍ରୀମାନ ଶ୍ଳୋକ ନନ୍ଦନଙ୍କ ଅଭିଭାବକ ସୁସ୍ମିତା ନାୟକ ଓ ସୁବାସ ଚନ୍ଦ୍ର ନାୟକଙ୍କ ପ୍ରତି ତାଙ୍କର ଅବିରତ ସହଯୋଗ ଓ ଆସ୍ଥା ପାଇଁ ଗଭୀର କୃତଜ୍ଞତା ତଥା ଆନ୍ତରିକ ଧନ୍ୟବାଦ ଜଣାଉଛି। ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା ଏହି ସଫଳତା ପାଇଁ ଖୁସି ପ୍ରକାଶ କରି, ଶ୍ଳୋକଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ତାଙ୍କ ପ୍ରସ୍ତୁତି ଯାତ୍ରାରେ ତାଙ୍କୁ ମାର୍ଗଦର୍ଶନ କରିଥିବା ଶିକ୍ଷକ ଏବଂ ପରାମର୍ଶଦାତାଙ୍କ ସାମୂହିକ ପ୍ରୟାସକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଏପରି ସଫଳତା ଶିକ୍ଷାଗତ ଉତ୍କର୍ଷତା ପ୍ରତି ଅନୁଷ୍ଠାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ୨୮ ଓ ୧ରେ ସମ୍ବଲପୁର ସେଲିବ୍ରିଟି ଲିଗ୍ କ୍ରିକେଟ୍

**ସମ୍ବଲପୁର, ୨୫।୨ (ସମିସ) :** ଫୋର୍-ସି ଗ୍ରାଉଣ୍ଡରେ ଆସନ୍ତା ୨୮ ଓ ମାର୍ଚ୍ଚ ୧ ତାରିଖ ଦୁଇଦିନିଆ 'ସମ୍ବଲପୁର ସେଲିବ୍ରିଟି ଲିଗ-୨୦୨୬' ଆୟୋଜନ ପାଇଁ ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ କମିଟି ସଦସ୍ୟ ନନ୍ଦକିଶୋର ସାହୁଙ୍କ ଅଧ୍ୟକ୍ଷତା ଓ ବିପ୍ଳବ ଡନସନାଙ୍କ ପରିଚାଳନାରେ ସେଲିବ୍ରିଟି ଲିଗ୍‌ର ରୂପରେଖ ସ୍ଥିର କରାଯାଇଥିଲା। ଏଥିରେ ଗତବର୍ଷ ଭଳି 'ଫୋକ୍ ଇଲେଭେନ୍', 'ଥିଏଟର ଲିଜେଣ୍ଡସ୍', 'ରକ୍‌ଷ୍ଟାର୍-୧୧' ଏବଂ 'ନ୍ୟୁଜ୍ ୱାରିଅର୍' ଦଳ ଭାଗ ନେବେ। ପ୍ରତିଦିନ ସକାଳ ୮ଟାରୁ ୩ଟି ଲେଖାଏ ଲିଗ୍ ମ୍ୟାଚ୍ ହେବାସହ ୧ ତାରିଖ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଗୁଡ଼ିକ ୮ ଓଭର ବିଶିଷ୍ଟ ହେବାକୁ ଥିବାବେଳେ ଫାଇନାଲ ମ୍ୟାଚ୍ ୧୨ ଓଭର ବିଶିଷ୍ଟ ହେବ। ପ୍ରତି ଛକ୍କା ଓ ଚୌକାକୁ ପାରମ୍ପରିକ ଦୁଲଦୁଲି ବାଜାସହ ସ୍ୱାଗତ କରାଯିବାର ବ୍ୟବସ୍ଥା ରହିବ। ପ୍ରସ୍ତୁତି ବୈଠକରେ ୪ଟି ଦଳର ଅଧିନାୟକ ମହେଶ ପଟେଲ, ରାହୁଲ ଗୁପ୍ତା, ଦୀପକ ମିଶ୍ର ଏବଂ ଚୈତନ୍ୟ ନାୟକ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ

**ସମ୍ବଲପୁର, ୨୫।୨ (ସମିସ):** ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଆଜି ୨୦୨୭ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଜନଗଣନା ନିମନ୍ତେ ଜନଗଣନା ଅଧିକାରୀଙ୍କ ଜିଲ୍ଲାସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିସଂଖ୍ୟାନ ଅନୁସନ୍ଧାନକାରୀ ଅଭିଷେକ ମିଶ୍ର ଏବଂ ପରିସଂଖ୍ୟାନ ଅନୁସନ୍ଧାନକାରୀ (ଗ୍ରେଡ-୨) ଆଶୁତୋଷ କୁମାର ସିଂହଙ୍କ ଦ୍ୱାରା 'ସେନସସ୍ ମ୍ୟାନେଜମେଣ୍ଟ ଆଣ୍ଡ ମୋନିଟରିଂ ସିଷ୍ଟମ୍' (ସିଏମ୍‌ଏମ୍‌ଏସ୍) ର ବିଭିନ୍ନ ମଡ୍ୟୁଲ ସମ୍ପର୍କରେ ବିସ୍ତୃତ ଧାରଣା ପ୍ରଦାନ କରାଯାଇଥିଲା। ଏଚ୍‌ଏଲ୍‌ଓ ମାଧ୍ୟମରେ ଘର ତାଲିକାକରଣ ଓ ଗୃହ ଜନଗଣନା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ପରିଭାଷା, ସିଏମ୍‌ଏମ୍‌ଏସ୍ ପୋର୍ଟାଲର ବିଭିନ୍ନ ବୈଶିଷ୍ଟ୍ୟ, ଏଚ୍‌ଏଲ୍‌ବିସି ୱେବ୍ ଆପ୍ଲିକେସନ୍, ଜିଆଇଏସ୍ ମ୍ୟାପିଙ୍ଗ୍, ଡିସିଏଚ୍‌ବି ଓ ସ୍ୱୟଂ-ଗଣନା (ସେଲଫ ଏନୁମେରେସେନ୍) ପ୍ରକ୍ରିୟା ସହିତ ଗ୍ରାମ, ସହର ଏବଂ ଚାର୍ଜ ରେଜିଷ୍ଟରର ଉପରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆସନ୍ତା ଜନଗଣନା କାର୍ଯ୍ୟକ୍ରମକୁ ସଠିକ୍, ସମୟୋପଯୋଗୀ ଓ ପ୍ରଯୁକ୍ତିମୂଳକ ପଦ୍ଧତିରେ ସମ୍ପାଦନ କରିବା। ସିଏମ୍‌ଏମ୍‌ଏସ୍ ମାଧ୍ୟମରେ ତଥ୍ୟ ସଂଗ୍ରହ, ପର୍ଯ୍ୟବେକ୍ଷଣ ଓ ପରିଚାଳନା କାର୍ଯ୍ୟକୁ ସୁଚାରୁ ଭାବେ କିପରି କରାଯିବ, ସେ ବିଷୟରେ ପ୍ରଶିକ୍ଷକମାନେ ପ୍ରାୟୋଗିକ ଉପସ୍ଥାପନ ଦେଇଥିଲେ। ଏଚ୍‌ଏଲ୍‌ଓ ଅପରେସନ ମ୍ୟାନେଜମେଣ୍ଟ ମାଧ୍ୟମରେ ହାଉସଲିଷ୍ଟିଂ ସମ୍ପର୍କିତ ତଥ୍ୟ ସଂଗ୍ରହ ଓ ନିରୀକ୍ଷଣ ପ୍ରକ୍ରିୟା ବିଷୟରେ ସ୍ପଷ୍ଟ ଧାରଣା ଦିଆଯାଇଥିଲା। ଏଥିରେ ଜନଗଣନା କର୍ମଚାରୀ ଘରକୁ ଘର ଗଠନ, ଘରୋଇ ସମ୍ପତ୍ତି ଏବଂ ପରିବାର ସମ୍ବନ୍ଧୀୟ ମୌଳିକ ସୂଚନା ସଂଗ୍ରହ କରିବେ। ନିଜର ତଥ୍ୟ ନିଜେ ଦାଖଲ କରିବାକୁ ଚାହୁଁଥିବା ବାସିନ୍ଦା (ସ୍ୱୟଂ-ଗଣନା)ଙ୍କ ପାଇଁ ଏପ୍ରିଲ୍ ୧ ରୁ ଏପ୍ରିଲ୍ ୧୫, ୨୦୨୬ ପର୍ଯ୍ୟନ୍ତ ଏକ ୧୫ ଦିନିଆ ୱିଣ୍ଡୋ ଉପଲବ୍ଧ ରହିବ। ଏହାସହିତ ଟ୍ରେନିଂ ମଡ୍ୟୁଲ୍ ମାଧ୍ୟମରେ ଅଧିକାରୀ ମାନଙ୍କ ପ୍ରଶିକ୍ଷଣ ପ୍ରବନ୍ଧନ ଓ ପ୍ରିଣ୍ଟିଂ ଆଣ୍ଡ ଲଜିଷ୍ଟିକ୍ ମଡ୍ୟୁଲ୍ ଦ୍ୱାରା ଆବଶ୍ୟକ ପ୍ରିଣ୍ଟିଂ ସାମଗ୍ରୀ ଓ ଲଜିଷ୍ଟିକ୍ସ ବ୍ୟବସ୍ଥାପନା ବିଷୟରେ ଅଲୋଚନା କରାଯାଇଥିଲା।





## ସାଧାରଣ ବିଜ୍ଞାନ ପରୀକ୍ଷା ଦେଲେନି ୧୨୯

**ସମ୍ବଲପୁର, ୨୫।୨ (ସମିସ) :** ଗତ ୧୯ ତାରିଖରୁ ଆରମ୍ଭ ହୋଇଛି ମାଧ୍ୟମିକ ଶିକ୍ଷା ବୋର୍ଡର ମାଟ୍ରିକ ପରୀକ୍ଷା। ଆଜି ପରୀକ୍ଷାର ଚତୁର୍ଥ ପତ୍ର ଥିଲା ସାଧାରଣ ବିଜ୍ଞାନ ପରୀକ୍ଷା। ସମ୍ବଲପୁର ଜିଲ୍ଲାରେ ୧୨୯ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ସମ୍ବଲପୁର ଜିଲ୍ଲାରେ ୨୧୩ଟି ହାଇସ୍କୁଲର ପରୀକ୍ଷାର୍ଥୀ ୮୧ଟି କେନ୍ଦ୍ରରେ ପରୀକ୍ଷା ହେଉଛି। ମାଟ୍ରିକ ପରୀକ୍ଷାରେ ଜିଲ୍ଲାର ରେଗୁଲାର ଓ ଏକ୍ସ-ରେଗୁଲାର ୧୧୪୯୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧୩୬୭ ଜଣ ପରୀକ୍ଷା ଦେଇଛନ୍ତି, ୧୨୯ ଜଣ ଅନୁପସ୍ଥିତ ଥିଲେ। ସେହିପରି କରେସ୍‌ପଣ୍ଡେନ୍ସ କୋର୍ସ (ସିସି) ପରୀକ୍ଷାରେ ୩୮ରୁ ୫ ଜଣ ଅନୁପସ୍ଥିତ ଥିବାବେଳେ ମଧ୍ୟମାରେ ସମସ୍ତ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏସ୍‌ଓଏସ୍‌ସି ପରୀକ୍ଷାରେ ୧୯୫ ଜଣରୁ ୪୫ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ସମ୍ବଲପୁର ଜିଲ୍ଲାରେ ଆଜି କେହି ଜଣେହେଲେ କପି କରି ଧରାପଡ଼ିନାହାନ୍ତି। ବୁଧବାର ପରୀକ୍ଷା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଟି ଫ୍ଲାଇଂ ସ୍କ୍ୱାଡ୍ ୭ଟି ଓ ୩ଟି କେନ୍ଦ୍ର ପରିଦର୍ଶନ କରିଥିବାବେଳେ ଡିଇଓ କାର୍ଯ୍ୟାଳୟ ସ୍କ୍ୱାଡ୍ ୬ଟି ଏବଂ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସ୍କ୍ୱାଡ୍ ୬ଟି ଏହିଭଳି ମୋଟ ୨୨ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରୀକ୍ଷା ପରିଚାଳନା ତଦାରଖ କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ସିସିଟିଭି କ୍ୟାମେରା ସହ ଲାଇଭ୍ ଷ୍ଟ୍ରିମିଂ ହେଉଥିବାବେଳେ ମାଧ୍ୟମିକ ଶିକ୍ଷା ବୋର୍ଡ କାର୍ଯ୍ୟାଳୟ, କଟକରୁ ତାହାକୁ ମନିଟରିଂ କରାଯାଉଛି। ପ୍ରଥମଥର ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପର୍ଯ୍ୟବେକ୍ଷକ ନିୟୋଜିତ କରାଯାଇଛି। ଆସନ୍ତା ୨୭ ତାରିଖରେ ସାମାଜିକ ବିଜ୍ଞାନ ଏବଂ ଶେଷଦିନ ମାର୍ଚ୍ଚ ୨ ତାରିଖରେ ଗଣିତ ପରୀକ୍ଷା ହେବ।

## ପଶ୍ଚିମରେ ବିଜ୍ଞାନ ପରୀକ୍ଷା ଦେଲେନି ୨୩୮୨

**ସମ୍ବଲପୁର, ୨୫।୨ (ସମିସ) :** ଆଜି ମାଟ୍ରିକ ପରୀକ୍ଷାର ଚତୁର୍ଥ ପତ୍ରରେ ମଧ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡର ସମ୍ବଲପୁର ଜୋନ୍ ଅଧୀନ ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାରେ ୨୩୮୨ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ସୂଚନା ଅନୁଯାୟୀ, ବୁଧବାର ପରୀକ୍ଷାର ସମ୍ବଲପୁର ଜୋନ୍ ଅଧୀନ ସମ୍ବଲପୁର ଜିଲ୍ଲାରେ ୧୧୪୯୬ ଜଣରୁ ୧୨୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ଦେବଗଡ଼ ଜିଲ୍ଲାରେ ୪୦୫୭ ରୁ ୭୮, କଳାହାଣ୍ଡି ଜିଲ୍ଲାରେ ୨୧୧୦୨ ରୁ ୪୩୭, ବରଗଡ଼ ଜିଲ୍ଲାରେ ୧୭୬୩୭ ରୁ ୨୩୧, ସୁନ୍ଦରଗଡ଼ ଜିଲ୍ଲାରେ ୨୪୦୦୭ ରୁ ୩୧୬, ବଲାଙ୍ଗୀର ଜିଲ୍ଲାରେ ୨୩୪୯୦ ରୁ ୭୦୬, ଝାରସୁଗୁଡ଼ା ଜିଲ୍ଲାରେ ୬୧୩୩ ରୁ ୧୧୬, ସୁବର୍ଣ୍ଣପୁର ଜିଲ୍ଲାରେ ୮୧୮୧ ରୁ ୧୫୮ ଏବଂ ନୂଆପଡ଼ା ଜିଲ୍ଲାରେ ୯୬୩୬ ରୁ ୨୧୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇନାହାନ୍ତି। ଅନ୍ୟପକ୍ଷରେ ଆଜି ମଧ୍ୟ ପଶ୍ଚିମର ୯ଟି ଜିଲ୍ଲାରୁ ପରୀକ୍ଷାରେ କପିକରି ଜଣେ ହେଲେ ଧରା ପଡ଼ିନାହାନ୍ତି।

## ମହିଳାଙ୍କୁ ଧକ୍କା ଦେଲା କାର୍

**ସମ୍ବଲପୁର, ୨୫।୨(ସମିସ):** ଦ୍ରୁତଗାମୀ କାର୍ ଧକ୍କାରେ ମହିଳା ଗୁରୁତର। ସଦର ଥାନା ସିନ୍ଦୁରପଙ୍କ ଛକରେ ଏପରି ଘଟଣା ଘଟିଯାଇଛି। ଦୁର୍ଘଟଣା ଘଟାଇଥିବା କାର୍ ଜବତ କରିବା ସହ ଅଭିଯୁକ୍ତ ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଅଇଁଠାପାଲି ଥାନା ପ୍ରଧାନପଡ଼ାର ସୌରଭ କୁମାର ଜେନା(୨୪)। ଗୁରୁତର ଅବସ୍ଥାରେ ନବପଡ଼ାର ପିଙ୍କି ନାଏକ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି। ପିଙ୍କି ରାସ୍ତାରେ ଝାଡୁ କରୁଥିବା ବେଳେ ଗାଡ଼ିଟି ଧକ୍କା ଦେଇଥିଲା। ଯାହା ଫଳରେ ତାଙ୍କ ବାମ ଗୋଡର ତିନୋଟି ଆଙ୍ଗୁଳି ନଷ୍ଟ ହୋଇଯାଇଛି।

## ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି



**ସମ୍ବଲପୁର, ୨୫।୨ (ସମିସ) :** ଧନୁପାଲିସ୍ଥିତ ଗୋପାଳଜୀ ମନ୍ଦିର ପରିସରରେ ଆଜି ଅପରାହ୍ନରେ ବିଶିଷ୍ଟ ଡାକ୍ତର, ରାଜନେତା ଓ ସମାଜସେବୀ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆତ୍ମାର ସଦ୍‌ଗତି ପାଇଁ ପ୍ରଥମେ ଦୁଇମିନିଟ ନିରବ ପ୍ରାର୍ଥନା ସହ ଅଞ୍ଚଳର ସବୁ ଅନୁଷ୍ଠାନରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦିବଂଗତ ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତପନ ଗୁରୁ ପ୍ରାରମ୍ଭିକ ସୂଚନା ପରେ ସଭାର ସଭାପତି ରାଜେନ୍ଦ୍ର ପଣ୍ଡା, ଶେଫାଳିରାଣୀ ଦାଶ, ଡୋଳାମଣି ମେହେର, ବ୍ରଜେନ୍ଦ୍ର ନାୟକ, ସୂର୍ଯ୍ୟ ପାଣିଗ୍ରାହୀ, ପୃଥ୍ୱୀରାଜ ମିଶ୍ର, ସୌରଭ ରଞ୍ଜନ ମହାପାତ୍ର, ହିରାଲାଲ ବାରିକ, ସନ୍ତୋଷ ମିଶ୍ର, ପ୍ରଫୁଲ୍ଲ ଗୁରୁ, ସଂଯୁକ୍ତା ସିଂହଦେଓ ପ୍ରମୁଖ ସ୍ୱର୍ଗତା ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ପଫେସର ସଚିନ୍ଦ୍ର ମିଶ୍ର, ସୁଧୀର ଦାଶ, ଦିଲ୍ଲୀପ ମିଶ୍ର, ଅଶୋକ ସେନାପତି, ପ୍ରକାଶ ନାୟକ, ରାଧାକାନ୍ତ ବହିଦାର, ବିଶ୍ୱରଞ୍ଜନ ପତି, ଉପେନ୍ଦ୍ର ମାଝୀ, ମାନଭଞ୍ଜନ ମିଶ୍ର, ଭକ୍ତ ପ୍ରସାଦ ପଣ୍ଡା, ହର୍ଷ ସାମଲଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ସଭା ପରିଚାଳନାରେ ମନୋରଞ୍ଜନ ପାଣିଗ୍ରାହୀ ଓ ସବିତା ଦେବୀ ସହଯୋଗ କରିଥିଲେ।

## ରାଜ୍ୟ କୁସ୍ତି ଖେଳାଳିଙ୍କ ତାମିଲନାଡୁ ଗସ୍ତ





**ସମ୍ବଲପୁର, ୨୫।୨ (ସମିସ) :** ଓଡ଼ିଶା ରାଜ୍ୟ କୁସ୍ତି ଅଣ୍ଡର୍-୧୫ ଦଳ ସମ୍ବଲପୁର ରେଲଷ୍ଟେସନରୁ ତାମିଲନାଡୁ ଗସ୍ତ କରିଛନ୍ତି। ଏହି ଦଳରେ ସମ୍ବଲପୁରର ଦୁଇଜଣ ଝିଅ ଖେଳାଳି ବୈଷ୍ଣବୀ ପଟ୍ଟନାୟକ ଓ ଗୁନମିତ କୌର ଅଛନ୍ତି। ଜୋହିନ୍ଦ୍ର ସ୍ପୋର୍ଟସ ଏକାଡେମୀ, ସାଲେମ୍, ତାମିଲନାଡୁରେ ଜାତୀୟ କୁସ୍ତି ଚମ୍ପିଆନସିପ୍ (ଅଣ୍ଡର-୧୫) ଆୟୋଜିତ ହେବ। ସେମାନେ ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍‌ରେ ସମ୍ବଲପୁରରେ ଆସି ପହଞ୍ଚିବା ପରେ କଚେରୀ ନିକଟସ୍ଥ ଜିଲ୍ଲା କୁସ୍ତି ସଂଘଠାରେ କିଛିସମୟ ବିଶ୍ରାମ ନେଇ ପୁଣି ସମ୍ବଲପୁର ରେଲଷ୍ଟେସନରୁ ଟ୍ରେନ୍ ଯୋଗେ ତାମିଲନାଡୁକୁ ଯାତ୍ରା କରିଛନ୍ତି।

ଓଡ଼ିଶା କୁସ୍ତି ଦଳରେ ରାମ ନନ୍ଦନ ପ୍ରଧାନ, ସୋମନାଥ ନାୟକ, ସତ୍ୟେଶ୍ୱର ମହାନ୍ତି, କାହ୍ନା ବିଶ୍ୱାଳ, ରୋନକ ମହାନ୍ତି, ବିଜୟକୁମାର ବିଶ୍ୱାଳ, ରୁଦ୍ର ନାରାୟଣ ସାହୁ, ସନ୍ଦିପ ଦେହୁରୀ, ଦିପ୍ତୀରାଣୀ ଜାନି, ଆରତି କରଜି, ଦିପାରାନୀ ଜାନି, ମାନସି ଦେହୁରୀ, ବୈଷ୍ଣବୀ ପଟ୍ଟନାୟକ, ଗୁନମିତ କୌର ଓ ଶୁଭଲକ୍ଷ୍ମୀ ବିଶ୍ୱାଳ ରହିଛନ୍ତି। ଅମ୍ବାଳିକା ଜେନା ଓ ଚୈତନ୍ୟ ସାହୁ କୋଚ୍ ଥିବାବେଳେ ବାଳକୃଷ୍ଣ ରେଡ଼ି ଦଳ ସଞ୍ଚାଳକ ଏବଂ ସଞ୍ଜିବ ପଟ୍ଟନାୟକ, ସତ୍ୟେଶ୍ୱର ନାୟକ, ଦେବେନ୍ଦର କୌର ଦଳ ସହିତ ଗସ୍ତ କରିଛନ୍ତି। ଓଡ଼ିଶା କୁସ୍ତି ଦଳର ରାଜ୍ୟ ସମ୍ପାଦକ କିଶୋର ବେହେରା କୁସ୍ତି ଖେଳାଳିଙ୍କୁ ପଦକ ଜିତିବା ପାଇଁ ପ୍ରେରଣା ଦେବାସହ ଉତ୍ସାହିତ କରିଥିଲେ। ସମ୍ବଲପୁର ଜିଲ୍ଲା କୁସ୍ତି ସଂଘର ସମ୍ପାଦକ ସୁବାସ ଚନ୍ଦ୍ର ବେହେରା, ପ୍ରଶିକ୍ଷିକା ଗାୟତ୍ରୀ ମିଶ୍ର, ଡିଙ୍ଗର ମେହେର, ଯଶୋବନ୍ତୀ ବେରିହା, ପରେଶ ବେରିହା, ରିମା ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ଖଳାରେ ଧାନ; ଅପେକ୍ଷାରେ ଚାଷୀ

**ସମ୍ବଲପୁର, ୨୫।୨ (ସମିସ)**

ଚଳିତ ଖରିଫ୍ ଋତୁରେ ସମ୍ବଲପୁର ଜିଲ୍ଲାର ଚାଷୀ ଉତ୍ପାଦିତ ଧାନ ବିକ୍ରୟକୁ ନେଇ ହନ୍ତସନ୍ତ ହେଉଛନ୍ତି। ଖରିଫ୍ ଧାନକିଣା ଆରମ୍ଭ ହେବାର ପ୍ରାୟ ୩ ମାସ ପରେ ବି ଚାଷୀ ଖଳାରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡ଼ିରହିଛି। ଟୋକନ ଆସିଲେ ମିଲ୍‌କୁ ନେଇଯିବା ପାଇଁ ବସ୍ତାରେ ଭର୍ତ୍ତି କରି ଗାଡ଼ିରେ ଲୋଡ୍ କରି ରଖିଥିବା ଦେଖାଯାଉଛି। ଟୋକନ ସମସ୍ୟା ଚାଷୀମାନଙ୍କୁ ବାରମ୍ବାର ଅସୁବିଧାରେ ପକାଉଛି। ଚାଷୀମାନଙ୍କ ଜମି ପଞ୍ଜିକରଣ ଅନୁଯାୟୀ, ଧାନବିକ୍ରି ପାଇଁ ଟୋକନ ଆସୁନାହିଁ। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ଚାଷୀଙ୍କ ପ୍ରଥମ ଟୋକନ ୭୫ କ୍ୱିଣ୍ଟାଲ ଆସିଥିବାବେଳେ ଅନେକ ଚାଷୀଙ୍କ ତା'ଠାରୁ କମ୍ ଆସିଛି। ପୁଣି ଦ୍ୱିତୀୟ ଟୋକନ୍‌ରେ ୪ କ୍ୱିଣ୍ଟାଲ, ୭ କ୍ୱିଣ୍ଟାଲ ମଧ୍ୟ ଆସିଥିବା ନଜିର ରହିଛି। ତୃତୀୟ ଟୋକନ ଜାରି କରିଥିବା କୁହାଯାଉଛି। କେତେବେଳେ ପ୍ରତ୍ୟେକ ଚାଷୀଙ୍କଠାରୁ ସର୍ବାଧିକ ୧୫୦ କ୍ୱିଣ୍ଟାଲ ଧାନ କିଣାଯିବ ସରକାର ବୋଲି କହୁଥିବାବେଳେ ଅନ୍ୟ ସମୟରେ ସମସ୍ତ ଧାନ କିଣାଯିବ ବୋଲି କହୁଛନ୍ତି। ଟୋକନ ପାଇଁ ଚାଷୀମାନେ ବାରମ୍ବାର ଆନ୍ଦୋଳନମୁହାଁ ହୋଇ ଖରିଫ୍ ପଞ୍ଜିକରଣ ଅନୁଯାୟୀ ଚାଷୀଙ୍କଠାରୁ ଧାନ କିଣିବାକୁ ଦାବି କରୁଛନ୍ତି। ଅମଳ ହୋଇଥିବା ଧାନ ଖଳାରେ ରଖି ଅପେକ୍ଷା କରି ରହିଛି ଚାଷୀ।

ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲାରେ ନଭେମ୍ବର ୨୮ ତାରିଖରେ ମଣ୍ଡି ଖୋଲିଲା। କିନ୍ତୁ ମିଲର୍ ମାନଙ୍କ ଜିଦ୍ ଯୋଗୁଁ ଧାନ ଉଠିଲାନି। ସମ୍ବଲପୁରର ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ଡିସେମ୍ବର ୧ ତାରିଖ ବିଭିନ୍ନ ଅଞ୍ଚଳର ଚାଷୀ ଅର୍ଥନୈତିକ ଅବରୋଧ କଲେ, ଏହାପରେ ରାତାରାତି ମିଲର୍‌ମାନେ ରେଜିଷ୍ଟ୍ରେସନ ଓ ଆକ୍ସେପଟେନ୍ସ ଦେଇ ଧାନ ଉଠିବା ଆରମ୍ଭ ହେଲା। ଅନ୍ୟପକ୍ଷରେ ସରକାର ଟୋକନ ଇସ୍ୟୁ କଲେନାହିଁ। ବହୁସଂଖ୍ୟକ ଚାଷୀ ପ୍ରଥମ ଟୋକନ ପାଇନଥିବାବେଳେ ଅନେକ ଚାଷୀ ପଞ୍ଜିକରଣ ଅନୁଯାୟୀ ଦ୍ୱିତୀୟ ଓ ତୃତୀୟ ଟୋକନ ପାଇଲେନି। ଡିସେମ୍ବର ୧୨ରେ ଚାଷୀମାନେ ରେମେଡ, ତୁମ୍ବେସିଂହା ଓ ଧମାଠାରେ ଜାତୀୟ ରାଜପଥ ଅବରୋଧ କଲେ, ସରକାର ସେମାନଙ୍କ ଟୋକନ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଚାଷୀ ମାନଙ୍କୁ ଗିରଫ କରାଗଲା। ପୁଣି ୧୬ ତାରିଖରେ ଚାଷୀମାନେ ପ୍ରତିବାଦସ୍ୱରୂପ ରାଜରାସ୍ତାରେ ଧାନ ବିକିଲେ। ଏହାପରେ ଡିସେମ୍ବର ୧୯ ତାରିଖ ଚାଷୀମାନଙ୍କ ଇତିହାସରେ ପ୍ରଥମଥର ପାଇଁ 'ସମ୍ବଲପୁର ବନ୍ଦ' ଡାକରା ଦିଆଯାଇ ଅଖଚକ ବନ୍ଦ କରିଦିଆଗଲା। ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ସମର୍ଥନ କଲେ, ତଥାପି ସମସ୍ୟାର ସମାଧାନ ହେଲାନାହିଁ। ଖରିଫ୍ ଧାନ ସଂଗ୍ରହକୁ ନେଇ ଅବ୍ୟବସ୍ଥା ଜାରି ରହିଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଗତ ଏପ୍ରିଲରେ ଚାଷୀମାନେ ଲିଗାଲ ପ୍ରୋସେକ୍ୟୁର ଅନୁଯାୟୀ ଖରିଫ୍ ଧାନ ବିକ୍ରୟ ସକାଶେ ପଞ୍ଜିକରଣ କରିଥିଲେ, କିନ୍ତୁ ସରକାର ସମସ୍ତ ଧାନ କିଣୁନାହାନ୍ତି କିମ୍ବା କିଛି ସ୍ପଷ୍ଟ କରୁନାହାନ୍ତି। ଏପରିକି ଚାଷୀମାନେ ବାଧ୍ୟ ହୋଇ କମ ଦରରେ ଧାନ ବିକ୍ରୟ କରୁଥିବା ଜଣାପଡ଼ିଛି।



ଜିଲ୍ଲା କୃଷକ ସଙ୍ଗଠନର ଉମେଶ ଚନ୍ଦ୍ର ମିଶ୍ର କହିଛନ୍ତି, ଚାଷୀ ଏବେ ଦ୍ୱନ୍ଦରେ ଅଛି, ଅମଳ କରିଥିବା ଧାନ କରିବ କ'ଣ? ଚାଷୀମାନେ ଟୋକନ ପାଇଁ ଅପେକ୍ଷା କରି ଖଳାମାନଙ୍କରେ ବସ୍ତାରେ ଓ ଖୋଲାରେ ଧାନ ଜମାକରି ରଖିଛନ୍ତି। ଟୋକନ ଆସିଲେ ତତ୍‌କ୍ଷଣାତ୍ ଦେବାକୁ ପ୍ରସ୍ତୁତ ହୋଇ ରହିଛନ୍ତି। ପ୍ରତିବର୍ଷ ଜମି ପଞ୍ଜିକରଣ ପରେ ସେହି ପରିମାଣର ଧାନ ସରକାରଙ୍କୁ ବିକ୍ରୟ କରି ଧାରଉର୍ଦ୍ଧାର ଶୁଝିବାସହ ନୂତନ ଚାଷ ପାଇଁ ଯୋଜନା କରିଥାଏ। ଏବେ ଧାନ ଖଳାରେ ପଡ଼ି ରହିଥିବାବେଳେ ବିହନ, ସାର, କ୍ଷେତ ଶ୍ରମିକ ଆଦି ବିଭିନ୍ନ ଖର୍ଚ୍ଚକୁ ନେଇ ଆର୍ଥିକ ଦୁରାବସ୍ଥା ବଢ଼ିଚାଲିଛି।

## ଧାନ ବିକ୍ରି ନ ହୋଇ ଚାଷୀ ହନ୍ତସନ୍ତ

# ବିଦ୍ୟୁତ୍ ବିଲ୍ ବାବଦକୁ ଅଫିସ୍‌ରେ ଧାନବସ୍ତା ଦେଲେ ଚାଷୀ




**ବରଗଡ଼, ୨୫।୨ (ସମିସ):** ଭେଡେନ ବ୍ଲକ ବକଟୀ ପଞ୍ଚାୟତର କୁଶନପୁରୀ, ଛନାପତି ଟିକରାର ଚାଷୀ ରମେଶ ମହାପାତ୍ରଙ୍କ ବିଦ୍ୟୁତ ବିଲ୍ ବାକି ରହିଛି। ଥୁଆପାଲି ବିଦ୍ୟୁତ ବିଭାଗର ଟିପିଡବ୍ଲ୍ୟୁଓଡିଏଲ୍ କର୍ମଚାରୀ ମାନେ ତାଙ୍କ ପାଖକୁ ବକେୟା ବିଲ ଆଦାୟ ପାଇଁ ଯାଇଥିଲେ। ବିଲ୍ ନଦେଲେ ବିଦ୍ୟୁତ ସଂଯୋଗ କାଟି ଦିଆଯିବ ବୋଲି କହିଥିଲେ। ଚାଷୀ ରମେଶ ମହାପାତ୍ର କହିଥିଲେ ମୋର (ଟୋକନ) ଆସିନାହିଁ, ଧାନ ବିକ୍ରି ହୋଇପାରି ନାହିଁ ଏବଂ ଧାନ ବିକ୍ରି ହେଲେ ସଂଗେ ସଂଗେ ବିଲ୍ ଦେବି ବୋଲି କହିଥିଲେ। କିଛି ଦିନ ସମୟ ଦେବାକୁ ଅନୁରୋଧ କରିଥିଲେ। ହେଲେ ବିଦ୍ୟୁତ୍ କର୍ମଚାରୀ ଶେଷରେ ରମେଶଙ୍କ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ କରି ଦେଇଥିଲେ। ଚାଷୀ ରମେଶ କିଛି ଉପାୟ ନ ପାଇ ୪ ବସ୍ତା ଧାନ ଆଣି ଥୁଆପାଲି ବିଦ୍ୟୁତ ବିଭାଗର ଅଫିସ ଆଗରେ ରଖି ଏହାକୁ ବିକ୍ରି କରି ଆପଣଙ୍କ ବିଲ୍ ନିଅନ୍ତୁ ବୋଲି ନିଆରା ପ୍ରତିବାଦ କରିଥିଲେ। ଏହି ଘଟଣା ରାଜ୍ୟରେ ଡବଲ ଇଞ୍ଜିନ ସରକାରର ବାସ୍ତବ ରୂପ ଉଜାଗର କରିବା ସହ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି।

## ପରିମଳ ବ୍ୟବସ୍ଥା ପ୍ରହସନ

# ବିଜେପୁର ଏନ୍‌ଏସିରେ ରାସ୍ତା ପାଲଟିଛି ଡ୍ରେନ୍

**ବିଜେପୁର, ୨୫।୨(ସମିସ)**

ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଗଠନ ହେବାପରେ ବିଜେପୁରବାସୀ ଉପକୃତ ହେବେ ବୋଲି ଆଶା କରୁଥିଲେ। ଅଥଚ ସେପରି କିଛି ସୁଫଳ ଅଞ୍ଚଳ କି ଅଞ୍ଚଳବାସୀଙ୍କୁ ମିଳିଲା ନାହିଁ। ଅଞ୍ଚଳର ଜନସାଧାରଣ ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କରିବାକୁ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ। ଗତ ୨୦୧୮ ରେ ତତ୍କାଳୀନ ରାଜ୍ୟ ସରକାର ବିଜେପୁରକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥିଲେ। ପୂର୍ବରୁ ବିଜେପୁର ଏନ୍‌ଏସି ସ୍ୱଚ୍ଛତା ପାଇଁ ପୁରସ୍କାର ପାଇଥିବା ବେଳେ ସମ୍ପ୍ରତି ବିଜେପୁରରେ ପରିମଳ ଓ ସ୍ୱଚ୍ଛତା ପ୍ରହସନରେ ପରିଣତ ହୋଇଛି ବୋଲି ଆଲୋଚନା ହେଉଛି। ସହରର ଗାନ୍ଧୀ ଛକରୁ ଜଗନ୍ନାଥ ମନ୍ଦିର, ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ଥିବା ସ୍ଥାନରୁ ତଳିପଡ଼ା ରାସ୍ତାରେ ବସଷ୍ଟାଣ୍ଡ ପର୍ଯ୍ୟନ୍ତ, ସମଲେଇ ମନ୍ଦିର ଛକରୁ ବସଷ୍ଟାଣ୍ଡ ଯାଏ, ପୋଷ୍ଟ ଅଫିସ ଯିବା ରାସ୍ତା, ମାଲପଡ଼ାରାସ୍ତା ଆଦି ସ୍ଥାନରେ ଡ୍ରେନ ଅଭାବରୁ ରାସ୍ତା ଉପରେ ଦୂଷିତ ପାଣି ବୋହୁଛି। ଘରଗୁଡିକର ବ୍ୟବହୃତ ମଇଳା ପାଣିରାସ୍ତା ଉପରେ ଯାଉଥିବାରୁ ଦୁର୍ଗନ୍ଧ ହେବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଖରାଦିନରେ ଯଦି ଏଭଳି ଅବସ୍ଥା ତେବେ ବର୍ଷା ଦିନ କଥା ନ କହିବା ଉଚିତ ବୋଲି ସ୍ଥାନୀୟ ଅଧିବାସୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସହରର ବିକାଶ ପାଇଁ କୋଟି କୋଟି ଟଙ୍କା ଆସୁଥିବା ବେଳେ କେବେ ବିଜେପୁରର ଅବସ୍ଥାରେ ସୁଧାର ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡ୍ରେନ ନିର୍ମାଣ ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟାଳୟରେ ଅନେକ ଥର ଆଲୋଚନା ମଧ୍ୟ ହୋଇସାରିଛି କିନ୍ତୁ କାମ ଆରମ୍ଭ ହେଉନାହିଁ। ଏନ୍‌ଏସି ଗଠନ ହେବା ପରେ ଲୋକେ ଯେଉଁ ସୁଫଳ ମିଳିବ ବୋଲି ଆଶା ବାନ୍ଧିଥିଲେ, ତାହା ଫଳବତୀ ନ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। କର୍ତ୍ତୃପକ୍ଷ ଏହାର ନିରାକରଣ ଦିଗରେ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଛି।



# ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବରଗଡ଼, ୨୫।୨(ସମିସ):** ରୋଟାରୀ କ୍ଲବ୍ ଅଫ୍ ବରଗଡ଼ ସେଣ୍ଟ୍ରାଲ୍ ପକ୍ଷରୁ ଡା.ନିଶାନ୍ତ ଦେବତାଙ୍କ କ୍ଲିନିକ୍ ସହଯୋଗରେ ବୁଧବାର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ଶିବିରରେ ହିମୋଗ୍ଲୋବିନ ପରୀକ୍ଷା, ପଲ୍ମୋନାରୀ ଫଙ୍କସନ୍ ଟେଷ୍ଟ (ସ୍ପାଇରୋମେଟ୍ରି) ଏବଂ ବୋନ୍ ଡେନସିଟି ପରୀକ୍ଷା ନିଃଶୁଳ୍କ ଭାବେ କରାଯାଇଥିଲା। କ୍ଲବ୍ ଅଧ୍ୟକ୍ଷ ଆଶିଷ ପାନସାରୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଉମେଶ ଅଗ୍ରୱାଲ୍ ଅଧ୍ୟକ୍ଷତା କରିଥିଲେ। ପିୟୁଷ ଚୌଧୁରୀ ଓ ମନୋଜ ବିର୍ମିୱାଲ୍ ସହଅଧ୍ୟକ୍ଷ ଭାବେ ଯୋଗ ଦେଇଥିଲେ। ମୋଟ ୧୧୦ ଜଣ ରୋଗୀ ଶିବିରରୁ ଲାଭାନ୍ୱିତ ହୋଇଥିଲେ।



# ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

**ଥୁଆପାଲି, ୨୫।୨(ସମିସ):** ଭେଡେନ ବ୍ଲକ ଲାୟନ୍ସ କ୍ଲବ୍, ଲିଓ କ୍ଲବ୍ ଝରାପାଲି ମାର୍କେଟ, ଥୁଆପାଲି ଓ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ କମ୍ପ୍ୟୁଟର ଦ୍ୱାରା ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ସକାଳ ୯ରୁ ଦିନ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ତ୍ରିଲୋଚନ ନେତ୍ରାଳୟ ଡ.ବରୁଣ, ଟେକନିସିଆନ ମହିମା, ରାଜେଶ, ସୁମନ୍ତ ଚକ୍ଷୁ ପରୀକ୍ଷା କରିଥିଲେ। ଏଥିରେ ୧୩୦ ଜଣ ଚକ୍ଷୁ ପରୀକ୍ଷା କରାଯାଇ, ୮୦ ଜଣଙ୍କୁ ନିଃଶୁଳ୍କ ଚଷମା ପ୍ରଦାନ କରାଯାଇଥିଲା ଓ ୧୧ ଜଣଙ୍କ ଚକ୍ଷୁ ଅପରେସନ ପାଇଁ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁରକୁ ପଠା ଯାଇଥିଲା। ଲାୟନ୍ସ କ୍ଲବ୍‌ର ସଭାପତି ଅକ୍ଷୟ ପଧାନ, ଅମିୟ ମେହେର, ସନ୍ତୋଷ ପାଢ଼ୀ, କୁଶ ପ୍ରଧାନ, ଧନପତି ଷାଣ୍ଡ, ଦୀପକ ଅଗ୍ରୱାଲ, ଗୌତମ ଅଗ୍ରୱାଲ, ଓମ୍ ବାଗ, ଅଜିତ ବେହେରା, ୟୁରମେଶ, ଲୋହିତ ସହିତ ଉଭୟ କ୍ଲବ୍ ସଦସ୍ୟ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଶଙ୍କରଲାଲ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବାସ ଚନ୍ଦ୍ର ବାବାଙ୍କ ସମାଧି ମନ୍ଦିରର ରତ୍ନମୁଦ ମହୋତ୍ସବ



**ଭଟଲି, ୨୫।୨ (ସମିସ):** ଭଟଲି ବ୍ଲକ ଅଧୀନ ତାଲପାଲି ଗାଁରେ ସୁବାସ ଚନ୍ଦ୍ର ବାବା ମହାରାଜଙ୍କ ସମାଧି ମନ୍ଦିରର ରତ୍ନମୁଦ ମହୋତ୍ସବ ଶୁଭାରମ୍ଭ ହୋଇଯାଇଛି। ତାଲପାଲି ଗ୍ରାମବାସୀ ଓ ଆତ୍ମଚେତନା ସଂଘ ଓ ଅଞ୍ଚଳ ବାସୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବରେ ପଣ୍ଡିତ ବିଘ୍ନରାଜ୍ ହୋତା, ସୁଧାଂଶୁ ଦାଶ, ଦୀପକ ହୋତା, ରାଜା ଦାଶ ପ୍ରମୁଖଙ୍କ ପୌରୋହିତ୍ୟରେ ଯଜମାନ ଭାବେ ରାଜା ଦୋରା, ମିତ୍ରଭାନୁ ମାଝୀ, ନବୀନ ପଟେଲ, ଶିବାନନ୍ଦ ସା, ତ୍ରିଲୋଚନ ସା, ନାରାୟଣ ସା ପ୍ରମୁଖ ସପତ୍ନିକ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଥମ ଦିବସରେ ଗାଁର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇ ଭଜନ କୀର୍ତ୍ତନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦିଲ୍ଲୀପ ପ୍ରଧାନ, ଦୀନବନ୍ଧୁ ସାହୁ, ଗୌରହରି ପାତ୍ର, କମଳାକାନ୍ତ ସା, ମିତ୍ରଭାନୁ ସାହୁ ଗୋପାଳ ଭୁଏ, ପୁରନ ଭୁଏ, ସୁଶିଲ ସାହୁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟକ ମନୋରଞ୍ଜନ ମେହେର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦୂର୍ବାଦଳ ମେହେର, ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ, ଲେଖିକା କମଳିନୀ ଦେବୀ, ମୀନା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ରତ୍ନମୁଦ ଉତ୍ସବ ସମ୍ପନ୍ନ ହେବ ବୋଲି ମହୋତ୍ସବ ସମିତି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଅଞ୍ଚଳ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଆଲୋଚନାଚକ୍ର



**ପଦ୍ମପୁର, ୨୫।୨(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ଭାରପ୍ରାପ୍ତ ଅଧ୍ୟକ୍ଷ ତାରାପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ଶିକ୍ଷା ବିଭାଗ ଏବଂ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ 'ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ମୂଲ୍ୟାୟନର ଅଭିନବ ଶୈଳୀ' ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଭୁବନେଶ୍ୱରସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତ୍ ଡ.ଲଳିତ ପାତ୍ର ଏଥିରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଡ.ପାତ୍ର ତାଙ୍କ ଅଭିଭାଷଣରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ, କଳା-ଭିତ୍ତିକ ଶିକ୍ଷା ଏବଂ ସୃଜନଶୀଳ ଚିନ୍ତାଧାରାର ବିକାଶ କିପରି ଶିକ୍ଷାଦାନ ପଦ୍ଧତିକୁ ଅଧିକ ପ୍ରଭାବଶାଳୀ କରିପାରିବ ସେ ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆଇକ୍ୟୁଏସି ସଂଯୋଜକ ପ୍ରଫେସର ସନ୍ତୋଷ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ.ତୁଷାରକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ.ଭେଙ୍କଟେଶ୍ୱର ମେହେର ଆଲୋଚନାଚକ୍ରର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଶ୍ରୀକାନ୍ତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ଏସ୍‌ର ଶହେ ବର୍ଷ ଉପଲକ୍ଷେ ସାମ୍ବାଦିକଙ୍କ ସହ ଆଲୋଚନାଚକ୍ର

**ବରଗଡ଼, ୨୫।୨ (ସମିସ):** ଜିଲ୍ଲାର ସାମ୍ବାଦିକ ମାନଙ୍କ ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ବୁଧବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଆରଏସ୍‌ଏସ୍‌ର ଓଡ଼ିଶା ପୂର୍ବ ଓ ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରଚାର ପ୍ରମୁଖ ସୃଷ୍ଟିଧର ବିଶ୍ୱାଳ ସାମ୍ବାଦିକ ମାନଙ୍କୁ ସମ୍ବୋଧନ କରି ସଂଘର ଶହେ ବର୍ଷର ଯାତ୍ରା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସମାଜର ସମସ୍ୟା ଉପରେ ମଧ୍ୟ ଆଲୋକପାତ କରିଥିଲେ। ଆମେ ସମସ୍ତେ ହିନ୍ଦୁ। ହିନ୍ଦୁଧର୍ମ ସୃଷ୍ଟିର ଆରମ୍ଭରୁ ବିଦ୍ୟମାନ। ବର୍ତ୍ତମାନ ସମାଜରେ ଅନେକ କୁସଂସ୍କାର ଥିବାରୁ ଏହାକୁ ଦୂର କରିବା ପାଇଁ ସାମ୍ବାଦିକଙ୍କୁ ନିବେଦନ କରିଥିଲେ। କୁଟୁମ୍ବ ପ୍ରବନ୍ଧନ, ପରିବେଶ, ନାଗରିକ ଶିଷ୍ଟାଚାର, ସ୍ୱଦେଶୀ, ସାମାଜିକ ସମରସତା ବିଷୟ ଉପରେ ଚର୍ଚ୍ଚା ହୋଇଥିଲା। ଛୁଆଁ ଅଛୁଆଁ ଭେଦଭାବ ସମାଜରେ ଏକ ବଡ ସମସ୍ୟା। ଏହାର ଦୂରିକରଣ ପାଇଁ ସବୁ ବର୍ଗର ଲୋକମାନଙ୍କୁ ସଚେତନତା ଆବଶ୍ୟକତା ଅଛି। ଏହି ସମସ୍ୟା ଗୁଡିକ ଦୂର ହେଲେ ଭାରତ ନିଶ୍ଚିତ ବିଶ୍ୱଗୁରୁ ହେବ। ମୁଖ୍ୟଅତିଥି ଭାବେ ସାମ୍ବାଦିକ ସଂଘର ସଭାପତି ସୁରେନ୍ଦ୍ର ହୋତା ହିନ୍ଦୁମାନେ ସଚେତନ ହେଲେ ସମାଜ ନିଶ୍ଚିତ ପରିବର୍ତ୍ତନ ହେବ ବୋଲି କହିଥିଲେ। ଜିଲ୍ଲା ପ୍ରଚାରକ ବିଭୂତି ଭୂଷଣ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବରଗଡ଼ ନଗରର ସଂଘ ଚାଳକ ଅବସରପ୍ରାପ୍ତ ଅଧାପକ ଆନନ୍ଦ ପ୍ରଧାନ ସାମ୍ବାଦିକ ମାନଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲ୍ଲାର ବୈଦ୍ୟୁତିକ ଗଣମାଧ୍ୟମ, ପ୍ରିଣ୍ଟ ମିଡିଆ ଓ ବିଭିନ୍ନ ଗଣମାଧ୍ୟମର ସାମ୍ବାଦିକ ମାନେ ଉପସ୍ଥିତ ଥିଲେ। ଶେଷରେ ସାମ୍ବାଦିକ ନିତ୍ୟାନନ୍ଦ ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଆଶୁତୋଷ ବାବାଙ୍କ ବାର୍ଷିକୋତ୍ସବ ଓ ସୀତା ବିବାହ ମହୋତ୍ସବ



**ବରପାଲି, ୨୫।୨(ସମିସ):** ବରପାଲି ଏନ୍‌ଏସି ଅଧୀନ ଶାନ୍ତିନଗର ପଡ଼ାରେ ମହାଦେବ ଆଶୁତୋଷ ବାବାଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପୌରାଣିକ କଥାବସ୍ତୁ ଆଧାରିତ ରାମାୟଣର ସୀତା ବିବାହୋତ୍ସବ ଧୁମଧାମରେ ପାଳିତ ହୋଇଥିଲା। ଶ୍ରୀରାମଚନ୍ଦ୍ର ଏବଂ ମାତା ସୀତାଙ୍କ ବିବାହୋତ୍ସବରେ କନ୍ୟାପିତା ଓ ମାତା ଭାବେ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସାହୁ ଓ ଧର୍ମପତ୍ନୀ ପ୍ରଭାତୀ ସାହୁ କର୍ତ୍ତା ଭାର ତୁଲାଇଥିଲେ। ବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ ପାରମ୍ପରିକ ରୀତିନୀତିରେ ସମ୍ପନ୍ନ ହୋଇଥିଲା। ସେହିପରି ଆଶୁତୋଷ ବାବାଙ୍କ ମନ୍ଦିର ପୂଜାର୍ଚ୍ଚନା କାର୍ଯ୍ୟରେ କର୍ତ୍ତା ଭାବେ ପଦ୍ମଲୋଚନ ପଣ୍ଡା - ଜୟନ୍ତୀ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ଆଜି ସକାଳେ ମହିଳା ମାନେ ପୂର୍ଣ୍ଣକୁମ୍ଭ ଶୋଭାଯାତ୍ରାରେ ମନ୍ଦିରରୁ ବାହାରି ନଗର ପରିକ୍ରମା ମାଧ୍ୟମରେ କେନାଲରେ ପହଞ୍ଚିଥିଲେ। ପରେ କଳସ ଶୋଭାଯାତ୍ରାରେ ପୂଜାମଣ୍ଡପକୁ ଅଣାଯାଇଥିଲା। ପୂଜକ ଭାବେ ପଣ୍ଡିତ କିଶୋର ମିଶ୍ର ସମେତ ଆଚାର୍ଯ୍ୟ ମାନେ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଗାଇସିଲେଟ, ୨୫।୨(ସମିସ):** ଗାଇସିଲେଟ ବ୍ଲକ ଗନିଆପାଲି ଗାଁରେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଗାଁର ଶହ ଶହ ଜନସାଧାରଣ ଘଣ୍ଟବାଦ୍ୟ ସଙ୍କୀର୍ତ୍ତନ ସହ ବିରାଟ ଶୋଭାଯାତ୍ରାରେ ବାହାରି ଗାଁର ବନ୍ଧରୁ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପରେ କାଞ୍ଚନପୁର, ଗଣ୍ଡିଆପାଲି, ଘନାମାଲ, ସାରଙ୍ଗପୁର, ସମାରପାଲି, ଦ.ନୁଆପାଲି ସଙ୍କୀର୍ତ୍ତନ ଦଳ ମାନଙ୍କ ଦ୍ୱାରା ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ ପଧାନ ଏବଂ ତାଙ୍କ ଧର୍ମପତ୍ନୀ ଜିନୀ ପଧାନ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିବା ବେଳେ ମୁଖ୍ୟ ପୂଜକ ଭାବେ ପ୍ରଦୀପ ରଥ, ସହକାରୀ ପୂଜକ ଭାବେ ବାବୁଲୁ ପଣ୍ଡା ହାରାଧନ ଷଡଙ୍ଗୀ, ତନ୍ମୟ ମିଶ୍ର ଓ ନରେନ୍ଦ୍ର ମିଶ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ସମସ୍ତ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଜଳଛତ୍ର ଓ ଅନ୍ନଛତ୍ରର ବ୍ୟବସ୍ଥା କରାଯାଇଥିଲା। ସମସ୍ତ କୀର୍ତ୍ତନ ଦଳକୁ ନେଇ ବୈଠକି କୀର୍ତ୍ତନ ମଧ୍ୟ ହୋଇଥିଲା।

# ସ୍ୱ-ଉନ୍ନତି ଯୋଗ ତପସ୍ୟା ଭଟ୍ଟୀ କାର୍ଯ୍ୟକ୍ରମ

**ଅତାବିରା, ୨୫।୨(ସମିସ):** ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅନ୍ତଃରାଷ୍ଟ୍ରୀୟ ମୁଖ୍ୟାଳୟ ମାଉଣ୍ଟଆବୁର ପରାମର୍ଶ କ୍ରମେ ତଥା ଅତାବିରା ସେବାକେନ୍ଦ୍ରର ଆୟୋଜନରେ ଅତାବିରା ଅଗ୍ରସେନ ଭବନ ଠାରେ ସ୍ୱ-ଉନ୍ନତି ଯୋଗ ତପସ୍ୟା ଭଟ୍ଟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ଥାନ ମାଉଣ୍ଟଆବୁ ଜ୍ଞାନ ସରୋବରରୁ ଆସିଥିବା ରୁପେଶ ଭାଇ ସମ୍ପ୍ରତି ବିଶ୍ୱରେ ଶାନ୍ତି ପାଇଁ ଯୋଗାଭ୍ୟାସର ମହାନୀୟତା ରହିଛି ବୋଲି ପ୍ରତିପାଦନ କରିଥିଲେ। ଅତାବିରା ସେବାକେନ୍ଦ୍ର ସଞ୍ଚାଳିକା ବନିତା ଭଉଣୀଙ୍କ ସଂଯୋଜନା କ୍ରମେ ବିଭିନ୍ନ ଜିଲ୍ଲା ସେବାକେନ୍ଦ୍ର ସଞ୍ଚାଳିକା ସ୍ନେହା ଭଉଣୀ, ଯଶୋଦା ଭଉଣୀ, ଉଷା ଭଉଣୀ, ସୁଜାତା ଭଉଣୀ, ତପସ୍ୱିନୀ ଭଉଣୀ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନରେ ଭାଗ ନେଇଥିଲେ। ବିକେ ଅମୀର, ମଛିନ୍ଦ୍ର, ଗୋକୁଳା, ବିରଞ୍ଚି, ତ୍ୟାଗୀ, ମନୋରଞ୍ଜନ, ପ୍ରତିମା ପ୍ରମୁଖ ଭାଇ ଭଉଣୀ ପରିଚାଳନାରେ ସହଯୋଗ କରିଥିଲେ। ସିଂହପାଲି, ପିଠାପୋଟଳ, ବାବେବିରା, ଭୁଇପୁରା, ନୂଆପଡ଼ାରେ ଥିବା ପାଠଶାଳାରୁ ଭାଇ ଭଉଣୀ ସାମିଲ ହୋଇଥିଲେ।

# ଡ.ରମେଶ ଚନ୍ଦ୍ର ମାଝୀଙ୍କ ଶ୍ରାଦ୍ଧ ବାର୍ଷିକୀ ପ୍ରସ୍ତୁତି ବୈଠକ

**ବରଗଡ଼, ୨୫।୨(ସମିସ):** ସ୍ଥାନୀୟ ଏମ୍‌ଆର ପ୍ରେସ ଠାରେ ତରଣୀସେନ ବୁଧିଆଙ୍କ ଅଧ୍ୟକ୍ଷତାରେ ସାରସ୍ୱତ ସାଧକ ଡ.ରମେଶ ଚନ୍ଦ୍ର ମାଝୀଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୬ରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାରରେ ଅନୁଷ୍ଠିତ ହେବାକୁ ଥିବା ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଡ.ପ୍ରତାପ କିଶୋର ଖମାରୀ ଓ ଅଧ୍ୟାପିକା ସୁନନ୍ଦିନୀ ଦାଶ ଯୋଗ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ଅବସରରେ ଡ.ମାଝୀଙ୍କ ରଚିତ ପୁସ୍ତକ ପୁରାଣ କଥା ଉନ୍ମୋଚିତ ହେବ। ଡ. ସେସନ୍ ବିଶି ଏହାକୁ ସମୀକ୍ଷା କରିବେ। ଆଜିର ବୈଠକରେ ସର୍ଦାର ପ୍ରିତମ ସିଂ, ସୂର୍ଯ୍ୟ ମହାପାତ୍ର, ସେସନ୍ ବିଶି, ମନୋରଞ୍ଜନ ମେହେର, ତୁଳସୀ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରାତନ ବ୍ୟାଚ୍‌ର ବନ୍ଧୁମିଳନ

**ଝାରବନ୍ଧ, ୨୫।୨(ସମିସ):** ଝାରବନ୍ଧ ବ୍ଲକ ଚନ୍ଦ୍ର ଶେଖର ଉଚ୍ଚ ବିଦ୍ୟାଳୟ ଜଗଦଳପୁରର ୧୯୯୮ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ମନୃସିଂହନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲୋକେଶ୍ୱର ଭୋଇ, ଅନନ୍ତ ପଟେଲ, ମୁରାରୀ ପଟେଲ, ପୁରନ୍ଦର ନାୟକ, ବେଲାଲ ପଟେଲ, ବାସନ୍ତୀ କାଲୋ, ତପସ୍ୱିନୀ ଭୋଇ, ବିନ୍ଦୁମତୀ ଚୋଖି, କଳ୍ପନା ପାଣି ଓ ପଞ୍ଚୁବତୀ ସିଂ ସହ ବହୁ ପୂର୍ବତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମସ୍ତେ ପରସ୍ପରକୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଜୀବନର ସ୍ମୃତି, ଶିକ୍ଷକମାନଙ୍କ ଅବଦାନ ଓ ସମାଜ ପ୍ରତି ଦାୟିତ୍ୱ ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ସମସ୍ତେ ଏକାଠି ଭୋଜନ କରି ଆନନ୍ଦରେ ସମ୍ମିଳନୀକୁ ଉଦ୍‌ଯାପନ କରିଥିଲେ।

# ଏସ୍‌ସିଏସ୍‌ଟି ବାଳିକା ହଷ୍ଟେଲ ପାଇଁ ୧୪.୨୬ ଲକ୍ଷ ମଞ୍ଜୁର

**ଝାରବନ୍ଧ, ୨୫।୨(ସମିସ)**

## 'ସକାଳ' ପ୍ରଭାବ

## ଶୀଘ୍ର କାର୍ଯ୍ୟକ୍ଷମ ହେବ ହଷ୍ଟେଲ

ଦୀର୍ଘ ୧୨ ବର୍ଷ ଧରି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ଏସ୍‌ସିଏସ୍‌ଟି ବାଳିକା ଆବାସିକ ହଷ୍ଟେଲ ନିର୍ମାଣ କାମ ସମାପନ ପାଇଁ ଶେଷରେ ୧୪ ଲକ୍ଷ ୨୬ ହଜାର ଟଙ୍କା ମଞ୍ଜୁରି ମିଳିଥିବା ସୂଚନା ମିଳିଛି। ଝାରବନ୍ଧ ବ୍ଲକ ଅଧୀନ ବିଳାସପୁର ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସ୍ଥିତ ଏହି ଦୁଇତାଲା ହଷ୍ଟେଲ ଗୃହ ଦୀର୍ଘଦିନ ଧରି ଅବହେଳାରେ ପଡ଼ିରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ୨୦୧୧-୧୨ ମସିହାରେ ଆରମ୍ଭ ହୋଇଥିବା ହଷ୍ଟେଲ ନିର୍ମାଣ କାମ ପ୍ରଶାସନିକ ଅବହେଳା ଯୋଗୁଁ ବର୍ଷ ବର୍ଷ ଧରି ଅଧାରେ ରହି ଯାଇଥିଲା। ଭବନର ଛାତ ଉପରେ ଗଛଲତା ବଢ଼ିଯାଇଥିବା ସହ ଏହା ଅବ୍ୟବହୃତ ଅବସ୍ଥାରେ ପଡ଼ିଥିଲା। ଫଳରେ ଅଞ୍ଚଳର ଏସ୍‌ସିଏସ୍‌ଟି ବାଳିକା ମାନେ ଆବାସ ସୁବିଧାରୁ



ବଞ୍ଚିତ ହୋଇଥିଲେ। ଏନେଇ ସ୍ଥାନୀୟ ଲୋକ ମାନେ ଅନେକଥର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ ମଧ୍ୟ ଦୀର୍ଘଦିନ ପର୍ଯ୍ୟନ୍ତ ପଦକ୍ଷେପ ଗ୍ରହଣ ହୋଇ ନଥିଲା। ପରେ ବିଳାସପୁରରେ ଆୟୋଜିତ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମୟରେ ଜର୍ଣ୍ଣାଲିଷ୍ଟ ଆ ସୋ ସି ଏ ସ ନ ଝାରବନ୍ଧର ସଭାପତି ସାମ୍ବାଦିକ ମୋତିଲାଲ ବାଗ ଅଧାପନ୍ତରିଆ ହଷ୍ଟେଲ ବିଷୟକୁ ବିଜେପି ନେତା ଗୋବର୍ଦ୍ଧନ ଭୁଏଙ୍କ ଦୃଷ୍ଟିକୁ ଆଣିଥିଲେ। ଏହାପରେ ଗୋବର୍ଦ୍ଧନ ଭୁଏ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରି ସମସ୍ୟାର ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଏହି ଖବର 'ସକାଳ' ଖବରକାଗଜରେ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସ୍ତରର ଆଲୋଚନା ପରେ ଅବଶିଷ୍ଟ ନିର୍ମାଣ କାମ ସମାପନ ପାଇଁ ୧୪.୨୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡ଼ିଛି। ଅର୍ଥମଞ୍ଜୁରି ପରେ ହଷ୍ଟେଲ କାମକୁ ନୂତନ ଗତି ମିଳିବ ଏବଂ ଶୀଘ୍ର ଏହାକୁ ବାଳିକାମାନଙ୍କ ରହଣି ଓ ପାଠପଢ଼ା ପାଇଁ କାର୍ଯ୍ୟକ୍ଷମ କରାଯିବ ବୋଲି ଆଶା ଦେଖା ଦେଇଛି। ହଷ୍ଟେଲଟି କାର୍ଯ୍ୟକ୍ଷମ ହେଲେ ଅଞ୍ଚଳର ଏସ୍‌ସିଏସ୍‌ଟି ବାଳିକାମାନେ ସୁରକ୍ଷିତ ଭାବେ ରହି ନିର୍ବିଘ୍ନରେ ପାଠ ପଢ଼ିବାର ସୁଯୋଗ ପାଇବେ ବୋଲି ସ୍ଥାନୀୟ ମହଲରେ ଆଶା ସୃଷ୍ଟି ହୋଇଛି।


ଅଧପନ୍ତରିଆ ଏସ୍‌ସି, ଏସ୍‌ଟି ହଷ୍ଟେଲ କାର୍ଯ୍ୟକ୍ଷମ କରିବାକୁ ଦାବି

# ଭୂତମୁଣ୍ଡା ଜୟ ବୁଢ଼ାରଜା କ୍ରିକେଟ କପ୍ ଉଦ୍‌ଘାଟିତ

## ଦର୍ଲିମୁଣ୍ଡାକୁ ହରାଇ ସେମିରେ ଢେଙ୍କିମୁଣ୍ଡା

**ପାଇକମାଳ, ୨୫।୨(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡାରେ ୬ଷ୍ଠ ଜୟ ବୁଢ଼ାରଜା କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଗ୍ରାମ୍ୟ କମିଟି ସଦସ୍ୟ ଜଗଦୀଶ ନାୟକ, ସୁବାଷ ଚନ୍ଦ୍ର ମହାନ୍ତି, ସତାର ମାଝୀ, ଲବ ପଟେଲ ନୃପରାଜ ମାଝୀ, ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ଭୂତମୁଣ୍ଡା ଓ କଂସଡା ମଧ୍ୟରେ ହୋଇଥିଲା। ଏଥିରେ ଭୂତମୁଣ୍ଡା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଭୂତମୁଣ୍ଡା ଓ ଦର୍ଲିମୁଣ୍ଡା ମଧ୍ୟରେ ଦର୍ଲିମୁଣ୍ଡା ବିଜୟୀ ହୋଇଥିଲା। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଦର୍ଲିମୁଣ୍ଡା ଓ ଢେଙ୍କିମୁଣ୍ଡା ମଧ୍ୟରେ ଢେଙ୍କିମୁଣ୍ଡା ବିଜୟୀ ହୋଇଥିଲା। ସ୍କୋରର ଯଦୁମଣି ମାଝୀ, ଶଶୀଭୂଷଣ ପଟେଲ ଥିବା ବେଳେ ଜୟକାନ୍ତ ମାଝୀ, ହେମନ୍ତ ମାଝୀ, ସାର୍ଥକ ମହାନ୍ତି ଖେଳ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ମହାନ୍ତି ଧାରାବିବରଣୀ ପ୍ରଦାନ କରିଥିଲେ। ଅମୀୟ ପ୍ରଧାନ, ଅଜିତ ପ୍ରଧାନ, ଦିବାକର ଧରୁଆ, ମାନସ ବଢ଼େଇ, ଆଦର୍ଶ ବିଶ୍ୱାଳ, ଗୌରବ ମାଝୀ, ସୌରଭ ପଟେଲ, ଭୁଜ ଶ୍ରୀଦର, ରାହୁଲ ନାଗ ସଦସ୍ୟମାନେ ସହଯୋଗ କରିଥିଲେ।



# ଘୁଷୁରି ମରା ଭିଡିଓ ଭାଇରାଲ ; ବନ ବିଭାଗର ତଦନ୍ତ



**କୋକସରା, ୨୫ ।୨(ସମିସ):** କିଛି ଯୁବକ ଘୁଷୁରୀ ମାରି ନିଆଁରେ ପୋଡୁଥିବା ଓ ମାଂସ କାଟୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଥିଲା। ଏହାପରେ ଧର୍ମଗଡ଼ ଦକ୍ଷିଣ ବନଖଣ୍ଡ ଅଧୀନ ଆମପାଣି ଫରେଷ୍ଟ ସେକ୍ସନ ପକ୍ଷରୁ ତଦନ୍ତ କରାଯାଉଛି। ଭାଇରାଲ ହୋଇଥିବା ଉକ୍ତ ଭିଡିଓରେ ସ୍ଥାନୀୟ ତେଲିଗୁଡା ଗ୍ରାମର ଜଣେ ଯୁବକ ଥିବା ଜଣାପଡ଼ିଥିଲା। ଏନେଇ ଆମପାଣି ଫରେଷ୍ଟର ରାଜେନ୍ଦ୍ର ନାଏକ ଏବଂ ତାଙ୍କ ଟିମ୍ ତେଲିଗୁଡା ଗ୍ରାମରେ ପହଞ୍ଚି ଘରେ ଘରେ ତଦନ୍ତ ଆରମ୍ଭ କରିଥିଲେ। ଭାଇରାଲ ହୋଇଥିବା ଘୁଷୁରୀମରା ଭିଡିଓରେ ଥିବା ଯୁବକ ମଧୁସୂଦନ ମାଝୀଙ୍କ ଘରେ ପହଞ୍ଚି ତାଙ୍କୁ ବନବିଭାଗ ପକ୍ଷରୁ ପଚରାଉଚରା କରିଥିଲେ। ତେବେ ଭାଇରାଲ ହୋଇଥିବା ଉକ୍ତ ଭିଡିଓଟି ହାଇଦ୍ରାବାଦର ବୋଲି ଜଣାପଡ଼ିବା ପରେ ବନବିଭାଗ ଯୁବକ ମଧୁସୁଦନକୁ ତାଗିଦ କରି ଫେରିଥିବା ଜଣାପଡ଼ିଛି।

## ଦୁର୍ଗମ ଅଞ୍ଚଳରେ ଶିକ୍ଷାର ଦୁର୍ଗତି

# ଶିକ୍ଷକ ଅଭାବ ଯୋଗୁଁ ପ୍ରଭାବିତ ଶିକ୍ଷାଦାନ

**ଥୁଆମୂଳ ରାମପୁର, ୨୫ ।୨(ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ଅଧୀନ ଦୁର୍ଗମ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା କିପରି ଭୁଶୁଡ଼ି ପଡ଼ିଛି, ତାହାର ଜ ଉଦାହରଣ ହେଉଛି କେରପାଇ ପଞ୍ଚାୟତ ଅଧୀନସ୍ଥ କାଟେଲେଖା ଉଚ୍ଚ ବିଦ୍ୟାଳୟ। ଏହି ଅଞ୍ଚଳରେ ଶିକ୍ଷାର ବାସ୍ତବ ଦୁର୍ଗତି ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ବିଦ୍ୟାଳୟରେ ମୋଟ ୨୦୨ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ ହେଉଛି। ଯେଉଁଥିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ ଜଣ, ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ୬୮ ଜଣ ଓ ନବମରୁ ଦଶମ ଶ୍ରେଣୀରେ ୩୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହା ସହିତ ଶିଶୁ ବାଟିକାରେ ମଧ୍ୟ ୨ ଜଣ ଛାତ୍ରଛାତ୍ରୀ ଭର୍ତ୍ତି ଅଛନ୍ତି। ମୋଟ ଛାତ୍ରଛାତ୍ରୀ ଏବଂ ଶ୍ରେଣୀ ଅନୁପାତରେ ଶିକ୍ଷକ ନିଯୁକ୍ତିରେ




ଭୟାବହ ଅଭାବ ଦେଖାଦେଇଛି। ହାଇସ୍କୁଲ ପାଇଁ ୪ ଜଣ ଶିକ୍ଷକ ନିଯୁକ୍ତ ହୋଇଥିବାବେଳେ, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀ ପାଇଁ କେବଳ ଜଣେ ମାତ୍ର ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ୧୭୦ ଜଣ ଛୁଆଙ୍କୁ ଶିକ୍ଷାଦାନ ପାଇଁ ଅତିକମରେ ୪ଜଣ ଶିକ୍ଷକ ନିଯୁକ୍ତ ହେବା ବଦଳରେ ଜଣେ ମାତ୍ର ଶିକ୍ଷକ କିପରି ସମ୍ଭାଳି ଶିକ୍ଷାଦାନ କରିପାରିବେ ସେଥିରୁ ଅବସ୍ଥାର ଗମ୍ଭୀରତା ସ୍ପଷ୍ଟ ଅନୁମାନ କରାଯାଇପାରେ। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଯାତାୟାତ, ଆବାସ ଓ ଆବଶ୍ୟକ ଶିକ୍ଷା ସୁବିଧାର ଅଭାବ ଶିକ୍ଷକ ନିଯୁକ୍ତିକୁ ଆଉ ଅଧିକ କଠିନ କରିଦେଉଛି। ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରରେ ପଡୁଛି। ସ୍ଥାନୀୟ ଅଭିଭାବକ ଓ ବୁଦ୍ଧିଜୀବୀମାନେ ଶୀଘ୍ର ଶିକ୍ଷକ ନିଯୁକ୍ତି ସହ ଆବଶ୍ୟକ ଆଧାରଭୂତ ସୁବିଧା ଯୋଗାଇବାକୁ ପ୍ରଶାସନଙ୍କୁ ଦୃଢ଼ ଦାବି ହେଉଛି। ଅବଶ୍ୟ ବର୍ତ୍ତମାନ ୧୦୦ ଶଯ୍ୟା ବିଶିଷ୍ଟ ବାଳକ ଛାତ୍ରାବାସ ଏବଂ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ କାର୍ଯ୍ୟ ଚାଲିଛି। ଯାହା ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କଲେ ଦୁରଦୂରାନ୍ତର ଛାତ୍ରଛାତ୍ରୀ ମାନଙ୍କ ପାଇଁ ସୁବ୍ୟବସ୍ଥା ହୋଇପାରିବ। ଏଥିସହିତ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପାସ୍ ହେବା ଛାତ୍ରଛାତ୍ରୀମାନେ ଆଉ ଅଧାରୁ ପାଠ ନ ଛାଡ଼ି ହଷ୍ଟେଲରେ ରହି ନିଜ ଶିକ୍ଷାର ଭବିଷ୍ୟତର ସ୍ୱପ୍ନପୂରଣ କରିବାରେ ସହାୟକ ହେବ ବୋଲି ଅଞ୍ଚଳବାସୀ ଆଶା ବାନ୍ଧି ରଖିଛନ୍ତି।

# ଜଙ୍ଗଲରେ ଅଗ୍ନି ନିରାପତ୍ତା ନେଇ ମକ୍‌ଡ୍ରିଲ



**ଥୁଆମୂଳରାମପୁର, ୨୫ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଦକ୍ଷିଣବନଖଣ୍ଡ ଅଧୀନ ଉତ୍ତର ବନାଞ୍ଚଳ ସାଇସୁରନୀ ଅଧିନସ୍ଥ ଗୋଏଲଖୋଜ ସଂରକ୍ଷିତ ଜଙ୍ଗଲରେ ଅଗ୍ନି ନିବାରଣ ଓ ନିୟନ୍ତ୍ରଣ ଉପରେ ଆଧାରିତ ସଚେତନତା କାର୍ଯ୍ୟକ୍ରମ ସହ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଥୁଆମୂଳରାମପୁର ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପାଠ ମକ୍‌ଡ୍ରିଲ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଅଗ୍ନିକାଣ୍ଡ ସମୟରେ ନିଜକୁ କିପରି ସୁରକ୍ଷିତ ରଖିବେ, ଆହତଙ୍କୁ ସୁରକ୍ଷିତ ସ୍ଥାନକୁ କିପରି ସ୍ଥାନାନ୍ତର କରିବେସେଥିପାଇଁ ବ୍ୟବହାରିକ କୌଶଳ ପ୍ରଦର୍ଶିତ କରାଯାଇଥିଲା। ଏଥିସହିତ ସାପ କାମୁଡ଼ା ପ୍ରତିରୋଧ ଓ ଆପତ୍କାଳୀନ ସତର୍କତା ବିଷୟରେ ମଧ୍ୟ ସଚେତନତା ଦିଆଯାଇଥିଲା। ସ୍ଥାନୀୟ ଏସିଏଫ୍ କମ୍ ରେଞ୍ଜର ବିମଳ କୁମାର ଟୋପ୍ପୋଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଗ୍ନି ନିର୍ବାପକ ବୋର୍ଡର ସଦସ୍ୟମାନେ ଉପସ୍ଥିତ ଥିଲେ। ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଅଗ୍ନିଶମ ସ୍କ୍ୱାର୍ଡ ମଧ୍ୟରେ ଔଷଧ, ବ୍ୟାଣ୍ଡେଜ, ଡେଟଲ୍, ସୁରକ୍ଷା ଜୋତା ଓ ହେଲମେଟ ବଣ୍ଟନ କରାଯାଇଥିଲା।

# ମନ୍ଦିର ପାଇଁ ଜମି ଦାନକଲେ ପୂର୍ବତନ ସରପଞ୍ଚ

**କେସିଙ୍ଗା, ୨୫ ।୨(ସମିସ):** କେସିଙ୍ଗା ବ୍ଲକ ହାତିଖୋଜ ପଞ୍ଚାୟତର ବେଲସାପଡ଼ା ଗ୍ରାମରେ ନବନିର୍ମିତ ରାଧାକୃଷ୍ଣ ମନ୍ଦିରପାଇଁ ହାତିଖୋଜ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜପତି ସାହୁ ନିଜ ସମ୍ପତ୍ତିରୁ ୧ ଏକର ଜମି ମଙ୍ଗଳବାର କେସିଙ୍ଗା ତହସିଲ ଅଫିସକୁ ସପରିବାର ଆସି ଦାନ କରିଛନ୍ତି। କେସିଙ୍ଗା ତହସିଲ ଅଫିସର ରେଜିଷ୍ଟ୍ରେସନ୍ ଅଧିକାରୀ ଓ ବେଲସା ପଡ଼ା ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ରାଜପତୀ ସାହୁ ତାଙ୍କ ଧର୍ମପତ୍ନୀ ତିଳୋତ୍ତମା ସାହୁ ତାଙ୍କର ଦୁଇପୁଅ, ଗୋଟିଏ ଝିଅ ସମସ୍ତେ ତହସିଲ କାର୍ଯ୍ୟାଳୟକୁ ଆସି ମନ୍ଦିର ନାମରେ ଜମି ପ୍ରଦାନ କରିଥିଲେ। ଉକ୍ତ ଜମିଟି ହାତୀଖୋଜ ମୌଜାର ଖାତା ନଂ ୨୮୦/୬୩୦ ପ୍ଲଟ ନଂ୧୪୪୬/୨୯୩୭ ଅଟେ। ରାଜପତି ସାହୁଙ୍କ କହିବା ଅନୁସାରେ ରାଧାକୃଷ୍ଣ ମହାପ୍ରଭୁଙ୍କ ଅନ୍ନଭୋଗ ନିମନ୍ତେ ଜମି ଦାନ କରିଛୁ, ଆଜିଠାରୁ ମୁଁ କିମ୍ବା ମୋର ପରିବାର ଏହି ୧ ଏକର ଜମି ଉପରେ ଭବିଷ୍ୟତରେ କୌଣସି ମାଲିକାନା ହକ୍ ନ୍ୟସ୍ତ କରିବୁନାହିଁ।



## ■ ବନ୍ଧୁକମୁନରେ ନବବଧୂକୁ ଅପହରଣ ଘଟଣା

# ବାପ ଘରକୁ ଫେରିଲେ କନ୍ୟା

**ତରଭା, ୨୫।୨ (ସମିସ):** ଚଳିତମାସ ୨୨ ତାରିଖରେ ବାହାଘର ସାରି ଫେରିବା ବାଟରେ ବନ୍ଧୁକ ମୁନରେ ଅପହୃତ ହୋଇଥିବା କନ୍ୟା ବୁଧବାର ନିଜ ଘର କଣ୍ଟାମାଳକୁ ଫେରିଛନ୍ତି। ସୂଚନାନୁଯାୟୀ, ବଲାଙ୍ଗୀରର କାମାକ୍ଷାନଗରର ହରି ବନ୍ଧୁ ପୁଟେଲଙ୍କ ସହ କଣ୍ଟାମାଲ ରଥପଡ଼ାର ସର୍ଜନ ପୁଟେଲଙ୍କ ଝିଅ ରଶ୍ମୀଙ୍କ ବୈଦିକ ରିତିନିତିରେ ଚଳିତମାସ ୨୨ ତାରିଖରେ ବାହାଘର ସରିଥିଲା। ବାହାଘର ସାରି ଫେରିବା ବାଟରେ କଣ୍ଟାମାଲ ଥାନା ଅନ୍ତର୍ଗତ ବଡଛପାପାଲି ଗ୍ରାମର ସଞ୍ଜିବ ସାହୁ ତରଭା ବଡ ବନ୍ଧ ନିକଟରେ ବନ୍ଧୁକ ଦେଖାଇ ନବବିବାହିତା କନ୍ୟାକୁ ନେଇ ସମ୍ବଲପୁରର ଏକ ଭଡା ଘରେ ରଖିଥିଲା। ଥାନାରେ ଏନେଇ ଅଭିଯୋଗ ପରେ କୌଣସିସୂତ୍ରରୁ ଖବର ପାଇ ତରଭା ପୁଲିସ ସମ୍ବଲପୁର ପୁଲିସ ସହାୟତାରେ ଅପହରଣକାରୀ ଯୁବକ ଓ ଅପହୃତ କନ୍ୟାକୁ ଉଦ୍ଧାର କରି ତରଭା ଥାନାକୁ ଆଣିଥିଲେ। ଏ ସମ୍ବନ୍ଧରେ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ସାମ୍ବାଦିକ ସମ୍ମିଳନି କରି ମଙ୍ଗଳବାର ସୂଚନା ଦେଇଥିଲେ। ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟରେ ନବ ବିବାହିତାକୁ ବର ପକ୍ଷରୁ ଦେଇଥିବା ସୁନା ଅଳଙ୍କାର ଯଥା ସୁନା ହାର, ମଙ୍ଗଳ ସୁତ୍ର, ନାକଫୁଲ, ଦୁଇଟି ରୁପାମୁଦି ପ୍ରଭୃତି ତରଭା ଥାନାରେ ବର ହରି ବନ୍ଧୁକୁ ଫେରାଇଦିଆଯାଇଛି। କନ୍ୟା ପକ୍ଷର ସମସ୍ତ ଜିନିଷ ଓ ନବବିବାହିତା କନ୍ୟା ରଶ୍ମି ପୁଟେଲକୁ ତଦନ୍ତ ଅଧିକାରୀ ପ୍ରଶନ୍ନଜିତ ବେହେରାଙ୍କ ଉପସ୍ଥିତିରେ ତାଙ୍କ ମାଆ ଖତ ପୁଟେଲଙ୍କ ଜିମା ଦିଆଯାଇଛି। ଏହାପରେ ରଶ୍ମି ଆଜି ନିଜ ଘରକୁ ଫେରିଥିବା ତରଭା ଆଇଆଇସି ଅନିତା କିଡୋ ପ୍ରକାଶ କରଛନ୍ତି।

## ଶ୍ରୀପାଲିରେ ବିଜେଡିର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

# ପୌର ଓ ପଞ୍ଚାୟତ ନିର୍ବାଚନରେ କ୍ଲିନ୍‌ସ୍ୱିପ୍ ପାଇଁ ଦଳ ପ୍ରସ୍ତୁତ

**ମ.ରାମପୁର, ୨୫ ।୨ (ସମିସ):** ଗତ ୨୪ ବର୍ଷ ଧରି ଓଡ଼ିଶାକୁ ବିକାଶ ପଥରେ ଆଗେଇ ନେବାରେ ସଫଳ ହୋଇପାରିଥିଲା ବିଜୁ ଜନତା ଦଳ। କିନ୍ତୁ ମାତ୍ର ଅଠର ମାସ ମଧ୍ୟରେ ରାଜ୍ୟ ଶାସନ ସମ୍ଭାଳିବା ତ ଦୂରର କଥା, ବିଜେପି ଆଣ୍ଠେଇ ପଡ଼ିଲାଣି। ପାଟିରେ ବାଗବାଇଶ ନଥିବା ବିଜେପି ନେତା ଓ



ମନ୍ତ୍ରୀ ଖାଲି ବଡ଼ ବଡ଼ କଥା କହୁଛନ୍ତି କିନ୍ତୁ ଓଡ଼ିଶାର ଲୋକଙ୍କ ଉନ୍ନତି ପାଇଁ ସେମାନଙ୍କ ଅବଦାନ ଶୂନ। ରବି ଋତୁ ଆସିଲାଣି କିନ୍ତୁ ଏ ପର୍ଯ୍ୟନ୍ତ ଖରିଫ ଧାନ ବିକ୍ରି ହୋଇପାରୁନି। ମଣ୍ଡିରେ ଶୀତ କାକରରେ ଦୀର୍ଘ ଦିନ ପଡ଼ି ଚାଷୀର ମେରୁଦଣ୍ଡ ନଇଁଗଲାଣି। ଆଜି ସ୍କୁଲ, କଲେଜ, ଅଫିସ ସବୁଠି ମହିଳାମାନେ ଅସୁରକ୍ଷିତ। ସୁଭଦ୍ରା ଯୋଜନାରେ ପଚାଶ ହଜାର ବଦଳରେ ବର୍ଷକୁ ଦୁଇଟି କିସ୍ତିରେ ଦଶ ହଜାର ଟଙ୍କା ଦେଇ ଭଣ୍ଡେଇ ଦେଇଛି ବିଜେପି। ରାଜ୍ୟରେ ଦିନକୁ ଦିନ ଅରାଜକତା ବଢ଼ି ଚାଲିଥିବାବେଳେ ଡବଲ ଇଞ୍ଜିନ ସରକାର ଓଡ଼ିଶାବାସୀଙ୍କୁ ଡବଲ ଧୋକା ଦେଇଛି। ଲୋକଙ୍କୁ ପ୍ରତିଶ୍ରୁତି ଦେଇ ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ଶାସକ ବିଜେପି ସରକାର। ସରକାର ଚଳାଇବାକୁ ବିଜେପି ଅକ୍ଷମ। ଆଜି ରାଜ୍ୟର ବିକାଶ ଆଗକୁ ଯିବା ବଦଳରେ ପଛେଇ ଯାଇଛି। ବିଜେପିର ଅପାରଗତାର ଫଳ ଭୋଗୁଛନ୍ତି ରାଜ୍ୟର ସାଢେ ଚାରିକୋଟି ଲୋକେ। ଆଗକୁ ଆସୁଛି ପୌର ଓ ପଞ୍ଚାୟତ ନିର୍ବାଚନ। ଏହି ନିର୍ବାଚନରେ ବିଜେପି ସରକାରକୁ ପାନେ ଦେବାକୁ ପଡ଼ିବ। ବିଜେପି ବିରୋଧରେ ଲୋକଙ୍କ ପୁଞ୍ଜିଭୂତ ଅସନ୍ତୋଷ ବିଜେପି ପରାଜୟର କାରଣ ହେବ। ବିଜେଡି

**ଶାସକ ଦଳର ଅସଲ ଚେହେରା ପଦାରେ ପକାଇଛି ମଣ୍ଡି ଅବ୍ୟବସ୍ଥା**

ପୁରାଦମରେ ମଇଦାନକୁ ଓହ୍ଲାଇବ। ଚାଷୀ ବିରୋଧୀ, ମହିଳା ବିରୋଧୀ, ଜନବିରୋଧୀ ବିଜେପି ସରକାରକୁ କଡ଼ା ଜବାବ ଦେବ। ବିଜେପି ବିରୋଧରେ ଲୋକଙ୍କ ପୁଞ୍ଜିଭୂତ କ୍ରୋଧ ଓ ଆକ୍ରୋଶକୁ ଆୟୁଧ କରି ଆଗାମୀ ପୌର ଏବଂ ପଞ୍ଚାୟତ ନିର୍ବାଚନରେ ବିଜେଡି କ୍ଲିନ ସ୍ୱିପ କରିବ ବୋଲି ନର୍ଲା ବ୍ଲକ ଶ୍ରୀପାଲିରେ ଆୟୋଜିତ ବିଜେଡିର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀରେ ଦୃଢୋକ୍ତି କରିଛନ୍ତି ବିଜେଡି ନେତୃବୃନ୍ଦ। ବିଜେଡି ସହିତ ଓଡ଼ିଶାର ସାଢେ ଚାରିକୋଟି ଲୋକଙ୍କ ଆଶୀର୍ବାଦ ରହିଛି ଓ ରହିବ ବୋଲି କହିବା ସହିତ ସାରା ଜିଲ୍ଲାରେ ଏକଜୁଟ ହୋଇ ଆଗକୁ ବଢ଼ିବା ସହିତ ବିଜେପିର କୁଶାସନ ବିରୋଧରେ ଲୋକଙ୍କ ପାଖକୁ ଯିବାକୁ ଆହ୍ୱାନ ଦେଇଛନ୍ତି ଜିଲ୍ଲା ବିଜେଡି ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ। ଶ୍ରୀ ଦିଶାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀରେ ନର୍ଲା ବିଧାୟିକା ମନୋରମା ମହାନ୍ତି, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ମହିଳା ବିଜେଡି ଜୋନ ସଭାନେତ୍ରୀ ଲଳିତା ନାଏକ, ଛାତ୍ର ବିଜେଡି ସଭାପତି ଅଜିତ ସାହୁ, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ମ. ରାମପୁର ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂଦେଓ, କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ, କେସିଙ୍ଗା ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବ, ବିଜେଡି ନେତା ପ୍ରଦୀପ ମୁଣ୍ଡ, ପରମାନନ୍ଦ ମାଝୀ, ସାମନ୍ତ ଖମାରୀ, ଆଦିତ୍ୟ ନନ୍ଦ, ମନୀନ୍ଦ୍ର ମହାନ୍ତି, ମଣ୍ଟୁ ନାଏକ, ନୀଳମଣି ସାହୁ, ନନ୍ଦିନୀ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବିଜେଡି ଜିଲ୍ଲା ଉପସଭାପତି ଧର୍ମେନ୍ଦ୍ର ନାଏକ ସଭା ପରିଚାଳନା କରିଥିବାବେଳେ ତ୍ରିଲୋଚନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଜେଡି ନେତା ଜାକିର ହୁସେନ, ଟିକେଲାଲ ସାହୁ, ପ୍ରେମରଞ୍ଜନ ପାଣିଗ୍ରାହୀ, ଡାକେଶ୍ୱର ଲହଜଲ, ପର୍ଶୁରାମ ପାଢ଼ୀ, ରୋମାଞ୍ଚଳ ସାହୁ, ରାଷ୍ଟ୍ର ସାହୁ, ସରୋଜ ରାଉତ, ଜଗଦୀଶ ବେନିଆଙ୍କ ସହିତ ଜିଲ୍ଲାର ୧୩ଟି ବ୍ଲକରୁ ତିନିଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମା’ ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

# ଆଜି ନବ-ନିର୍ମିତ ମନ୍ଦିରରେ ବିରାଜମାନ କରିବେ ମା’

**ବିନିକା, ୨୫ ।୨(ସମିସ):** ଆଉ ଦିନକ ପରେ ଅର୍ଥାତ ଗୁରୁବାର ନବନିର୍ମିତ ମନ୍ଦିରରେ ଇଷ୍ଟଦେବୀ ମା’ ମାହେଶ୍ୱରୀ ବିରାଜମାନ କରିବେ। ମା’ଙ୍କ ମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଭକ୍ତମାନେ ଅନେଇ ରହିଥିବାବେଳେ ଆଖପାଖ ଆଞ୍ଚଳରେ ଏକ ପ୍ରକାର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ଆଜି ମନ୍ଦିର ପ୍ରତିଷ୍ଠା ଉତ୍ସବର ଚତୁର୍ଥ ଦିବସରେ ଜଳାଭିଷେକ ସହ କଳସ ନ୍ୟାସ, କୂପ ନ୍ୟାସ, ନିଦ୍ରାଦେବୀ ପୂଜା ସହ କୂପ ମହାରାଜଙ୍କୁ ଶୟନ କରାଯାଇଥିଲା। ମନ୍ଦିର ନ୍ୟାସ କରି ମନ୍ଦିରର ଅଙ୍ଗ ପ୍ରତ୍ୟଙ୍ଗ ପୂଜାର୍ଚ୍ଚନା ପରେ ଇଷ୍ଟଦେବୀ ମା’ ମାହେଶ୍ୱରୀଙ୍କ ସିଂହାସନ ପ୍ରତିଷ୍ଠା କରାଯାଇଥିଲା। ଏଥିରେ ମୁଖ୍ୟ ଆଚାର୍ଯ୍ୟ ଭାବେ ବାସୁଦେବ ହୋତା, ସହଯୋଗୀ ପୂଜକ ଭାବେ ଯୁଧିଷ୍ଠିର ଦାଶ, ଦେବାନନ୍ଦ ହୋତା, ଅଭିନାସ ମିଶ୍ର, ଦାମୋଦର ନନ୍ଦ, ବିଷ୍ଣୁ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିବା ବେଳେ ମା’ଙ୍କ ପୂଜକ ଭାବେ ମୋହନ ଦେହେରୀ କାର୍ଯ୍ୟ ତୁଲାଇଥିଲେ। ସେହିପରି ମନ୍ଦିର ପ୍ରତିଷ୍ଠା ଉତ୍ସବର ମୁଖ୍ୟ କର୍ତ୍ତା ଭାବେ ବନମାଳୀ ମହାକୁର ଓ ତାଙ୍କ ଧର୍ମପତ୍ନୀ ମାଳତୀ ମହାକୁର, ନାମ ଯଜ୍ଞ କର୍ତ୍ତା ଭାବେ ରାଖାଳ ବରିହା ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ବରିହା ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ସକାଳେ ବ୍ୟାସ ଶାନ୍ତନୁ କୁମାର ତ୍ରିପାଠୀଙ୍କ ଦ୍ୱାରା ରାମାୟଣ ପାରାୟଣ ପରିବେଷଣ ଏବଂ ସନ୍ଧ୍ୟାରେ ପ୍ରବଚକ ବନମାଳୀ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ସାରା ଗ୍ରାମକୁ ଆଧ୍ୟାତ୍ମିକ ମାର୍ଗରେ ବାନ୍ଧି ରଖିଥିଲା। ଆଜି ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ମା’ଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦେଖିବା ପାଇଁ ଭିଡ଼ ଜମାଇଥିଲେ।



# ଓଡ଼ିଶା ଜୀବିକା ମିଶନର କର୍ମଶାଳା



**ବୀରମହାରାଜପୁର, ୨୫।୨ (ସମିସ):** ବୀରମହାରାଜପୁର ଓଡ଼ିଶା ଜୀବିକା ମିଶନ ପକ୍ଷରୁ ସୁବଳୟା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ ସଂଘର ସଭାନେତ୍ରୀ ମୀରା ବାରିକ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ବିଏଲସି ରମାକାନ୍ତ ହରିପାଲ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ମାଷ୍ଟର ଟ୍ରେନର ମାନସ କୁମାର ଧଳ, ଜୟନ୍ତ କୁମାର ସାହୁ ଟ୍ରେନର ମେନକା ଦାଶ, ମାଳତୀ ସରଭଙ୍ଗ, ଓଡ଼ିଶା ଲାଇଭ ହୁଡ୍ ମିଶନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଏମବିକେ ବବିତା ରାଣୀ ମହାପାତ୍ର, ସଂଘର ସମ୍ପାଦିକା ମାଧୁରୀ ମେହେର, ସମସ୍ତ ସିଆରପିସିଏମ ଓ ଇସି ସଭ୍ୟା ଉପସ୍ଥିତ ଥିଲେ। ଏହି କର୍ମଶାଳାଟି ପ୍ରଥମେ ୫ ଦିନ ଓ ପରେ ୯ ଦିନ ସମୁଦାୟ ଚଉଦ ଦିନ ଧରି ସୁବଳୟା ଗ୍ରାମପଞ୍ଚାୟତର ସଭାଗୃହରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# ଗୁଣପୁର ଏସ୍‌ବିଆଇ ଏଟିଏମ୍ ଅଚଳ

**ଥୁଆମୂଳ ରାମପୁର, ୨୫ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଧୀନ ଗୁଣପୁର ପେଟ୍ରୋଲ ପମ୍ପ ପରିସରରେ ସ୍ଥାପିତ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍ ପ୍ରାୟ ଦୁଇ ସପ୍ତାହ ହେଲା ଅଚଳାବସ୍ଥାରେ ରହିଛି। ଫଳରେ ଗୁଣପୁର ସମେତ ନାକୁରୁଣ୍ଡି, କେରପାଇ, ସିଲେଟ, ତଳାମପଦର, କର୍ଲାପାଟ କିଆପଦର ଏବଂ କାଣିଗୁମା ଗ୍ରାମ ପଞ୍ଚାୟତର ଅଞ୍ଚଳବାସୀଙ୍କ ଜରୁରୀକାଳୀନ ଟଙ୍କା ଉଠାଣ କାର୍ଯ୍ୟ ବିଶେଷ ପ୍ରଭାବିତ ହେଉଛି। ଦୈନିକ ମଜୁରୀ ଉପରେ ନିର୍ଭରଶୀଳ ଶ୍ରମିକ, ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀ ଓ ବ୍ୟବସାୟୀମାନେ ଏଟିଏମ୍ ବନ୍ଦ ଥିବାରୁ ଦୂର ଅଞ୍ଚଳକୁ ଯାଇ ଟଙ୍କା ଉଠାଇବାକୁ ବାଧ୍ୟ ହେଉଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁସାରେ, ଥୁଆମୂଳ ରାମପୁର ବ୍ଲକର ଏହି ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଏଟିଏମ୍ ଦୀର୍ଘ ସମୟ ଧରି ଅଚଳ ଥିବା ସତ୍ତ୍ୱେ କର୍ତ୍ତୃପକ୍ଷଙ୍କ ଦ୍ୱାରା ତୁରନ୍ତ ପଦକ୍ଷେପ ନିଆଯାଉନାହିଁ।



## ଅଭାବ ଅନାଟନରେ ଜୟ ରାଉତଙ୍କ ପରିବାର

# ୪ ଝିଅଙ୍କ ଭବିଷ୍ୟତକୁ ନେଇ ଚିନ୍ତା



**କୋମନା, ୨୫ ।୨(ସମିସ)**

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତର ଯେଠୁପାଲି ଗାଁରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଜୟ ରାଉତଙ୍କ ଅକାଳ ବିୟୋଗ ପରେ ପୂରା ପରିବାର ଏବେ ସଂଘର୍ଷର ପରିଧି ଭିତରକୁ ଠେଲି ହୋଇଯାଇଛି। ତାଙ୍କପରେ ଘରେ ସ୍ତ୍ରୀ ଏବଂ ୪ ଜଣ ନାବାଳିକା ଝିଅ ଅନାଥ ଅବସ୍ଥାରେ ଦିନ କାଟୁଛନ୍ତି। ବର୍ତ୍ତମାନ ଜୟ ରାଉତଙ୍କ ପରଲୋକ ପରେ ପରିବାରର ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଛି। ଘରେ ରୋଜଗାର କରିବାକୁ କେହି ନ ଥିବାରୁ, ଦୁଇଓଳି ଦୁଇ ମୁଠା ଖାଇବା ମଧ୍ୟ ଏହି ପରିବାର ପାଇଁ ଏବେ କଷ୍ଟକର ହୋଇପଡ଼ିଛି। ଜୟଙ୍କ ପତ୍ନୀ ସିନ୍ଧୁ ସୁତା ରାଉତଙ୍କ ମୁଣ୍ଡ ଉପରେ ଏବେ ୪ ଝିଅ (ସିଦ୍ଧି, ଟିକିତା, ପ୍ରଜ୍ଞା ଏବଂ ପ୍ରତିଜ୍ଞା)ଙ୍କ ଦାୟିତ୍ୱ। ଝିଅମାନେ ଛୋଟ ହୋଇଥିବାରୁ ସେମାନଙ୍କ ପାଠପଢ଼ା ଏବଂ ପ୍ରତିପୋଷଣ କେମିତି ହେବ, ସେ ନେଇ ସେ ସବୁବେଳେ ଚିନ୍ତାରେ ଭାଙ୍ଗି ପଡୁଛନ୍ତି। ପରିବାରର ସ୍ଥିତି ଏବେ ଏପରି ଯେ ସେମାନେ ସରକାରୀ ସାହାଯ୍ୟକୁ ଚାହିଁ ରହିଛନ୍ତି। ଗ୍ରାମବାସୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀମାନେ ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ଏହି ଅସହାୟ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ବିଧବା ଭତ୍ତା ଏବଂ ପିଲାମାନଙ୍କ ପାଠପଢ଼ା ପାଇଁ କୌଣସି ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଗଲେ ପରିବାରଟି ଅତି କଷ୍ଟରେ ହେଲେ ମଧ୍ୟ ମୁଣ୍ଡଗୁଞ୍ଜି ପାରନ୍ତା ବୋଲି ଦାବି ଜଣାଇଛନ୍ତି।

# ବିବାହ ବାର୍ଷିକୀରେ ଦମ୍ପତିଙ୍କ ଅଙ୍ଗଦାନ ଘୋଷଣା

**ଭବାନୀପାଟଣା, ୨୫ ।୨(ସମିସ):** ଜନ୍ମଦିନ, ବିବାହ ବାର୍ଷିକୀ ଆଦି ଜୀବନର ସ୍ୱତନ୍ତ୍ର ଦିନକୁ ସ୍ମରଣୀୟ କରିବାକୁ ଅନେକ ପଦକ୍ଷେପ ନିଅନ୍ତି ଲୋକେ। ତେବେ ନିଜର ୧୫ଦଶ ତମ ବିବାହ ବାର୍ଷିକୀକୁ ସ୍ମରଣୀୟ କରିବାକୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ଏକ ଦମ୍ପତି ନେଇଛନ୍ତି ନିଆରା ପଦକ୍ଷେପ। ଭବାନୀପାଟଣା ସହରର ଜଣେ ଆଗଧାଡିର ଯୁବ ଚେହେରା ହେଉଛନ୍ତି ତ୍ରିଲୋଚନ ପାଣିଗ୍ରାହୀ। ତାଙ୍କ ପତ୍ନୀ ଗୀତାଞ୍ଜଳି ପାଣିଗ୍ରାହୀ। ରାଜନୀତି ସହିତ ସମାଜସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ପାଣିଗ୍ରାହୀ ଦମ୍ପତି ଆଜି ନିଜର ଅଙ୍ଗଦାନ କରିବାକୁ ଘୋଷଣା କରିବା ସହିତ ଏଥିପାଇଁ ଉଦ୍ଦିଷ୍ଟ ଶପଥପତ୍ରରେ ସ୍ୱାକ୍ଷର କରିଛନ୍ତି। ନିଜର ସ୍ୱାଭାବିକ ମୃତ୍ୟୁପରେ ଉଭୟ ପତିପତ୍ନୀ ନିଜ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଦାନ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏ ଦିଗରେ ଉଭୟ ପତିପତ୍ନୀଙ୍କୁ କନ୍ଦର୍ପ ହଂସ ମେମୋରିଆଲ ଚାରିଟେବଲ ଟ୍ରଷ୍ଟ ଓ ସମାଜସେବୀ ବଳଦେବ ଭୋଇ ମାର୍ଗଦର୍ଶନ କରିଥିବା ଜଣାଯାଏ। ତେବେ ସେତିକି ନୁହେଁ ଆଜି ସନ୍ଧ୍ୟାରେ ଉଭୟ ପତିପତ୍ନୀ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଓଡ଼ିଶା ରକ୍ତଭଣ୍ଡାରରେ ରକ୍ତଦାନ କରି ନିଜ ବିବାହ ବାର୍ଷିକୀ ପାଳନ କରିଛନ୍ତି। ପାଣିଗ୍ରାହୀ ଦମ୍ପତିଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବାବେଳେ ଅଙ୍ଗ ଓ ଶରୀର ଦାନ କ୍ଷେତ୍ରରେ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ମତ ପ୍ରକାଶ ପାଇଛି। ଆଜି



ଉଭୟଙ୍କ ରକ୍ତଦାନ ସମୟରେ ଦଳିତ ଆଦିବାସୀ ମହାସଙ୍ଘର କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ, ଚାଷୀ ନେତା ସାମନ୍ତ ଖମାରୀ, ଜନମମାଟି ସୁରକ୍ଷା ସମିତିର ଗିରିଧାରୀ ପାତ୍ରଙ୍କ ସହିତ ବଡ଼ଭଉଣୀ ଛବିତା ସାହୁ, ସମ୍ପର୍କୀୟ ସୌମ୍ୟରଞ୍ଜନ ସାହୁ, ତାଙ୍କ ପୁଅ ବିପ୍ଳବ ପ୍ରତାପ ପାଣିଗ୍ରାହୀ, ରୁଦ୍ରପ୍ରତାପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

# ବାଳିକା ଆତ୍ମରକ୍ଷା ତାଲିମ ଶିବିର ଓ ପୁରସ୍କାର ବିତରଣ

ମୋରଡ଼ା,୨୫।୨(ସମିସ): ମୋରଡ଼ା ବ୍ଲକ୍ ସଦର ମହକୁମା ଚିତ୍ରଡ଼ାରେ ଥିବା ଚିତ୍ରଡା ମହାବିଦ୍ୟାଳୟ ପରିସରରେ ଜାନୁଆରୀ ୨୯ ତାରିଖରୁ ଫେବୃଆରୀ ୭ ତାରିଖ ପର୍ଯ୍ୟନ୍ତ ହୋଇଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ପୁରସ୍କାର ବିତରଣ ଓ ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତ ଯୋଗଦେଇ ଶିବିର ରେ ଥିବା ୮୪ଜଣ ଛାତ୍ରୀ ଙ୍କୁ ସାର୍ଟିଫିକେଟ ଓ



ପୁରସ୍କାର ବଣ୍ଟନ କରିଥିଲେ। ଦୁଇଜଣ ମାଷ୍ଟର ଟ୍ରେନର ଦୀର୍ଘ ଦଶ ଦିନ ଧରି ଛାତ୍ରୀଙ୍କୁ ତାଲିମ ଦେଇଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଏହା କେବଳ କୌଶଳ ଶିକ୍ଷା ନୁହଁ ବରଂ ଛାତ୍ରୀ ମାନଙ୍କ ଆନବିଶ୍ୱାସ କୁ ଦୃଢ଼ କରିବାର ଏକ ମାଧ୍ୟମ ବୋଲି କହିଥିଲେ।ଉକ୍ତ କାର୍ଯ୍ୟକ୍ରମ କୁ ଅଧ୍ୟାପିକା ସୌଦାମିନୀ ସିଂ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ ହୋଇଥିବା ବେଳେ ଅଧ୍ୟାପକ ବୁଦ୍ଧିରାମ ସିଂ, ଯଶୋଦା ବେହେରା, ଆଦି ପରିଚାଳନା ରେ ସହଯୋଗ କରିଥିଲେ।

## ମଣ୍ଡି ଅବ୍ୟବସ୍ଥାରେ ଆସୁନି ସୁଧାର

# ଅଦିନିଆ ବର୍ଷାରେ ଭିଜିଲା କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ

ରାଇରଙ୍ଗପୁର,୨୫।୨(ସମିସ)

ମଣ୍ଡିରେ ସରକାରୀ ଅବହେଳା ପରେ ଏବେ ଅଦିନିଆ ବର୍ଷା ଦାଉ ସାଧିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଧାନ ମଣ୍ଡିରେ ସୁଧାର ଆସୁନାହିଁ। ରାଜ୍ୟ ସରକାର ଧାନ କିଣା ପାଇଁ ଯାହା ନିୟମ କରିଛନ୍ତି, ମଣ୍ଡିରେ ତାହାର ବିପରୀତ ଚିତ୍ର ଦେଖିବାକୁ ମିଳୁଛି। ଯାହାକୁ ନେଇ ମଣ୍ଡି ଅବ୍ୟବସ୍ଥା ଘେରରେ ରହିଛନ୍ତି। ଚାଷୀମାନଙ୍କ ଠାରୁ ସଂଗୃହୀତ ବସ୍ତା ବସ୍ତା ଧାନ ଲ୍ୟାମ୍ପସ୍ ବାହାରେ ପଡ଼ିରହିଥିବା ବେଳେ ଅଦିନିଆ ବର୍ଷାରେ ତାହା ଭିଜିଛି। କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଭିଜିବାରୁ ଚାଷୀ ମାନେ ଚିନ୍ତାରେ ପଡ଼ିଛନ୍ତି। ଏହିପରି ସମସ୍ୟା ବାମନଘାଟି ଉପଖଣ୍ଡର ବହଳଦା ବ୍ଲକ ଅନ୍ତର୍ଗତ ଝରାଡିହି ସମବାୟ ସମିତି (ଲ୍ୟାମ୍ପ) ପରିସରରେ ଦେଖିବାକୁ ମିଳିଛି। ଚାଷ କରିଥିବା ଧାନକୁ ବିକି କିଛି ଅର୍ଥ ରୋଜଗାର କରିବେ ବୋଲି ଚାଷୀମାନେ ଭାବିଥିବା ବେଳେ ଅବ୍ୟବସ୍ଥା ପାଇଁ ସବୁ ଫସର ଫାଟିବାକୁ ଯାଉଛି। ନିଜ କଷ୍ଟ ଉପାର୍ଜିତ ଧାନ ମଣ୍ଡିରୁ ଠିକ ସମୟରେ ନ ଉଠିବାରୁ ଧାନ ମଣ୍ଡିରେ ପଡିରହି ବର୍ଷାରେ ଭିଜିଛି। ପୂର୍ବରୁ ମଣ୍ଡିରେ ଚାଷୀମାନେ କଟ୍‌ନୀ ଛଟ୍‌ନୀକୁ ନେଇ



ଚିନ୍ତାରେ ପଡ଼ିଛନ୍ତି। ତାହା ପରେ ଅଦିନିଆ ବର୍ଷା ଚିନ୍ତା ଉପରେ ଆହୁରି ଚିନ୍ତା ଆଣି ଦେଇଛି। ଚାଷୀମାନେ ଟୋକନ ପାଇ ଧାନ ବସ୍ତା ମଣ୍ଡିକୁ ବିକ୍ରି କରିଛନ୍ତି। ସୋମବାର ଓ ମଙ୍ଗଳବାର ଅଦିନିଆ ବର୍ଷାରେ ଧାନ ବସ୍ତା ଭିଜି ନଷ୍ଟ ହୋଇଯାଇଛି। ଉକ୍ତ ମଣ୍ଡିରେ ଧାନ ରଖିବା ପାଇଁ ଠିକ୍ ଭାବେ ବ୍ୟବସ୍ଥା ହୋଇନଥିବାରୁ ଆଜି ଧାନ ଭିଜିଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଖୋଲା ଆକାଶ ତଳେ ଧାନ ବସ୍ତା ଥିବା ବେଳେ କଷ୍ଟ ଉପାର୍ଜିତ ଧାନ ସବୁ ବର୍ଷାରେ ଭିଜି ଯାଇଛି। ଯାହାକୁ ନେଇ ଚାଷୀମାନେ କ୍ଷୋଭ କରିଛନ୍ତି। ଅପ୍ରତ୍ୟାଶିତ ବର୍ଷା ପାଇଁ ପୂର୍ବ ପ୍ରସ୍ତୁତି ନଥିବାରୁ ଧାନକୁ ପଲିଥିନ୍ ବି ଘୋଡ଼ାଇ ପାରିନଥିଲେ। ଯାହା ଫଳରେ ସବୁ ଭିଜିଯାଇଛି। ଚାଷୀ ମାନେ ସରକାରୀ ମୂଲ୍ୟରେ ଧାନ ବିକ୍ରି ପାଇଁ ଆଣିଥିବା ବେଳେ ଅନେକ ଚାଷିଙ୍କ ଧାନବସ୍ତା ଅଦିନିଆ ବର୍ଷାରେ ଭିଜି ଯାଇଛି। ଟୋକନ ଅବଧି ଥିବା ଚାଷୀମାନଙ୍କ ରବିବାର ଦିନ ଧାନ କିଣାଯିବା ନେଇ ଲ୍ୟାମ୍ପ ଅଧିକାରୀଙ୍କ ଦ୍ୱାରା ସୂଚନା ଦିଆଯିବା ପରେ ସମ୍ପୃକ୍ତ ଚାଷୀ ମାନେ ଶନିବାର ରାତ୍ରି ସମୟରୁ ଯାହା ଟୋକନରେ ଯେତିକି କ୍ୱିଣ୍ଟାଲ ଧାନ ବିକ୍ରି ଅନୁମତି ଅଛି ସେତିକି ଓଜନର ଧାନ ବସ୍ତା ଝରାଡିହି ଲ୍ୟାମ୍ପ ପରିସରରେ ଗଚ୍ଛିତ କରି ରଖିଛନ୍ତି। କିନ୍ତୁ ଧାନ ଉଠାଇବାକୁ ମିଲର ନ ପହଞ୍ଚିବାରୁ ଧାନ ବିକ୍ରି ହୋଇନପାରି ଲ୍ୟାମ୍ପ ପରିସରରେ ଧାନବସ୍ତା ସବୁ ଅସୁରକ୍ଷିତ ଅବସ୍ଥାରେ ପଡିରହିଛି। ତେବେ ଅଦିନିଆ ବର୍ଷାରେ ଖୋଲା ଆକାଶ ତଳେ ଥିବା ଧାନ ବସ୍ତା ଭିଜିଯାଇଛି। ଏପଟେ ଅବଧି ସମୟ ମଧ୍ୟରେ ଧାନ କିଣା ନହେଲେ ଟୋକନ ଅବଧି ଶେଷ ହେବା ଆଶଙ୍କାରେ ଚାଷୀମାନେ ମାନସିକ ଚାପରେ ରହିଛନ୍ତି। ତେବେ ଉକ୍ତ ସମସ୍ୟାର ସମାଧାନ କରିବାକୁ ଚାଷୀ ମାନେ ଦାବି କରିଛନ୍ତି। ମଣ୍ଡିରେ ଥିବା ଧାନଗୁଡ଼ିକ ଭିଜି ପ୍ରଭାବିତ ହୋଇଥିବା ଆଶଂକା କରାଯାଉଛି। ଯାହା ପାଇଁ ସଂପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କୁ ଚାଷୀ ମାନେ ଦାୟୀ କରିଛନ୍ତି। ତେବେ ମଣ୍ଡିରୁ ତୁରନ୍ତ ଚାଷୀଙ୍କ ଧାନ ଉଠାଯିବାର ବ୍ୟବସ୍ଥା କରିବାକୁ ମିଲରକୁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି କରିଛନ୍ତି।

# ଜାତୀୟ ରାଜପଥ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ





ରାଇରଙ୍ଗପୁର,୨୫।୨(ସମିସ): ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଇରଙ୍ଗପୁର ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ହୋଇଛି। ଯାହାକୁ ନେଇ ଭାଲୁବସା ଅଞ୍ଚଳରେ ୨୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଉଚ୍ଛେଦ ହୋଇଛି। ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କ ଉପସ୍ଥିତିରେ ଜେସିବି ଜରିଆରେ ୨୯ଟି ଜବରଦଖଲ ଘର ଭଙ୍ଗାଯାଇଛି। ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ଭାଲୁବସା ଛକରେ ରାଞ୍ଚି-ବିଜୱାଡା ୨୨୦ ନମ୍ବର ଜାତୀୟ ରାଜପଥ ପାଶ୍ୱର୍ରେ ଦୀର୍ଘ ବର୍ଷ ଧରି ଲୋକେ ଜବରଦଖଲ କରି ରହିଛନ୍ତି। ଉକ୍ତ ଜମି ଛାଡିବା ପାଇଁ ତହସିଲ ପକ୍ଷରୁ

**ମାଟିରେ ମିଶିଲା ୨୯ଟି ଘର**

ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ଲୋକେ ସ୍ଥାନାନ୍ତରିତ ହେଉନଥିଲେ। ଯାହାକୁ ନେଇ କୋର୍ଟକୁ ମଧ୍ୟ ମାମଲା ଯାଇଥିଲା। କୋର୍ଟ ନିର୍ଦ୍ଦେଶକ୍ରମେ ଉଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୨୯ଟି ଘର ଭଙ୍ଗା ଯାଇଥିବା ବେଳେ ଆଗକୁ ଅନ୍ୟ ପାଶ୍ୱର୍ର ଘର ଗୁଡ଼ିକ ଭଙ୍ଗା ଯିବ। ତେବେ ଏହା ପୂର୍ବରୁ ତାଙ୍କୁ ଭେଣ୍ଡିଂ ଜୋନରେ ସ୍ଥାନାନ୍ତରିତ କରିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ତହସିଲଦାର ଶ୍ରୀ ବିଶ୍ୱାଳ କହିଛନ୍ତି। ଉଚ୍ଛେଦ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଆଗକୁ ରାଇରଙ୍ଗପୁର ସହରରେ ଥିବା ଜବରଦଖଲ ଅବସ୍ଥାରେ ଥିବା ସରକାରୀ ଜମିରୁ ଉଛେଦ କରାଯିବ ବୋଲି ତହସିଲଦାର କହିଛନ୍ତି।

## ● ଉଚ୍ଛେଦରେ ଅନିୟମିତା ଅଭିଯୋଗ କଲେ ସରପଞ୍ଚ

# ପୁନର୍ବାର ଜାଗା ମାପ ସହ ଉଚ୍ଛେଦ ପାଇଁ ଦାବି

ମୋରଡ଼ା,୨୫।୨(ସମିସ): ମୋରଡା ତହସିଲ ପ୍ରଶାସନର ମନମୁଖୀ ଜାଗାମାପ ସହ ମୁଷ୍ଟିମେୟ ଲୋକଙ୍କୁ ଅନୁକମ୍ପା ଦେଖାଇବା ଘଟଣାକୁ ନେଇ ପଳାସମୁଣ୍ଡୁଳୀ ଗ୍ରାମପଞ୍ଚାୟତର ସରପଞ୍ଚ ଲାଲମୋହନ ସିଂ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରି ରାଜସ୍ୱ ବିଭାଗ ଉପରେ ବର୍ଷିଛନ୍ତି। ଲାଲମୋହନଙ୍କ କହିବା ମୁତାବକ ପଳାସମୁଣ୍ଡୁଳୀ ପଞ୍ଚାୟତ ଅଧୀନ ଖୁରୁଣ୍ଟିଆ ଗ୍ରାମରେ ବିଭିନ୍ନ ସରକାରୀ ଜାଗା, ପତିତ ଜାଗା, ଦେବୋତ୍ତର ଜାଗାଗୁଡ଼ିକୁ ଦୀର୍ଘ ବର୍ଷ ଧରି ଲୋକେ ଜବରଦଖଲ କରି ରଖିଥିଲେ। ଯାହାକୁ ଉଚ୍ଛେଦ କରିବା ପାଇଁ ସରପଞ୍ଚ ସିଂ ମୋରଡ଼ା ତହସିଲଦାରଙ୍କୁ ଜଣାଇଥିଲେ। ତେବେ ପ୍ରଥମ ପର୍ଯ୍ୟାୟର ଉଚ୍ଛେଦ ସମୟରେ ତହସିଲଦାର ବିଦ୍ୟାଧର ଦଣ୍ଡପାଟ ଜାଗା ମାପ ଓ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସରପଞ୍ଚ ସିଂଙ୍କୁ ପ୍ରଶାସନ ଜଣାଇଥିଲେ। କିନ୍ତୁ ନୂତନ




ତହସିଲଦାରଙ୍କ ଯୋଗଦାନ ପରେ ଫେବୃୟାରୀ ୨୪ ତାରିଖ ମଙ୍ଗଳବାରରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଛେଦ ବାବଦରେ ସରପଞ୍ଚଙ୍କୁ ତହସିଲ ପ୍ରଶାସନ ଆଦୌ ଅବଗତ କରାଇନଥିଲେ ଏବଂ କିଛି ମୁଷ୍ଟିମେୟ ଲୋକଙ୍କୁ ଖୁସି କରାଇବା ନିମନ୍ତେ ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟାରେ ଅନିୟମିତତା କରିଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ରାସ୍ତା ଏବଂ ଶିବ ମନ୍ଦିର ଚାରି ପାଖରେ ଥିବା ସମସ୍ତ ସରକାରୀ ଜାଗା ସଠିକ ଭାବେ ମାପ ହୋଇନାହିଁ। ପୂର୍ବରୁ ଚିହ୍ନଟ ହୋଇଥିବା ଜାଗାକୁ ଉଚ୍ଛେଦ ନକରି ଅନ୍ୟତ୍ର ଉଚ୍ଛେଦ କରାଯାଇଛି। ଯାହାକୁ ନେଇ ସମସ୍ତ ଲୋକ ପ୍ରତିନିଧି ଅସନ୍ତୁଷ୍ଟ ଅଛନ୍ତି। ଠିକ୍ ସେହିପରି ସରପଞ୍ଚଙ୍କ ସହିତ ଗ୍ରାମବାସୀ କେଉଁଠି କେତେକ ରାସ୍ତା ଅଛି ବାରମ୍ବାର ପଚାରିଥିଲେ ମଧ୍ୟ ତହସିଲଦାର ଏବଂ ରାଜସ୍ୱ ନିରୀକ୍ଷକ ସଠିକ ଉତ୍ତର ଦେଇନଥିଲେ। ତେଣୁ ପୁନର୍ବାର ଦ୍ୱିତୀୟ ପର୍ଯ୍ୟାୟରେ ଉଚ୍ଛେଦ କରାଯାଇଥିବା ଜାଗାକୁ ମପା ଯାଇ ଉଚ୍ଛେଦ କରାଯିବାକୁ ୱାର୍ଡମେମ୍ବର, ସରପଞ୍ଚ ଏବଂ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଆର୍‌ଡିଏସ୍ ଡିଗ୍ରୀ କଲେଜ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ଉଦଳା,୨୫।୨(ସମିସ): କୁଣ୍ଡାବାଇସ୍ଥିତ ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ "ଯୁବକ ମାନଙ୍କ ରାଜନୈତିକ ଅଂଶଗ୍ରହଣରେ ସାମାଜିକ ଗଣମାଧ୍ୟମର ଭୂମିକା' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ମହବିଦ୍ୟାଳୟର ଅଧକ୍ଷ୍ୟ ଡ. ପ୍ରଦୀପ କୁମାର ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣମାଧ୍ୟମର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ଅଲୋଚନା ଚକ୍ରରେ ବିଷୟ ବିଶାରଦ ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଚାଳିତ ମହାବିଦ୍ୟାଳୟ, ବାରିପଦାର ଅବସର ପ୍ରାପ୍ତ ଅଧକ୍ଷା ଡକ୍ଟର ଝରଣା ବେହେରା ଯୋଗ ଦେଇ ଆଲୋଚ୍ୟ ବିଷୟ ବସ୍ତୁ ଉପରେ ବିଷଦ ଭାବେ ଆଲୋଚନା କରି ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଆର୍ ଡି ଏସ୍ ଉଚ୍ଚ




ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅରବିନ୍ଦ ମୁଦୁଲି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ମାଧ୍ୟମ ରେ ଯୁବକଙ୍କ ମାନଙ୍କ ଭୂମିକା ସମ୍ପର୍କରେ ଯୁକ୍ତି ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ବିଭାଗର ବିଭାଗୀୟ ମୁଖ୍ୟ ଡ. ସୁଧାଂଶୁ ଶେଖର ଦାସମଙ୍ଗରାଜ ଏହି ଆଲୋଚନା ଚକ୍ରର ବିଷୟବସ୍ତୁର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ଅନୁପମା ପାଣିଗ୍ରାହୀ ସାମାଜିକ ମାଧ୍ୟମର ଅପବ୍ୟବହାର ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗର ବିଭାଗୀୟ ଅଧ୍ୟାପକ ଡ. ଗୋପିନାଥ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ଅଧ୍ୟାପିକା କବିତା ମଲିକ ଧନ୍ୟବାଦ ପ୍ରଦାନ କରିଥିଲେ କ୍ଷଏହି ଆଲୋଚନା ଚକ୍ରରେ ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରିୟଙ୍କା ବାରିକ, ରିତାରାଣୀ ବେହେରକ୍ଷ, ପଦ୍ମଲୋଚନ ପାତ୍ର, ରାଜା ସିଂ, ବାଜୁନ ସିଂ, କାର୍ତିକ ସିଂ, କୌଶଲ୍ୟା ସରେନ ନିଜ ନିଜର ସଂଦର୍ଭ ପଠନ କରିଥିଲେ। ଏହି ଆଲୋଚନା ଚକ୍ରରେ ଉକ୍ତ ବିଭାଗର ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ପୁଣି ୩ଟି ମ୍ୟୁଲ୍ ଆକାଉଣ୍ଟ ଠାବ; ହେଉଥିଲା ଆର୍ଥିକ କାରବାର

ରାଇରଙ୍ଗପୁର,୨୫।୨(ସମିସ): ଅନୈତିକ ଭାବେ ଅପରାଧିକ କାର୍ଯ୍ୟକଳାପ ପାଇଁ ଅର୍ଥ ନେଣଦେଣ ସକାଶେ ରାଜ୍ୟର ବିଭିନ୍ନ ବ୍ୟାଙ୍କରେ ଖୋଲାଯାଇଥିବା "ମ୍ୟୁଲ ଆକାଉଣ୍ଟ' ସମ୍ପର୍କରେ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। ତେବେ ଉକ୍ତ ଯାଞ୍ଚ ସମୟରେ ବହଳଦା ଥାନା ଅଞ୍ଚଳରେ ୩ଟି ମ୍ୟୁଲ ଆକାଉଣ୍ଟ ପୋଲିସ ଦ୍ୱାରା ଠାବ କରାଯାଇଛି। ସାଇବର କ୍ରାଇମ କୋର୍ଡିନେସନ କେନ୍ଦ୍ର ସହାୟତାରେ ସିବି ସିଆଇଡି ଦ୍ୱାରା ଅପରେସନ ସାଇବର କବଚ ଯାଞ୍ଚ ସମୟରେ ୩ଟି ମ୍ୟୁଲ ଆକାଉଣ୍ଟ ଠାବ କରାଯାଇଛି। ତେବେ ସେଥି ମଧ୍ୟରେ ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟରତ ଜଣେ ଯନ୍ତ୍ରୀଙ୍କ ବହଳଦା ସ୍ଥିତ ବ୍ୟାଙ୍କରେ ମ୍ୟୁଲ ଆକାଉଣ୍ଟ ଠାବ ହୋଇଛି। ଆକାଉଣ୍ଟଧାରୀମାନେ ହେଲେ ଢେଙ୍କାନାଳ ଜିଲ୍ଲାର ଭୁବନ ଅଞ୍ଚଳର ଜଳସେଚନ ବିଭାଗ ଯନ୍ତ୍ରୀ ସଂଗେଲ ସିଂ ସୋରେନ, ତିରିଂ ଥାନା ଅନ୍ତର୍ଗତ ଗୟାଳକଟା ଗ୍ରାମର ଦେବାଶିଷ ପାତ୍ର ଓ ଠାକୁରବାଡ଼ି ଗ୍ରାମର ସୁଶିଳା ମହାଳି। ସମସ୍ତଙ୍କ ବହଳଦା ଶାଖା ବ୍ୟାଙ୍କ ଅଫ ଇଣ୍ଡିଆ ଓ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ମ୍ୟୁଲ ଆକାଉଣ୍ଟ ରହିଛି। ଉକ୍ତ ଲୋକେ ସମ୍ପୃକ୍ତ ଥିବା ନେଇ ଜଣାପଡିଛି। ବ୍ୟାଙ୍କରେ ଥିବା ଉକ୍ତ ଆକାଉଣ୍ଟ ଦ୍ୱାରା ଅବୈଧ ଭାବେ ପ୍ରାପ୍ତ ଧନରାଶି ତଥ୍ୟ ସମ୍ମୁଖକୁ ଆସିଛି। ମୟୁରଭଞ୍ଜ ଜିଲ୍ଲାର ବାରିପଦା ଟାଉନ, ବୈଶିଙ୍ଗା, ଉଦଳା, ଭଞ୍ଜପୁର, ଯଶିପୁର, କରଞ୍ଜିଆ ଆଦି ପ୍ରମୁଖ ଥାନା ପରେ ବହଳଦା ଥାନା ଅଞ୍ଚଳରୁ ଉକ୍ତ ଆକାଉଣ୍ଟ ଠାବ କରାଯାଇଛି। ଓଡ଼ିଶାର କ୍ରାଇମ ସାଇବର ତଦନ୍ତ ପ୍ରକ୍ରିୟା ଜାରି ରଖିଛନ୍ତି। ଉକ୍ତ ଆକାଉଣ୍ଟ ଦ୍ୱାରା ଅର୍ଥରାଶିର ମୂଳ ଉତ୍ସକୁ ଲୁଚା ଯାଇପାରେ। ଏଭଳି ଆକାଉଣ୍ଟ ସାଧାରଣତଃ ଭୁଲ ପରିଚୟପତ୍ର ଦେଇ କିମ୍ବା ନିରୀହ ଲୋକଙ୍କୁ ପ୍ରଭାବିତ କରି ବ୍ୟାଙ୍କରେ ଖାତା ଖୋଲାଯାଇଥାଏ। ଆକାଉଣ୍ଟ ମାନ ଯାଞ୍ଚ କରାଯାଇ ୩ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ସହିତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି।ଏହିପରି ଭାବେ ଜିଲ୍ଲାର ଅନ୍ୟାନ୍ୟ ଥାନା ଅଧୀନରେ ଥିବା ବ୍ୟାଙ୍କ ଗୁଡ଼ିକରେ ମ୍ୟୁଲ ଆକାଉଣ୍ଟ ସମ୍ପର୍କରେ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଚାଲିଛି

# ଭଞ୍ଜସେନା ଠିକାଦାର ଶାଖାର ନୂତନ କର୍ମକର୍ତ୍ତା

ବାରିପଦା,୨୫।୨(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଥିବା ସମସ୍ତ ବର୍ଗର ଠିକାଦାରମାନଙ୍କୁ ସମାନ ଅଧିକାର ପ୍ରଦାନ ସହିତ ଠିକାଦାରୀ ବ୍ୟବସାୟରେ ଥିବା ଜମିଦାରୀ ପ୍ରଥାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ ନିମନ୍ତେ ନୂତନ ଭାବେ ଗଠିତ 'ଭଞ୍ଜସେନା ଠିକାଦାର ଶାଖା' ନିମନ୍ତେ ବୁଧବାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ପ୍ରଥମ ପର୍ଯ୍ୟାୟରେ ନୂତନ କର୍ମକର୍ତ୍ତା ଙ୍କର ନାମ ଘୋଷଣା କରାଯାଇଛି। ନୂତନ କର୍ମକର୍ତ୍ତାଙ୍କର ମଧ୍ୟରେ ସଭାପତି ଭାବେ ଶୁଭେନ୍ଦୁ ସାହୁ, କର୍ଯ୍ୟକାରୀ ସଭାପତି ସୁଜିତ ପ୍ରଧାନ, ଜିଲ୍ଲା ମୁଖ୍ୟ ସଂଯୋଜକ ସହିତ ମୁଖପାତ୍ର ପ୍ରଭାସ ମହାନ୍ତ, ଉପସଭାପତି ଦିବ୍ୟକାନ୍ତ ଖୁଣ୍ଟିଆ, ସପନ ପଣ୍ଡା, ଯଶୋବନ୍ତ ସାହୁ, ଶମ୍ଭୁନାଥ ମହାକୁଡ, କପିଲ ଖଣ୍ଡେଲୱାଲ୍, ଜୟନ୍ତ କୁମାର ବେହେରା,ରୂପକ କୁମାର ମହାନ୍ତି, ଅଙ୍କଜ ମହାପାତ୍ର, ସାଧାରଣ ସମ୍ପାଦକ ରାକେଶ ମହାନ୍ତି, ସଂଗଠନ ସମ୍ପାଦକ ଏସ କେ ରାଜାଖାନ, ନଳିନୀକାନ୍ତ ମଣ୍ଡଳ, ସମ୍ପାଦକ- ଲକ୍ଷ୍ମୀନାରାୟଣ ଦାସ,ପ୍ରଦୀପ୍ତ ଗନ୍ତାୟତ, ମାଇକେଲ ମହାନ୍ତ, ଦଇପାନ ବେହେରା, ଦୀପକ ସୁର, ଅମିତ କୁମାର, ବାମନଘାଟି ଉପଖଣ୍ଡ ସଂଯୋଜକ ଅଞ୍ଜନ ବରାଳ ପାଞ୍ଚପୀଢ଼ ଉପଖଣ୍ଡ ସଂଯୋଜକ ଦକ୍ଷିଣା ମହାନ୍ତ, କପ୍ତିପଦା ଉପଖଣ୍ଡ ସଂଯୋଜକ ରାଜ କିରଣ ରାଉତ, ବାରିପଦା ଉପଖଣ୍ଡ ସଂଯୋଜକ ଅତନୁ ତରେଇ ପ୍ରମୁଖ ରହିଛନ୍ତି। ଆଗାମୀ ଦିନରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ,ଏନ୍ଏସି ଓ ମ୍ୟୁନିସିପାଲଟି ଗୁଡିକରେ ସଂଯୋଜନା କମିଟି ଗଠନ କରାଯାଇ ସବୁ ବର୍ଗର ଠିକାଦାର ମାନଙ୍କୁ ସମାନ ଅଧିକାର ପ୍ରଦାନ ପାଇଁ ଉଦ୍ୟମ ଜାରି ରହିବ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ଅମୃତ ସରୋବର ପୋଖରୀ କାମକୁ ନେଇ ଗଣ୍ଡଗୋଳ, ମାମଲା ରୁଜୁ

ବାରିପଦା,୨୫।୨(ସମିସ)

ବଡ଼ସାହି ବ୍ଲକ୍ ଅଧୀନ ଦେଉଳିଆ ପଞ୍ଚାୟତ ଦେଉଳିଆ ଗ୍ରାମରେ ଆଖୁଆ ଗଡ଼ିଆକୁ ଅମୃତ ସରୋବର ପୋଖରୀ ଯୋଜନାରେ କୋଡ ନମ୍ବର-୧୦୯୬୧୪୯୬ରେ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ କାର୍ଯ୍ୟ ଅନୁମୋଦନ ହୋଇଛି। ମାତ୍ର କେଉଁ ଯୋଜନାରେ ଏହା ଉଲ୍ଲେଖ ନ ଥିବା ବେଳେ ସରୋବରର କ୍ଷେତ୍ରଫଳ, ଦୋ÷ର୍ଘ୍ୟ, ପ୍ରସ୍ଥ, ଦୈନିକ ମଜୁରିର ପରିମାଣ, କାର୍ଯ୍ୟ ଆରମ୍ଭ ଓ କାର୍ଯ୍ୟ ଶେଷର ତାରିଖ ଉଲ୍ଲେଖ ହୋଇ ନାହିଁ। ଏହା ସହିତ ପଞ୍ଚାୟତର ପଞ୍ଚମ ରାଜ୍ୟ ଅର୍ଥ କମିଶନ ଯୋଜନାର ୧ଲକ୍ଷ ଟଙ୍କା ମଧ୍ୟ ଆଖୁଆଗଡିଆ ଉନ୍ନତିକରଣ କରାଯିବା ନିମିତ କିଛି ଠିକାଦାର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରିଛନ୍ତି। କାମ ଆଳରେ ସେମାନେ ଗଡିଆ ଆଡିରେ ଥିବା ବହୁ ମୂଲ୍ୟବାନ ବଡବଡ ଗଛକୁ ବିନା ଅନୁମତିରେ ଜେସିବି ମେସିନ ଲଗାଇ ନଷ୍ଟ କରିଥିବାର ଅଭିଯୋଗ ହୋଇଛି। ଏପରିକି ଏହି କାମରେ ମନରେଗା ଟଙ୍କା ମଧ୍ୟ କିଛି ପ୍ରତିଶତ ଥିବା ବେଳେ ସେମାନେ ପଞ୍ଚାୟତର ପଞ୍ଚମ ଅର୍ଥ କମିଶନ ଯୋଜନାର ୧ଲକ୍ଷ ଟଙ୍କାକୁ ଆଳ କରି ଜେସିବି ମେସିନ ସାହାର୍ଯ୍ୟରେ କାମ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଦେଉଳିଆ ଜଙ୍ଗଲ କମିଟିର ସଭାପତି ପ୍ରଭାତ କୁମାର ଜେନା ପ୍ରତିବାଦ କରିବା ସହିତ ବିଡିଓ, ତହସିଲଦାର ଓ ଜଙ୍ଗଲ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ବିଡିଓ କାର୍ଯ୍ୟ ବନ୍ଦ ରଖିବାକୁ କହିବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। କାମ କରୁଥିବା ଯୁବକ ମାନେ ଶ୍ରୀ ଜେନାଙ୍କୁ ବ୍ଲକ୍ ଓ ବଡସାହି ବଜାରରେ ଖୋଜିବା ସହିତ ସନ୍ଧ୍ୟାରେ ଗାଁ ଛକରେ ତାଙ୍କୁ ସଂଘବଦ୍ଧ ଭାବେ ଗାଳିଗୁଲଜ ଓ ଧମକ ଦେବା ସହିତ ମାରଣାନ୍ତ୍ରକ ଅକ୍ରମଣ କରିଥିବାର ତାଙ୍କ ଭାଇ ଲଳିତ କୁମାର ଜେନା ବଡସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବଡସାହି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବାରିପଦା ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଅଭିଯୁକ୍ତ ଅଜିତ କୁମାର ମହାପାତ୍ର, ଶଶିକାନ୍ତ ଲେଙ୍କା, ଅଜୟ କୁମାର ମଲିକ, ସବ୍ୟସାଚୀ



ମହାପାତ୍ର, ଅବିନାଶ ମହାପାତ୍ର, ସୁଶାନ୍ତ ବେହେରା, ରୁଦ୍ରନାରାୟଣ ବେହେରା, ସତ୍ୟରଞ୍ଜନ ଲେଙ୍କା, ସୁଜିତ ମହାପାତ୍ର, ବୁଦ୍ଧିଆ ସିଂ ଓ ଦୁଲ୍ଲବ ସିଂଙ୍କ ମଧ୍ୟରୁ ପୁଲିସ ଘଟଣାସ୍ଥଳରୁ ସବ୍ୟସାଚୀ ଓ ସୁଜିତଙ୍କୁ ଗିରଫ୍ କରି କୋର୍ଟଚାଲାଣ କରିଛି। ସେହିପରି ଦେଉଳିଆ ନୂଆସାହିର ବୁଦ୍ଧିରାମ ସିଂ ଓ୍ୟ÷ଷଧ ନେବା ପାଇଁ ଦେଉଳିଆ ଆସି ଫେରୁଥିବା ବେଳେ ଉକ୍ତ ଘଟଣାକୁ ନେଇ ପ୍ରଥମେ ଗାଁ ଛକରେ ତାଙ୍କୁ ଅଟକାଇ ଏହି ଗ୍ରାମର ପ୍ରଭାତ କୁମାର ଜେନା, ପରମେଶ୍ୱର ଜେନା, ବାଇନ ମଲିକ, ଝୁନା ମଲିକ ଓ ବଗ ମଲିକ ଜାତି ଡାଇ ଗାଳିଗୁଲଜ ଓ ଧମକ ଦେବା ସହିତ ମାଡ ମାରିଥିବାର ସେ ଅଭିଯୋଗରେ ଦର୍ଶାଇଥିବାର ଜଣାଯାଇଛି। ଏ ସଂକ୍ରାନ୍ତରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଗାଡି ଗାଁରେ ପଇଁତରା ମାରିବା ସହିତ ତଦନ୍ତ ଜାରୀ ରଖିଛି। ପ୍ରକାଶ ଥାଉକି ଉକ୍ତ ପଂଚାୟତର ବଇଁଚା ଗ୍ରାମରେ ମଧ୍ୟ ପଂଚାୟତର ୧ଲକ୍ଷ ଟଙ୍କା ସହିତ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଆଦର୍ଶ ପୋଖରୀ ଖନନ ସମ୍ପୂର୍ଣ୍ଣ ମେସିନ ସାହାର୍ଯ୍ୟରେ ହୋଇଥିବା ବେଳେ ଶ୍ରମିକଙ୍କ ମିଥ୍ୟା କାମ କରୁଥିବାର ଫଟୋ ଉଠାଇ ବିଲ ପାଇଁ ଆପଲୋଡ ହେଉଥିବାର ଜଣାଯାଇଛି। ଏହାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ହେବା ସହିତ ପଞ୍ଚାୟତରେ ବହୁ ବଡବଡ ଓ ପୁରୁଣା ପୋଖରୀ ଥିବା ବେଳେ କେଉଁ ଅଧିକାରୀ କେଉଁ ସ୍ୱାର୍ଥରେ ବିଲ ମଝିରେ, ଗାଁ ମଶାଣୀ କଡରେ ଥିବା ପୋଖରୀକୁ ଏହି ଯୋଜନାରେ ସାମିଲ କରିବା ପାଇଁ ଫିଜିବିଲିଟି ରିପୋର୍ଟ ଦେଉଛନ୍ତି ତାହା ତଦନ୍ତ ସାପେକ୍ଷ।

# ଶ୍ରୀକ୍ଷେତ୍ର ସିଟି

୨୫/୨/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୯୭,୦୫୫/- ସୁନା:୦୮.୧୦୦ ଗ୍ରାମ୍ ରୁପା: ୦୨.୦୦୦ ଗ୍ରାମ୍



# ସାଧୁସନ୍ଥଙ୍କ ପରେ ସର୍ବସାଧାରଣ ସ୍ନାନ



ପୁରୀ,୨୫।୨(ସମିସ)

ଆସନ୍ତା ୨୮ ତାରିଖରେ ପବିତ୍ର ଗୋବିନ୍ଦ ଦ୍ୱାଦଶୀ ବୁଡ଼ ଅନୁଷ୍ଠିତ ହେବ। ଫାଲ୍‌ଗୁନ ଶୁକ୍ଳ ପକ୍ଷ ଦ୍ୱାଦଶୀରେ କୁମ୍ଭ ରାଶିରେ ସୂର୍ଯ୍ୟଙ୍କର ଅବସ୍ଥାନ କରୁଥିବାରୁ ସେହିଦିନ ଶୁଭ ଯୋଗରେ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ହୋଇଥାଏ। ଏ ସମ୍ପର୍କରେ ବାମଦେବ ସଂହିତା, ବାୟୁ ପୁରାଣ, ବ୍ରହ୍ମାଣ୍ଡ ପୁରାଣ ଆଦି ଶାସ୍ତ୍ରରେ ବର୍ଣ୍ଣନା ରହିଛି। ସେହିଦିନ ତୀର୍ଥରାଜ୍ ମହୋଦଧିରେ ବୁଡ଼ ପକାଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ଓ ଦାନ କଲେ ସମସ୍ତ ପାପ ବିନାଶ ହୋଇଥାଏ। ଗୋବିନ୍ଦ ଦ୍ୱାଦଶୀ ବୁଡ଼ର ମାହେନ୍ଦ୍ର ସ୍ନାନ ସମୟ ୨୮ ତାରିଖ ପୂର୍ବାହ୍ଣ ୧୦ଟା ୧୮ରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ରହିଛି। ତେବେ ସେହିଦିନ ସକାଳ ସାଢ଼େ ୮ଟାରେ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଶୋଭାଯାତ୍ରା ବାହାରି ସ୍ୱର୍ଗଦ୍ୱାର ନାରାୟଣ ବିଜେ ଘାଟ ପର୍ଯ୍ୟନ୍ତ ଯିବ। ପ୍ରଥମେ ସାଧୁସନ୍ଥ ଓ ମଠାଧୀଶମାନେ ସ୍ନାନ କରିବା ପରେ ସର୍ବସାଧାରଣ ସ୍ନାନ ଆରମ୍ଭ ହେବ। ଭଗବାନ ବିଷ୍ଣୁଙ୍କର ବାର ମାସ ଅନୁସାରେ ମଧୁସୂଦନ, ତ୍ରିବିକ୍ରମ ଆଦି ଦ୍ୱାଦଶ ନାମ ମଧ୍ୟରୁ ପବିତ୍ର ଫାଲ୍‌ଗୁନ ମାସରେ ଗୋବିନ୍ଦ ନାମ ପ୍ରସିଦ୍ଧ ଅଟେ। ତେଣୁ ଗୋବିନ୍ଦ ଦ୍ୱାଦଶୀ ବୁଡ଼ ଦିନ ସ୍ନାନ କଲେ କୁମ୍ଭ ସ୍ନାନଠାରୁ ଅଧିକ ଫଳ ମିଳିଥାଏ। ଗୋବିନ୍ଦ ଦ୍ୱାଦଶୀ ବୁଡ଼ରେ ସାଧାରଣ ଲୋକଙ୍କ ଶୃଙ୍ଖଳିତ ଓ ସୁରକ୍ଷିତ ସ୍ନାନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପୁରୀର ସମସ୍ତ ମଠର ମଠାଧୀଶ, ସାଧୁସନ୍ଥ, ପରିବର୍ତ୍ତନ, ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ, ଛତିଶା ନିଯୋଗ, ପଞ୍ଚ ମହାଦେବ ଓ ପଞ୍ଚତୀର୍ଥ ପୁଷ୍କରିଣୀ କମିଟି ପୂଜକ, ସେବାୟତ, ଶ୍ରୀକ୍ଷେତ୍ରର ଆଠ ସାହି ଆଖଡ଼ା କମିଟି ସହଯୋଗରେ ଏହି ପୁଣ୍ୟ ଗୋବିନ୍ଦ ଦ୍ୱାଦଶୀ ବୁଡ଼ ଅନୁଷ୍ଠିତ ହେବ ବୋଲି ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

**୨୮ରେ ଗୋବିନ୍ଦ ଦ୍ୱାଦଶୀ ବୁଡ଼**

# ସ୍ୟାଣ୍ଡ ଆନିମେସନରେ ଗୋବିନ୍ଦ ଦ୍ୱାଦଶୀ ସ୍ନାନ




ପୁରୀ,୨୫।୨(ସମିସ): ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ବାଲୁକା ଆନିମେସନ ମାଧ୍ୟମରେ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ପ୍ରଦର୍ଶନ କରାଯାଇଛି। ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ବାଲୁକା ଶିଳ୍ପୀ ଏବଂ ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟ ଫାଇନାଲିଷ୍ଟ ମାନସ ପୁରୀସ୍ଥିତ ତାଙ୍କ ଷ୍ଟୁଡିଓରେ ଏହି ମନୋରମ ବାଲୁକା ଆନିମେସନ ପ୍ରସ୍ତୁତ କରିଥିଲେ। ପ୍ରାୟ ଦୁଇଘଣ୍ଟା ମଧ୍ୟରେ ସମାପ୍ତ ହୋଇଥିବା ବିସ୍ତୃତ କଳାକୃତି, ନାରାୟଣ ଘାଟରେ ପବିତ୍ର ସ୍ନାନର ଆଧ୍ୟାତ୍ମିକ ମହତ୍ତ୍ୱକୁ ସୁନ୍ଦର ଭାବେ ଚିତ୍ରଣ କରିଥିଲେ। ଏଥିରେ ଭକ୍ତି, ଆନୁଷ୍ଠାନିକ ବିଧି, ସାଧୁସନ୍ଥ ଏବଂ ଏହି ପବିତ୍ର ପର୍ବ ସହିତ ଜଡ଼ିତ ମହାନ ଆଧ୍ୟାତ୍ମିକ ଶୋଭାଯାତ୍ରାର ଦିବ୍ୟ ପରିବେଶକୁ କଏଦ କରିଥିଲେ। ଏହି ବାଲୁକା ଆନିମେସନ ଭାରତର ସମୃଦ୍ଧ ସାଂସ୍କୃତିକ, ଆଧ୍ୟାତ୍ମିକ ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବା ପାଇଁ ମାନସଙ୍କ ସମର୍ପଣକୁ ପ୍ରତିଫଳିତ କରେ। ଗୋବିନ୍ଦ ଦ୍ୱାଦଶୀର ଧାର୍ମିକ ଗୁରୁତ୍ୱ ଏବଂ ପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଭୂମିର କାଳଜୟୀ ପରମ୍ପରା ବିଷୟରେ ସଚେତନତା ପ୍ରସାର କରିବା ଏହି କଳାକୃତିର ପ୍ରମୁଖ ଲକ୍ଷ୍ୟ ରହିଛି। ଏହି ବାଲୁକା କଳାକୁ ଦେଖଣାହାରୀ ବେଶ୍ ପ୍ରଶଂସା କରିଛନ୍ତି।

# ସୁପର ମାର୍ଟରେ ନିଆଁ ଲିଭାଇବା ଚ୍ୟାଲେଞ୍ଜ ଥିଲା: ଅଗ୍ନିଶମ ଡିଜି

ପୁରୀ,୨୫।୨(ସମିସ): ଭୁବନେଶ୍ୱର ଲିଙ୍ଗିପୁର ସୁପର ମାର୍ଟରେ ନିଆଁ ଲାଗି ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପାଉଁଶ ହୋଇଯାଇଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଦମକଳ ଗାଡ଼ି ଓ ୭୦ ଜଣ ଅଗ୍ନିକ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ମାତ୍ର ଏହି ସୁପର ମାର୍ଟରେ ଅଗ୍ନିଶମ ନିରାପତ୍ତା ବ୍ୟବସ୍ଥା ନ ଥିଲା। ସେହିପରି ଫାୟାର ଏକଜିଟ୍ ନ ଥିଲା। ତେଣୁ ନିଆଁ ଲିଭାଇବା ଚ୍ୟାଲେଞ୍ଜ ଥିଲା ବୋଲି କହିଛନ୍ତି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ। ବୁଧବାର ପୁରୀକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ଅଗ୍ନିଶମ ଡିଜି ଶ୍ରୀ ଷଡ଼ଙ୍ଗୀ କହିଥିଲେ ଯେ, ସୁପର ମାର୍ଟରେ ପ୍ଲାଷ୍ଟିକ୍ ରବର ଭଳି ଦହନଶୀଳ ସାମଗ୍ରୀ ରହିଥିଲା। ତେଣୁ ଅଧିକ ସମୟ ଧରି ନିଆଁର ପ୍ରକୋପ ରହିଥିଲା। ପୁଣି ଉପର ବିଲ୍ଡିଂରେ ଷ୍ଟୋର୍ ଥିଲା ଏବଂ ଚାରିପଟରୁ ନିବୁଜ ଥିବାରୁ ନିଆଁ ଲିଭାଇବା କଷ୍ଟସାଧ ହୋଇପଡ଼ିଥିଲା। କିନ୍ତୁ ୨୦୨୨ରେ ପୁରୀ ଘଟଣାଠାରୁ କମ୍ ସମୟରେ ନିଆଁକୁ ଆୟତ୍ତ କରିଥିଲେ ଅଗ୍ନିଶମ ଯୋଦ୍ଧା। ସେମାନଙ୍କୁ ଆଗକୁ ପୁରସ୍କୃତ କରାଯାଇ ପ୍ରୋତ୍ସାହନ ଦିଆଯିବ। ସେଠାରେ କୌଣସି ଜୀବନ ହାନୀର ଆଶଙ୍କା ଥିଲା। ତେଣୁ ଅଗ୍ନି ଯୋଦ୍ଧାମାନଙ୍କର ଜୀବନ ମୂଲ୍ୟବାନ ବିବେଚନା କରାଯାଇ ନିଆଁକୁ ଶୀଘ୍ର ଲିଭାଇବା ଚକ୍କରରେ ଅତ୍ୟଧିକ ରିସ୍କ ନିଆଗଲା ନାହିଁ। ସେପଟେ ରାଜ୍ୟରେ ଏହିଭଳି ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକୁ ବନ୍ଦ୍ କରିଦେଇ ରୋଜଗାର ମାରିଦେବାଟା ମଧ୍ୟ ଉଚିତ୍ ହେବ ନାହିଁ। କିନ୍ତୁ ସମସ୍ତଙ୍କୁ ଅଗ୍ନି ନିରାପତ୍ତା ଆପଣାଇ ନିରାପତ୍ତା ପ୍ରମାଣପତ୍ର ହାସଲ କରିବାକୁ ଅନୁରୋଧ କରିଛନ୍ତି ଅଗ୍ନିଶମ ଡିଜି। ରାଜ୍ୟରେ ଖାଲି ସପିଙ୍ଗ୍ ମଲ୍ ନୁହେଁ ହୋଟେଲ, ମେଡିକାଲ, ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକର ଅଗ୍ନି ନିରାପତ୍ତା ଫୋକସ୍‌ରେ ରଖି ଯାଞ୍ଚ୍ ପାଇଁ ସରକାରଙ୍କ ତରଫରୁ ଥାର୍ଡ ପାର୍ଟି ଏଜେନ୍ସିକୁ ଦାୟିତ୍ୱ ଦିଆଯାଉଛି। ଏହିଭଳି ୧୧ଟି ଏଜେନ୍ସିକୁ ବର୍ତ୍ତମାନ ସୁଦ୍ଧା ଯାଞ୍ଚ ପାଇଁ ଅନୁବନ୍ଧିତ କରାଯାଇଛି ବୋଲି କହିଛନ୍ତି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ।

# ପୁରୀ ବନ୍ଦ ସାମୟିକ ସ୍ଥଗିତ

ପୁରୀ,୨୫।୨(ସମିସ): ପୁରୀ ଜିଲ୍ଲା କୋର୍ଟ ବଲୁଖଣ୍ଡ ମଧୁରଜଳ, ଅଭୟାରଣ୍ୟ ଓ ସିଆର୍‌ଜେଡ୍ ଅଞ୍ଚଳକୁ ସ୍ଥାନାନ୍ତର ପ୍ରକ୍ରିୟା ପ୍ରତିବାଦରେ ପୁରୀ ଜିଲ୍ଲା ଓକିଲ ସଂଘ ଫେବୃଆରୀ ୨୭ ତାରିଖରେ ପୁରୀ ବନ୍ଦ ପାଇଁ ନିଷ୍ପତ୍ତି ନେଇଥିଲା। ଏ ନେଇ ଜିଲ୍ଲାପାଳ ଏବଂ ଏସ୍‌ପି ଓକିଲ ସଂଘ ସହ ଆଲୋଚନା କରିଥିଲେ। ସଂଘ ଗତ ୨୨ ତାରିଖରେ ମୁଖ୍ୟ ବିଚାରପତିଙ୍କୁ ଜିଲ୍ଲାପାଳଙ୍କ ମାଧ୍ୟମରେ ଆଉ ଏକ ସ୍ମାରକପତ୍ର ଦେଇଥିଲା। ମଙ୍ଗଳବାର ଜିଲ୍ଲାପାଳଙ୍କ ସହ ସଂଘ କର୍ମକର୍ତ୍ତା ଓ ବରିଷ୍ଠ ଓକିଲ ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ଜିଲ୍ଲାପାଳଙ୍କ ଏକ ପତ୍ର ବୁଧବାର ସଂଘର ହସ୍ତଗତ ହୋଇଛି। ପରେ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ ଗଠନମୂଳକ ପତ୍ର ପାଠ କରାଗଲା। ୨୭ ତାରିଖ ପୁରୀ ବନ୍ଦକୁ ସ୍ଥଗିତ ରଖିବା ଲାଗି ଜିଲ୍ଲାପାଳ ଅନୁରୋଧ କରିଥିଲେ। ଏଥିସହିତ ୨୭ ତାରିଖରେ ମାଟ୍ରିକ୍ ପରୀକ୍ଷା ଥିବାରୁ ବୃହତ୍ତର ସ୍ୱାର୍ଥକୁ ଆଖି ଆଗରେ ରଖି ପୁରୀ ବନ୍ଦକୁ ସାମୟିକ ଭାବେ ସ୍ଥଗିତ ରଖିଛି ସଂଘ। କିନ୍ତୁ ସତ୍ୟାଗ୍ରହ ଚାଲୁ ରହିବ। ଜିଲ୍ଲା ପ୍ରଶାସନ ଯଥାଶୀଘ୍ର ସଂଘର ଦାବିକୁ ପୂରଣ ପାଇଁ ସରକାର ଓ ବିଚାର ବିଭାଗ ସହ ଯୋଗାଯୋଗ କରିବା ଲାଗି ଆଶା ଓ ଭରସା ରଖିଛି ସଂଘ। ନଚେତ୍ ପୁନରାୟ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବୁଧବାର ବୈଠକରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ ରାୟଗୁରୁ, ଭାଗବତ ପ୍ରାସାଦ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ଅନୀଲ ସାହୁ, ବିଭୁଦତ୍ତ ପଟ୍ଟନାୟକ, ସୋମନାଥ ଦାସ, ସାରଦା ସାମଲ, ପୁଲିସ ଆଚାର୍ଯ୍ୟ, ରଚିତା ଦାଶ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ବିଶ୍ୱଜିତ୍ ପ୍ରଧାନ, ଜୟଦେବ ମିଶ୍ର, ବୈଦ୍ୟନାଥ ପାଣି, ପ୍ରିୟଦର୍ଶନ ପଟ୍ଟନାୟକ, ଜ୍ୟୋତି ପ୍ରକାଶ ମିଶ୍ର, ଶୁଭେନ୍ଦୁ ଦାଶ, ସୁକାନ୍ତ ପ୍ରଧାନଙ୍କ ସମେତ ଶତାଧିକ ଓକିଲ ଉପସ୍ଥିତ ଥିଲେ।

# କଇଁଛଙ୍କ ସୁରକ୍ଷା ପାଇଁ 'ନିର୍ମାଲ୍ୟ'ର ବେଳାଭୂମି ସଫେଇ

ପୁରୀ,୨୫।୨(ସମିସ): ଓଡ଼ିଶା ଉପକୂଳକୁ ସୁରକ୍ଷିତ ମନେକରି ହଜାର ହଜାର ନଟିକାଲ ମାଇଲ୍ ଅତିକ୍ରମ କରି ଅଲିଭ୍‌ରିଡ୍‌ଲେ କଇଁଛ ଆସିଥା'ନ୍ତି। ସାମୁଦ୍ରିକ ଇକୋ ସିଷ୍ଟମ୍‌କୁ ନିୟନ୍ତ୍ରଣ ରଖୁଥିବା ଏହି କଇଁଛ ବିଭିନ୍ନ ଉପାୟରେ ମୃତାହତ ହୁଅନ୍ତି।

ବିଶେଷକରି ଯନ୍ତ୍ରଚାଳିତ ଡଙ୍ଗା ଏବଂ ଟ୍ରଲର ମାଡ଼ରେ ଏମାନେ ମରୁଥିବାବେଳେ ବେଳାଭୂମିରେ ଜମୁଥିବା ପ୍ଲାଷ୍ଟିକ୍ ଆବର୍ଜନା ଏବଂ ବିଲୁଆ, କୁକୁରଙ୍କ ଦ୍ୱାରା ବି ଏମାନଙ୍କ ଜୀବନ ଚାଲିଯାଏ। ତେଣୁ ଏମାନଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ମେ' ୩୧ ପର୍ଯ୍ୟନ୍ତ ସମୁଦ୍ରରେ ମାଛଧରା ଉପରେ କଟକଣା ଲଗାଯାଇଛି। କେବଳ ସରକାରୀସ୍ତରରେ ନୁହେଁ ବିଭିନ୍ନ ସ୍ୱେଚ୍ଛାସେବୀ ତଥା ବେସରକାରୀ ଅନୁଷ୍ଠାନ ବି ଏମାନଙ୍କ ସୁରକ୍ଷା ପାଇଁ ଆଗେଇ ଆସିଥା'ନ୍ତି। ତେବେ ପରିବେଶ ସୁରକ୍ଷା, ସ୍ୱଚ୍ଛତା ଦିଗରେ କାମ କରୁଥିବା ପୁରୀର 'ନିର୍ମାଲ୍ୟ' ଅନୁଷ୍ଠାନ ମଧ୍ୟ ଏ ଦିଗରେ ପ୍ରୟାସ କରିଛି।

ଅନୁଷ୍ଠାନ ପକ୍ଷରୁ ବୁଧବାର ଉଦୟକଣୀ ବେଳାଭୂମି ସଫା କରାଯିବା ସହ କଇଁଛ ସୁରକ୍ଷା ବାର୍ତ୍ତା ଦିଆଯାଇଛି। ଅଲିଭ୍‌ରିଡ୍‌ଲେଙ୍କ ଅସ୍ଥାୟୀ ପ୍ରଜନନସ୍ଥଳୀ ଏହି ବେଳାଭୂମିରୁ ଆବର୍ଜନା ସଫା କରିଥିଲେ ସ୍ୱେଚ୍ଛାସେବୀ। 'ନିର୍ମାଲ୍ୟ'ର ମୁଖ୍ୟ ଡ. ବିଶ୍ୱନାଥ ମିଶ୍ରଙ୍କ ନେତୃତ୍ୱରେ ଏହି ସଫେଇ କରାଯାଇଥିଲା।




# ଆଜିଠୁ ମହାପ୍ରଭୁଙ୍କ ଚାଚେରୀ ବେଶ

ପୁରୀ,୨୫।୨(ସମିସ): ମହାପ୍ରଭୁଙ୍କ ବିଭିନ୍ନ ବେଶ ମଧ୍ୟରେ ଚାଚେରୀ ବେଶ ଅନ୍ୟତମ। ଫଗୁ ଦଶମୀଠାରୁ ରତ୍ନସିଂହାସନାରେ ଦାରୁ ବିଗ୍ରହମାନଙ୍କର ମନୋରମ ଚାଚେରୀ ବେଶ ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ସ୍ୱତନ୍ତ୍ର ଭାବେ ଏହି ବେଶ କରାଯାଏ। ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଦଶମୀଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ୪ ଦିନ ଧରି ପ୍ରତିଦିନ ମଧ୍ୟାହ୍ନ ଧୂପ ପରେ ଏହି ଚାଚେରୀ ବେଶ ହୋଇଥାଏ। ଗୁରୁବାର ଦଶମୀଠାରୁ ମହାପ୍ରଭୁଙ୍କ ଏହି ବେଶ ଅନୁଷ୍ଠିତ ହେବ। ଏହି ବେଶ ଆନନ୍ଦ ଉଲ୍ଲାସମୟ ଦୋଳ ଉତ୍ସବକାଳୀନ ବିଶେଷ ବେଶ ଅଟେ। ଗୁରୁବାର ମଧ୍ୟାହ୍ନ ଧୂପ ସରିବା ପରେ ତିନି ବାଡ଼ରେ ମଇଲମ କରାଯାଇ ଠାକୁରମାନଙ୍କୁ ବୋଇରାଣୀ ମାଧାବଳୀ ନୂତନ ପାଟବସ୍ତ୍ର ଲାଗି କରାଯିବ। ପରେ ସେବାୟତମାନେ ଶ୍ରୀବିଗ୍ରହମାନଙ୍କୁ ଚାଚେରୀ ବେଶରେ ସୁସଜ୍ଜିତ କରାଇବେ। ସାଧାରଣତଃ ଚାଚେରୀ ବେଶରେ ଠାକୁରମାନେ ଲାଲ୍ ବର୍ଣ୍ଣର ବସ୍ତ୍ର ପରିଧାନ କରିଥା'ନ୍ତି।

**ଦୋଳ ଉତ୍ସବରେ ପୁଲିସ ସୁରକ୍ଷା ପ୍ରସଙ୍ଗ**

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୨୫।୨(ସମିସ): ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ତହସିଲ୍ ଅନ୍ତର୍ଗତ ପ୍ରସିଦ୍ଧ କମଳେଶ୍ୱର ଦେବ ମନ୍ଦିରରେ ଆୟୋଜିତ ହେବାକୁ ଥିବା ଭୋଗଖିଆ ଓ ଦୋଳ ଉତ୍ସବର ଶାନ୍ତିପୂର୍ଣ୍ଣ ସମାପନ ପାଇଁ ପୁଲିସ ସୁରକ୍ଷା ଯୋଗାଇଦେବା ଆବେଦନକୁ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମାମଲାର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କଠାରୁ ସ୍ପଷ୍ଟୀକରଣ ମାଗିବା ସହ ଜବାବ ତଲବ କରିଛନ୍ତି। ସନ୍ତୋଷ ଚନ୍ଦ୍ର ଦେଓଙ୍କ ପକ୍ଷରୁ ଦାୟର ଏହି ଆବେଦନରେ ଦର୍ଶାଯାଇଛି ଯେ, ଆସନ୍ତା ଫେବୃଆରୀ ୨୬ରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ପୂଜାନୀତି ଓ ସାମାଜିକ ଉତ୍ସବ ସମୟରେ ଅସାମାଜିକ ବ୍ୟକ୍ତିଙ୍କଠାରୁ ବିପଦ ରହିଛି। ବିଶେଷ କରି ମାର୍ଚ୍ଚ ୨ ତାରିଖରେ ଠାକୁର ଦେଉଳପଡ଼ାରୁ କୃଷ୍ଣପ୍ରସାଦ ଦୋଳ ପଡ଼ିଆକୁ ଯିବା ସମୟରେ ଶୃଙ୍ଖଳା ରକ୍ଷା ପାଇଁ ଯଥେଷ୍ଟ ପୁଲିସ ବଳ ମୁତୟନ କରିବା ଜରୁରୀ। କେବଳ ଦୋଳ ଉତ୍ସବ ନୁହେଁ, ବରଂ ଆଗାମୀ ପଣା ସଂକ୍ରାନ୍ତି ସମୟରେ ମଧ୍ୟ ଗ୍ରାମବାସୀ ଓ ମନ୍ଦିର କର୍ମକର୍ତ୍ତାଙ୍କ ନିରାପତ୍ତା ଉପରେ ଆବେଦନକାରୀ ଗୁରୁତ୍ୱାରୋପ କରିଛନ୍ତି। ଉତ୍ସବ ସମୟରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀ ଏସପି ଏବଂ କୃଷ୍ଣପ୍ରସାଦ ଥାନା ଅଧିକାରୀଙ୍କୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେବାକୁ କୋର୍ଟଙ୍କୁ ନିବେଦନ କରାଯାଇଛି। କୋର୍ଟ ଏହି ଆବେଦନର ଗମ୍ଭୀରତାକୁ ଉପଲବ୍‌ଧି କରି ଫେବୃଆରୀ ୨୬କୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି।

**ଆଜି ପରବର୍ତ୍ତୀ ଶୁଣାଣି**

**• ନାବାଳିକାକୁ ଯୌନ ନିର୍ଯାତନା ମାମଲା**

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍‌ଦଣ୍ଡ

ପୁରୀ,୨୫।୨(ସମିସ): ପୁରୀ ଜିଲ୍ଲାରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ମାମଲାଗୁଡ଼ିକରେ କଡ଼ା କାର୍ଯ୍ୟାନୁଷ୍ଠାନ ଓ ଦୃଢ଼ ଆଇନଗତ ପଦକ୍ଷେପ ଜାରି ରଖିଥିବା ପୁରୀ ପୁଲିସ ପୁନର୍ବାର ଏକ ସଫଳତା ଲାଭ କରିଛି। ବୁଧବାର ପୁରୀର ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ଅଦାଲତ (ପୋକ୍ସୋ) ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ସତ୍ୟବାଦୀ ଥାନା କେସ୍ ନମ୍ବର ୩୧୭/୨୪ର ଅଭିଯୁକ୍ତ ପ୍ରମୋଦ ବରାଳକୁ ବିଏନ୍‌ଏସ୍ ଧାରା ୬୫(୨) ଏବଂ ପୋକ୍ସୋ ଆଇନର ଧାରା ୬ ଅନୁସାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଆଦାଲତ ତାକୁ ୨୦ ବର୍ଷ କଠୋର କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପୁରୀ ଜିଲ୍ଲା ପାଇଁ ୨୦୨୬ ଫେବୃଆରୀରେ ଷଷ୍ଠ ଦୋଷୀ ସାବ୍ୟସ୍ତ ରାୟ। ଶିଶୁଙ୍କ ଉପରେ ହୋଇଥିବା ଅପରାଧ ପ୍ରତି ପୁରୀ ପୁଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନର ଏହା ଆଉ ଏକ ପ୍ରମାଣ। ଏସ୍‌ପି ପ୍ରତୀକ୍ ସିଂଙ୍କ ନେତୃତ୍ୱ ଓ ଟିମ୍‌ୱର୍କ ମାଧ୍ୟମରେ ଏହି ସଫଳତା ମିଳିପାରିଛି। ଆଗାମୀ ଦିନରେ ମଧ୍ୟ ଶିଶୁ ସୁରକ୍ଷା ଓ ମହିଳା ସୁରକ୍ଷା ସମ୍ବନ୍ଧୀୟ ମାମଲାରେ ଦୃଢ଼ ଭାବରେ ଆଇନଗତ ପଦକ୍ଷେପ ଗ୍ରହଣ କରିବା ସହ ଅପରାଧୀଙ୍କୁ କଠୋର ଶାସ୍ତି ପ୍ରଦାନ ଲାଗି ପ୍ରତିବଦ୍ଧ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ମାର୍ଚ୍ଚ ୧୬ରେ ସାମୂହିକ ବ୍ରତୋପନୟନ

ପୁରୀ,୨୫।୨(ସମିସ): ଶ୍ରୀରାମ ଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରତିବର୍ଷ ପରି ଏବର୍ଷ ମାର୍ଚ୍ଚ ୧୬ ତାରିଖ ସୋମବାର ଦ୍ୱାଦଶୀ ତିଥିରେ ବୈଦିକ ରୀତିନୀତିରେ ସାମୂହିକ ମାଗଣା ବ୍ରତୋପନୟନ ଲୋକନାଥ ମନ୍ଦିର ନିକଟ ଥାନପତି ଆଶ୍ରମର ଶ୍ରୀବାଲାଜୀ ମନ୍ଦିର ପରିସରରେ ଜୀୟର ସ୍ୱାମୀ ମଠର ମହନ୍ତ ଶ୍ରୀଇନ୍ଦିରା ରମଣ ରାମାନୁଜ ଦାସ୍‌ଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ବ୍ରତାଧାରୀଙ୍କ ସହିତ ସମ୍ପର୍କୀୟଙ୍କ ରହିବା, ଖାଇବା ସହିତ ସମସ୍ତ ସାମଗ୍ରୀ ଯୋଗାଇ ଦିଆଯିବ। ଏଣୁ ରାଜ୍ୟ ଏବଂ ରାଜ୍ୟ ବାହାରର ଆଗ୍ରହୀ ବ୍ରାହ୍ମଣ ପରିବାର ମାର୍ଚ୍ଚ ୧୩ ସୁଦ୍ଧା ଜୀୟର ସ୍ୱାମୀ ମଠ ବାଲିସାହି ପୁରୀ (୬୩୭୦୦୧୦୭୧୬୪) ସହ ଯୋଗାଯୋଗ କରି ଏହାର ସୁବିଧା ନେବା ପାଇଁ ଟ୍ରଷ୍ଟ ତରଫରୁ ଅନୁରୋଧ କରାଯାଇଛି।

# ନୟାହାଟ ଅଞ୍ଚଳରେ ୨୦ ଇଟାଭାଟି ଭାଙ୍ଗିଲେ ତହସିଲ୍‌ଦାର

ନୟାହାଟ,୨୫।୨(ସମିସ): ଗୋପ ତହସିଲ୍ ଅନ୍ତର୍ଗତ ନୟାହାଟ ଅଞ୍ଚଳରେ ଗତ କିଛି ବର୍ଷ ଧରି ବେଆଇନ ଭାବେ ଶତାଧିକ ଇଟାଭାଟି ପୋଡ଼ି ବ୍ୟବସାୟ କରୁଥିବାବେଳେ ବାୟୁ ପ୍ରଦୂଷଣ ହେବାରେ ଲାଗିଛି। ଗୋପ ତହସିଲ୍‌ଦାର ସୂର୍ଯ୍ୟକାନ୍ତ ମିଶ୍ରଙ୍କ ପାଖରେ ଅଭିଯୋଗ ହେଲା ପରେ ବୁଧବାର ପୁଲିସ ଫୋର୍ସ ସହିତ ଗୋପ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ମହାପାତ୍ର ଓ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣାସ୍ଥଳେ ପହଞ୍ଚିଥିଲେ। ଦୁଇଟି ଜେସିବି, ଗୋଟିଏ ଦମକଳ ଦ୍ୱାରା ଜଳୁଥିବା ଇଟାଭାଟିକୁ ପାଣି ପକାଇ ଲିଭାଇ କଞ୍ଚା ଇଟା ଓ ପୋଡ଼ା ଇଟା ଭାଙ୍ଗି ନଷ୍ଟ କରିଥିଲେ। ଧୂମାଳ ଓ ଜଙ୍ଗଲବୋରି ପଞ୍ଚାୟତରେ ୨୦ରୁ ଅଧିକ ଇଟାଭାଟି ଭଙ୍ଗାଯାଇଥିବା ଗୋପ ତହସିଲ୍‌ଦାର ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ବାକିଥିବା ପଞ୍ଚାୟତଗୁଡ଼ିକରେ ଥିବା ବେଆଇନ ଇଟାଭାଟିକୁ ଅତିଶୀଘ୍ର ଭଙ୍ଗାଯିବ ବୋଲି ତହସିଲ୍‌ଦାର ଶ୍ରୀ ମିଶ୍ର କହିଛନ୍ତି।

ଇଟାଭାଟି ହେବା ଫଳରେ ଭାଟିରୁ ବାହାରୁଥିବା କୋଇଲା, କାଠ ଧୂଆଁ ବାୟୁମଣ୍ଡଳକୁ ଦୂଷିତ କରୁଥିବାବେଳେ ଜନବସତି ଅଞ୍ଚଳରେ ଇଟାଭାଟି ପୋଡ଼ା ଯାଉଥିବାରୁ ମାନବ ସମାଜ ପ୍ରତି ଭୟଙ୍କର ବିପଦ ସୃଷ୍ଟି କରୁଛି। ଇଟା ପାଇଁ ଆବଶ୍ୟକ ହେଉଥିବା ମାଟି ସରକାରୀ ଜାଗାରୁ ଗୋଚର ଅନାବାଦୀ ନଦୀପଠାରୁ ବ୍ୟବସାୟୀ ଟ୍ରାକ୍ଟର ଯୋଗେ ନେବା ଫଳରେ ମୃତ୍ତିକା କ୍ଷୟ ଘଟୁଛି। ଇଟାଭାଟି ପୋଡ଼ିବା ପାଇଁ ବ୍ୟବହାର ହେଉଥିବା କାଠ ଗ୍ରାମାଞ୍ଚଳରେ ବଡ଼ ବଡ଼ ପୁରାତନ ଗଛ କରାଯିବା ଫଳରେ ପରିବେଶ ବିଗିଡ଼ିବାରେ ଲାଗିଛି। ଖରା ଦିନରେ ଇଟାଭାଟି ପୋଡ଼ାଯିବା ଫଳରେ ଉତ୍ତାପ ବୃଦ୍ଧି କରି ଗରମକୁ ଦୁଇଗୁଣ କରୁଛି ଯାହା ମଣିଷ ପାଇଁ ଅସହ୍ୟ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଗୋପ ତହସିଲ୍‌ଦାର ନେଇଥିବା ପଦକ୍ଷେପକୁ ନୟାହାଟ ଅଞ୍ଚଳର ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।



**• ଜାତୀୟ ନାଟକ ମହୋତ୍ସବ ଆରମ୍ଭ**

# ପ୍ରଶଂସା ସାଉଁଟିଲା ନାଟକ 'ବ୍ରେନ୍‌ଗେନ୍ ଡଟ୍ କମ୍'

ପୁରୀ,୨୫।୨(ସମିସ)

ନାଟ୍ୟାନୁଷ୍ଠାନ 'ରଙ୍ଗଶାଳା' ପକ୍ଷରୁ ଆରମ୍ଭ ହୋଇଛି ୧୬ତମ ନାଟକ ମହୋତ୍ସବ। ଏହି ଚାରିଦିନିଆ ମହୋତ୍ସବର ବୁଧବାର ପ୍ରଥମ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ନାଟକ "ବ୍ରେନ୍‌ଗେନ୍ ଡଟ୍ କମ୍'। ଯାହାକି ନାଟ୍ୟପ୍ରେମୀଙ୍କ ବେଶ୍ ପ୍ରଶଂସା ସାଉଁଟିଥିଲା। ଏହି ନାଟକ ମାଧ୍ୟମରେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ପରିଣତି ହିଁ ଦର୍ଶାଯାଇଛି। ଯେଉଁ ବ୍ୟବସ୍ଥାରେ ପିଲାମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଠ ପଢୁଛନ୍ତି, ସେଥିରେ ସେମାନଙ୍କ ସୃଜନଶୀଳତାକୁ ପ୍ରୋତ୍ସାହନ ଦିଆଯାଉଛି ନା ସେମାନଙ୍କ ବିଦ୍ୟାକୁ ସୀମିତ କରିଦିଆଯାଉଛି? ବ୍ରେନ୍ ପ୍ରକୃତରେ କିଛି ଗେନ୍ କରୁଛି ନା ବ୍ରେନ୍‌କୁ ଡ୍ରେନ୍ କରିଦିଆଯାଉଛି। ଏକ ପ୍ରକାର ଫିଡିଙ୍ଗ୍ ସିଷ୍ଟମରେ ଆମର ପାଠପଢ଼ା ଚାଲିଛି। ଏ ବ୍ୟବସ୍ଥାରେ ୧୦୦ ଜଣ ଶୁକପକ୍ଷୀ ତ ବାହାରିପାରିବେ, ହେଲେ ଜଣେ ଶୁକ ମୁନୀ ବାହାରି ପାରିବେ କି? ନାଟକର ନାୟକ ମିଷ୍ଟର ଡଟ୍ କମ୍ ଜଣେ ଟିଉସନ ମାଷ୍ଟର। କମ୍ପ୍ୟୁଟର ସଫ୍ଟୱେର ବ୍ୟବହାର କରି ଗୋଟିଏ ଅଟୋମେଟିକ ଫିଡିଙ୍ଗ୍ ସିଷ୍ଟମ ବାହାର କରିଛନ୍ତି। ଫଳରେ ପାଠ ନ ପଢ଼ି ମଧ୍ୟ ଜଣଙ୍କ ବ୍ରେନରେ ଯେକୌଣସି ବିଷୟ ଲୋଡ୍ କରିଦିଆଯାଇପାରିବ। ତାଙ୍କ କୋଚିଂ ସେଣ୍ଟର ତ ଚାଲିଛି କିନ୍ତୁ ଏପରି ଏକ ସମୟ ଆସିଛି ଯେଉଁଠି ମିଷ୍ଟର ଡଟ୍ କମ ବାଧ୍ୟ ହୋଇଛନ୍ତି ଏକ ବିପଜ୍ଜନକ ବ୍ରେନ ତିଆରି କରିବା ପାଇଁ। ସେଠି ମିଷ୍ଟର ଡଟ୍‌କମ ଅନୁତାପ କରିଛନ୍ତି ଓ ଉପଲବ୍ଧି କରିଛନ୍ତି ଯେ, ଆଲ୍ଲାଦିନର କୁହୁକ ଦିପ ଯଦି ସଇତାନ ହାତରେ ପଡ଼ିଯାଏ ତେବେ ବିପଦ ସୁନିଶ୍ଚିତ। ଦେଶକୁ ରକ୍ଷା କରିବାକୁ ହେଲେ ଏପରି ବିପଜ୍ଜନକ ମେସିନକୁ ଧ୍ୱଂସ କରିବାକୁ ହେବ। ଯେଉଁ ଦେଶରେ ବିଦ୍ୟାର ଦେବତା ଗଣେଶ ଓ ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀ ଅଛନ୍ତି ସେଠାରେ ଏପରି ମେସିନର ଆବଶ୍ୟକତା ନାହିଁ। ଏହା ହିଁ ଥିଲା ନାଟକର ବାର୍ତ୍ତା।



ଡ. ସଞ୍ଜୟ ହାତୀଙ୍କ ରଚିତ ଏହି ନାଟକ ନିର୍ଦ୍ଦେଶନା ଦେଇଛନ୍ତି ରଙ୍ଗଶାଳାର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ। ଅଭିନୟ କରିଥିଲେ ବିକ୍ରମ ସାହୁ, ବିକ୍ରମ ବରାଳ, ବିକାଶ ଦତ୍ତ, ଗୋପୀନାଥ ପୂଜାପଣ୍ଡା, ଗୌରୀରଞ୍ଜନ ବାରିକ, ସଂଗ୍ରାମ କେଶରୀ ଦାସ, ଆତ୍ରେୟ କୁମାର ମଲ୍ଲିକ, ମନୋରଞ୍ଜନ ଜେନା, ପୂର୍ଣ୍ଣଚନ୍ଦ୍ର ଦାସ, ଆଶିଷ ବେହେରା, ଓମ୍‌ପ୍ରକାଶ ଦାସ, ଜଗନ୍ନାଥ ଦାସ ଓ ମଧୁସ୍ମିତା ସାହୁ। ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ସାହୁ। ମଞ୍ଚ ସଜାଇଥିଲେ ଶରତ ମହାନ୍ତି। ଆଲୋକ ସମ୍ପାଦନା କରିଥିଲେ ବେଣୁଧର ମାପିସ୍ତ।

ଉଦ୍‌ଘାଟନୀ ସନ୍ଧ୍ୟାରେ ଲୋକପ୍ରିୟ ଅଭିନେତା ହରିହର ମହାପାତ୍ର, ଲୁକୁନ ଚୌଧୁରୀ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଶିଳ୍ପପତି ରାଜକିଶୋର ପାତ୍ର, ସମାଜସେବୀ ଶ୍ରୀକଣ୍ଠ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନାଟ୍ୟକାର ଓ ନିର୍ଦ୍ଦେଶକ ଦିଲ୍ଲୀଶ୍ୱର ମହାରଣାଙ୍କୁ ରଙ୍ଗଶାଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଗିରିଶ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ରୂପକଳ୍ପ ମିଶ୍ର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଭରତ ନାୟକ, ପ୍ରତିଷ୍ଠାତା ବିକ୍ରମ ସାହୁ, ଉପସଭାପତି ସରୋଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆଶିଷ ବେହେରା, ଓମ୍‌ପ୍ରକାଶ ଦାସ, ସ୍ୱାତିଶ୍ରୀ ପରିଡ଼ା, ଅଙ୍କିତା ଦାସ, ଅବିନାଶ ସାହୁ, ଦେବାଶିଷ ସିଂହ, ସୁମିତ୍ରା ବେହେରା, ମଧୁସ୍ମିତା ଦାସ ସହଯୋଗ କରିଥିଲେ।

### ଗ୍ରୀଷ୍ମ ପ୍ରବାହ ପରିଚାଳନା ପ୍ରସ୍ତୁତି ବୈଠକ

# ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବାକୁ ନିର୍ଦ୍ଦେଶ

ଜଗତସିଂହପୁର,୨୫।୨(ସମିସ)



ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଏଲ୍-ନିନୋର ପ୍ରଭାବରେ ଗ୍ରୀଷ୍ମ ପ୍ରବାହ ଅତ୍ୟନ୍ତ ପ୍ରଖର ହେବ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ, ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ପ୍ରତ୍ୟେକ ବ୍ଲକ୍ ଓ ତହସିଲରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବ ବୋଲି ସେ କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ସିଏଚ୍‌ସି, ପିଏଚ୍‌ସିରେ ଅତ୍ୟାବଶ୍ୟକ ଫାଷ୍ଟ ଏଡ୍ ବ୍ୟବସ୍ଥା, ପର୍ଯ୍ୟାପ୍ତ ପରିମାଣରେ ଓଆର୍‌ଏସ, ସାଲାଇନ ମହଜୁଦ ରଖିବା ସହ ହିଟ୍‌ଷ୍ଟ୍ରୋକ ରୁମ୍ ରେଡି ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ ୱାଟର ସପ୍ଲାଏ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଆରଡବ୍ଲୁଏସ୍‌ଏସ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ୍ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ପାନୀୟ ଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ ଲାଇନ୍ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଅଧିକ ସଂଖ୍ୟକ ଟ୍ୟାଙ୍କର ଯୋଗାଡ଼ କରି ରଖିବା ସହ ଜଳ ସମ୍ପର୍କିତ ଯେଉଁଲି କୌଣସି ଅଭିଯୋଗ ନ ଆସେ ସେଥି ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇବାକୁ ପାନୀୟ ଜଳଯୋଗାଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟ ମାନଙ୍କରେ ଅଂଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋର୍ଡିଂ, ପୋଷ୍ଟର ଇତ୍ୟାଦି ଲଗାଯିବା, ସାମାଜିକ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ବ୍ଲକ୍, ପୌରାଞ୍ଚଳ, ବିଶେଷ କରି ବସ ଷ୍ଟାଣ୍ଡ, ହାଟ ବଜାର ଆଦି ଜାଗାରେ ଜଳଛତ୍ର ଖୋଲିବା ପାଇଁ ପରାମର୍ଶ ଦେଇଥିଲେ। ଖରାରେ ଶ୍ରମିକମାନଙ୍କ କାର୍ଯ୍ୟ ସମୟ ନିର୍ଦ୍ଧାରଣ ପାଇଁ ନିଷ୍ପତ୍ତି ନେବାକୁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅତ୍ୟନ୍ତ ଗ୍ରୀଷ୍ମ ପ୍ରବାହରେ ପାୱାର ସପ୍ଲାଏ ବ୍ୟବସ୍ଥା ଠିକ ଭାବେ ବୁଝିବାକୁ ଟିପିସିଓଡିଏଲ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଅଂଶୁଘାତ ଜନିତ ମୃତ୍ୟୁହେଲେ ତହସିଲଦାର ଓ ମେଡିକାଲ ଅଫିସରଙ୍କ ଦ୍ୱାରା ୨୪ ଘଣ୍ଟା ମଧ୍ୟରେ ଯୁଗ୍ମ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ ବୋଲି ଆଲୋଚନା ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାର. କ୍ଷେତ୍ରୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବଡ଼ପଡ଼ିଆ ମାର୍କେଟ ଅଗ୍ନିକାଣ୍ଡ ଘଟଣା

## ଥଇଥାନ ବ୍ୟବସ୍ଥା ପାଇଁ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା



ପାରାଦୀପ,୨୫।୨(ସମିସ): ଗତ ଶନିବାର ବିଳମ୍ବିତ ରାତିରେ ପାରାଦୀପ ବଡ଼ପଡ଼ିଆ ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ ଘଟଣା ସାରା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଅଗ୍ନିକାଣ୍ଡରେ ୩୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କ ଦୋକାନ ଘର ପୋଡ଼ି ପାଉଁଶ ହୋଇଯାଇଛି। ଏହି କ୍ଷୟକ୍ଷତିର ପରିମାଣ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ହେବା ନେଇ ଆକଳନ କରାଯାଇଛି। ତେବେ ଏହି ଖବର ପାଇ ଶ୍ରମିକ ନେତା ବାପି ସର୍ଖେଲ ବଡ଼ପଡ଼ିଆ ମାର୍କେଟରେ ପହଞ୍ଚି ପୀଡ଼ିତ ବ୍ୟବସାୟୀମାନଙ୍କୁ ସାନ୍ତ୍ୱନା ଦେବା ସହ ବିପତ୍ତି ସମୟରେ ଧୈର୍ଯ୍ୟ ଧରିବାକୁ ଆଶ୍ୱାସନା ଦେଇଛନ୍ତି। ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ବ୍ୟବସାୟୀଙ୍କ ଥଇଥାନ ବ୍ୟବସ୍ଥା ପାଇଁ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ସୂଚାରୁରୂପେ ପୁନର୍ବାର କିଭଳି ମାର୍କେଟ ବସିପାରିବ ସେ ନେଇ ଆଲୋଚନା କରିଥିଲେ। ଏନେଇ ପ୍ରଥମେ ଏକ ବ୍ଲୁ-ପ୍ରିଣ୍ଟ କରାଯିବା ସହିତ ତାହାକୁ ବନ୍ଦର କର୍ତ୍ତୃପକ୍ଷଙ୍କ ଅନୁମତି ପାଇଁ ଦିଆଯିବ। ମାର୍କେଟ ମଧ୍ୟରେ ଯେତେ ପରିବା ଦୋକାନ ରହିଛି ସେମାନଙ୍କ ପାଇଁ ଭେଣ୍ଡିଂ ଜୋନ ତିଆରି କରିବା ନେଇ ବନ୍ଦର କର୍ତ୍ତୃପକ୍ଷ ପ୍ରଥମ ଥର ପାଇଁ ଘୋଷଣା କରିବା ଆବଶ୍ୟକ ବୋଲି କହିଥିଲେ। ଦୋକାନର ସାଇଜ କେତେ ହେବା ଦରକାର, କେମିତି ବଣ୍ଟନ ହେବ, ଉଠା ଦୋକାନୀମାନେ କିଭଳି ବସିବେ ଓ ସମସ୍ତ ବ୍ୟବସାୟୀ ଜାଗା କିଭଳି ପାଇବେ ସବୁର ବ୍ଲୁ- ପ୍ରିଣ୍ଟ କରାଯିବ। ଜାଗା ଗୁଡିକ ବ୍ୟବସାୟ ପାଇଁ ବହୁତ ଛୋଟ ହୋଇ ଯାଉଛି। ସେଠାରେ ବାଲି ଫିଲିଂ କରାଯିବା ନେଇ ସେ ଆଲୋଚନା କରିଥିଲେ। ବନ୍ଦର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ଯେତେଶିଘ୍ର ମାର୍କେଟର ପୁନରୁଦ୍ଧାର ହୋଇପାରିବ, ମାର୍କେଟ ଯେପରି ଆହୁରି ସୁନ୍ଦର ଭାବରେ ନିର୍ମାଣ ହେବ ସେ ନେଇ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ସର୍ଖେଲଙ୍କ ସହିତ ନଗର ବିଜେଡି ସଭାପତି କୁମରବର ନାୟକ, ବରିଷ୍ଠ ଆଇନଜୀବୀ କୈଳାଶ ଚନ୍ଦ୍ର ସାହୁ, ସମୀର ବିଶ୍ୱାଳ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଚିନ୍ମୟ ରଞ୍ଜନ ପରିଡ଼ା, ଜିଲ୍ଲା ସମ୍ପାଦକ ଅନୁପ ସହାଣୀ ଓ ମାନସ ବିଶ୍ୱାଳ, ଯୁବ ବ୍ୟବସାୟୀ ଅୟସକାନ୍ତ ସାମଲ, ବଣିକ ସଙ୍ଘ ସମ୍ପାଦକ ଗୋଲେଖ ସାହୁ, ପୂର୍ବତନ ବଣିକ ସଙ୍ଘ ସଭାପତି କ୍ଷୀରୋଦ ସ୍ୱାଇଁ ଓ ବହୁ ବିଜେଡି ମୁଖିଆମାନେ ଉପସ୍ଥିତ ଥିଲେ।

## କଟକ-ପାରାଦୀପ ରାସ୍ତାର ଦୁର୍ଘଟଣା ରୋକିବାକୁ ଦାବିପତ୍ର

ଜଗତସିଂହପୁର,୨୫।୨(ସମିସ): ଜଗତସିଂହପୁର ଜିଲ୍ଲାର ଜୀବନରେଖା କୁହାଯାଉଥିବା କଟକ-ପାରାଦୀପ ରାଜ୍ୟ ରାଜପଥରେ ବୃଦ୍ଧିଶୀଳ ସଡ଼କ ଦୁର୍ଘଟଣା ଓ ଅବ୍ୟବସ୍ଥାକୁ ନେଇ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ କମିଟି ପକ୍ଷରୁ ଇଂ ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ଏବଂ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ରାସ୍ତାର ସମ୍ବେଦନଶୀଳ ସ୍ଥାନଗୁଡିକରେ ତୁରନ୍ତ ସୁରକ୍ଷା ବ୍ୟବସ୍ଥା ନେବାକୁ ଦଳ ଦାବି କରିଛି। ସ୍ମାରକପତ୍ରରେ ସୋମପୁର ଠାରୁ ମଣିଜଙ୍ଗା ପର୍ଯ୍ୟନ୍ତ ଅଞ୍ଚଳକୁ ଦୁର୍ଘଟଣାପ୍ରବଣ ଭାବେ ଉଲ୍ଲେଖ କରାଯାଇଥିବା ବେଳେ, ରଘୁନାଥପୁର ଥାନା ଅଞ୍ଚଳରେ ୨୦୨୫ରୁ ଆଜି ପର୍ଯ୍ୟନ୍ତ ୨୦ଟି ଦୁର୍ଘଟଣା ଘଟି ୧୦ ଜଣଙ୍କ ମୃତ୍ୟୁ ଓ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ତିର୍ତ୍ତୋଲ ଥାନା ଅଧୀନରେ ୪୮ ଜଣ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି କଟକ- ପାରାଦୀପ ରାସ୍ତାକୁ ଦୁଇଥାକିଆ ରାସ୍ତାରୁ ଚାରିଥାକିଆ ରାସ୍ତା କରିବା ସହିତ ମୁଖ୍ୟ ଛକ ଓ ଭିଡ଼ ଅଞ୍ଚଳରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଓ ଟ୍ରାଫିକ୍ ସିଗ୍ନାଲ ସ୍ଥାପନ ପାଇଁ କଂଗ୍ରେସ ଦାବି କରିଛି। ସେହିପରି ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ କରି ତୁରନ୍ତ ସୁଧାରମୂଳକ ବ୍ୟବସ୍ଥା କରିବା, ଜନଗହଳିପୂର୍ଣ୍ଣ ବଜାର ଅଞ୍ଚଳରେ ଟ୍ରାଫିକ୍ ଭଲ୍ୟୁଣ୍ଟିଅର ବା ଟ୍ରାଫିକ ପୁଲିସ ନିଯୁକ୍ତ କରିବା। ମୁଖ୍ୟ ରାସ୍ତା ପାର୍ଶ୍ୱରେ ମଦ ଦୋକାନ ଉପରେ କଠୋର ନିୟନ୍ତ୍ରଣ ଓ ନିର୍ଦ୍ଧାରିତ ଦୂରତା ନିୟମ କଡ଼ାକଡ଼ି ପାଳନ କରିବା ଏବଂ ସ୍ଥାୟୀ ସମାଧାନ ନିମନ୍ତେ ଅଧିକ ଦୁର୍ଘଟଣା ଘଟୁଥିବା ସ୍ଥାନ ଓ ବ୍ଲାକ ସ୍ପଟ ଗୁଡିକରେ ଡିଭାଇଡରର ବ୍ୟବସ୍ଥା କରିବା ଇତ୍ୟାଦି। ଏହି କାର୍ଯ୍ୟକ୍ରମରେ ରଘୁନାଥପୁର ବ୍ଲକ କଂଗ୍ରେସ କମିଟି ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ପୃଷ୍ଟି, ପୂର୍ବତନ କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ଦାସ, ମନମୋହନ ଗୋଛାୟତ, ସାଇ ପ୍ରଭଞ୍ଜନ ମହାପାତ୍ର, ଯୁବନେତା ପ୍ରତ୍ୟୁଷ ନାୟକ, ସୁଶୀଲ କୁମାର ଦାସ, ଅସିମ ରାଉତ, ପ୍ରଦୀପ୍ତ ଦାସ, ଆଲୋକ ସାହୁ, ସମରେନ୍ଦ୍ର ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଯଦିଶୀଘ୍ର ଦାବିଗୁଡିକ ପୂରଣ ନ କରାଯାଏ, ତେବେ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି।



## ୨୩ ଚାଷୀଙ୍କୁ ରବି ଫସଲ ବୀମା ପତ୍ର ପ୍ରଦାନ

ଜଗତସିଂହପୁର,୨୫।୨(ସମିସ): ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ "ମେରି ପଲିସି ମେରେ ହାଥ୍' ଅଭିଯାନର ରବି ଋତୁ ୨୦୨୫-୨୬ ପାଇଁ ପଲିସି ବଣ୍ଟନ କାର୍ଯ୍ୟକ୍ରମ ତରଡାପଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କୁଳମଣି ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଚାଷୀମାନଙ୍କ ଆର୍ଥିକ ସୁରକ୍ଷା ପାଇଁ ଫସଲ ବୀମାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ତରଡାପଡା ସରପଞ୍ଚ ଦୀପକ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଚାଷୀମାନଙ୍କୁ ଉପରୋକ୍ତ ଯୋଜନା ବିଷୟରେ ସଚେତନ କରିଥିଲେ। ଇଣ୍ଡସଇଣ୍ଡ ଜେନେରାଲ ଇନସୁରାନ୍ସ କମ୍ପାନୀ ଲିମିଟେଡ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପରିଚାଳକ ପ୍ରମୋଦ କୁମାର ନାୟକ ଏବଂ ବ୍ଲକ ସମନ୍ୱୟକ ପ୍ରସନ୍ନ କୁମାର ବାରିକ ପରିଚାଳନା କରିଥିଲେ। ଏଥିସହ ବିରିଡ଼ି ବିସି ସୁବାସ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ସଭାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଅଞ୍ଚଳର ୨୩ ଜଣ ଚାଷୀଙ୍କୁ ସେମାନଙ୍କର ରବି ଫସଲ ବୀମା ପଲିସି କପି ପ୍ରଦାନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀଙ୍କୁ ସହାୟତା ଯୋଗାଇଦେବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

### ଫାଟକରେ ତାଲା ପକାଇ ଜଗୁଆଳି ଛୁଟିରେ

## ଘଣ୍ଟାଏ ଖରାରେ ସିଝିଲେ 'ଆଦର୍ଶ' ଛାତ୍ରଛାତ୍ରୀ

ବାଲିକୁଦା,୨୫।୨(ସମିସ): ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତ ଦୁଆଠାରେ ଥିବା ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଆଜି ସକାଳେ ଅଭିଭାବକମାନଙ୍କ ହୋହଲ୍ଲା ଦେଖିବାକୁ ମିଳିଥିଲା। ଏହାର କାରଣ ସ୍କୁଲ ଖୋଲିବାର ସମୟ ୧୦ଟା ସମୟରେ ସ୍କୁଲର ମୁଖ୍ୟ ଫାଟକରେ ତାଲା ଝୁଲିଥିଲା। ଏହି ଅବସ୍ଥା କାରଣରୁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସେମାନଙ୍କୁ ବିଦ୍ୟାଳୟକୁ ଛାଡ଼ିବାକୁ ଆସିଥିବା ଅଭିଭାବକ, ଡ୍ରାଇଭର ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ଖରାରେ ପ୍ରାୟ ଏକ ଘଣ୍ଟା ଠିଆ ହୋଇଥିଲେ। ଏହାର କାରଣ ବିଦ୍ୟାଳୟରେ କାର୍ଯ୍ୟରତ ରାତ୍ରି ଜଗୁଆଳି ଜଣଙ୍କ କାହାକୁ କିଛି ନ ଜଣାଇ ଛୁଟି ନେଇଥିବା ବେଳେ ଚାବି ମଧ୍ୟ କାହାକୁ ପ୍ରଦାନ କରି ନଥିଲା। ଏନେଇ ଶିକ୍ଷକ ତାକୁ ଫୋନ୍ ଯୋଗେ ଯୋଗାଯୋଗ କରିବା ପରେ ସେ ପ୍ରଧାନ ଶିକ୍ଷକଙ୍କୁ ଜଣାଇ ଛୁଟିରେ ଥିବା ପ୍ରକାଶ କରିଥିଲା। ତେବେ କୌଣସି ଏକ କାର୍ଯ୍ୟରେ ୩ ଦିନ ପାଇଁ ଛୁଟି ନେଇ ଘରକୁ ଯାଇଥିବା ପ୍ରଧାନଶିକ୍ଷକ ଅଜିତ ପ୍ରଧାନଙ୍କୁ ଏ ନେଇ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ ତାଙ୍କ ସହ କାର୍ଯ୍ୟରତ ରାତ୍ର ଜଗୁଆଳି କୌଣସି ଯୋଗାଯୋଗ କରି ନାହିଁ। ଅନେକ ସମୟରେ ସେ ଏପରି ମନମାନି କରିଥାନ୍ତି। ପୂର୍ବରୁ ଅନେକ ଥର ଭୁଲ ମାଗି ନିଜକୁ ଖସାଇ ଦେଇଥିବା ବେଳେ ଚଳିତ ଥର ସୀମା ଉଲ୍ଲଙ୍ଘନ କରିଛନ୍ତି। ଏଣୁ ମୁଁ ବିଦ୍ୟାଳୟ ରେ ଯୋଗଦାନ କରିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏକ ଘଣ୍ଟା ପରେ ସେ ଚାବି ଖୋଲିଥିବା କାରଣରୁ ଶିକ୍ଷା ବ୍ୟବସ୍ଥା ଟିକେ ବିଳମ୍ବରେ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସ୍ଥିତି ସ୍ୱାଭାବିକ ଅଛି। ତେବେ ଗୋଟିଏ ଶିକ୍ଷା ଅନୁଷ୍ଠାନରେ ଜଣେ କର୍ମଚାରୀଙ୍କ ଏଭଳି ମନମାନି କାରଣରୁ କୋମଳମତି ଛାତ୍ରଛାତ୍ରୀ ଖରାରେ ଠିଆ ହେବା ଘଟଣାକୁ ଅଭିଭାବକ ସହ ବୁଦ୍ଧିଜୀବୀ ମହଲରେ ଦୃଢ ନିନ୍ଦା କରାଯିବା ସହ ତୁରନ୍ତ ଉକ୍ତ ବ୍ୟକ୍ତିଙ୍କୁ ବାହାର କରି ନୂଆ ନିଯୁକ୍ତି ଦେବାକୁ ଦାବି ହୋଇଛି।



## ତିର୍ତ୍ତୋଲ କଲେଜରେ ପ୍ରଶ୍ନପତ୍ର ଭାଇରାଲ

ତିର୍ତ୍ତୋଲ,୨୫।୨(ସମିସ): ତିର୍ତ୍ତୋଲ ସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟରେ ଆଜି ଯୁକ୍ତ ୩ ପ୍ରଥମ ବର୍ଷର ଇଣ୍ଟରନାଲ ବାଧ୍ୟତାମୂଳକ ବିଷୟର ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇ ଭାଇରାଲ ହୋଇଯାଇଥିଲା। ଏ ବିଷୟ ଜଣାପଡ଼ିବା ପରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସଙ୍ଗେ ସଙ୍ଗେ ନୂତନ ପ୍ରଶ୍ନପତ୍ର ପ୍ରସ୍ତୁତ କରି ଛାତ୍ରଛାତ୍ରୀଙ୍କୁ ଦେବା ପରେ ସେମାନେ ପରୀକ୍ଷା ଦେଇଥିଲେ। ଏସଂପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନଳିନୀକାନ୍ତ ପଟ୍ଟନାୟକଙ୍କ ମତାମତ ନେବାରୁ ଛାତ୍ରଛାତ୍ରୀଙ୍କ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ୍ ହେଉଥିବା ଜଣାପଡିବା ପରେ ଛାତ୍ରଛାତ୍ରୀଙ୍କୁ ନୂତନ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇ ଦିଆଯାଇଥିଲା। ଏହି ପ୍ରଶ୍ନପତ୍ର ଭାଇରାଲ ଘଟଣାରେ ଜଣେ କର୍ମଚାରୀ ଓ ଅଧ୍ୟାପିକାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ବୋଲି ସେ କହିଛନ୍ତି।

## ମା' ବାରଦେଇଙ୍କ ଧନୁଯାତ୍ରା ଉଦ୍‌ଯାପିତ



ନାଉଗାଁ,୨୫।୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ତେଣ୍ଟୋଇ ସ୍ଥିତ ମା' ବାରଦେଇଙ୍କ ପୀଠରେ ଅନୁଷ୍ଠିତ ଚତୁର୍ଥ ବାର୍ଷିକ ଧନୁଯାତ୍ରାର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରାର ପଞ୍ଚମ ତଥା ଶେଷ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସମାଜସେବୀ ନିରଞ୍ଜନ ନାୟକ ଯୋଗଦେଇଥିଲେ। ଅବସରରେ ଅବସର ଗ୍ରହଣ କରିଥିବା ବହୁ ମାନ୍ୟଗନ୍ୟ ବ୍ୟକ୍ତିଙ୍କୁ ଦରବାରରେ ମହାରାଜ କଂସଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କଂସଙ୍କ ଦରବାର ଆରମ୍ଭ ହୋଇ ଅକ୍ରୁର ଗୋପପୁରରେ ପ୍ରବେଶ ଓ କୃଷ୍ଣ ବଳରାମଙ୍କୁ ଧରି ମଥୁରା ଗମନ, ଗୋପିମାନଙ୍କ ମଥୁରାରେ ଦହିବିକା, ଶିବ ଧନୁଭଗ୍ନ ସହ କଂସ ବଧ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ଧନୁଯାତ୍ରା ଆୟୋଜକ କମିଟିର ସଭାପତି ଗୌତମ କୁମାର ସାହୁ, ସମ୍ପାଦକ ପଶୁରାମ ବିଶ୍ୱାଳ, ରବୀନ୍ଦ୍ର କୁମାର ଲେଙ୍କା, ରୋହିତ କୁମାର ବିଶ୍ୱାଳ ସରୋଜ କୁମାର ଲେଙ୍କା, ଅନନ୍ତ ଚରଣ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଦିଲିପ ପଟ୍ଟନାୟକ, ବିଶ୍ୱଜିତ ବିଶ୍ୱାଳ, ବେଣୁଧର ବିଶ୍ୱାଳ, ଅକ୍ଷୟ କୁମାର ବିଶ୍ୱାଳ, ରଞ୍ଜନ କୁମାର ବିଶ୍ୱାଳ, ନିରଞ୍ଜନ ସାହୁ, ପ୍ରକାଶ କୁମାର ବିଶ୍ୱାଳ ଓ ବିଜୟ କୁମାର ବିଶ୍ୱାଳ ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତଥିଲେ।

## ପୂର୍ବତନ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧିଙ୍କ ବିୟୋଗ



ତିର୍ତ୍ତୋଲ,୨୫।୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପିପ୍ପଳମାଧବ ପଞ୍ଚାୟତ ମହମଦାବାଦ ଗ୍ରାମର ଶରତ ଚନ୍ଦ୍ର ଦାସ (୮୨)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ବର୍ଷ ଧରି ବିଜେଡିର ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରିବା ସହ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ତିର୍ତ୍ତୋଲ ବ୍ଲକ ପ୍ରତିନିଧି ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପରିବାର ବର୍ଗ ଉପସ୍ଥିତ ରହିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଗୋରେଖନାଥଙ୍କ ହୁଣ୍ଡିରୁ ୩୬.୭୭ ଲକ୍ଷ ଟଙ୍କା ଆୟ

ରଘୁନାଥପୁର,୨୫।୨(ସମିସ): ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ୫ଟି ହୁଣ୍ଡିରୁ ମୋଟ ୩୬ ଲକ୍ଷ ୭୭ ହଜାର ୨୨୦ ଟଙ୍କା ଆୟ ହୋଇଛି। ଗତ ସୋମବାର ଠାରୁ ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନ ତଥା ଦେବୋତ୍ତର ନିରୀକ୍ଷକ ପ୍ରଦୀପ୍ତ କୁମାର ସାହୁ ଓ ଶକ୍ତିପ୍ରସାଦ ନାୟକଙ୍କ ଉପସ୍ଥିତିରେ ସମସ୍ତ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ଏଥିରେ ଜଗତସିଂହପୁର ଜିଲ୍ଲାପାଳ କାର୍ଯ୍ୟାଳୟ, ରଘୁନାଥପୁର ତହସିଲ ଅଫିସ, ସ୍ୱେଚ୍ଛାସେବୀ ସଙ୍ଗଠନ ସମାଜ ବିକାଶ ମିଶନ ଓ ସୌଭାଗ୍ୟ ଜେନା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ ଗଣତିରେ ନିୟୋଜିତ ଥିଲେ। ଏଥିସହ ଉପଦେଷ୍ଟା ପ୍ରମୋଦ କୁମାର ମହାନ୍ତି, ଶୁଶାନ୍ତ କୁମାର ଦାସ, ସୁରେନ୍ଦ୍ରନାଥ ସ୍ୱାଇଁ, ବିଜୟ ସ୍ୱାଇଁ ଓ ଦିଲୀପ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ହୁଣ୍ଡିରୁ ଆୟ ସମସ୍ତ ଟଙ୍କାକୁ ପ୍ରଭୁଙ୍କ ନାମରେ ଥିବା ତିର୍ତ୍ତୋଲ ୟୁକୋ ବ୍ୟାଙ୍କରେ ଡିପୋଜିଟ କରାଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବଣିକ ସଙ୍ଘ ପକ୍ଷରୁ ମା' ଦୁର୍ଗାଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ପାରାଦୀପ,୨୫।୨(ସମିସ): ପାରାଦୀପର ପୋର୍ଟ ବଣିକ ସଂଘ ପକ୍ଷରୁ ମା' ଦୁର୍ଗାଙ୍କ ୧୮ ତମ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ବଡ଼ପଡ଼ିଆ ଠାରେ ଥିବା ମା'ଙ୍କର ଏହି ମନ୍ଦିରରେ ସକାଳୁ ରୀତିନୀତି ସହ ବିଭିନ୍ନ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ ଦିନ ତମାମ ହୋମ ଯଜ୍ଞ କରାଯାଇଥିଲା। ୧୮ ବର୍ଷ ପୂର୍ବେ ଏହି ବ୍ୟବସାୟୀ ସଂଘର ସଭାପତି ସନ୍ତୋଷ ପଟ୍ଟନାୟକ ଥିବା ବେଳେ ସଙ୍ଘ ପରିସରରେ ମା' ଦୁର୍ଗାଙ୍କ ବିଗ୍ରହ ପ୍ରତିଷ୍ଠା କରିଥିଲେ। ଏହି ସଙ୍ଘ ପରିସରରେ ସେବେ ଠାରୁ ମା'ଙ୍କର ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଆସୁଛି। ସବୁ ବ୍ୟବସାୟୀଙ୍କ ସହଯୋଗରେ ଏହି ପ୍ରତିଷ୍ଠା ଦିବସ ଆୟୋଜନ କରାଯାଇଥାଏ।

## କମ୍ପ୍ୟୁଟର ଶିକ୍ଷକଙ୍କୁ ଶ୍ରେଷ୍ଠ ପ୍ରଶିକ୍ଷକ ସମ୍ମାନ




ବାଲିକୁଦା,୨୫।୨(ସମିସ): ବାଲିକୁଦା ବାଲିସାହି ଗ୍ରାମର କମ୍ପ୍ୟୁଟର ଶିକ୍ଷକ ବିଜୟ ନେତ୍ର ମହାରଣାଙ୍କୁ ଶ୍ରେଷ୍ଠ ପ୍ରଶିକ୍ଷକ ସମ୍ମାନ ଓଡ଼ିଶା ନଲେଜ କୋପରେସନ ଲିମିଟେଡ୍ ପକ୍ଷରୁ ପ୍ରଦାନ କରାଯାଇଛି। ଅନୁଷ୍ଠାନର ବାର୍ଷିକ ଉତ୍ସବ ଭୁବନେଶ୍ୱର ରେଲ ଅଡିଟୋରିୟମରେ ଅନୁଷ୍ଠାନର ପ୍ରତିଷ୍ଠାତା ଏମ୍‌ଡି ଡ. ମନୋରଞ୍ଜନ ପୁଥାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ରାଜ୍ୟ ସରକାରଙ୍କ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ଉପସ୍ଥିତରେ ବିଜୟଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

## ୧୧ରୁ ରାହାମାରେ ଶ୍ରୀଜଗନ୍ନାଥ ମହୋତ୍ସବ

କୁଜଙ୍ଗ, ୨୫।୨(ସମିସ): କୁଜଙ୍ଗ ବ୍ଲକ ରାହାମାରେ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବା ଭାଗବତ ପ୍ରଚାର ସମିତି ରାହାମା ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ମାର୍ଚ୍ଚ ୧୧ରୁ ଆରମ୍ଭ ହେବ। ଏହା ମାର୍ଚ୍ଚ ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ରାହାମା କଲେଜ୍ ପଡ଼ିଆରେ ଅନୁଷ୍ଠିତ ହେବ। ଏଥିପାଇଁ ସାରଳା ମହାବିଦ୍ୟାଳୟ ପରିସରରେ ବାୟା ବାବାଙ୍କ ମଣ୍ଡପରେ ପ୍ରସ୍ତୁତି ବୈଠକ ହୋଇଯାଇଛି। ବୈଠକରେ ସାରଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ପୌରୋହିତ୍ୟ କରିଥିବା ବେଳେ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ କମିଟି ମୁଖ୍ୟ ସଂଯୋଜକ ଡ. ସୁନାକର ବେହେରା ସଞ୍ଚାଳନ କରିଥିଲେ। ଶ୍ରୀକାନ୍ତ କୁମାର ଶତପଥୀ, ଅକ୍ଷୟ କୁମାର ସାହୁ, ବ୍ରଜକିଶୋର ମହାରାଜ, ସୁଲେଖ ବେହେରା, ଜୟନ୍ତ କୁମାର ମହାନ୍ତି, ଅମୀୟ କୁମାର ଜେନା, ବିପିନ କୁମାର ବରାଳ, ମନୋହର ସ୍ୱାଇଁ, ଶରତ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ଅନୁଷ୍ଠାନର ଧାରାବାହିକ ପ୍ରବଚକ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜ, ପୂଜ୍ୟ ବ୍ୟାସ-ସ୍ୱାମୀ ମୁକୁନ୍ଦ କୃଷ୍ଣଜୀ ମହାରାଜ, ରାଜ୍ୟ ବାହାରୁ ବହୁ ସାଧୁସନ୍ଥ ଯୋଗଦେବେ ବୋଲି ସୂଚନା ଦିଆଯାଇଛି।

# ଇଂଜିନିୟରିଂ କଲେଜ ଅପେକ୍ଷା ସୁପର ସ୍ପେସିଆଲ ହସ୍ପିଟାଲ ଗୁରୁତ୍ୱପୂର୍ଣ୍ଣ

ପାରାଦୀପ,୨୫।୨(ସମିସ): ପାରାଦୀପରେ ହେବ ଏକ ଇଞ୍ଜିନିୟରିଂ କଲେଜ। ଏନେଇ ରାଜ୍ୟ ସରକାର ଚଳିତ ବଜେଟରେ ବିଲ୍ ପାସ କରିଛନ୍ତି। ତେବେ ସରକାରଙ୍କର ଏହି ଘୋଷଣା ଅଞ୍ଚଳବାସୀଙ୍କୁ ଯେତିକି ଖୁସି ଦେଇନାହିଁ, ତାଠାରୁ ବହୁ ପରିମାଣରେ ଦୁଃଖ ଦେଇଛି।

ଏ ନେଇ ବରିଷ୍ଠ କବି ପିତାମ୍ବର ତରେଇ କହିଛନ୍ତି, ଇଞ୍ଜିନିୟରିଂ କଲେଜ ଅପେକ୍ଷା କୁଜଙ୍ଗ-ପାରାଦୀପ ଅଞ୍ଚଳବାସୀଙ୍କ ପାଇଁ ସୁପର ସ୍ପେସିଆଲ ହସ୍ପିଟାଲଟିଏ ସ୍ଥାପନ ହେବା ଗୁରୁତ୍ୱପୂର୍ଣ୍ଣ। ପାରାଦୀପ ବନ୍ଦର ସମେତ ପ୍ରତିଷ୍ଠା ଲାଭ କରିଥିବା ବିଭିନ୍ନ ଶିଳ୍ପ ସଂସ୍ଥା ପାଇଁ ସ୍ଥାନୀୟ ଅଧିବାସୀ ବିଗତ ୬୩ ବର୍ଷ ମଧ୍ୟରେ ଶାଗମାଛ ମୂଲ୍ୟରେ ପ୍ରାୟ ୩୦ ହଜାର ଏକର ଚାଷ ଜମି ଟେକି ଦେଇଛନ୍ତି। ହେଲେ ସେସବୁ ହରାଇଲା ପରେ ପାଇଛନ୍ତି କ'ଣ। ପାରାଦୀପ ଓ କୁଜଙ୍ଗ ଅଞ୍ଚଳରେ ଯେଉଁ ଭଳି ଭାବରେ ଉନ୍ନତି ହେବା କଥା ତାହା ହୋଇପାରିନାହିଁ। ଜମିବାଡ଼ି ହରାଇଥିବା ପରିବାରରେ ବେକାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ଦୂରର କଥା, ମାତ୍ର ଭଲ ସ୍ୱାସ୍ଥ୍ୟ ସେବାଟିଏ କୁଜଙ୍ଗବାସୀଙ୍କୁ ମିଳିପାରିନାହିଁ। କଳ କାରଖାନାର ବିଷାକ୍ତ ଧୂଆଁ, ବର୍ଜ୍ୟବସ୍ତୁ ଯୋଗୁ ବିପର୍ଯ୍ୟସ୍ତ ପରିବେଶ ରୋଗ ବ୍ୟାଧିର କାରଣ ହୋଇଥିବା ବେଳେ ଦୈନିକ ଗାଡ଼ି ଦୁର୍ଘଟଣାରେ ଶହ ଶହ ଜନଜୀବନ ହାନି ହେଉଛି। ଏହାର ନିରାକରଣ ପାଇଁ ସରକାରଙ୍କ କୌଣସି ଚିନ୍ତାଦକ ନଥିବା ଦୁଃଖର ବିଷୟ ବୋଲି ଶ୍ରୀ ତରାଇ ଆଲୋଚନାରେ କହିଛନ୍ତି।

ସେହିପରି ପାରାଦୀପରେ ଥିବା ଅଠରବାଙ୍କୀ ମେଡିକାଲ କଥା ନକହିବା ଭଲ। ସ୍ୱାସ୍ଥ୍ୟ ସେବା ଏଠି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଏଠିକୁ ରୋଗୀ ଆସି କେବଳ ନାମ ପଞ୍ଜୀକରଣ କରି ସ୍ଥାନାନ୍ତରିତ ହୁଅନ୍ତି। ଡାକ୍ତର ଅଭାବ ସହିତ ମାନବ ସମ୍ବଳର ଅବ୍ୟବସ୍ଥା ଦୀର୍ଘ ଦିନଧରି ଲାଗି ରହିଛି। ସାମାନ୍ୟ ପେଟ ବ୍ୟଥା ରୋଗୀକୁ ରେଫର କରାଯାଉଥିବା ବେଳେ ଦୁର୍ଘଟଣାର ଗ୍ରସ୍ତ ବ୍ୟକ୍ତି ମାନଙ୍କର କୁଜଙ୍ଗ ଡାକ୍ତରଖାନା ଉପରେ ଭରସା ନ ଥିବାରୁ ଅନେକ କଟକ ଯିବା ପାଇଁ ଇଚ୍ଛା ପ୍ରକାଶ କରିଥାନ୍ତି। ଦୀର୍ଘଦିନ ଧରି ମହିଳା ଡାକ୍ତର ପଦବୀ ଫାଙ୍କା ଥିବାରୁ ମହିଳା ରୋଗୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୁଜଙ୍ଗ ପରି ଏକ ଜନବହୁଳ ଅଞ୍ଚଳ ପାଇଁ ସ୍ଥାପିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟସେବାର ମାନ ସନ୍ତୋଷଜନକ ହେଉ ନଥିବାରୁ ଏଠାରେ ସୁପର ସ୍ପେସିଆଲ ହସ୍ପିଟାଲ ସ୍ଥାପନର ଆବଶ୍ୟକ ବହୁଦିନର ଦାବି ପ୍ରତି ବର୍ତ୍ତମାନର ରାଜ୍ୟ ସରକାରଙ୍କ ଅଣଦେଖା ଜନ ଅସନ୍ତୋଷର କାରଣ ପାଲଟିଛି। ଦୃଢ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁ କୁଜଙ୍ଗ ଅଞ୍ଚଳର ହଜାର ହଜାର ପରିବାର ସ୍ୱାସ୍ଥ୍ୟସେବା ପରି ମାନବିକ ଅଧିକାରରୁ ବଞ୍ଚିତ ହେଉଥିବା ବେଳେ ସରକାର ଜନସାଧାରଣଙ୍କ ଦାବି ପ୍ରତି ଦୃଷ୍ଟି ଦେବା ଉଚିତ୍ ବୋଲି ଶ୍ରୀ ତରାଇ କହିଛନ୍ତି। ପାରାଦୀପ ଭୁତମୁଣ୍ଡାଇ ନିକଟ ଅଞ୍ଚଳରେ ଏହି ହସ୍ପିଟାଲ ସ୍ଥାପନ ହେଲେ ବରଂ ପାରାଦୀପ, କୁଜଙ୍ଗ ଓ କେନ୍ଦ୍ରାପଡା ଜିଲ୍ଲା ଲୋକମାନେ ବହୁ ଉପକୃତ ହୋଇପାରିବେ। ଅନ୍ୟତ୍ର ସ୍ଥାନାନ୍ତରିତ ନ ହୋଇ ଏହିଠାରେ ହିଁ ଚିକିତ୍ସିତ ହେବା ସହ ଜୀବନରକ୍ଷା କରିପାରନ୍ତେ ବୋଲି ସେ କହିଛନ୍ତି।

# ନବନିଯୁକ୍ତ ସରକାରୀ ଓକିଲଙ୍କୁ ସାମ୍ବାଦିକ ସଂଘର ସମ୍ବର୍ଦ୍ଧନା



କଣ୍ଟାବାଞ୍ଜି,୨୫ ।୨(ସମିସ): ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଦ୍ୱାରା ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଅଦାଲତରେ ସରକାରୀ ଓକିଲ ନିଯୁକ୍ତି ଦିଆଯାଇଛି । ଏହି ପରିପ୍ରେକ୍ଷୀରେ କଣ୍ଟାବାଞ୍ଜିର ବିଭିନ୍ନ ଅଦାଲତରେ ନିଯୁକ୍ତି ମିଳିଥିବା ସରକାରୀ ଓକିଲଙ୍କୁ ବୁଧବାର ସ୍ଥାନୀୟ ହରି ଭବନରେ ସାମ୍ବାଦିକ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି । ସଂଘର ଉପସଭାପତି ମୋହନ ସୋନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ସଭାରେ ଅତିଥି ଭାବେ କୈଳାସ ଚନ୍ଦ୍ର ଅଗ୍ରୱାଲ ତଉଲିଆ, କଣ୍ଟାବାଞ୍ଜି ଓକିଲ ସଂଘ ସଭାପତି ପ୍ରଫୁଲ୍ଲ ନାୟକ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା, ସମ୍ପାଦକ ଏସ କେ ସମିମ୍ ପ୍ରମୁଖ ମଞ୍ଚାସୀନ ଥିଲେ । ନୂତନ ନିଯୁକ୍ତି ପାଇଥିବା ସରକାରୀ ଓକିଲ ବ୍ରଜଶ୍ୟାମ ଗୁରୁ, ଅଶୋକ ଦାସ, ବୃନ୍ଦାବନ ରାଉତ, ଅନିଲ ଶର୍ମା, ସଞ୍ଜୟ ନାଥ, ଅଭିମନ୍ୟୁ ନାଗ, ପର୍ଶୁରାମ ସଗରିଆ, ବିବେକ ଶର୍ମା, ଭୂତେଶ୍ୱର ଦାସ, ବେନୁଧର ଜାଲ ଓ ମନୀଷ ହଂସ ପ୍ରମୁଖଙ୍କ ସହ ମୁରିବାହାଲ କୋର୍ଟର ସରକାରୀ ଓକିଲ ବିବେକ ମେହେର ସାମିଲ ଥିଲେ । ସଭାରେ ସାମ୍ବାଦିକ କୁର୍ତିକର୍ ବାଗ, କୈଳାସ ସଗରିଆ ସହଯୋଗ କରିଥିଲେ । ସଂଘର କାର୍ଯ୍ୟକାରୀ ସଭାପତି ଗୁରୁ ଦୟାଲ ହଂସ ମଞ୍ଚ ପରିଚାଳନା କରିଥିଲେ ।

# ବର୍ଷକରେ ୭ ହଜାରରୁ ଅଧିକ ଅପରାଧ

ବଲାଙ୍ଗିର,୨୫ ।୨(ସମିସ)

ବଲାଙ୍ଗିର ଜିଲ୍ଲାରେ ଗତ ଗୋଟିଏ ବର୍ଷ ଭିତରେ ଅପରାଧିକ ମାମଲା ବୃଦ୍ଧି ପାଇଛି । ଜିଲ୍ଲାରେ ଥିବା ଥାନାଗୁଡ଼ିକରେ ରୁଜୁ ହୋଇଥିବା ମାମଲା ତାଲିକା ବେଶ୍ ଲମ୍ବା ହୋଇଥିବା ଦେଖିବାକୁ ମିଳିଛି । ହତ୍ୟା, ଦୁଷ୍କର୍ମ, ଠକେଇ, ଚୋରି, ଡକାୟତି, ରାଜହାନୀ, ଦୁର୍ଘଟଣା, ସନ୍ଦେହଜନକ ମୃତ୍ୟୁ ଭଳି ବହୁ ସଂଖ୍ୟାରେ ଘଟଣା ୨୦୨୫ରେ ସାମ୍ନାକୁ ଆସିଛି । ପ୍ରାୟ ୮୪୮ ଟି ମହିଳା ସଂପର୍କିତ ମାମଲା ଜିଲ୍ଲାରେ ରୁଜୁ ହୋଇଥିବା ଜଣାପଡିଛି । ପୁଲିସ ବିଭାଗ ତଥ୍ୟ ଅନୁସାରେ ବଲାଙ୍ଗିର ଜିଲ୍ଲାରେ ୨୦୨୫ ମସିହାରେ ୭ ହଜାରରୁ ଧିକ ଅପରାଧିକ ମାମଲା ରୁଜୁ ହୋଇଛି । ତେବେ ଗତ ଗୋଟିଏ ବର୍ଷ ଭିତରେ ଏତେ ସଂଖ୍ୟାରେ ମାମଲା ରୁଜୁ ହେବା ନିହାତି ଭାବେ ଚିନ୍ତାଜନକ ବିଷୟ । ଏହି ସଂଖ୍ୟା ହିଁ ବଲାଙ୍ଗିର ଜିଲ୍ଲାରେ କେତେ ଅଶାନ୍ତ ହୋଇପଡିଛି ତାହା ସ୍ପଷ୍ଟ ହୋଇଛି ।

ଗତ କିଛି ବର୍ଷ ହେଲା ବଲାଙ୍ଗିର ଜିଲ୍ଲାରେ ଅପରାଧିକ ମାମଲା ବହୁ ପରିମାଣରେ ବୃଦ୍ଧି ପାଇଛି । ବେଆଇନ ନିଶା କାରବାରରୁ ହତ୍ୟା ମାମଲା, ଠକେଇ, ଚୋରି, ଡକାୟତି, ଲୁଟ୍ ଭଳି ମାମଲା ମଧ୍ୟ ବୃଦ୍ଧି ପାଇଛି । ବିଗତ ଦିନରେ ଅନେକ ବିଭତ୍ସ ହତ୍ୟା ମାମଲା ସାମ୍ନାକୁ ଆସିଥିବା ବେଳେ ଜିଲ୍ଲା ତଥା ରାଜ୍ୟ ବାହାରର ଲୁଟେରା ମାନଙ୍କୁ ପୁଲିସ ଗିରଫ କରିଛି । ବେଆଇନ ନିଶା କାରବାର ହେଉ କି ହତ୍ୟା ମାମଲାରେ ମଧ୍ୟ ଅନେକ ଗିରଫ ହୋଇଛନ୍ତି । ତଥାପି ଗତ ଗୋଟିଏ ବର୍ଷ ଭିତରେ ସଙ୍ଗଠିତ ଅପରାଧ ଘଟଣାରେ ପୁଲିସ ଅପରାଧଙ୍କୁ ଧରିବାରେ ସଫଳ ହୋଇଛି; କିନ୍ତୁ ଅପରାଧ କମାଇବାରେ ବିଫଳ ହୋଇଛି । ବଲାଙ୍ଗିରରେ ଚିମିନିଭାଟି ପଡା ହତ୍ୟା ମାମଲା, ବିଷ୍ଣୁମୁଣ୍ଡା ମନୋଜ ନାଏକ ହତ୍ୟା ମାମଲା ଭଳି ହତ୍ୟାକାଣ୍ଡ ସାମ୍ନାକୁ ଆସିଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ଥାନରେ ମନ୍ଦିର ଚୋରି, ବାଇକ ଚୋରି, ଘରେ ପଶି ସୁନା ଚୋରି ଭଳି ମାମଲା ମଧ୍ୟ ସାମ୍ନାକୁ ଆସିଥିଲା । ସେହିପରି ମହିଳାଙ୍କୁ ଅସଦ ବ୍ୟବହାର, ଦୁଷ୍କର୍ମ ଭଳି ଅଭିଯୋଗ ଥାନାରେ ହୋଇଥିବା ବେଳେ ଯୌତୁକ ଜନିତ ହତ୍ୟା, ନିର୍ଯାତନା ମାମଲା ମଧ୍ୟ ଆଲୋଚନାର ବିଷୟ ପାଲଟିଥିଲା । ତେବେ ପୁଲିସ ବିଭାଗ ତଥ୍ୟ ଅନୁସାରେ ଜିଲ୍ଲାରେ ୨୦୨୫ ମସିହାରେ ସମୁଦାୟ ୭୪୮୪ ଟି ଅପରାଧିକ ମାମଲା ବିଭିନ୍ନ ଥାନାରେ ରୁଜୁ କରାଯାଇଛି । ଏଥିରେ ଗୋଟିଏ ବର୍ଷରେ ୨୭ଟି ହତ୍ୟା ମାମଲା ରହିଥିବା ବେଳେ ୧୧ଟି ଡକାୟତି ମାମଲା ରହିଛି । ସେହିପରି ୬୭ଟି ଲୁଟ୍ ମାମଲା ରହିଥିବା ବେଳେ ୧୮୦ଟି ଘରେ/ଦୋକାନରେ ପଶି ଚୋରି କରିବା ମାମଲା ରହିଛି । ୫୫୭ଟି ଚୋରି ମାମଲା ରୁଜୁ ହୋଇଥିବା ବେଳେ ୧୫୧ଟି ବିଭିନ୍ନ ଆଳ ଦେଖାଇ ଠକେଇ କରିବା ଭଳି ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଥିବା ଜଣାପଡିଛି । ସେହିପରି ୭୫ଟି ଦଙ୍ଗା ଓ ୫୪ଟି ଦୁଷ୍କର୍ମ ମାମଲା ଗୋଟିଏ ବର୍ଷରେ ରୁଜୁ ହୋଇଛି । ସେହିପରି ୬ହଜାର ୭ଟି ବିଭିନ୍ନ ଅପରାଧିକ ମାମଲା ରୁଜୁ ହୋଇଥିବା ବେଳେ ୩୫୮ଟି ଦୁର୍ଘଟଣା ମାମଲା ହୋଇଥିବା ଜଣାପଡିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ଏହି ୭ହଜାର ମାମଲା ମଧ୍ୟରେ ୨୦୨୫ରେ ପ୍ରାୟ ୮୪୮ ଟି ମହିଳା ସଂପର୍କିତ ମାମଲା ରୁଜୁ ହୋଇଛି । ୫୪ଟି ଦୁଷ୍କର୍ମ ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଥିବା ବେଳେ ୪ଟି ଦୁଷ୍କର୍ମ ଉଦ୍ୟମ ମାମଲା ରୁଜୁ ହୋଇଛି । ୨୪ଟି ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସଂପର୍କ ମାମଲା ରୁଜୁ ହୋଇଥିବା ବେଳେ ୨୧୮ ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର ଅଭିଯୋଗ ହୋଇଛି । ସେହିପରି ୩୭ଟି ଶାରୀରିକ ଶୋଷଣ, ୪୦ଟି ସର୍ବସାଧାରଣ ସ୍ଥାନରେ ଦୁର୍ବ୍ୟବହାର, ୨ଟି ଗୋପନୀୟତା ଭଙ୍ଗ, ୫୮ଟି ମହିଳା ଚାଲାଣ ମାମଲା ରୁଜୁ ହୋଇଛି । ଅନ୍ୟପକ୍ଷରେ ୮ ଟି ଦୁର୍ବ୍ୟବହାର, ୨୨୮ଟି ମହିଳା ଅପହରଣ ମାମଲା ରୁଜୁ ହୋଇଥିବା ବେଳେ ୮ଟି ଯୌତୁକ ଜନିତ ହତ୍ୟା ମାମଲା, ୨୮ଟି ଯୌତୁକ ଜନିତ ନିର୍ଯାତନା ମାମଲ ୫୯ଟି ମହିଳାଙ୍କୁ ନିର୍ଯାତନା ମାମଲା ରୁଜୁ ହୋଇଥିବା ତଥ୍ୟରୁ ଜଣାପଡିଛି ।

- ୨୭ ହତ୍ୟାକାଣ୍ଡ, ୫୪ ଦୁଷ୍କର୍ମ ମାମଲା
- ଅସୁରକ୍ଷିତ ମହିଳା, ୮୪୮ ମହିଳା ସଂପର୍କିତ ମାମଲା
- ଅପରାଧ ହାର କମାଇବା ପାଇଁ ନାହିଁ ସ୍ୱତନ୍ତ୍ର ଯୋଜନା

ତେବେ ଗୋଟିଏ ବର୍ଷ ଭିତରେ ଏତେ ପରିମାଣରେ ଅପରାଧିକ ମାମଲା ସାମ୍ନାକୁ ଆସିବା ନିହାତି ଭାବେ ଚିନ୍ତାଜନକ ବିଷୟ । ଅପରାଧୀ, ନିଶାଖୋରଙ୍କୁ ଦମନ କରିବା ଦିଗରେ ବଲାଙ୍ଗିର ପୁଲିସର ସ୍ୱତନ୍ତ୍ର ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ମାମଲା ସଂଖ୍ୟା ବୃଦ୍ଧିର ଏକ ପ୍ରମୁଖ କାରଣ ବୋଲି ଅଭିଯୋଗ ହୋଇଛି । ୨୦୨୫ର ଏହି ତଥ୍ୟକୁ ଅନୁଶୀଳନ କରି ୨୦୨୬ରେ ଏହି ସଂଖ୍ୟା କମାଇବା ଦିଗରେ ପୁଲିସ ଯତ୍ନବାନ ହେବା ସହ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ହୋଇପଡିଛି ।

## ଆସିଲାନି ବର; ପଡ଼ିପାରିଲାନି ହାତଗଣ୍ଠି

# ବାହାଘର ଦିନ ପ୍ରେମିକାକୁ ନେଇ ବର ଫେରାର

କଣ୍ଟାବାଞ୍ଜି,୨୫ ।୨(ସମିସ): କିଛିଦିନ ହେଲା ବଲାଙ୍ଗିର ଜିଲ୍ଲା ପ୍ରେମକୁ ନେଇ ଚର୍ଚ୍ଚାରେ ରହିଛି । ନିକଟରେ ନବବଧୂକୁ ସାଙ୍ଗରେ ଧରି ବର ଗାଁକୁ ଫେରୁଥିବାବେଳେ ବାଟରୁ କନ୍ୟା ଅପହରଣ ହୋଇଗଲା । ନବବଧୂର ପ୍ରେମିକା ବାଟରେ ବରକୁ ବନ୍ଧୁକ ଦେଖାଇ କାରରୁ ପ୍ରେମିକାକୁ ଛଡ଼ାଇ ନେଇଥିଲା । ଅବଶ୍ୟ ସମ୍ବଲପୁରରୁ ନବବଧୂ ତା ପ୍ରେମିକ ସହ ଧରା ପଡିଛି । ଏହାପରେ ପ୍ରେମିକ ଜେଲ୍ ଯାଇଥିବା ବେଳେ ନବବଧୂ ତା ବାପ ଘରକୁ ଫେରିଛି । ସେହିପରି କଣ୍ଟାବାଞ୍ଜିରେ ବିବାହର ମାତ୍ର ୧୪ ଦିନ ପରେ ପ୍ରେମିକ ସହ ନବବିବାହିତା ଫେରାର ହୋଇଯାଇଛି । ଏହି ଦୁଇଟି ଘଟଣା ସହ ଏବେ ଆଉ ଏକ ଘଟଣା ମଧ୍ୟ ଯୋଡି ହୋଇଛି । ପ୍ରଥମ ଘଟଣାରେ ନବବଧୂକୁ ତା ପ୍ରେମିକ ବାଟରୁ ବନ୍ଧୁକ ଦେଖାଇ ବରଠାରୁ ଛଡ଼ାଇ ନେଲା । ଦ୍ୱିତୀୟ ଘଟଣାରେ ବାହାଘର ପରେ ବାପ ଘରକୁ ଆସିଥିବାବେଳେ ମାତ୍ର ୧୪ ଦିନରେ ନବବଧୂ ପ୍ରେମିକ ସହ ପଳାଇଲା । ହେଲେ ତୃତୀୟ ଘଟଣା ସମ୍ପୂର୍ଣ୍ଣ ଭିନ୍ନ ଆଉ ରୋଚକ । ବର ବାହା ହେବାକୁ ଆସିଲା ନାହିଁ । ବରଂ ସେ ତା ପ୍ରେମିକାକୁ ନେଇ ଫେରାର ମାରିଛି । ଏହଭଳି ଲାଗ୍ ଲାଗ୍ ୩ଟି ଘଟଣା ବଲାଙ୍ଗିର ଜିଲ୍ଲାକୁ ଚର୍ଚ୍ଚାରେ ରଖିଛି । ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା କନ୍ଦବାହାଲରେ ବୁଧବାର ଏହି ଅଜବ ଘଟଣା ଘଟିଛି । କନ୍ଦବାହାଲରେ ଜଣେ ଯୁବତୀଙ୍କ ବାହାଘର ଥିଲା । ଆଉ କିଛି ସମୟ ପରେ ବାଣ ଫୁଟାଇ ବରଯାତ୍ରୀ ଆସି କନ୍ୟା ଘରେ ପହଞ୍ଚିଥାନ୍ତେ । ଏହାପରେ ବିବାହ ହୋଇଥାନ୍ତା; ହେଲେ ବରଯାତ୍ରୀ ଆସିଲେନି କି ବର ବି ଆସିଲାନି । ଏପଟେ ଅନେଇ ଅନେଇ କନ୍ୟା ପକ୍ଷ ନିରାଶ ହେଲେ । ଶେଷରେ ଖବର ନେବାକୁ ଜଣାପଡ଼ିଲା ଯେ, ବର ବାହା ହେବାକୁ କନ୍ୟା ଘରକୁ ଆସିବ କ'ଣ ଓଲଟି ନିଜ ପ୍ରେମିକାକୁ ନେଇ ପଳାଇଛି । ଏହି ଖବର ପାଇବା ପରେ କନ୍ୟାପକ୍ଷର ପାଦ ତଳୁ ସତେ ଯେମିତି ମାଟି ଖସି ଯାଇଥିଲା; ହେଲେ ଆଉ କିଛି କରିବାର ଉପାୟ ନ ଥିଲା । ଶେଷରେ ଏହି ବିବାହ ବନ୍ଦ ହୋଇଛି । ବଲାଙ୍ଗିର ଜିଲ୍ଲା କନ୍ଦବାହାଲ ଗାଁରେ ବୁଧବାର ଏଭଳି ରୋଚକ ଘଟଣା ଘଟିଛି । କନ୍ଦବାହାଲ ଗାଁର ପବିତ୍ର ବନଛୋରଙ୍କ ଝିଅ ସହ ମୁରିବାହାଲ ବ୍ଲକ୍ ସାଲେପଡ଼ା ନୂଆପଡ଼ା ଗାଁର ନୀଳାଚଳ ଛତ୍ରିଆଙ୍କ ବିବାହ ଠିକ୍ ହୋଇଥିଲା । ପିନ୍ଧାନୀ ହୋଇ ବାହାଘର ହେବାର ଥିଲା; କିନ୍ତୁ ବର ଘର ପରିବାର ଲୋକେ ପିନ୍ଧାନୀ କରିବାକୁ ଆସି ନ ଥିଲେ । ଏଣେ ସମୟ ଗଡ଼ି ଯାଉଥାଏ । ସମୟ ଯେତେ ବଢୁଥାଏ କନ୍ୟାଘର ଲୋକଙ୍କ ମଧ୍ୟରେ ସେତେ ଆଶଙ୍କା ବଢୁଥାଏ ।

### କନ୍ୟାପକ୍ଷ କଣ୍ଟାବାଞ୍ଜି ଥାନାର ଦ୍ୱାରସ୍ଥ

କନ୍ୟାଘର ଲୋକେ ବ୍ୟସ୍ତ ହୋଇ ବରପକ୍ଷ ପରିବାର ଲୋକଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ । ତାଙ୍କ ପୁଅ ପ୍ରେମିକାକୁ ନେଇ ଫେରାର ମାରିଥିବା ନୀଳାଚଳଙ୍କ ବାପା କହିଥିଲେ । ଏହାପରେ କନ୍ୟାପକ୍ଷ ମୁଣ୍ଡରେ ହାତ ଦେଇଥିଲେ । କ'ଣ କରିବେ ବୁଦ୍ଧି ଦିଶି ନ ଥିଲା । ଶେଷରେ କଣ୍ଟାବାଞ୍ଜି ଥାନାରେ ଏହି ଘଟଣାକୁ ନେଇ କନ୍ୟାପକ୍ଷ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି । ବରଯାତ୍ରୀଙ୍କ ପାଇଁ କନ୍ୟାପକ୍ଷ ଖୁବ୍ ଜାକଜକମରେ ଭୋଜିଭାତର ଆୟୋଜନ କରିଥିଲେ । ବର ପାଇଁ ବାଇକ୍ ସହ ଏପରିକି ସବୁ ପ୍ରକାର ଜିନିଷ ପାଇଁ ୫ ଲକ୍ଷ ଖର୍ଚ୍ଚ କରିଥିଲେ; ହେଲେ ଏହି ବିବାହ ହୋଇପାରିନି ।

## କଣ୍ଟାବାଞ୍ଜି ତହସିଲ ଅଞ୍ଚଳରେ ପ୍ରଶାସନର ଚଢ଼ଉ

# ମାଟିଇଟା ତିଆରି କଲେ କାର୍ଯ୍ୟାନୁଷ୍ଠାନ



- ଇଟାଭାଟିରେ ଚଢ଼ଉ, ଜେସିବି ଜବତ
- ଚାଲାଣ ବେଳେ ବାଲି ବୋଝେଇ ହାଇୱା ଜବତ
- ବେଆଇନ ଚାଲାଣ ହେଉଥିବା ପଥର ବୋଝେଇ ଟ୍ରାକ୍ଟର ଜବତ

କଣ୍ଟାବାଞ୍ଜି,୨୫ ।୨(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ତହସିଲ ଅଞ୍ଚଳରେ ବୁଧବାର ପ୍ରଶାସନ ଆକ୍ସନ ମୋଡ଼ରେ ଆସିଥିବା ଦେଖିବାକୁ ମିଳିଛି । ବାଲି ବୋଝେଇ ହାଇୱା, ପଥର ବୋଝେଇ ଟ୍ରାକ୍ଟର ସହ ଜେସିବି ଜବତ କରିଛି । ପଦ୍ମନାଭ ସାମନ୍ତରାୟଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ତହସିଲଦାର ବିଶ୍ୱନାଥ ଖାଲଖୋ, ବଲାଙ୍ଗୀର ଜିଲ୍ଲା ଖଣି ବିଭାଗ ଏବଂ କଣ୍ଟାବାଞ୍ଜି ପୁଲିସକୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା । ଡୁମେରଚୁଆଁ ଗାଁର ଏକ ଇଟାଭାଟି ଉପରେ ଏହି ଟିମ୍ ଚଢ଼ଉ କରିଥିଲା । ବେଆଇନ ଭାବେ ଦୀର୍ଘ ବର୍ଷ ଧରି ଏଠାରେ ଇଟା ତିଆରି ହେଉଥିବା ପ୍ରଶାସନ ପାଖରେ ଅଭିଯୋଗ ହେବା ପରେ ଚଢ଼ଉ ହୋଇଛି । ଇଟାଭାଟିରେ ଥିବା ଏକ ଜେସିବିକୁ ମଧ୍ୟ ପ୍ରଶାସନ ଜବତ କରିଛି । ମାଟିରେ ଇଟା ତିଆରି କରିବାକୁ ସରକାର ସଂପୂର୍ଣ୍ଣ ଭାବେ ରୋକ ଲଗାଇଛନ୍ତି । ମାଟି ଖନନ କରି କେହି ଇଟା ତିଆରି କରି ବିକ୍ରି କରି ପାରିବେ ନାହିଁ । ତେଣୁ ଏହି ଇଟାଭାଟିକୁ ବନ୍ଦ କରାଯାଇଛି । ଯେଉଁମାନେ ମାଟି ଖନନ କରି ଚୋରାଚାଲାଣ କରିବେ କିମ୍ବା ଇଟା ତିଆରି କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କଣ୍ଟାବାଞ୍ଜି ଅଞ୍ଚଳରେ ଏଭଳି ବେଆଇନ କାର୍ଯ୍ୟ ଉପରେ ପ୍ରଶାସନ ଚଢ଼ଉ ଜାରି ରହିବ ବୋଲି ଟିଟିଲାଗଡ଼ ଉପଜିଲ୍ଲାପାଳ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ଦେଇଛନ୍ତି । ଅନ୍ୟପକ୍ଷରେରେ ଏକ ହାଇୱା ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ବେଳେ ଜବତ ହୋଇଛି । ସେହିଭଳି ଏକ ପଥର ବୋଝେଇ ଟ୍ରାକ୍ଟକୁ ମଧ୍ୟ ଖଣି ଓ ରାଜସ୍ୱ ବିଭାଗର ଟିମ୍ ଜବତ କରିଛି । ଏହା କଣ୍ଟାବାଞ୍ଜି ଥାନାରେ ରଖାଯାଇଛି । ଦିନକୁ ଦିନ କଣ୍ଟାବାଞ୍ଜି ଅଞ୍ଚଳରେ ବେଆଇନ ଇଟାଭାଟି ସଂଖ୍ୟା ବୃଦ୍ଧି ପାଉଛି । ସେହି ଅନୁସାରେ ବାଲି ଓ ମାଟି ଚୋରା ଚାଲାଣ ମଧ୍ୟ ବୃଦ୍ଧି ପାଉଛି । ତେଣୁ ପ୍ରଶାସନ ଏହା ଉପରେ ଲଗାତାର ନଜର ଦେଇ ପଦକ୍ଷେପ ନେବା ଅତି ଆବଶ୍ୟକ ବୋଲି ବୃଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

# ଅଧାରେ ଅଟକିଲା ଜବରଦଖଲ ଉଚ୍ଛେଦ



ବଲାଙ୍ଗିର,୨୫।୨(ସମିସ): ବଲାଙ୍ଗିର-ପାଟଣାଗଡ ରାସ୍ତାର ଜ୍ୟୋତିନଗର ମିଶନ ହସ୍ପିଟାଲରେ ବୁଧବାର ଜବରଦଖଲ ଉଚ୍ଛେଦ ବେଳେ ପ୍ରଶାସନ ପଛଘୁଞ୍ଚା ଦେଇଛି । ବିଜେଡି ପକ୍ଷରୁ ଏହି ଉଚ୍ଛେଦକୁ ବିରୋଧ କରାଯିବାରୁ ସ୍ଥଗିତ ରଖାଯାଇଛି । ବଲାଙ୍ଗିର ତହସିଲଦାର ଲଗ୍ନଜିତ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ହସ୍ପିଟାଲର କିଛି ଅଂଶରୁ ଜବରଦଖଲ ଉଚ୍ଛେଦ କରିବାକୁ ପହଞ୍ଚିଥିଲା । ଏହାକୁ କିନ୍ତୁ ବିରୋଧ କରାଯାଇଥିଲା । ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ଜିଲ୍ଲା ପରିଷଦର ଅଧ୍ୟକ୍ଷା ଦେବକୀ ସାହୁ, ବିଜେଡିନଗର ସଭାପତି ଶମ୍ଭୁ ନାଗ ପହଞ୍ଚି ଉଚ୍ଛେଦ ନ କରିବାକୁ କହିଥିଲେ । ଏହାଫଳରେ ଏହି ଜବରଦଖଲ କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା । ତହସିଲଦାର କହିଛନ୍ତି ଯେ, ମିଶନର ବିଶପଙ୍କ ନାମରେ ୫ଏକର ଜମି ରହିଛି; କିନ୍ତୁ ଯେଉଁପଟେ ଉଚ୍ଛେଦ କରାଯାଉଛି ସେହି ଅଂଶର ପ୍ରାୟ ଦେଢ ଏକର ଜମିକୁ ମିଶନ ଜବରଦଖଲ କରିଛି । ତାହା ଉଚ୍ଛେଦ କରାଯିବାକୁ ନିର୍ଦ୍ଦେଶ ରହିଥିବା ସେ କହିଛନ୍ତି ।

# ନାମଯଜ୍ଞ ପାଇଁ କଳସ ଯାତ୍ରା



ମୁରିବାହାଲ,୨୫ ।୨(ସମିସ): ମୁରିବାହାଲ ବ୍ଲକ୍ ବରାଜୂରା ଗ୍ରାମବାସୀଙ୍କ ପକ୍ଷରୁ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମର ଶତାଧିକ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ପୂଜା କର୍ତ୍ତା ନିତ୍ୟାନନ୍ଦ ଛତ୍ରିଆ ଏବଂ ତାଙ୍କ ପତ୍ନୀ ଚନ୍ଦ୍ରା ଛତ୍ରିଆ ଦାୟିତ୍ୱ ତୁଲାଉଛନ୍ତି । ପୂଜକ କାଶୀନାଥ ଦାସ ଦାୟିତ୍ୱ ନିର୍ବାହ କରୁଛନ୍ତି । ଜପକ ଭାବେ ଜୟପ୍ରକାଶ ଦାସ, ଶୁଭମ୍ ଦାସ, ସ୍ୱାଧୀନ ଦାସ ଦାୟିତ୍ୱ ନିର୍ବାହ କରୁଛନ୍ତି । ପୂଜା କମିଟି ସଭାପତି ଛବିରାମ କଟା, ସମ୍ପାଦକ ଟୁନୁ ନାଗ ଏବଂ ହସମୁଖ ଛତ୍ରିଆ ଲକ୍ଷ୍ମୀଧର ବାଗ, ଗିରିଧାରୀ ଛତ୍ରିଆ, ଛବିଳ ବାଗ, ରବି ବାଗ, ଟଙ୍କଧର ବାଗ, କୁଶଦ୍ୱଜ ବାଗ, ତୁଳାରାମ ବାଗ, ଯୁଜେଷ କେତକୀ ଏବଂ ଗ୍ରାମବାସୀ ସହଯୋଗ କରୁଛନ୍ତି ।

## ଫପ୍‌ସିରେ ଏବେଠୁ ପାଣି ନିଅଣ୍ଟ

# କାର୍ଯ୍ୟକ୍ଷମ ହେଉନି ଜଳଯୋଗାଣ ପ୍ରକଳ୍ପ

ଦେଓଗାଁ,୨୫।୨(ସମିସ)





ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋର ପଞ୍ଚାୟତ ଫପସି ଗାଁରେ ଗ୍ରୀଷ୍ମ ଆରମ୍ଭରୁ ଜଳକଷ୍ଟ ଦେଖାଦେଇଛି । ୨ଟି ୱାର୍ଡ ବିଶିଷ୍ଟ ଏହି ଗାଁରେ ପ୍ରାୟ ୧୬୦ରୁ ୭୦ ପରିବାର ବସବାସ କରୁଛନ୍ତି । ପାନୀୟଜଳ ପାଇଁ ଗାଁ ମଝିରେ ରହିଥିବା ନଳକୂଅ ଏକମାତ୍ର ସାହାରା ପାଲଟିଥିବା ବେଳେ ଏବେ ତାହା ମଧ୍ୟ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି । ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ୨୦୨୨ ମସିହାରେ ଗାଁକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ବସୁଧା ଯୋଜନାରେ ଅର୍ଥ ମଞ୍ଜୁର ହୋଇ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା । ବିଭାଗୀୟ ଯନ୍ତ୍ରୀଙ୍କ ତଦାରଖରେ ସଂପୃକ୍ତ ଠିକାଦାର କାମ ଆରମ୍ଭ କରିଥିବା ବେଳେ ଅତିମନ୍ଥର ଗତିରେ କାମ କରିବାସହ ଅନେକ ଦିନ କାମକୁ ପକାଇ ରଖୁଥିବା ଅଭିଯୋଗ ହୋଇଥିଲା । ଏଥିସହ ପ୍ରକଳ୍ପ କାମକୁ ଦେଖିଲେ ଏହାର ସ୍ଥାୟିତ୍ୱ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଲୋକଙ୍କ ଅନେକ ଦାବି ପରେ ବର୍ତ୍ତମାନ ଏହି ପ୍ରକଳ୍ପ କାମ ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଛି; ହେଲେ ଗାଁକୁ ପାନୀୟଜଳ ଯୋଗାଣ ଆରମ୍ଭ କରାଯାଉନାହିଁ । ଏହାଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଆଜକୁ ପ୍ରାୟ ୩ ମାସ ହେଲା ଗଭୀର କୂଅ, ପମ୍ପ ହାଉସ ନିର୍ମାଣ, ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ଓ ଗାଁରେ ପାଇପବିଛା କାମ ସରିଥିବା ଯୋଗୁଁ ଚଳିତବର୍ଷ ଗ୍ରୀଷ୍ମ ଆରମ୍ଭରୁ ଗାଁକୁ ପାନୀୟଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ଗାଁ ଲୋକେ ଆଶା ବାନ୍ଧିଛନ୍ତି; ହେଲେ ଏ ଦିଗରେ ସଂପୃକ୍ତ ବିଭାଗ ଅଣଦେଖା କରୁଥିବାରୁ ଚଳିତ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ମିଳିବା ଆଶା ମଉଳିବାରେ ବସିଛି । ଚଳିତ ବର୍ଷ ଗ୍ରୀଷ୍ମ ଆରମ୍ଭରୁ ନଳକୂଅ ପାଣି ନିଅଣ୍ଟ ହେବାକୁ ବସିଥିବାରୁ ପାନୀୟଜଳ ପାଇଁ ଗାଁବାସୀଙ୍କ ମଧ୍ୟରେ ଘୋର ଚିନ୍ତା ଦେଖା ଦେଇଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଗାଁର ପାନୀୟଜଳ ସମସ୍ୟା ଦୂର ହୋଇ ପାରନ୍ତା ବୋଲି ଗାଁର ଡୋଳାମଣି ବାଗ, ଗୋପାଳ ଦନ୍ତା, ବିଜୟ ଦନ୍ତା, ରମେଶ ଖମାରୀ, ଅକ୍ଷୟ ମା।ହାକୁର, ପଦ୍ମଲୋଚନ ଦନ୍ତା, ରମେଶ ବରିହା, ସନ୍ତୋଷ ପଧାନ, ସୁଜନ ବାଗ, ସୁଦାମ ମେହେର, ଲବ ମିଶ୍ର, ଅକ୍ରୁର ମିଶ୍ର ପ୍ରମୁଖ ମତ ପ୍ରକାଶ କରିଛନ୍ତି । ତୁରନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ଜଣାଇଛନ୍ତି । ପ୍ରକଳ୍ପ କାର୍ଯ୍ୟକ୍ଷମକୁ ନେଇ ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର ମଲ୍ଲିକଙ୍କଠୁ ଆରମ୍ଭ କରି ନିଜ ପଞ୍ଚାୟତର ସମିତି ସଭ୍ୟ ତଥା ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିବା କହିଥିବା ବେଳେ କିଛିଦିନ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ ଦିଗରେ ବିଭାଗ ପଦକ୍ଷେପ ଗ୍ରହଣ ନକଲେ ଗ୍ରାମବାସୀ ଦେଓଗାଁ ବ୍ଲକ କାର୍ଯ୍ୟାଳୟକୁ ଯାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ପଚାରିବାରୁ ସେ ବ୍ୟକ୍ତିଗତ ଭାବେ ବିଭାଗୀୟ ଯନ୍ତ୍ରୀଙ୍କୁ ଭେଟି ପ୍ରକଳ୍ପ କାମ ସରିଥିବାରୁ କାର୍ଯ୍ୟକ୍ଷମ କରିବା ପାଇଁ କହିଛନ୍ତି ।

ତେବେ ବିଭାଗୀୟ ଅଧିକାରୀ ଜୁନ ଶେଷ ଆଡକୁ କାର୍ଯ୍ୟକ୍ଷମ ହେବ ବୋଲି କହୁଛନ୍ତି ବୋଲି କହିଥିଲେ । ସେହିପରୀ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଚିପାକାନୀ ଗାଁରେ ଚାଲିଥିବା କାମ ସମ୍ପୂର୍ଣ୍ଣ ହେଲେ ଏହି ଗାଁର ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ ।

# ବଲାଙ୍ଗିରରେ କଳିଙ୍ଗ ହର୍ବାଲ୍ ମେଳା ଆରମ୍ଭ



ବଲାଙ୍ଗିର,୨୫ ।୨(ସମିସ): ବଲାଙ୍ଗିର କୋଶଳ କଳା ମଣ୍ଡପ ପଡ଼ିଆରେ ଆଞ୍ଚଳିକ କଳିଙ୍ଗ ହର୍ବାଲ୍ ମେଳା ଶୁଭାରମ୍ଭ ହୋଇଛି । ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ୫ ଦିନ ବ୍ୟାପୀ ଏହି ମେଳା ଅନୁଷ୍ଠିତ ହେବ । ବଲାଙ୍ଗିର ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର ଏହାକୁ ଉଦ୍‌ଘାଟନ କରିଥିଲେ । ବଲାଙ୍ଗିର ସରକାରୀ ଆୟୁର୍ବେଦ ଚିକିତ୍ସା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡା. ମନୋଜ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଏସିଏଫ ମାନସ ରଞ୍ଜନ ବେହେରା ଓ ରେଞ୍ଜ ଅଫିସର ନବୀନ ପଣ୍ଡା ମଞ୍ଚାସୀନ ଥିଲେ । ଖଣ୍ଡୀୟ ବନ ଅଧିକାରୀ ଅଜିତ ବିଶି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ତେବେ ଆୟୁର୍ବେଦିକ ଔଷଧ ଓ ପ୍ରାଚୀନ ଚିକିତ୍ସା ପ୍ରଣାଳୀକୁ ଜନସାଧାରଣଙ୍କ ସହ ଯୋଡ଼ିବା ଏହି ମେଳାର ଉଦ୍ଦେଶ୍ୟ ବୋଲି ଜିଲ୍ଲାପାଳ କହିଥିଲେ । ସେ ବଲାଙ୍ଗିର ଜିଲ୍ଲାର ଜଙ୍ଗଲ ଓ ଔଷଧୀୟ ବୃକ୍ଷ ସୁରକ୍ଷାର ପ୍ରାସଙ୍ଗିକତା ଉପରେ ଜୋର ଦେଇଥିଲେ । ତେବେ ଏହି ମେଳାରେ ୫୫ଟି ଷ୍ଟଲ୍ ଖୋଲା ଯାଇଛି ।



ରାଜ୍ୟର ୪୭ଜଣ ବୈଦ୍ୟ, କବିରାଜ, ସ୍ୱଙ୍ଗ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି ସହିତ ରାଜ୍ୟ ବାହାରରୁ ନାମିଦାମୀ ଆୟୁର୍ବେଦ ଔଷଧ କମ୍ପାନୀ ଅଂଶଗ୍ରହଣ କରିଛନ୍ତି । ମେଳାରେ ସର୍ବସାଧାରଣଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ରହିଛି । ମଧୁମେହ, ଉଚ୍ଚ ରକ୍ତଚାପ, ସ୍ତ୍ରୀରୋଗ, ଚର୍ମରୋଗ ଓ ଅନ୍ୟାନ୍ୟ ଦୂରାରୋଗ୍ୟ ବ୍ୟାଧି ବିଷୟରେ ବୈଦ୍ୟମାନଙ୍କ ଆଲୋଚନାଚକ୍ର, କର୍ମଶାଳା ଓ ସମ୍ମିଳନୀ ଆୟୋଜିତ ହେବ । ଏହି ହର୍ବାଲ୍ ମେଳା ଆସନ୍ତା ୧ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ ।